R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ

ସଂଖ୍ୟା : ୨୧୦

ତିଥି : ପଞ୍ଚମୀ

୦୬ ମେ' ୨୦୨୬, ବୁଧବାର

ସମ୍ବଲପୁର

ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 210

06 May 2026, Wednesday

Sambalpur

Price: 5.00

Online Portal

www.odishasamaya.com

samayaepaper.com

odishasamaya

thesamayanews@gmail.com

www.samayalive.in

Bhubaneswar | Balasore | Angul | Berhampur | Sambalpur

# ପ.ବଙ୍ଗ ବିଜେପି ମୁଖ୍ୟମନ୍ତ୍ରୀ ଶପଥ ନେବେ ୯ରେ

ନୂଆଦିଲ୍ଲୀ, ୫।୫ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନରେ ବିଜେପିର ବିପୁଳ ବିଜୟ ପରେ ଏବେ ସରକାର ଗଠନ ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି । ବିଶ୍ୱଗୁରୁ ରବୀନ୍ଦ୍ରନାଥ ଟାଗୋରେଙ୍କ ଜନ୍ମବାର୍ଷିକୀ ଆସନ୍ତା ୯ ତାରିଖରେ ବିଜେପି ମୁଖ୍ୟମନ୍ତ୍ରୀ ଶପଥ ଗ୍ରହଣ କରିବେ ବୋଲି ଆପାତତଃ ସ୍ଥିର ହୋଇଛି । ରବୀନ୍ଦ୍ରନାଥ ଜୟନ୍ତୀରେ ଶପଥଗ୍ରହଣ କାର୍ଯ୍ୟକ୍ରମ କରାଯିବ ବୋଲି ସୂଚନା ମିଳିଛି । ତେବେ ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ କିଏ ହେବ ସେ ନେଇ କଳ୍ପନା ଜଳ୍ପନା ପ୍ରକାଶ ପାଇଛି ।

ପ୍ରଥମଥର ପାଇଁ ବିଜେପି ପଶ୍ଚିମବଙ୍ଗରେ ସରକାର ଗଠନ କରିବାକୁ ଯାଉଛି । ସ୍ୱାଧୀନତା ପରଠାରୁ ପଶ୍ଚିମବଙ୍ଗରେ ବିଜେପି କେବେ



କ୍ଷମତାସୀନ ନଥିଲା । ବିଜେପି ରାଜ୍ୟ ସଭାପତି ସମୀକ୍ ଭଟ୍ଟାଚାର୍ଯ୍ୟ ମଧ୍ୟ ୯ ତାରିଖ ଶପଥ ଗ୍ରହଣ ଉତ୍ସବକୁ ନେଇ ସ୍ପଷ୍ଟ କରିଛନ୍ତି । ନିର୍ବାଚନ ପ୍ରଚାର ସମୟରେ ବାରାକ୍‌ପୁର ରାଲିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଥିଲେ ଯେ ୪ ତାରିଖରେ ବିଜେପି ଜିତିବ ଓ ମୁଁ ଶପଥ ଗ୍ରହଣ ଉତ୍ସବକୁ ଆସିବି । ବିଜେପିକୁ ପଶ୍ଚିମବଙ୍ଗରେ ଐତିହାସିକ ସଫଳତା ମିଳିଛି । ଏହାକୁ ନେଇ ଦଳ ମଧ୍ୟରେ ମଧ୍ୟ ଉତ୍ସାହ ବଢ଼ିଛି । ବରିଷ୍ଠ ନିର୍ବାଚନ କମିଶନର ପ୍ରମୁଖ ଶାସନ ସଚିବ ଏସ୍‌ବି ଜୋଶୀ ଓ ସଚିବ ସୁଜିତ୍ କୁମାର ମିଶ୍ର ଆଜି କୋଲକାତା ଆସିଛନ୍ତି । ସେମାନେ ପଶ୍ଚିମବଙ୍ଗ ଫଳାଫଳକୁ ନେଇ ଗେଜେଟ୍ ବିଜ୍ଞପ୍ତି ପ୍ରକାଶ କରିବେ । ମୁଖ୍ୟ ନିର୍ବାଚନ ଅଧିକାରୀ ମନୋଜ କୁମାର ଅଗ୍ରୱାଲ ଏମାନଙ୍କୁ ତଥ୍ୟ ଦେବେ । ମୁଖ୍ୟ ନିର୍ବାଚନ ଅଧିକାରୀ ମଧ୍ୟ ରାଜ୍ୟପାଳ ଆର୍‌ଏନ୍ ରବିଙ୍କୁ ମେ' ୬ ତାରିକରେ ନିର୍ବାଚନ ଫଳାଫଳ ନେଇ ସୂଚନା ପ୍ରଦାନ କରିବେ । ଏହାପରେ ରାଜ୍ୟପାଳ ସାମ୍ବିଧାନିକ ବ୍ୟବସ୍ଥା ଅନୁଯାୟୀ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କୁ ଇସ୍ତଫା ଦେବାକୁ ଡାକିବେ । ପରବର୍ତ୍ତୀ ମୁଖ୍ୟମନ୍ତ୍ରୀ ମନୋନୟନ ନ ହେବା ଯାଏ ଦାୟିତ୍ୱରେ ରହିବାକୁ ପରାମର୍ଶ ଦେବେ । ତେବେ ମୁଖ୍ୟମନ୍ତ୍ରୀ (୯ ପୃଷ୍ଠାରେ)

# ୭ରେ ବିଜୟଙ୍କ ଶପଥ !



## କଂଗ୍ରେସ, ବାମପନ୍ଥୀଙ୍କ ସହଯୋଗ ଲୋଡ଼ିବେ

ନୂଆଦିଲ୍ଲୀ, ୫।୫ : ଅଭିନେତାରୁ ରାତାରାତି ନେତା ବନିଥିବା ବିଜୟ ଥଲପତି ଆସନ୍ତା ୭ ତାରିଖରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାର ସମ୍ଭାବନା ରହିଛି । ବିଜୟଙ୍କ ନେତୃତ୍ୱାଧୀନ ପାର୍ଟି ଟିଭିକେ ଏଥର ତାମିଲନାଡୁରେ ଦମ୍‌ଦାର ପ୍ରଦର୍ଶନ କରିଛି । ମାତ୍ର ଦୁଇ ବର୍ଷ ତଳେ ସେ ଗଠନ କରିଥିବା ଦଳ ୧୦୮ ଆସନ ପାଇ ଏକକ ସଂଖ୍ୟା ଗରିଷ୍ଠ ଦଳ ଭାବେ ଉଭା ହୋଇଛି । ପାରମ୍ପରିକ ଭାବେ ସେଠାରେ ଏଆଇଏଡିଏମ୍‌କେ ଓ ଡିଏମ୍‌କେ ମଧ୍ୟରେ ଚାଲୁଥିବା ଲଢ଼େଇର ଅବସାନ ଘଟିଛି । ତେବେ ସଂଖ୍ୟାଗରିଷ୍ଠ ହାସଲ କରିବା ପାଇଁ ଟିଭିକେକୁ ୧୧୮ ବିଧାୟକଙ୍କ ସମର୍ଥନ ଆବଶ୍ୟକ । ୧୦ ବିଧାୟକ ତାଙ୍କୁ ଆଉ ଯୋଗାଡ କରିବାକୁ ପଡ଼ିବ । ରାଜ୍ୟପାଳଙ୍କୁ ଭେଟି ବିଜୟ ସରକାର ଗଠନ କରିବାକୁ ଦାବି କରିଥିବା ସୂଚନା ମିଳିଛି । ଦଳୀୟ ବିଧାୟକମାନଙ୍କ ସହ ମଧ୍ୟ ଆଜି ସେ ବୈଠକ କରିଛନ୍ତି ।

ଏଆଇଡିଏମ୍‌କେ ଓ ଡିଏମ୍‌କେକୁ ନିର୍ବାଚନରେ ପରାଜିତ କଲାପରେ ଗତ ୬ ଦଶନ୍ଧି ଧରି ତାମିଲନାଡୁରେ ଚାଲିଥିବା ଦ୍ରାବିଡ଼ିୟନ ରାଜନୀତିର ଏକ ନୂଆ ଦିଗ ଖୋଲିଛି । ତେବେ ଆବଶ୍ୟକୀୟ ସଂଖ୍ୟାଗରିଷ୍ଠତା ଲାଗି ବିଜୟ (୯ ପୃଷ୍ଠାରେ)

# ଶାହଙ୍କ ସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ବାଛିବେ ମୋହନ

ଭୁବନେଶ୍ୱର, ୫।୫ (ସବ୍ୟୁ) : ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପଶ୍ଚିମବଙ୍ଗ ବିଜେପି ବିଧାୟକ ଦଳ ନେତା ନିର୍ବାଚନରେ ସହ-ପର୍ଯ୍ୟବେକ୍ଷକ ଭାବରେ କେନ୍ଦ୍ରୀୟ ବିଜେପି ପକ୍ଷରୁ ଦାୟିତ୍ୱ ଦିଆଯାଇଛି । କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରୀ ତଥା ପଶ୍ଚିମବଙ୍ଗରେ ଦଳୀୟ ପ୍ରଚାରର ମଙ୍ଗ ଧରିଥିବା ବିଜେପିର ଚାଣକ୍ୟ ଅମିତ ଶାହଙ୍କର ସହଯୋଗୀ ଭାବରେ ନେତା ନିର୍ବାଚନରେ ଦାୟିତ୍ୱ ନେବେ ମୋହନ ମାଝୀ ।

ଅମିତ ଶାହ ପଶ୍ଚିମବଙ୍ଗ ନିର୍ବାଚନରେ ଅଙ୍ଗ, ବଙ୍ଗ ଓ କଳିଙ୍ଗର ପ୍ରସଙ୍ଗ ଉଠାଇଥିଲେ । ବଙ୍ଗ ମୁଖ୍ୟମନ୍ତ୍ରୀ ଚୟନରେ କଳିଙ୍ଗର ମୁଖ୍ୟମନ୍ତ୍ରୀ ସାମିଲ ହେବା ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ଗର୍ବର ମୁହୂର୍ତ୍ତ ହୋଇଛି । ସଦ୍ୟ ସମାପ୍ତ ୫ ରାଜ୍ୟ ନିର୍ବାଚନରେ ପଶ୍ଚିମବଙ୍ଗ ବିତର୍କର କେନ୍ଦ୍ର ବିନ୍ଦୁରେ ଥିଲା ।

**ମୋଦୀ ଓ ଶାହଙ୍କର ମୋହନ ନିକଟତର ହେବା ଚର୍ଚ୍ଚା**

**ମୁଖ୍ୟମନ୍ତ୍ରୀ ପ୍ରଚାର କରିଥିବା ୬ ବିଧାନସଭାରୁ ୫ରେ ଜିତିଛି ବିଜେପି**

୨୦୬ ଆସନରେ ରେକର୍ଡ ବିଜୟ ସହ ବିଜେପି ପ୍ରଥମ ଥର ପଶ୍ଚିମବଙ୍ଗରେ କ୍ଷମତାକୁ ଆସିଛି । ପୁରା ପୂର୍ବ ଭାରତ ମୋଦୀଙ୍କ ଫୋକସରେ ଥିବାବେଳେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ଚୟନରେ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ମାଝୀ, ଅମିତ ଶାହଙ୍କ ଭଳି ତୁଙ୍ଗ ନେତୃତ୍ୱଙ୍କ ସହଯୋଗୀ ହେବା ଏକ ଭିନ୍ନ ବାର୍ତ୍ତା ଦେଇଥିବା ଚର୍ଚ୍ଚା ହେଉଛି । ଆଦିବାସୀ ଓ ଗରିବ ବହୁଳ ପୂର୍ବ ଭାରତରେ (୯ ପୃଷ୍ଠାରେ)

## ଅହମ୍ମଦାବାଦରେ ଉଚ୍ଚସ୍ତରୀୟ ନିବେଶକ ସମ୍ମିଳନୀ

# ଭାରତର ପୂର୍ବାଞ୍ଚଳକୁ ସମୃଦ୍ଧ କରିବ ଓଡ଼ିଶା : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୫।୫ (ସବ୍ୟୁ) : "ଗୁଜରାଟ ଭାରତର ପଶ୍ଚିମ ଭାଗକୁ ସମୃଦ୍ଧ କରିଛି । ବର୍ତ୍ତମାନ ଭାରତର ପୂର୍ବ ଭାଗକୁ ସମୃଦ୍ଧ କରିବା ପାଇଁ ଓଡ଼ିଶା ସମ୍ପୂର୍ଣ୍ଣ ପ୍ରସ୍ତୁତ । ଦ୍ରୁତ ଅଭିବୃଦ୍ଧି ଏବଂ ରଣନୈତିକ ଯୋଜନା ସହିତ ଓଡ଼ିଶା ବର୍ତ୍ତମାନ ଶିଳ୍ପଜଗତ ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିପାରିଛି । ଏହା ସହିତ ପ୍ରତିଯୋଗିତାମୂଳକ ପରିବେଶରେ ନିବେଶକ ମାନଙ୍କୁ ଅପେକ୍ଷାକୃତ ସୁବିଧାଜନକ ସ୍ଥିତି ମଧ୍ୟ ପ୍ରଦାନ କରୁଛି ।"

ଆଜି ଅହମ୍ମଦାବାଦରେ ଆୟୋଜିତ 'ଓଡ଼ିଶା ନିବେଶକ ସମ୍ମିଳନୀ ରୋଡ୍-ଶୋ'ରେ ନିଜର ଅଭିଭାଷଣ ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ଦୃଢ଼, ଦୂରଦୃଷ୍ଟିସମ୍ପନ୍ନ ବାର୍ତ୍ତା ଦେଇଛନ୍ତି । 'ପୂର୍ବୋଦୟ' ପରିକଳ୍ପନାରେ




ଆଗାମୀ ଦିନରେ ଓଡ଼ିଶାକୁ ଦେଶର ଶିଳ୍ପ ଅଭିବୃଦ୍ଧିର କେନ୍ଦ୍ରସ୍ଥଳ ଭାବେ ଗଢ଼ିତୋଳିବା ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀଙ୍କ ଗୁଜରାଟ ଗସ୍ତର ପ୍ରଥମ ଦିନରେ ପ୍ରମୁଖ ଉଦ୍ୟୋଗପତି ଏବଂ ବ୍ୟବସାୟିକ ସଂଘମାନେ ବ୍ୟାପକ ଭାବରେ ଯୋଗଦାନ କରିଛନ୍ତି । ଏହା ଓଡ଼ିଶାର ବିକଶିତ ଶିଳ୍ପ ବ୍ୟବସ୍ଥା ପ୍ରତି ବଢ଼ୁଥିବା ଆତ୍ମବିଶ୍ୱାସକୁ ପ୍ରତିଫଳିତ କରିଛି । ୫୦୦ରୁ ଅଧିକ ଶିଳ୍ପ ପ୍ରତିନିଧିଙ୍କୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପୂର୍ବ ଭାରତର ଅଭ୍ୟୁଦୟ ସହିତ ଭାରତର ଅର୍ଥନୈତିକ ସମ୍ପ୍ରସାରଣ ହେବ । ପଶ୍ଚିମ ଭାରତ ସହିତ ପୂର୍ବ ଭାରତର ବିକାଶ ହେଲେ ଏହି ଅଭିବୃଦ୍ଧି ଅଧିକ ସନ୍ତୁଳିତ ହେବ । ଓଡ଼ିଶା ଏହି ପରିବର୍ତ୍ତନର କେନ୍ଦ୍ରବିନ୍ଦୁ ହେବ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ।

**❐ ଓଡ଼ିଶାର ଶିଳ୍ପ ସମ୍ଭାବନାକୁ ପ୍ରଦର୍ଶିତ କଲେ ମୁଖ୍ୟମନ୍ତ୍ରୀ**

ମୁଖ୍ୟମନ୍ତ୍ରୀ କହିଛନ୍ତି, "ଆମେ ଗୁଜରାଟକୁ ଏକ ସ୍ୱଷ୍ଟ (୯ ପୃଷ୍ଠାରେ)

## ପାନୀୟ ଜଳ ସଙ୍କଟ

# ଖାଲି ମାଠିଆ ଧରି ପ୍ରତିବାଦ

ବଲାଙ୍ଗିର, ୫।୫ (ସବ୍ୟୁ): ବଲାଙ୍ଗିର ପୌରାଞ୍ଚଳରେ ଦୀର୍ଘଦିନ ଧରି ଚାଲିଥିବା ପିଇବା ପାଣି ସମସ୍ୟା ପ୍ରତି ଅସନ୍ତୋଷ ପ୍ରକାଶ କରି ମଙ୍ଗଳବାର ପୌରାଧକ୍ଷା ଲିକା ସାହୁଙ୍କ ନେତୃତ୍ୱରେ ସର୍ବଦଳୀୟ କାଉନସିଲରମାନେ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟ ଆଗରେ ଖାଲି ମାଠିଆ ନେଇ ପ୍ରତିବାଦ କରିଥିଲେ । ଏହି ପ୍ରତିବାଦ ସମୟରେ ପୌରାଧକ୍ଷା ଶ୍ରୀମତୀ ସାହୁ କହିଥିଲେ ଯେ, ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅନୁଦାନରେ ନିର୍ମାଣାଧୀନ ମେଗା ପାନୀୟଜଳ ଯୋଗାଣ ପ୍ରକଳ୍ପ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନଥିବା ଦୁଃଖଦ ଓ ପରିତାପର ବିଷୟ । ଏହାର କାର୍ଯ୍ୟାନ୍ୱୟନରେ କେଉଁମାନେ ବାଧା ସୃଷ୍ଟି କରୁଛନ୍ତି, ତାହା ସ୍ପଷ୍ଟ କରିବାକୁ ଦାବି ରଖୁଛୁ । ଏହା ସହ ସ୍ଥାନୀୟ ବିଧାୟକ କଳିକେଶ ନାରାୟଣ ସିଂହଦେଓ ଅନେକ ଥର ପାନୀୟଜଳ ଯୋଗାଣ ବିଷୟରେ ସମୀକ୍ଷା କରିବା ସମୟରେ



କରିଦେବୁ, କରିବୁ , କରାଯିବ କହି ଆଜି ପର୍ଯ୍ୟନ୍ତ ସମସ୍ୟାର ସମାଧାନ କରୁନାହିଁ ଜନସ୍ୱାସ୍ଥ୍ୟ ବିଭାଗ । ଫଳରେ ସାଧାରଣ ଜନତାଙ୍କ ଆକ୍ରୋଶ ଜନପ୍ରତିନିଧି ଙ୍କ ଉପରେ ରହୁଛି । କୌଣସି ୱାର୍ଡରେ ପାଣି ଟାଙ୍କିର ବ୍ୟବସ୍ଥା ନାହିଁ । କାଁ ଭାଁ କେଉଁଠି ଟ୍ୟୁବେୱେଲ ଖୋଳିଛନ୍ତି । କେଉଁ ସମୟରେ ପାଣି ଦିଆଯାଉଛି ତାର କିଛି ସଠିକ ସମୟ ନାହିଁ । କେଉଁ ଅଞ୍ଚଳକୁ ଘଣ୍ଟାଏ ପାଣି ଯୋଗାଣ ତ ଆଉ କେଉଁ ଅଞ୍ଚଳକୁ ଅଳ୍ପ ସମୟ ପାଇଁ ଜଳ ଯୋଗାଣ ହେଉଛି । ଫଳରେ ଲୋକେ ହନ୍ତସନ୍ତ ହେଉଛନ୍ତି । ତେଣୁ ଆଜି ବାଧ୍ୟ ବାଧକ ହୋଇ ଜନସ୍ୱାସ୍ଥ୍ୟ ବିଭାଗ କାର୍ଯ୍ୟାଳୟକୁ ଆନ୍ଦୋଳନ ବା ପ୍ରତିବାଦ କରିବାକୁ ଆସିବାକୁ ପଡିଲା । ତୁରନ୍ତ ଏହାର ସମାଧାନ ନହେଲେ ବଡ ଧରଣର ଆନ୍ଦୋଳନ କରିବାକୁ ପଛାଇବୁ ନାହିଁ ବୋଲି ଚେତାବନୀ ଦେଇଛନ୍ତି ।

ବିଭିନ୍ନ ୱାର୍ଡର (୯ ପୃଷ୍ଠାରେ)

# ବର୍ଷା ଲାଗି ସପ୍ତାହେ ତାତିରୁ ଆଶ୍ୱସ୍ତି

ଭୁବନେଶ୍ୱର, ୫।୫ (ସବ୍ୟୁ): ରାଜ୍ୟରେ କାଳବୈଶାଖୀ ବର୍ଷା ଜାରି ରହିଛି । ଏଥିସହ ଘୂର୍ଣ୍ଣିବଳୟ ଯୋଗୁ ମଧ୍ୟ ସୋମବାର ବିଭିନ୍ନ ଜିଲ୍ଲାରେ ପ୍ରବଳ ବର୍ଷା ହୋଇଛି । ଫଳରେ ଦିନର ତାପମାତ୍ରା ବହୁ ମାତ୍ରାରେ ହ୍ରାସ ପାଇଛି । ଆଗାମୀ ୧୧ ତାରିଖ ପର୍ଯ୍ୟନ୍ତ ତାତିରୁ ମିଳିବ ଆଶ୍ୱସ୍ତି । ଏଭଳି ଆକଳନ କରିଛନ୍ତି ପାଣିପାଗ ବିଶେଷଜ୍ଞ ।

ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ କୁହାଯାଇଛି, ସୋମବାର ଭଦ୍ରକରେ ସର୍ବାଧିକ ୩୮ ମିମି ବର୍ଷା ହୋଇଥିବା ବେଳେ ତାଳଚେର ଓ ପାରାଦୀପରେ ୩୭ ମିମି, ଢେଙ୍କାନାଳରେ ୨୯ ମିମି, ଜଗତସିଂହପୁରେ ୨୬.୪ ମିମି, ରାଉରକେଲାରେ ୧୪ ମିମି, ଅନୁଗୁଳରେ ୧୨ ମିମି, କେନ୍ଦ୍ରାପଡ଼ାରେ ୧୧.୮ ମିମି, ଦେବଗଡ଼ରେ ୯.୮ ମିମି, ସୁନ୍ଦରଗଡ଼ରେ ୮.୨ ମିମି, ଯାଜପୁର ଓ କେନ୍ଦୁଝରରେ ୭ ମିମି ବର୍ଷା ରେକର୍ଡ କରାଯାଇଛି । ମଙ୍ଗଳବାର ସନ୍ଧ୍ୟା ସାଢ଼େ ୫ଟା ସୁଦ୍ଧା ସୋନପୁରରେ ୩୦ ମିମି, ଗୋପାଳପୁରରେ ୮.୬ ମିମି, ଖୋର୍ଦ୍ଧାରେ ୫ ମିମି, ଭୁବନେଶ୍ୱରରେ ୧ ମିମି, କଟକ ଓ (୯ ପୃଷ୍ଠାରେ)

## ରାଜ୍ୟସଭା ନିର୍ବାଚନରେ ବିଧାୟକଙ୍କୁ ଡବଲ ବାଲାଟ ପ୍ରସଙ୍ଗ

# ୧୧ରେ ସିଇଓଙ୍କ ସହ ବିଜେଡିର ବୈଠକ

ଭୁବନେଶ୍ୱର, ୫।୫ (ସବ୍ୟୁ) : ରାଜ୍ୟସଭା ନିର୍ବାଚନରେ ଦୁଇ ବିଧାୟକଙ୍କୁ ଦେଇଥିବା ଦ୍ୱିତୀୟ ବାଲାଟ ଉପରେ ବିଜେଡି କରିଥିବା ଅଭିଯୋଗ ନେଇ ଶୁଣାଣି କରାଯିବ । ମୁଖ୍ୟ ନିର୍ବାଚନ ଅଧିକାରୀ ଆସନ୍ତା ୧୧ ତାରିଖ ସକାଳ ୧୧ଟାରେ ବିଜେଡି ପ୍ରତିନିଧି ଦଳ ସହ ବୈଠକ ପାଇଁ ସମୟ ନିର୍ଦ୍ଧାରଣ କରିଛନ୍ତି ।

ବିଜେଡି ସଭାପତିଙ୍କ ନିର୍ଦ୍ଦେଶରେ ଡକ୍ଟର ସସ୍ମିତ୍ ପାତ୍ର ଭାରତ ନିର୍ବାଚନ କମିଶନଙ୍କ ନିକଟରେ ଏପ୍ରିଲ ୨୮ରେ ଅଭିଯୋଗ କରିଥିଲେ ଯେ ରାଜ୍ୟସଭା ନିର୍ବାଚନ ସମୟରେ ବିଧାୟିକା ଉପାସନା ମହାପାତ୍ର ଓ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କୁ ଅବୈଧ ଭାବେ ଦ୍ୱିତୀୟ ବାଲାଟ ପେପର ଦେଇଥିଲେ । ଏହା ଉପରେ ଏବେ ଶୁଣାଣି ପାଇଁ ବିଜେଡିକୁ ଡକାଯାଇଛି । ନବୀନ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ବିଜେଡି ପକ୍ଷରୁ ବିରୋଧୀ ଦଳ ଉପନେତା ପ୍ରସନ୍ନ ଆଚାର୍ଯ୍ୟ, ବିରୋଧୀ ଦଳ ମୁଖ୍ୟ ସଚେତକ ତଥା ରାଜ୍ୟସଭା ପୋଲିଂ ଏଜେଣ୍ଟ ପ୍ରମିଳା (୯ ପୃଷ୍ଠାରେ)

## ପରାଜୟକୁ ସ୍ୱୀକାର କରୁନାହାନ୍ତି ମମତା

# ହାରି ନାହିଁ, ଇସ୍ତଫା ଦେବିନି

କୋଲକାତା,୫।୫ : ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନର ଫଳାଫଳକୁ ଗ୍ରହଣ କରିବାକୁ ପ୍ରସ୍ତୁତ ନୁହଁନ୍ତି, ତୃଣମୂଳ କଂଗ୍ରେସ ମୁଖ୍ୟ ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦୀର୍ଘ ୧୫ ବର୍ଷ କାଳ ଲଗାତାର ମୁଖ୍ୟମନ୍ତ୍ରୀ ରହିଥିଲା ବେଳେ ଏଥର ନିର୍ବାଚନରେ ତାଙ୍କୁ ପରାଜୟର ସମ୍ମୁଖୀନ ହେବାକୁପଡିଛି । ତେବେ ମୁଖ୍ୟମନ୍ତ୍ରୀ ପଦରୁ ଆଗୁଆକୁ ଇସ୍ତଫା ଦେବି ନାହିଁ । କି ଲୋକଭବନ ଯିବି ନାହିଁ ବୋଲି ମୁଁ ନିର୍ବାଚନ ହାରିନାହିଁ ବୋଲି ମମତା ଦୃଢ଼ ଭାବରେ କହିଛନ୍ତି ।

ସାମ୍ବାଦିକ ସମ୍ମିଳନୀରେ ମମତା କହିଛନ୍ତି ଯେ, ଆମେ ହାରି ନାହୁଁ ତେଣୁ ଇସ୍ତଫା ଦେବାର ପ୍ରଶ୍ନ ନାହିଁ । ଯେଉଁ ଫଳାଫଳ ଆସିଛି ତାହା ଜନସାଧାରଣଙ୍କ ମତ ନୁହେଁ ଏବଂ ଲୁଟ




ଆମ ଲଢ଼େଇ ବିଜେପି ସହ ନୁହେଁ, ବର ନିର୍ବାଚନ କମିଶନ ବିଜେପିର ଏକ ଶାଖା ଭଳି କାମ କରୁଛନ୍ତି । କମିଶନର ବିଜେପିକୁ ଜିତାଇବା ପାଇଁ ଜାଣିଶୁଣି ଷଡଯନ୍ତ୍ର କରିଥିଲେ ବୋଲି ସେ କହିଛନ୍ତି । ତେବେ ମେ ୭ ତାରିଖରେ ପଶ୍ଚିମବଙ୍ଗ ବିଧାନସଭାର କାର୍ଯ୍ୟକାଳ ସରୁଛି । କାର୍ଯ୍ୟକାଳ ସରିଲେ ଆପେ ଆପେ ତାଙ୍କର ମୁଖ୍ୟମନ୍ତ୍ରୀ ପଦ ଯିବ ବୋଲି ରାଜନୈତିକ ମହଲରେ ଆଲୋଚନା ହେଉଛି । ମମତା କହିଛନ୍ତି ଯେ, ଏହି ନିର୍ବାଚନରେ ୧୦୦ ଆସନ ଚୋରି ହୋଇଛି । ସରକାର ଓ ନିର୍ବାଚନ କମିଶନର ମିଶି ଏଭଳି କୁତ୍ସିତ ଖେଳ ଖେଳିଛନ୍ତି । କେନ୍ଦ୍ର ସରକାର ସିଧାସଳଖ ହସ୍ତକ୍ଷେପ କରିଛନ୍ତି । ପୂର୍ବରୁ ସେମାନେ ମହାରାଷ୍ଟ୍ର, ହରିୟାଣା, ବିହାର ନିର୍ବାଚନ ଚୋରି କରିଥିଲେ । ଏବେ ପଶ୍ଚିମବଙ୍ଗରେ ତାହା କରିଛନ୍ତି । ଗଣତନ୍ତ୍ର ଏଭଳି କାର୍ଯ୍ୟ କରେ ନାହିଁ । ଯେତେବେଳେ ବିଚାର ବିଭାଗୀୟ ବ୍ୟବସ୍ଥା ନଥିବ ନିର୍ବାଚନ କମିଶନର ପକ୍ଷ ପାତିତା କରିବ ଓ ସରକାର ଗୋଟିଏ ଦଳର ଶାସନ ରହୁ ବୋଲି ଚାହିଁବେ ଏହା ସମଗ୍ର ବିଶ୍ୱକୁ ଭୁଲ ବାର୍ତ୍ତା ଦେବ । ଗତକାଲି ଗଣତି ହେଉଥିବା ସ୍ଥାନରେ ମୋତେ ଆକ୍ରମଣ କରାଗଲା । ସିସିଟିଭିକୁ ବନ୍ଦ କରିଦିଆଗଲା । ଗଣତି ସ୍ଥଳରୁ ମୋତେ ବାହାର କରିଦିଆଗଲା । (୯ ପୃଷ୍ଠାରେ)

**➤ ୧୦୦ ଆସନରୁ ଭୋଟ୍ ଲୁଟ୍ ହୋଇଛି**

**➤ ଆମର ଲଢ଼େଇ ଇସିଙ୍କ ସହ**

## ଗଞ୍ଜେଇ ଚାଲାଣର ନୂଆ ତରିକା

# ଆମ୍ବୁଲାନ୍ସରେ ରୋଗୀ ପରିବର୍ତ୍ତେ ଗଞ୍ଜେଇ

ଭୁବନେଶ୍ୱର, ୫।୫ (ସବ୍ୟୁ) : ଆମ୍ବୁଲାନ୍ସରେ ରୋଗୀ ପରିବର୍ତ୍ତେ ଗଞ୍ଜେଇ ଚାଲାଣ କରୁଥିବା ୪ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୋଲିସ । ସେମାନଙ୍କ ନିକଟରୁ ଆମ୍ବୁଲାନ୍ସ ସମେତ ୨୫କେଜି ଗଞ୍ଜେଇ ଓ ୫ଟି ମୋବାଇଲ ଫୋନ୍ ଜବତ ହୋଇଛି । ଆମ୍ବୁଲାନ୍ସ ମାଲିକ ନିଜେ ଡ୍ରାଇଭର ଭାବେ କାମ କରୁଥିବା ବେଳେ ଅନ୍ୟ ୩ ଜଣଙ୍କ ମଧ୍ୟରୁ ଜଣେ ରୋଗୀ, ଆଉ ଦୁଇଜଣ ତାଙ୍କ ସମ୍ପର୍କୀୟ ଭାବେ ଆମ୍ବୁଲାନ୍ସରେ ଥିଲେ । ଆମ୍ବୁଲାନ୍ସଟି କଳିଙ୍ଗ ଷ୍ଟାଡିୟମ୍ ୮-ବି ନମ୍ବର ଗେଟ୍ ପାଖରେ ଗ୍ରାହକଙ୍କୁ ଅପେକ୍ଷା କରିଥିବା ବେଳେ ପୋଲିସ ତାଙ୍କୁ କାବୁ କରିଥିଲା ।

ସୋମବାର ଖଣ୍ଡଗିରି ଥାନା ପୋଲିସ ଗୋଟିଏ ଥାର୍ ଗାଡି ଜବତ



କରିବା ସହ ସେଥିରେ ଚାଲାଣ ହେଉଥିବା ୨୨କେଜି ଗଞ୍ଜେଇ ଜବତ କରିଥିଲା । ଥାର୍ ଗାଡି ସହ ଗଞ୍ଜେଇ ଜବତ ହୋଇଥିବା ବେଳେ ଡ୍ରାଇଭର ତଥା ମାଲିକ ଏସ୍.କେ. ଜାହିରକୁ ଗିରଫ କରାଯାଇଥିଲା । ସେହିପରି ମଙ୍ଗଳବାର ଗଞ୍ଜେଇ ମାଫିଆଙ୍କ ନୂଆ ତରିକା ପୋଲିସ ଜାଣିପାରି ଆମ୍ବୁଲାନ୍ସରୁ ଗଞ୍ଜେଇ ଜବତ କଲା । ଆମ୍ବୁଲାନ୍ସରେ ନାଟକୀୟ ଭଙ୍ଗୀରେ ଗଞ୍ଜେଇ ଚାଲାଣ କରୁଥିବା ୪ଜଣ ହେଲେ ବିଶ୍ୱଜିତ ମଲ୍ଲିକ (୩୫), ମନୋଜ କୁମାର (୯ ପୃଷ୍ଠାରେ)

## ଘିମିରିରୁ ମୁକ୍ତି



ଗ୍ରୀଷ୍ମ ଋତୁରେ ଅତ୍ୟଧିକ ଗରମ ଏବଂ ଝାଳ କାରଣରୁ ଚର୍ମ କୁଣ୍ଡେଇ ହେବା, ଲାଲ ପଡିବା ବା ରାସେସ୍ ହେବା ଦେଖାବାକୁ ମିଳିଥାଏ । ଯାହାକୁ ସାଧାରଣତଃ 'ହିଟ୍ ରାଶ୍' ବା ଘିମିରି କୁହାଯାଏ । ଚର୍ମରେ ଥିବା ସ୍ୱେଟ୍ ଡକ୍ଟସ୍ ବା ଝାଳ ଗ୍ରନ୍ଥି ବନ୍ଦ ହୋଇଯିବା ଫଳରେ ଝାଳ ବାହାରକୁ ନଆସି ଚର୍ମ ଭିତରେ ଜମା ହୋଇ ରହେ । ଯାହା ଫଳରେ ଏହି ସମସ୍ୟା ସୃଷ୍ଟି ହୁଏ। ଏହାର ମୁଖ୍ୟ ଲକ୍ଷଣ ହେଉଛି ଚର୍ମରେ ଛୋଟ ଛୋଟ ଲାଲ୍ ଦାନା ହେବା ଏବଂ ତାବା କୁଣ୍ଡେଇ ହେବା ସହ ପୋଡାଜଳା ଅନୁଭବ ହୋଇଥାଏ । ସାଧାରଣତଃ ଏହା ୨-୩ ଦିନରେ ଠିକ୍ ହୋଇଯାଏ, କିନ୍ତୁ ଯଦି ୩-୪ ଦିନରୁ ଅଧିକ ସମୟ ରହେ କିମ୍ବା ଜ୍ୱର ଓ ପୂଜ ଭଳି ସମସ୍ୟା ଦେଖାଦିଏ, ତେବେ ଡାକ୍ତରଙ୍କ ପରାମର୍ଶ ନେବା ଆବଶ୍ୟକ। ଢିଲା ସୂତା କପଡ଼ା ପିନ୍ଧିବା ଏବଂ ପର୍ଯ୍ୟାପ୍ତ ପାଣି ପିଇବା ଦ୍ୱାରା ଏଥିରୁ ରକ୍ଷା ମିଳିପାରିବ। ସେହିଭଳି ଖରାଦିନେ ସଫା ସୁତରା ରହିବାର ଆବଶ୍ୟକତା ଖୁବ ଅଧିକ ରହିଛି । ତେବେ ଘରେ ମଧ୍ୟ କିଛି ଘରୋଇ ଉପଚାର ଆପଣାଇ ପାରିବେ କିନ୍ତୁ ଏହା ସମସ୍ତଙ୍କ ପାଇଁ କାମ ଦେବ ତାହାର କୌଣସି ପ୍ରମାଣ ନାହିଁ । ଅଧିକ ସମସ୍ୟା ଥିଲେ ଡାକ୍ତରଙ୍କ ପରାମର୍ଶ ନେବା ଉଚିତ୍ ।

- କୁଣ୍ଡାଇ ହେଉଥିବା କିମ୍ବା ଘିମିରି ହୋଇଥିବା ସ୍ଥାନରେ ୫ ରୁ ୧୦ ମିନିଟ୍ ପର୍ଯ୍ୟନ୍ତ ଥଣ୍ଡା ପାଣିରେ ଭିଜାଯାଇଥିବା କପଡ଼ା ବା ବରଫକୁ କପଡ଼ାରେ ଗୁଡ଼ାଇ ଲଗାଇଲେ କୁଣ୍ଡେଇ ଓ ଫୁଲା କମ୍ ହୋଇଥାଏ।
- ଘି କୁଆଁରୀ : ଘି କୁଆଁରୀ ଜେଲ୍ ଲଗାଇବା ଦ୍ୱାରା ଚର୍ମକୁ ଥଣ୍ଡକ ମିଳିଥାଏ ଏବଂ ଜଳାପୋଡ଼ା କମ୍ ହୁଏ।
- ଚନ୍ଦନ ପାଉଡରର ପେଷ୍ଟ କିମ୍ବା ଘରେ ନିଜେ ଚନ୍ଦନ ଘୋରି ଲଗାଇବା ଦ୍ୱାରା ଜଳାପୋଡ଼ା ଏବଂ ଲାଲ ଅଂଶ କମିଥାଏ । ଆରାମ ମିଳିଥାଏ ।
- ନିମ୍ବ ପତ୍ରର ପେଷ୍ଟ ବା ତେଲ ବ୍ୟବହାର କଲେ ଏହାର ଆଣ୍ଟିବ୍ୟାକ୍ଟେରିଆଲ୍ ଗୁଣ ଚର୍ମକୁ ଆରାମ ଦେଇଥାଏ। କୁଣ୍ଡାଇ ହେବା ବା ଅନ୍ୟ କୌଣସି ଚର୍ମ ସଂକ୍ରମଣ ପାଇଁ ଏହା ଖୁବ ଲାଭ ଦାୟକ ହୋଇଥାଏ ।

## ବିବାହ ଚର୍ଚ୍ଚା ମିଛ



ଅଭିନେତ୍ରୀ ଜାହ୍ନବୀ କପୁର ଏବଂ ଶିଖର ପାହାଡ଼ିଆଙ୍କ ବିବାହକୁ ନେଇ ଚାଲିଥିବା ଚର୍ଚ୍ଚା ଉପରେ ଏବେ ବିରାମ ଲଗାଇଛନ୍ତି ବୋନି କପୁର। ଗତ କିଛି ଦିନ ହେବ ସୋସିଆଲ ମିଡିଆ ଓ ବିଭିନ୍ନ ରିପୋର୍ଟରେ ଦାବି କରାଯାଉଥିଲା କି, ଏହି ପ୍ରେମୀ ଯୁଗଳ ଚଳିତ ବର୍ଷ ସେପ୍ଟେମ୍ବର କିମ୍ବା ଅକ୍ଟୋବର ମାସରେ ଗୁଜରାଟର ଜାମନଗରଠାରେ ବିବାହ କରିବାକୁ ଯାଉଛନ୍ତି । ହେଲେ ଜାହ୍ନବୀଙ୍କ ପିତା ବୋନି କପୁର ଏହି ଖବରକୁ ସମ୍ପୂର୍ଣ୍ଣ ରୂପେ ଖାରଜ କରିବା ସହ ଏହାକୁ ମିଥ୍ୟା ବୋଲି କହିଛନ୍ତି। ସୂଚନାଯୋଗ୍ୟ ଯେ, ଶିଖର ପାହାଡ଼ିଆଙ୍କୁ ପ୍ରାୟତଃ କପୁର ପରିବାରର ବିଭିନ୍ନ ପାରିବାରିକ କାର୍ଯ୍ୟକ୍ରମ, ଛୁଟି କଟାଇବା ସମୟରେ ଜାହ୍ନବୀଙ୍କ ସହ ଦେଖିବାକୁ ମିଳିଥାଏ । ଏହାପରେ ସେମାନଙ୍କ ସମ୍ପର୍କକୁ ନେଇ ଅନେକ ଦିନରୁ କଳ୍ପନାଜଳ୍ପନା ଲାଗି ରହିଛି। ଜାହ୍ନବୀ ଅନେକ ସାକ୍ଷାତକାରରେ ଶିଖରଙ୍କ ନା ନନେଇ ତାଙ୍କ ସମ୍ପର୍କରେ କଥା ହୋଇଛନ୍ତି, ଯାହା ସେମାନଙ୍କ ପ୍ରେମ ସମ୍ପର୍କ ଉପରେ ପରୋକ୍ଷରେ ମୋହର ଲଗାଇଛି। ତେବେ ବିବାହ କଥାକୁ ବୋନି କପୁର ଖଣ୍ଡନ କରିବା ପରେ ଏହି ଖବରରେ ପୂର୍ଣ୍ଣଛେଦ ପଡିଛି।

## ହୃଦୟସ୍ପର୍ଶୀ ସ୍ୱାଗତ



ହରିୟାଣାରୁ ଏକ ହୃଦୟସ୍ପର୍ଶୀ ଘଟଣା ସାମ୍ନାକୁ ଆସିଛି, ଯେଉଁଠାରେ ଜଣେ ପୁଅ ନିଜ ମା'ଙ୍କ ଅବସର ଗ୍ରହଣ ସମୟରେ ଏକ ଅଭିନବ ଉପହାର ଦେଇ ସମସ୍ତଙ୍କୁ ଚକିତ କରିଦେଇଛନ୍ତି । ହରିୟାଣାରେ ନର୍ସିଂ ଅଫିସର ଶାନ୍ ଦେବୀ ଦୀର୍ଘ ୩୯ ବର୍ଷ ଧରି ରୋଗୀଙ୍କ ସେବା କରିବା ପରେ ଚାକିରିରୁ ଅବସର ନେଇଛନ୍ତି । ଏହି ବିଶେଷ ଦିନରେ ତାଙ୍କ ପୁଅ ତାଙ୍କୁ ଏକ ନୂଆ କାର୍ ଉପହାର ଦେଇଛନ୍ତି, କିନ୍ତୁ ଏହି ଉପହାରର ବିଶେଷତ୍ୱ ଥିଲା ଏହାର ସାଜସଜ୍ଜା । ସାଧାରଣତଃ ଗାଡ଼ିକୁ ଫୁଲରେ ସଜାଯାଉଥିବା ବେଳେ, ଏଠାରେ ପୁଅ ସମ୍ପୂର୍ଣ୍ଣ କାର୍‌କୁ ୧୦ ଟଙ୍କିଆ ନୋଟ୍‌ରେ ଘୋଡ଼ାଇ ଦେଇଥିଲେ। ଯେତେବେଳେ ଶାନ୍ ଦେବୀ ହସ୍ପିଟାଲରୁ ବାହାରକୁ ଆସିଲେ, ସେଠାରେ ତାଙ୍କୁ ଜଣେ ରାଣୀଙ୍କ ପରି ସ୍ୱାଗତ କରାଯାଇଥିଲା । ନୋଟ୍‌ରେ ଆବୃତ ଏହି କାର୍ ମଝିରେ ତାଙ୍କର ଏକ ଫଟୋ ମଧ୍ୟ ଲଗାଯାଇଥିଲା । ସୋସିଆଲ ମିଡିଆରେ ଏହି ନିଆରା ସରପ୍ରାଇଜ୍‌ର ଭିଡିଓ ବର୍ତ୍ତମାନ ବେଶ୍ ଭାଇରାଲ ହେବାରେ ଲାଗିଛି । ସୋସିଆଲ ମିଡିଆରେ ପୁଅଙ୍କର ମାଆଙ୍କ ପ୍ରତି ଥିବା ଭଲପାଇବା ସହ ଏହି ସୃଜନଶୀଳତାକୁ ଖୁବ୍ ପ୍ରଶଂସା କରୁଛନ୍ତି ।

## ସୋସିଆଲ କୋଟ୍ସ



କୋଲକାତା ନିର୍ବାଚନ ଫଳାଫଳ ଖୁବ ଖୁସି ଦେଇଛି । ସେଠାରେ ଆମ ସହ ଖୁବ ଖରାପ ହୋଇଥିଲା । ଆମକୁ ମାରପିଟ କରାଯିବା ସହିତ ହଇରାଣ କରାଯାଇଥିଲା । ବର୍ତ୍ତମାନ ଲୋକ ନ ଡରି ରହିପାରିବେ ସେଠାରେ ।

ବିବେକ ଅଗ୍ନିହୋତ୍ରୀ, ଫିଲ୍ମମେକର



ଯୁଦ୍ଧ କେବେ ବନ୍ଦ ହେବ । ଏଥିପାଇଁ ଅନେକ ଲୋକ ସମସ୍ୟାରେ ପଡୁଛନ୍ତି। ଆମେ ସମସ୍ତେ ବିମାନରେ ଦୁବାଇ ଫେରୁଥିବାବେଳେ ହଠାତ୍ ବିମାନ ବନ୍ଦର ବନ୍ଦ ହୋଇଯାଇଥିଲା, ଯେଉଁଥିପାଇଁ ସମସ୍ତେ ଅନେକ ହଇରାଣ ହୋଇଥିଲେ ।

ଅମିଷା ପଟେଲ, ଅଭିନେତ୍ରୀ



ମୁଁ ବଙ୍ଗାଳୀ ନୁହେଁ । ମୁଁ ଅଧା ଯୁପିର ଓ ଅଧା ବିହାରର । ଏହା ହିଁ ହେଉଛି ମୋର ପରିଚୟ ।

ବୀର ଦାସ, ଅଭିନେତା

## ପିଉଛନ୍ତି ଗ୍ଲେସିୟର ପାଣି

ସୋସିଆଲ ମିଡିଆରେ ଏକ ଭିଡିଓ ଭାଇରାଲ ହେବାରେ ଲାଗିଛି, ଯେଉଁଥିରେ ଜଣେ ଅରବପତିଙ୍କ ଝିଅ ନିଜର ଶୋଷ ମେଣ୍ଟାଇବା ପାଇଁ ଏକ ପ୍ରାଇଭେଟ୍ ହେଲିକପ୍ଟର ଯୋଗେ ସିଧାସଳଖ ଗ୍ଲେସିୟରରେ ପହଞ୍ଚିଥିବା ଦେଖିବାକୁ ମିଳିଛି । ଏହି ଭିଡିଓରେ ସେ କହିଛନ୍ତି ଯେ ତାଙ୍କୁ ସାଧାରଣ ବୋତଲ ବନ୍ଦ ପାଣି କିମ୍ବା ଘରର ଫିଲ୍ଟର ପାଣି ପିଇବା ପସନ୍ଦ ନୁହେଁ, ବରଂ ସେ ବରଫ ପାହାଡ଼ ମଝିରେ ଛିଡ଼ା ହୋଇ ସତେଜ ଗ୍ଲେସିୟର ପାଣି ପିଇବାକୁ ଭଲ ପାଆନ୍ତି । ଏହି ପୋଷ୍ଟର କ୍ୟାପସନରେ ସେ ଏହା ବି ଲେଖିଛନ୍ତି ଯେ ଲୋକମାନେ କିପରି ସାଧାରଣ ପାଣି ପିଇ ପାରୁଛନ୍ତି ତାହା ସେ ବୁଝିପାରୁ ନାହାନ୍ତି । ତେବେ ତାଙ୍କର ଏହି ଲେଖାକୁ ନେଇ ସୋସିଆଲ ମିଡିଆ ବ୍ୟବହାରକାରୀଙ୍କ ମଧ୍ୟରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି । ଅନେକ ଲୋକ ଏହାକୁ କେବଳ ଲୋକଦେଖାଣିଆ ଏବଂ ଅଯଥା ଆଭିଜାତ୍ୟ ବୋଲି ସମାଲୋଚନା କରିଥିବା ଦେଖିବାକୁ ମିଳିଛି । ଯୁବତୀ ଜଣଙ୍କ ଅନେକ ସମୟରେ ନିଜର ବିଳାସପୂର୍ଣ୍ଣ ଜୀବନଶୈଳୀ, ପ୍ରାଇଭେଟ୍ ଜେଟ୍ ଏବଂ ଦାମୀ ବ୍ରାଣ୍ଡ ପାଇଁ ପୂର୍ବରୁ ମଧ୍ୟ ଚର୍ଚ୍ଚାରେ ରହିଆସିଛନ୍ତି। ସୂଚନାଯୋଗ୍ୟ ଯେ, ଏନା ଜଣେ ବଡ଼ ବ୍ୟବସାୟିକ ପରିବାରର ଉତ୍ତରାଧିକାରୀ, ଯାହାଙ୍କର ରିଅଲ୍ ଇଷ୍ଟେଟ୍, ତୈଳ ଏବଂ ଆନ୍ତର୍ଜାତୀୟ ବାଣିଜ୍ୟ କ୍ଷେତ୍ରରେ ବଡ଼ କାରବାର ରହିଛି।



## ଛେନା ତରକାରୀ

**ସାମଗ୍ରୀ :** ଛେନା, ଆଳୁ, ଟମାଟୋ, ଅଦା-ଜିରା ବଟା, ମଇଦା, ହଳଦୀ ଗୁଣ୍ଡ, ଲଙ୍କା ଗୁଣ୍ଡ, ଧନିଆ ଗୁଣ୍ଡ, ଗରମ ମସଲା, ଜିରା, ତେଜପତ୍ର, ଗୋଟା ଗରମ ମସଲା, ଲୁଣ, ଧନିଆ ପତ୍ର ।

ପ୍ରଣାଳୀ : ପ୍ରଥମେ ଛେନାକୁ ଏକ ପାତ୍ରରେ ନେଇ ସେଥିରେ ଅଳ୍ପ ମଇଦା, ଲୁଣ ଏବଂ ଅଳ୍ପ ଗୋଲମରିଚ ଗୁଣ୍ଡ ମିଶାଇ ଭଲଭାବେ ଚକଟି ଦିଅନ୍ତୁ । ଏହାକୁ ଛୋଟ ଛୋଟ ଗୋଲ ଆକାର ଦିଅନ୍ତୁ । କଡ଼େଇରେ ତେଲ ଗରମ କରି ଏହି ଛେନା ଗୋଲାଗୁଡ଼ିକୁ ହାଲୁକା ସୁବର୍ଣ୍ଣ ରଙ୍ଗ ହେବା ଯାଏଁ ଛାଣି ବାହାର କରି ରଖନ୍ତୁ । ସେହି ତେଲରେ କଟା ହୋଇଥିବା ଆଳୁକୁ ସାମାନ୍ୟ ଲୁଣ ଓ ହଳଦୀ ଦେଇ ଭଲଭାବେ ଭାଜି ବାହାର କରି ଦିଅନ୍ତୁ । ଏହାପରେ କଡ଼େଇରେ ୨ ଚାମଚ ତେଲ ରଖି ସେଥିରେ ଜିରା, ତେଜପତ୍ର ଏବଂ ଗୋଟା ଗରମ ମସଲା ଫୁଟାନ୍ତୁ । ବର୍ତ୍ତମାନ ସେଥିରେ ଅଦା-ଜିରା ବଟା ପକାଇ ଅଳ୍ପ ସମୟ ଭାଜନ୍ତୁ । ଏହାପରେ ଏଥିରେ ଟମାଟୋ ପେଷ୍ଟ, ହଳଦୀ, ଲଙ୍କା ଗୁଣ୍ଡ ଓ ଧନିଆ ଗୁଣ୍ଡ ପକାଇ ମସଲାକୁ ତେଲ ଛାଡିବା ଯାଏଁ କଷନ୍ତୁ । ମସଲା କଷି ହୋଇଗଲେ ସେଥିରେ ଭଜା ଆଳୁ ପକାଇ ଗୋଳାଇ ଦିଅନ୍ତୁ । ଏବେ ଆବଶ୍ୟକ ଅନୁସାରେ ଉଷୁମ ପାଣି ଏବଂ ସ୍ୱାଦ ଅନୁଯାୟୀ ଲୁଣ ଦିଅନ୍ତୁ । ଝୋଳ ଫୁଟି ଆସିଲେ ଏବଂ ଆଳୁ ସିଝିଗଲେ, ସେଥିରେ ପୂର୍ବରୁ ଛାଣି ରଖିଥିବା ଛେନା ଗୋଲ ଗୁଡ଼ିକୁ ପକାନ୍ତୁ । ଶେଷରେ ଉପରେ ଗରମ ମସଲା ଗୁଣ୍ଡ ଏବଂ କଟା ଧନିଆ ପତ୍ର ପକାଇ ୨ ମିନିଟ୍ ଘୋଡ଼ାଇ ରଖନ୍ତୁ ।

ଓଡ଼ିଆ ରୁଚି



## ଇତିହାସ

- ୧୭୩୩ - ପ୍ରଥମ ଅନ୍ତରାଷ୍ଟ୍ରୀୟ ବକ୍ସିଂ ମ୍ୟାଚ୍ ଖେଳାଯାଇଥିଲା ।
- ୧୮୪୦- ବ୍ରିଟେନ୍‌ର ପ୍ରଥମ ଡାକ ଟିକେଟ୍ ଜାରି ହୋଇଥିଲା ।
- ୧୯୧୯ - ଆଫଗାନ୍ ଯୁଦ୍ଧର ଆରମ୍ଭ ହୋଇଥିଲା ।
- ୧୯୭୬- ଉତ୍ତର ଇଟାଲୀର ଭୂମିକମ୍ପ କାରଣରୁ ୯୮୯ ଜଣଙ୍କର ମୃତ୍ୟୁ ହୋଇଥିଲା ।
- ୨୦୦୪- ଚୀନ୍ ସିକିମ୍‌କୁ ଭାରତର ଏକ ଅଂଶ ରୂପେ ସ୍ୱୀକାର କଲା ।
- ୨୦୦୭- ଫ୍ରାନ୍ସର ରାଷ୍ଟ୍ରପତି ନିର୍ବାଚନରେ ନିକୋଲାସ୍ ସାର୍କୋଜୀଙ୍କର ବିଜୟ ହୋଇଥିଲା ।



**ମେଷ:** ସମ୍ମାନହାନି, ମୂଲ୍ୟବାନ ପଦାର୍ଥ ନଷ୍ଟ, ମନ ଅସ୍ଥିର, ବ୍ୟବସାୟରେ ସ୍ୱଳ୍ପ ଲାଭ, କର୍ମକ୍ଷେତ୍ରେ ମିତ୍ରତା, ପୁରାତନ ବନ୍ଧୁଙ୍କ ସାକ୍ଷାତ, ରାଜଦଣ୍ଡ, ଶରୀର ଅସୁସ୍ଥ, ଦୂରସ୍ଥାନକୁ ଯାତ୍ରା, ଅଯଥା ଖର୍ଚ୍ଚାନ୍ତ, କର୍ମରେ ଖୁସି ମାତ୍ର ମାନସିକ ଅସ୍ଥିରତା, ଦ୍ୱିଜାମେଷ ସତର୍କ ରୁହନ୍ତୁ, ଶୁଭରଙ୍ଗ-ଲାଲ, ସଂଖ୍ୟା-୩, ଆରାଧନା-ମା' ବଗଳାମୁଖୀ ।

**ବୃଷ:** ବାଦବିବାଦ, ସ୍ୱାସ୍ଥ୍ୟପ୍ରତି ସତର୍କ, ଅତ୍ୟଧିକ ଖର୍ଚ୍ଚ, ନୂତନ କାର୍ଯ୍ୟରେ ବିରୋଧ, ମନ ଅସ୍ଥିର, ଯାତ୍ରାରେ ସାମାନ୍ୟ ଲାଭ, ଶତ୍ରୁ ରହିବେ, ବ୍ୟବସାୟରେ ସାମାନ୍ୟ ଲାଭ, କର୍ମକ୍ଷେତ୍ରେ ଖୁସି, ବନ୍ଧୁ ବିଚ୍ଛେଦ, ଭ୍ରମଣଯୋଗ, ସମସ୍ତ କାର୍ଯ୍ୟରେ ଅସନ୍ତୁଷ୍ଟ, କୃତ୍ତିକା ନକ୍ଷତ୍ର- ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୫, ଆରାଧନା- ମହାଲକ୍ଷ୍ମୀ ।

**ମିଥୁନ:** ମନରେ ପ୍ରସନ୍ନତା, ଦୂରସ୍ଥାନକୁ ଯାତ୍ରା, ବ୍ୟବସାୟରେ ଉନ୍ନତି, ଅତିଥି ଆଗମନ, ସ୍ୱାସ୍ଥ୍ୟରେ ଉନ୍ନତି, ପାରିବାରିକ ଖୁସି, ଉଚ୍ଚବ୍ୟକ୍ତିଙ୍କ ସହ ସୁସମ୍ପର୍କ, ଉଚ୍ଚସମ୍ମାନ ପ୍ରାପ୍ତି, ଗୁରୁଜନଙ୍କ ଆଶୀର୍ବାଦ, ବିଦ୍ୟାଲାଭ, ଶତ୍ରୁ ପରାଜିତ, ମୃଗଶିରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୩, ଆରାଧନା-ପ୍ରଭୁ ଜଗନ୍ନାଥ ।

**କର୍କଟ:** ପରୋପକାର, ବନ୍ଧୁଲାଭ, କର୍ମକ୍ଷେତ୍ରେ ଆନନ୍ଦ, ରାଜସମ୍ମାନ ପ୍ରାପ୍ତି, ଦୂରସ୍ଥାନକୁ ଯାତ୍ରା, ବ୍ୟବସାୟରେ ବିରୋଧ,ନ୍ୟାୟିକ ବ୍ୟବସ୍ଥାରେ ଲାଭ, ଶରୀର ସୁସ୍ଥ, ନୂତନ କାର୍ଯ୍ୟରେ ଖୁସି, ବିବାଦକ୍ଷେତ୍ରେ ସହଯୋଗ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୨, ଆରାଧନା-ମା' ତ୍ରିପୁରାସୁନ୍ଦରୀ ।

**ସିଂହ:** କର୍ମେ ଅଶାନ୍ତି, ମନ ଅସ୍ଥିର, କର୍ମକ୍ଷେତ୍ରେ ବିରୋଧ, ବ୍ୟବସାୟରେ ସ୍ୱଳ୍ପଲାଭ, ପୁରାତନ ରୋଗରେ ପିଡ଼ା, ଅର୍ଥ ସମସ୍ୟା, ଗାଡ଼ିଚାଳନାରେ ସାବଧାନ, ଚୋରିଭୟ, ଶତ୍ରୁକଷ୍ଟ, ବନ୍ଧୁଙ୍କ ସହ ମିତ୍ରତା, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୪, ଆରାଧନା-ଗ୍ରାମଦେବତୀ ।

**କନ୍ୟା:** ବିବାଦ ସମାଧାନ, ମନରେ ସନ୍ଦେହ,ବ୍ୟବସାୟିକ ଖୁସି, ବାହାରକୁ ଯାତ୍ରା, ଗୃହରେ ଉତ୍ସବ, ଅଣ୍ଟାଜନିତ ସମସ୍ୟା, ଦ୍ରବ୍ୟଚୋରି, ଆର୍ଥିକଲାଭ, ଅଯଥା ଅଶାନ୍ତି, ଚିତ୍ରାକନ୍ୟା ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୫, ଆରାଧନା-ଭଗବାନ ବିଷ୍ଣୁ ।

**ତୁଳା:** ମନରେ ଉତ୍ସାହ, ଦ୍ରବ୍ୟପ୍ରାପ୍ତି, ପିଲାଙ୍କ ଖୁସି, ବିଦେଶ ଭ୍ରମଣ, ବ୍ୟବସାୟରେ ଲାଭ, ଆର୍ଥିକ ଉନ୍ନତି, ବନ୍ଧୁ ସହଯୋଗ, କର୍ମକ୍ଷେତ୍ରେ ଶାନ୍ତି, ଶତ୍ରୁରେ ମିତ୍ରତା, ଶରୀର ସୁସ୍ଥ, ମୋକଦ୍ଦମାରେ ବିଜୟ, ସମ୍ମାନଲାଭ, ଶୁଭ ଆଲୋଚନା, ସ୍ୱାତୀ ତୁଳା ସତର୍କ ରୁହନ୍ତୁ, ଶୁଭରଙ୍ଗ-ମେରୁନ, ସଂଖ୍ୟା-୩, ପ୍ରତିକାର- ଶଙ୍କର ଭଗବାନ ।

**ବିଛା:** ମାନସିକ ଅସ୍ଥିରତା, କର୍ମକ୍ଷେତ୍ରେ ବିରୋଧ, ଅର୍ଥସମସ୍ୟା, ଗୃହଶତ୍ରୁ, ବ୍ୟବସାୟରେ ଶତ୍ରୁତା, ଯାତ୍ରାରେ ଖୁସି, ଜ୍ୟେଷ୍ଠା ବିଛା ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୫, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** ମନରେ ପ୍ରସନ୍ନତା, ସୁସମ୍ବାଦ, ମାନସମ୍ମାନ, ଉଚ୍ଚଆଶା ପୂର୍ଣ୍ଣ, ଶରୀର ସୁସ୍ଥ, ଶତ୍ରୁ ପରାଜିତ, ବ୍ୟବସାୟରେ ଉନ୍ନତି, ବିବାଦ ସମାଧାନ, ପଦବୀଲାଭ, ଭୂସମ୍ପତ୍ତିଲାଭ, କର୍ମକ୍ଷେତ୍ରେ ସମସ୍ୟା ସମାଧାନ, ବିଦ୍ୟାରେ ଉନ୍ନତି, ଯଶ ମିଳିବ, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୯, ଆରାଧନା-ମା' ଶ୍ୟାମାକାଳୀ ।

**ମକର:** ଶରୀର ଅସୁସ୍ଥ, ଭ୍ରମଣଯୋଗ, ଉଚ୍ଚଆଶାରେ ବାଧା, ଶତ୍ରୁ ସଙ୍କଟ, ବ୍ୟବସାୟରେ ମାନ୍ଦାବସ୍ଥା, ଋଣକରିବେ, କର୍ମକ୍ଷେତ୍ରେ ଅଶାନ୍ତି, ଅର୍ଥ ସମସ୍ୟା, ଭଲକାର୍ଯ୍ୟରେ ବିବାଦ, ଅପବାଦ, ଚୋରି, ଅଜଣାବ୍ୟକ୍ତିଙ୍କ ସହ ମିତ୍ରତା, ଧନିଷ୍ଠାମକର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନୀଳ, ସଂଖ୍ୟା-୪, ଆରାଧନା-ମା' ବିମଳା ।

**କୁମ୍ଭ:** ନୂତନ କର୍ମାରମ୍ଭ, ଆର୍ଥିକଉନ୍ନତି, ବ୍ୟବସାୟେ ଲାଭ, ସମ୍ପର୍କରେ ସୁଧାର, ଅର୍ଥଖର୍ଚ୍ଚ, ମୋକଦ୍ଦମାରେ ବିଜୟ, ଶରୀର ସୁସ୍ଥ, ନୂତନ ଆଶା, ସୁସମାଚାର, ଅଯଥା ଖର୍ଚ୍ଚାନ୍ଦ, ଗୃହେ ଉତ୍ସବ, ପୂର୍ବାଭାଦ୍ର କୁମ୍ଭ ସତର୍କ ରୁହନ୍ତୁ, ଶୁଭରଙ୍ଗ-ମାଟିଆ, ସଂଖ୍ୟା-୧, ଆରାଧନା-ପ୍ରଭୁ ହନୁମାନ ।

**ମୀନ:** କର୍ମରେ ସଫଳତା, ସମ୍ମାନପ୍ରାପ୍ତି, ଅର୍ଥଲାଭ, ପଦବୀଲାଭ, ଶତ୍ରୁ ପରାଭବ, ବିଦେଶ ଭ୍ରମଣ, ନୂତନ ନିଯୁକ୍ତି, ଶୁଭକାର୍ଯ୍ୟରେ ଆଗ୍ରହ, ପିଲାଙ୍କ ଚିନ୍ତା, ଯାନବାହନେ ସତର୍କତା, ଦ୍ରବ୍ୟଲାଭ, ଉତ୍ତରାଭାଦ୍ର ମୀନ ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୯, ଆରାଧନା- ପ୍ରଭୁ ରାଧାବଲ୍ଲଭ ।

**ବୈଶାଖ କୃଷ୍ଣପକ୍ଷ, ଚତୁର୍ଥୀ**
**୬.୫.୨୦୨୬ ବୁଧବାର**



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮





ଅହମ୍ମଦାବାଦରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ସ୍ୱାଗତ କରାଯାଉଛି ।




ଅହମ୍ମଦାବାଦରେ ଉଚ୍ଚସ୍ତରୀୟ ନିବେଷକ ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

# ମୌସୁମୀ ପୂର୍ବରୁ ଡ୍ରେନ, ମ୍ୟାନହୋଲ ମରାମତି କର : ମନ୍ତ୍ରୀ

- କାର୍ଯ୍ୟରେ ଅବହେଳା କଲେ କାର୍ଯ୍ୟାନୁଷ୍ଠାନ ନେବେ ସରକାର
- ସବୁ ସହରାଞ୍ଚଳରେ ୨୪ ଘଣ୍ଟିଆ କଣ୍ଟ୍ରୋଲ ଖୋଲିବାକୁ ନିର୍ଦ୍ଦେଶ

ଭୁବନେଶ୍ୱର (ସବ୍ୟୁ) : ରାଜ୍ୟର ସହରାଞ୍ଚଳରେ ଥିବା ସମସ୍ତ ଡ୍ରେନେଜ୍ ସିଷ୍ଟମ୍ ଏବଂ ମ୍ୟାନହୋଲଗୁଡ଼ିକର ଶତପ୍ରତିଶତ ଯାଞ୍ଚ କରିବାକୁ ପୌରସଂସ୍ଥାଗୁଡ଼ିକୁ ବାଧ୍ୟତାମୂଳକ କରାଯାଇଛି । କ୍ଷତିଗ୍ରସ୍ତ ମ୍ୟାନହୋଲଗୁଡ଼ିକର ତୁରନ୍ତ ମରାମତି କିମ୍ବା ସୁରକ୍ଷିତ ଭାବେ ଢାଙ୍କିବାକୁ କୁହାଯାଇଛି । ଯେଉଁଠି ମରାମତି ବାକି ଅଛି, ସେଠାରେ ସତର୍କତାମୂଳକ ଭାବେ ସୂଚନା ବୋର୍ଡ ଓ ପ୍ରତିରକ୍ଷା ଜାଲ ଲଗାଇବାକୁ ନିର୍ଦ୍ଦେଶ ଦିଆଯାଇଛି । ଏଥିସହ ନାଳଗୁଡ଼ିକର ନିୟମିତ ପଙ୍କୋଦ୍ଧାର ଏବଂ ଜଳ ନିଷ୍କାସନରେ ବାଧା ସୃଷ୍ଟି କରୁଥିବା ଜବରଦଖଲ ଉଚ୍ଛେଦକୁ ବାଧ୍ୟତାମୂଳକ କରାଯାଇଛି । ଆଗାମୀ ମୌସୁମୀ ବର୍ଷା ପାଇଁ ସହରାଞ୍ଚଳର ସୁରକ୍ଷା ଓ ପ୍ରସ୍ତୁତିକୁ ସୁନିଶ୍ଚିତ କରିବା ପାଇଁ ଓଡ଼ିଶା ସରକାରଙ୍କ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ସମସ୍ତ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ଏହି ନିର୍ଦ୍ଦେଶାବଳୀ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ।

ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡକଫର କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ ନିର୍ଦ୍ଦେଶକ୍ରମେ ଏହି ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ଅଧିକାରୀମାନେ ଏହି ମାର୍ଗଦର୍ଶିକାକୁ ପାଳନ କରିବାକୁ କୁହାଯାଇଛି । କାର୍ଯ୍ୟକାରିତାରେ ଯଦି କୌଣସି ଅବହେଳା ପରିଲକ୍ଷିତ ହୁଏ, ତେବେ ତାହାକୁ ଗୁରୁତର ସହ ଗ୍ରହଣ କରାଯିବ । ଯାହା ବିପର୍ଯ୍ୟୟ ପରିଚାଳନା ପ୍ରତି ସରକାରଙ୍କ ଦୃଢ଼ ପ୍ରତିବଦ୍ଧତାକୁ ଦର୍ଶାଉଛି ।

ସହରାଞ୍ଚଳରେ ବାରମ୍ବାର ଜଳବନ୍ଦୀ ସମସ୍ୟା ଦେଖାଦେଉଥିବା ତଥା ତଳିଆ ଅଞ୍ଚଳଗୁଡ଼ିକୁ ଚିହ୍ନଟ କରାଯାଇ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି । ଏହି ଅଞ୍ଚଳଗୁଡ଼ିକରୁ ଜଳ ନିଷ୍କାସନ ପାଇଁ ପର୍ଯ୍ୟାପ୍ତ ପରିମାଣର ପମ୍ପ ସେଟ୍ ଏବଂ ଡିଜି ସେଟ୍ ମୁତୟନ କରାଯିବ । ସହରାଞ୍ଚଳଗୁଡ଼ିକୁ ବିଭିନ୍ନ କାର୍ଯ୍ୟକ୍ଷମ ଜୋନରେ ବିଭକ୍ତ କରାଯାଇ ନିର୍ଦ୍ଦିଷ୍ଟ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯିବ । ଫଳରେ ଜରୁରୀକାଳୀନ ସ୍ଥିତିରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇପାରିବ ।

ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀ ସମେତ ସ୍କୁଲ ଓ କଲେଜଗୁଡ଼ିକୁ ଅସ୍ଥାୟୀ ସହାୟତା କେନ୍ଦ୍ର ଭାବେ ପ୍ରସ୍ତୁତ ରଖାଯିବ । ଏହି କେନ୍ଦ୍ରଗୁଡ଼ିକରେ ନିରାପଦ ପାନୀୟ ଜଳ, ପରିମଳ ଏବଂ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇ ଦିଆଯିବ । ମହିଳା, ଶିଶୁ ଏବଂ ବୃଦ୍ଧବୃଦ୍ଧାଙ୍କ ସୁରକ୍ଷା ପାଇଁ ମହିଳା ହୋମଗାର୍ଡ ଏବଂ ପର୍ଯ୍ୟାପ୍ତ ସୁରକ୍ଷା କର୍ମୀ ନିୟୋଜିତ କରାଯିବ । ସେହିପରି ଡେଙ୍ଗୁ ଏବଂ ମ୍ୟାଲେରିଆ ଭଳି ରୋଗରୁ ରକ୍ଷା ପାଇବା ପାଇଁ ଫଗିଂ ଏବଂ ଲାର୍ଭିସାଇଡ୍ ସିଞ୍ଚନକୁ ଜୋରଦାର କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଡ୍ରେନରେ ଆବର୍ଜନା ପକାଇବା ଏବଂ ପାଣି ଜମି ରହିବା ଉପରେ କଡ଼ା ନଜର ରଖାଯିବ ।

ସମସ୍ତ ପୌରାଞ୍ଚଳରେ ୨୪ ଘଣ୍ଟିଆ କାର୍ଯ୍ୟକ୍ଷମ ଲାଗି ଏକ ସ୍ୱତନ୍ତ୍ର କଣ୍ଟ୍ରୋଲ ରୁମ୍ ସ୍ଥାପନ କରାଯିବ । ପାନୀୟ ଜଳ ଯୋଗାଣ, ଡ୍ରେନେଜ୍ ସମସ୍ୟା ଏବଂ ରାସ୍ତା ଅବରୋଧ ସମ୍ପର୍କିତ ଅଭିଯୋଗର ସମାଧାନ ଏଠାରେ କରାଯିବ । ମୌସୁମୀ ସମୟରେ କ୍ଷତିଗ୍ରସ୍ତ ହୋଇଥିବା ସହରାଞ୍ଚଳର ରାସ୍ତାଗୁଡ଼ିକୁ ୭୨ ଘଣ୍ଟା ମଧ୍ୟରେ ଯାତାୟାତ ଉପଯୋଗୀ କରିବାକୁ ସରକାର ନିର୍ଦ୍ଦେଶ ଦେଇଛନ୍ତି । ଓଡ଼ିଶା ସରକାର ସହରର ସ୍ୱଚ୍ଛତା ବଜାୟ ରଖିବା ଏବଂ ଜଳ ନିଷ୍କାସନ ପଥକୁ ସଫା ରଖିବାରେ ସ୍ଥାନୀୟ ଓ୍ୱାର୍ଡ କମିଟି ଓ ନିର୍ବାଚିତ ପ୍ରତିନିଧିମାନଙ୍କ ସହ ସହଯୋଗ କରିବାକୁ ନାଗରିକମାନଙ୍କୁ ଆହ୍ୱାନ କରିଛନ୍ତି । ଏହି ସମନ୍ୱିତ ପ୍ରୟାସ ମାଧ୍ୟମରେ ମୌସୁମୀ-୨୦୨୬ ସମୟରେ ଏକ ସୁରକ୍ଷିତ ଓ ବନ୍ୟାମୁକ୍ତ ସହରାଞ୍ଚଳ ଗଠନ କରିବା ରାଜ୍ୟ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ମନ୍ତ୍ରୀ ଶ୍ରୀ ମହାପାତ୍ର କହିଛନ୍ତି ।

### ଇନଷ୍ଟାଗ୍ରାମ୍ ବିବାହର କରୁଣ ପରିଣତି

# ଗର୍ଭବତୀ ପ୍ରେମିକାକୁ ନିର୍ମମ ହତ୍ୟା, ପୋଲିସର ଛାନଭିନ

ହିଞ୍ଜିଳିକାଟୁ, (ସବ୍ୟୁ): ଗଞ୍ଜାମ ଜିଲ୍ଲାରେ ପୁଣି ଘଟିଛି ଆଉ ଏକ ଜଘନ୍ୟ ହତ୍ୟାକାଣ୍ଡ । ହିଞ୍ଜିଳି ଥାନା ତଥା ପଞ୍ଚାୟତ ଖରିଡ଼ା ଗ୍ରାମର ଏହି ବିଭତ୍ସ ହତ୍ୟାକାଣ୍ଡ ସମସ୍ତ ବର୍ବରତାର ସୀମା ଅତିକ୍ରମ କରିଛି । ପ୍ରେମରେ ପ୍ରତାରଣା ଓ ନ୍ୟାୟ ପାଇବା ଆଶାରେ ଜଣେ ମହିଳାଙ୍କୁ ନ୍ୟାୟ ଦେବା ବଦଳରେ ପ୍ରେମିକର ଭାଇ ଘର ବାରଣ୍ଡାରେ ଟାଙ୍ଗିଆରେ ଅତି ଅମାନୁଷିକ ଭାବେ ହାଣି ହତ୍ୟା କରିଛି । ମୃତ ମହିଳା ଜଣକ ଚାରି ମାସର ଗର୍ଭବତୀ ଥିବା ଜଣାପଡ଼ିଛି । ଖବର ପାଇ ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ଏମକେସିଜି ମେଡିକାଲକୁ ପଠାଇ ତଦନ୍ତକୁ ଜୋରଦାର କରିଛି । ମୃତ ମହିଳା ଜଣକ ହେଲେ ରମ୍ଭା ଥାନା ଅନ୍ତର୍ଗତ ଅଗସ୍ତି ନୂଆଁ ଗାଁର ପୂଜା ସ୍ୱାଇଁ । ସେ କେ. ଖରିଡା ଗ୍ରାମର ଚିଣ୍ଟୁ ଗୌଡଙ୍କୁ ଗତ ଦୁଇବର୍ଷ ତଳେ ପ୍ରେମ ବିବାହ କରିଥିଲେ । ମୃତା ପୂଜାଙ୍କ ଏକ ତିନି ବର୍ଷର କନ୍ୟା ସନ୍ତାନ ଥିବାବେଳେ ସେ ଗର୍ଭବତୀ ଥିବା ଜଣାପଡ଼ିଛି । ପୁଲିସ ଠାରୁ ନ୍ୟାୟ ପାଇବା ଆଶା ରଖି ଘର ସମ୍ମୁଖରେ ଧାରଣା ଦେଇଥିବା ବେଳେ ଜଘନ୍ୟ ହତ୍ୟାକାଣ୍ଡର ଶିକାର ହୋଇଥିବା ଜଣାପଡ଼ିଛି । ଏନେଇ ହିଞ୍ଜିଳି ଥାନା କେଶ ନଂ ୨୯୭/୨୬ ରେ ଏକ ମାମଲା ରୁଜୁ କରି ପୁଲିସ ଘଟଣାର ତଦନ୍ତ କରୁଛି । ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଆସିକା ଉପଖଣ୍ଡ ପୁଲିସ ଅଧିକାରୀ ସନ୍ତୋଷ କୁମାର ଜେନା ଓ ହିଞ୍ଜିଳି ଥାନା ଅଧିକାରୀ ଶ୍ରୀନିବାସ ସେଠୀଙ୍କ ତତ୍ତ୍ୱାବଧାନରେ ହତ୍ୟାକାଣ୍ଡର ଖୋଳତାଡ଼ ଜାରି ରଖିଛନ୍ତି । ସୂଚନା ମୁତାବକ ଗତ ଦୁଇ ବର୍ଷ ତଳେ ପୂଜା ସୋସିଆଲ ମିଡିଆ ପ୍ଲାଟଫର୍ମ ଇନଷ୍ଟାଗ୍ରାମ ଜରିଆରେ କେ. ଖରିଡା ଗ୍ରାମ ଲକ୍ଷ୍ମୀ ନାରାୟଣ ସାହିର ଚିଣ୍ଟୁ ଗୌଡକୁ ଭଲ ପାଇଥିଲେ । ଏହା ପରେ ଦୁହେଁ ମିଳାମିଶା କରିଥିଲେ । ପରେ କୌଣସି ଏକ ମନ୍ଦିରରେ ବିବାହ କରି ଗତ ଛଅ ମାସ ଧରି ପୁରୀରେ ଏକ ଭଡ଼ା ଘରେ ରହି ଆସୁଥିଲେ । ପନ୍ଦର ଦିନ ତଳେ ପରିବାର ଲୋକଙ୍କ ସହ ଦେଖା ସାକ୍ଷାତ କରିବାକୁ କହି ପ୍ରେମିକା ପୂଜାକୁ ବ୍ରହ୍ମପୁର ରେଳ ଷ୍ଟେସନରେ ଛାଡ଼ି ଦେଇ ପ୍ରେମିକ ଚିଣ୍ଟୁ କେଉଁ ଆଡେ ଚାଲି ଯାଇଥିଲେ । ପରେ ପୂଜା ନ୍ୟାୟ ପାଇବା ଆଶା ରଖି ହିଞ୍ଜିଳି ଥାନାରେ ଅଭିଯୋଗ କରିଥିଲେ । ସୋମବାର ସେ କେ. ଖରିଡା ଯାଇ ପ୍ରେମିକର ଘର ବାରଣ୍ଡାରେ ଧାରଣା ଦେଇଥିଲେ । ଏହା ପରେ ମଙ୍ଗଳବାର ଚିଣ୍ଟୁର ସାନ ଭାଇ ଲିଟୁ ଗର୍ଭବତୀ ଥିବା ପୂଜାଙ୍କୁ ଏକ ଟାଙ୍ଗିଆରେ ଚୋଟ ପରେ ଚୋଟ ମାରିଥିଲେ । ଫଳରେ ପୂଜାଙ୍କ ମୃତ୍ୟୁ ଘଟିଥିଲା । ଏହି ଘଟଣା ପରେ ହତ୍ୟାକାରୀକୁ ପୁଲିସ୍ ଧରି ହତ୍ୟାକାଣ୍ଡର କାରଣ, ପରିସ୍ଥିତି ଓ ଏହା ପଛରେ ଅନ୍ୟ କେଉଁ ମାନଙ୍କ ସମ୍ପୃକ୍ତି ରହିଛି ଏହା ଉପରେ ଅଧିକ ଖୋଳତାଡ଼ କରୁଛି ।

## ଅପରେସନ ମାତୃଶକ୍ତି, ନବଜାତକଙ୍କ ସମେତ ମହିଳାଙ୍କୁ ରେଳ ପ୍ରଶାସନର ସହଯୋଗ

ଜଟଣୀ, (ସବ୍ୟୁ) : ମଙ୍ଗଳବାର ବଡିଭୋର ପ୍ରାୟ ୪.୨୪ ମିନିଟରେ ଏସିଏନଏଲ କେୟୁଆର ରେଳ ମଦଦରୁ ସୂଚନା ମିଳିଥିଲା ଯେ ଟ୍ରେନ ନମ୍ବର ୦୫୫୫୨ରେ ଜଣେ ଗର୍ଭବତୀ ମହିଳା ପ୍ରସବ ଯନ୍ତ୍ରଣାରେ ପୀଡ଼ିତ ଅଛନ୍ତି । ଟ୍ରେନଟି ୦୫.୦୧ ମିନିଟ ରେ ଖୋର୍ଦ୍ଧାରୋଡ ରେଳ ଷ୍ଟେସନର ପ୍ଲାଟଫର୍ମ-୦୩ରେ ପହଞ୍ଚିବା ପରେ ପୂର୍ବରୁ ପ୍ରସ୍ତୁତ ଥିବା ଆରପିଏଫ ଏସଆଇ ସିଏଚ ମହେଶ, ଏଏସଆଇ ଆରଏନ ପୁର୍ତ୍ତୀ ଏବଂ ଏଲସି ସୁଜାତା ସ୍ୱାଇଁ ଓ ଚିକିତ୍ସା କର୍ମୀ ଏବଂ ବାଣିଜ୍ୟିକ କର୍ମଚାରୀଙ୍କ ସହ ଘଟଣାସ୍ଥଳରେ ପହଞ୍ଚିଥିଲେ । ହେଲେ ଟ୍ରେନ ପହଞ୍ଚିବା ପୂର୍ବରୁ ହିଁ ଗର୍ଭବତୀ ମହିଳା ଟ୍ରେନ ଭିତରେ ଜଣେ କନ୍ୟା ସନ୍ତାନକୁ ଜନ୍ମ ଦେଇସାରିଥିଲେ । ଡିଆରଏଚ/କେୟୁଆର ଡାକ୍ତର ସିଜେରିଆନ ପ୍ରକ୍ରିୟା ସମ୍ପାଦନ କରି ସ୍ଥାନୀୟ ସରକାରୀ ହସ୍ପିଟାଲକୁ ପଠାଇଥିଲେ । ନବଜାତ କନ୍ୟା ଏବଂ ତାଙ୍କ ମାଆ ବୀଣା ପରମାଣିକ ପାତ୍ର (୨୬ ବର୍ଷ), ସ୍ୱାମୀ ରଞ୍ଜନ ପାତ୍ରଙ୍କ ଘର ଆଗରାରା, ପଶ୍ଚିମ ମେଦିନୀପୁର । ଉଭୟ ମା ଓ ଶିଶୁ ପୁତ୍ରୀ ସୁସ୍ଥ ଥିବା ରେଳବାଇ ସୂତ୍ରରୁ ପ୍ରକାଶ ।

### ବରିଷ୍ଠତାକୁ ନେଇ ବିବାଦ

# କ୍ୟାଡରରେ ଯୋଗଦେବା ତାରିଖ ହିଁ ବରିଷ୍ଠତା ର ମୁଖ୍ୟ ଆଧାର: ହାଇକୋର୍ଟ

କଟକ, (ସବ୍ୟୁ): ଓଡ଼ିଶା ପ୍ରଶାସନିକ ସେବା(ଓଏଏସ)ରେ ପଦୋନ୍ନତିପ୍ରାପ୍ତ ତଥା ଓଆରଏସରୁ ଓଏଏସ୍‌କୁ ପଦୋନ୍ନତି ପାଇଥିବା ଅଧିକାରୀମାନେ ବରିଷ୍ଠ ନା ସିଧାସଳଖ ଭାବେ ନିଯୁକ୍ତ ପାଇଥିବା ଅଧିକାରୀମାନେ ବରିଷ୍ଠ ଏହାକୁ ନେଇ ଲାଗି ରହିଥିବା ବିବାଦରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ଓଡ଼ିଶା ହାଇକୋର୍ଟ । ଅଦାଲତ କହିଛନ୍ତି ଯେ, ୨୦୧୧ ଓଡ଼ିଶା ପ୍ରଶାସନିକ ସେବା ନିୟମାବଳୀ ଅନୁଯାୟୀ, କ୍ୟାଡରରେ ଯୋଗଦେବା ତାରିଖ ହିଁ ବରିଷ୍ଠତା ନିର୍ଦ୍ଧାରଣ ପାଇଁ ମୁଖ୍ୟ ଆଧାର । ଏହି ଆଧାରରେ ପଦୋନ୍ନତିପ୍ରାପ୍ତ ଅଧିକାରୀମାନେ ବରିଷ୍ଠତା ବଜାୟ ରଖିବେ । ଓଆରଏସରୁ ପଦୋନ୍ନତି ପାଇ ଓଏଏସ୍ ହୋଇଥିବା ଅଧିକାରୀମାନେ, ସିଧାସଳଖ ନିଯୁକ୍ତି ପାଇଥିବା ଓଏଏସ୍ ଅଧିକାରୀଙ୍କ ପୂର୍ବରୁ ଅର୍ଥାତ ୨୦୧୫ ଅକ୍ଟୋବର ୧୭ରେ ଓଏଏସ ଗ୍ରୁପ-ଏ କ୍ୟାଡରରେ ଯୋଗ ଦେଇଛନ୍ତି । ତେଣୁ ସେମାନଙ୍କୁ ସିଧାସଳଖ ନିଯୁକ୍ତ ଅଧିକାରୀଙ୍କ ଉପରେ ବରିଷ୍ଠତାକୁ ବିଚାର କରାଯିବ । ପଦୋନ୍ନତିପ୍ରାପ୍ତ ଅଧିକାରୀମାନେ ପୂର୍ବରୁ କ୍ୟାଡରରେ ଯୋଗ ଦେଇଥିବାରୁ ସେମାନଙ୍କୁ ବରିଷ୍ଠତାରୁ ବଞ୍ଚିତ କରାଯାଇ ପାରିବ ନାହିଁ ବୋଲି ହାଇକୋର୍ଟ ଏହି ପରିପ୍ରେକ୍ଷୀରେ ସ୍ପଷ୍ଟ କରିଛନ୍ତି । ହେମବନ୍ତୀ ପାତ୍ର ଏବଂ ଅନ୍ୟମାନଙ୍କ ପକ୍ଷରୁ ଆଗତ ମାମଲାର ଖାରଜ କରିବା ଅବସରରେ ହାଇକୋର୍ଟର ବିଚାରପତି ଜଷ୍ଟିସ୍ ବିରଜା ପ୍ରସନ୍ନ ଶତପଥୀ ଏହି ଆଦେଶ ଦେଇଛନ୍ତି । ରାଜ୍ୟ ସରକାର ୨୦୨୧ ନଭେମ୍ବର ୧୫ରେ ଏକ ନିର୍ଦ୍ଦେଶମାନା ଜାରି କରି ପଦୋନ୍ନତିପ୍ରାପ୍ତ (ଓଆରଏସ୍ ପ୍ରମୋଟି) ଅଧିକାରୀମାନଙ୍କୁ ସିଧାସଳଖ ନିଯୁକ୍ତ ଅଧିକାରୀମାନଙ୍କ ଉପରେ ବରିଷ୍ଠ ବୋଲି କହିଥିଲେ । ଏହାକୁ ବିରୋଧ କରି ସିଧାସଳଖ ନିଯୁକ୍ତ ପାଇଥିବା ଅଧିକାରୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇ ୨୦୧୯ ମସିହାରେ ପ୍ରକାଶିତ ଚୂଡ଼ାନ୍ତ ଗ୍ରେଡେସନ୍ ତାଲିକାକୁ ବଜାୟ ରଖିବାକୁ ଦାବି କରିଥିଲେ । ସେମାନଙ୍କର ଯୁକ୍ତିଥିଲା ଯେ, ୨୦୧୧ ନିଯୁକ୍ତି ବର୍ଷ ଆଧାରରେ ସେମାନଙ୍କୁ ବରିଷ୍ଠ ଘୋଷଣା କରାଯାଉ । କାରଣ ସେମାନଙ୍କର ନିଯୁକ୍ତି ପ୍ରକ୍ରିୟା ୨୦୧୧ ମସିହାରୁ ଆରମ୍ଭ ହୋଇଥିଲା । ଅନ୍ୟପକ୍ଷରେ ପଦୋନ୍ନତିପ୍ରାପ୍ତ ଅଧିକାରୀମାନେ ନିଜର କ୍ୟାଡରରେ ଯୋଗଦେବା ତାରିଖ ଆଧାରରେ ବରିଷ୍ଠତା ଦାବି କରୁଥିଲେ । ଅଦାଲତ ଉଭୟପକ୍ଷଙ୍କ ଯୁକ୍ତିକୁ ଶୁଣିବା ପରେ ହାଇକୋର୍ଟ ସିଧାସଳଖ ନିଯୁକ୍ତ ଅଧିକାରୀଙ୍କ ଆବେଦନକୁ ଖାରଜ କରିଦେଇଛନ୍ତି । ରାଜ୍ୟ ସରକାରଙ୍କ ନିଷ୍ପତ୍ତି ଠିକ୍ ବୋଲି ଗ୍ରହଣ କରିଛନ୍ତି ।

# ଡକାୟତି ଯୋଜନା ପଣ୍ଡ, ୫ ଡକାୟତ ଗିରଫ, ଖଣ୍ଡା, ଲୁହା ରଡ଼ ଜବତ

ପୁରୀ, (ସବ୍ୟୁ): ସୋମବାର ବିଳମ୍ବିତ ରାତ୍ରିରେ ସହରରେ ହେବାକୁ ଯାଉଥିବା ଏକ ବଡ ଧରଣର ଡକାୟତ ଉଦ୍ୟମ ଯୋଜନାକୁ ପଣ୍ଡ କରି ଦେଇଛି ସମୁଦ୍ର କୂଳ ଥାନା ପୋଲିସ । ଡକାୟତ ଉଦ୍ୟମ ପାଇଁ ଯୋଜନା ପ୍ରସ୍ତୁତି ଅଭିଯୋଗରେ ପୋଲିସ ପାଞ୍ଚ ଡକାୟତ ତଥା ହାର୍ଡ କୋର ଅପରାଧୀଙ୍କୁ ଭୂତ କୋଠି ଛକ ହାପି ହୋମ୍ ନିକଟରେ ଥିବା ଏକ ଭଗ୍ନ ଗୃହରୁ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ହୋଇ ଥିବା ଅଭିଯୁକ୍ତମାନେ ହେଲେ ସମୁଦ୍ର କୂଳ ଥାନା ଅଧିନ ପେଣ୍ଟକଟା ଭୂଦାନ ନଗରର ପ୍ରଦୀପ ପଣ୍ଡା (୩୬), ତାଳବଣିଆ ଥାନା ଅନ୍ତର୍ଗତ ପିକେଆରଆଇଟି କଲୋନୀର ବିଶାଲ ନାୟକ(୨୩), ପିଣ୍ଟୁ ଥାପା(୨୩), କୁମ୍ଭାରପଡ଼ା ଥାନା ଅଧିନ ରାମଚଣ୍ଡୀ ସାହି, ବାଲିଉପର ବସ୍ତିର କାବୁ ଓରଫ ପୂର୍ଣ୍ଣ ଚନ୍ଦ୍ର ପ୍ରଧାନ(୩୦) ଓ ଚନ୍ଦନପୁର ଥାନା ଅଧିନ ବିରବଳଭଦ୍ର ପୁର ଗ୍ରାମର ସୁରେଶ କୁମାର (୪୦) । ଅଭିଯୁକ୍ତ ଠାରୁ ଘଟଣା ସ୍ଥଳରୁ ପୋଲିସ ୩ ଗୋଟି ଖଣ୍ଡା, ୧ ଗୋଟି ଲୁହା ତାର କଟର ମେସିନ୍, ୧ ଗୋଟି ଛୁରୀ, ୧ ଗୋଟି ଲଙ୍କା ଗୁଣ୍ଡ ପ୍ୟାକେଟ, ୨ ଗୋଟି ବିଅର ବୋତଲ, ୧ ଗୋଟି ପ୍ଲାଷ୍ଟିକ ପଲିଥିନ୍ ଜବତ କରିଛି । ମଙ୍ଗଳବାର ଅପରାହ୍ନରେ ପୁରୀ ସିଟି ଡିଏସପିଙ୍କ କାର୍ଯ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇ ସିଟି ଡିଏସପି ରଶ୍ମି ରଞ୍ଜନ ମହାପାତ୍ର



କହି ଥିଲେ ଗତକାଲି ରାତ୍ରି ପେଟ୍ରୋଲିଙ୍ଗ ସମୟରେ ସମୁଦ୍ର କୂଳ ଥାନା ପୋଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା ଯେ ଭୂତ କୋଠି ଛକ ହାପିହୋମ୍ ନିକଟରେ ଥିବା ଏକ ଭଙ୍ଗା ଘରେ କେତେକ ଅସାମାଜିକ ଯୁବକ ସହରରେ କେଉଁଠି ଏକ ବଡ ଧରଣର ଅପରାଧ ଘଟାଇବା ପାଇଁ ମାରଣାସ୍ତ୍ର ସହ ଏକତ୍ରିତ ହୋଇ ଯୋଜନା ପ୍ରସ୍ତୁତି କରୁଛନ୍ତି । ଉକ୍ତ ତଥ୍ୟ ଅନୁସାରେ ସମୁଦ୍ର କୂଳ ଥାନା ପୋଲିସର ଏକ ସ୍ୱତନ୍ତ୍ର ଟିମ୍ ସେଠାରେ ଅତର୍କିତ ଭାବେ ଚଢ଼ାଉ କରି ଥିଲା । ଚଢ଼ାଉ ବେଳେ ଡକାୟତ ମାନେ ହାତରେ ଧରା ପଡି ଥିଲେ । ଏନେଇ ପୋଲିସ ସମୁଦ୍ର କୂଳ ଥାନାରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି । ଗିରଫ ହୋଇ ଅଭିଯୁକ୍ତଙ୍କ ନାମରେ ସହରର ବିଭିନ୍ନ ଥାନାରେ ସଙ୍ଗୀନ ଅପରାଧୀକ ମାମଲା ରହିଛି । ପ୍ରଦୀପ ନାମରେ ୨୧ ଗୋଟି ଅପରାଧିକ ମାମଲା ରହିଛି । ପିଣ୍ଟୁ ନାମରେ ୮ ଗୋଟି, ବିଶାଲ ନାମ ରେ ୪ ଗୋଟି, ପୂର୍ଣ୍ଣ ନାମରେ ୮ ଗୋଟି ମାମଲା ରହିଛି ।

# ଆରଟିଓ ମାନେ ସଡ଼କ ସୁରକ୍ଷାକୁ ପ୍ରାଧାନ୍ୟ ଦେଇ କାର୍ଯ୍ୟ କରନ୍ତୁ :ପରିବହନ କମିଶନର

କଟକ, (ସବ୍ୟୁ) : ସଡ଼କ ଦୁର୍ଘଟଣା ହ୍ରାସ ଉପରେ ପ୍ରାଧାନ୍ୟ ଦେଇଛନ୍ତି ସରକାର । ସଡ଼କ ସୁରକ୍ଷା କାର୍ଯ୍ୟକ୍ରମ ବ୍ୟାପକ କରିବାକୁ ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ନିର୍ଦ୍ଦେଶରେ ସମସ୍ତ ଉପ ପରିବହନ ଆୟୁକ୍ତ (ଡିସିଟି), ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ) ଓ ଅତିରିକ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଏଆରଟିଓ)ଙ୍କ ସହ ସମୀକ୍ଷା ବୈଠକ କରିଛନ୍ତି ପରିବହନ କମିସନର । ରାଜ୍ୟ ପରିବହନ ପ୍ରାଧିକରଣ କାର୍ଯ୍ୟାଳୟରେ ଅନୁଷ୍ଠିତ ଏହି ବୈଠକରେ ବରିଷ୍ଠ ଅଧିକାରୀମାନେ ସାମିଲ ହୋଇଥିବା ବେଳେ ଆଭାସୀ ଜରିଆରେ ଆରଟିଓମାନେ ଉପସ୍ଥିତ ଥିଲେ । ସଡ଼କ ଦୁର୍ଘଟଣା ହ୍ରାସ ପାଇଁ ନିଜ ନିଜ ଜିଲ୍ଲା ଅନୁଯାୟୀ ଆବଶ୍ୟକୀୟ ସମସ୍ତ ପଦକ୍ଷେପ ବ୍ୟାପକ ଭାବରେ ଗ୍ରହଣ କରିବାକୁ ସମସ୍ତ ଆରଟିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।




ପରିବହନ କମିସନର ଅମିତାଭ ଠାକୁର କହିଥିଲେ, ପ୍ରତିଦିନ ଯେଉଁଭଳି ସଡ଼କ ଦୁର୍ଘଟଣା ଘଟୁଛି, ଏହା ଏକ ଚିନ୍ତାଜନକ ସ୍ଥିତି ସୃଷ୍ଟି କରୁଛି । ଏହାକୁ ହ୍ରାସ କରିବା ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ସରକାରଙ୍କ ନିର୍ଦ୍ଦେଶ ରହିଛି । ତେଣୁ ସମସ୍ତ ଆରଟିଓଙ୍କୁ ଗ୍ରାଉଣ୍ଡ ଜିରୋରରେ ଏ ଦିଗରେ ବ୍ୟାପକ କାର୍ଯ୍ୟ କରିବାକୁ ହେବ । ଅନେକ ଗାଡ଼ି ଚାଳକ ସଡ଼କ ସୁରକ୍ଷା ନିୟମ ମାନୁନାହାନ୍ତି । ମନଇଚ୍ଛା ଗାଡ଼ି ଚଲାଉଛନ୍ତି । ଆଉ ନିଜ ସହ ଅନ୍ୟମାନଙ୍କ ଜୀବନ ମଧ୍ୟ ନେଇଯାଉଛନ୍ତି । ଏହାକୁ ରୋକିବାକୁ ହେଲେ ଯୋଜନା ଭିତ୍ତିରେ ଏନଫୋର୍ସମେଣ୍ଟ କରିବାକୁ ହେବ ବୋଲି ଶ୍ରୀ ଠାକୁର କହିଛନ୍ତି । ବିଶେଷକରି, ମଦ୍ୟପାନ କରି ଗାଡ଼ି ଚଲାଇବା, ମାଲବାହୀ ଗାଡ଼ିରେ ଯାତ୍ରୀ ନେବା, ରାଜପଥରେ ଅବୈଧ ପାର୍କିଂ କରିବା, ମନଇଚ୍ଛା ଗାଡ଼ିର ଆକାରରେ ପରିବର୍ତ୍ତନ କରି ଭାରସାମ୍ୟ ହରାଇବା, ଗାଡ଼ି ଚଲାଇବା ବେଳେ ମୋବାଇଲ ବ୍ୟବହାର କରିବା ଭଳି ନିୟମ ଉଲ୍ଲଙ୍ଘନକୁ ରୋକିବାକୁ ହେବ । ଏହା ବ୍ୟତୀତ ପ୍ରତି ଜିଲ୍ଲାସ୍ତରରେ ସଡ଼କ ସୁରକ୍ଷା ପାଇଁ ଯେଉଁ ଯେଉଁ ଆହ୍ୱାନ ରହିଛି, ପ୍ରତି ବିଭାଗର ସମନ୍ୱୟ ତଥା ଜିଲ୍ଲା ପ୍ରଶାସନର ସହଯୋଗରେ ଏହାର ସମାଧାନ କରିବାକୁ ହେବ ।

ତେବେ କେବଳ ରେଗୁଲେଟର୍ ବା ନିୟନ୍ତ୍ରକ ଭୂମିକା ନିର୍ବାହ ନୁହେଁ, ଏଜୁକେଟର୍ ଭାବରେ ମଧ୍ୟ ଆଞ୍ଚଳିକ ପରିବହନ ଅଧିକାରୀଙ୍କୁ ଦାୟିତ୍ୱ ନେବାକୁ ହେବ । ଜନସାଧାରଣଙ୍କ ମଧ୍ୟରେ ନିୟମ ଉଲ୍ଲଘଂନ ଓ ଏହାର ଭୟାବହତା ସଂପର୍କରେ ସଚେତନତା ସୃଷ୍ଟି କରିବାକୁ ହେବ । ଏଥିପାଇଁ ଅଧିକରୁ ଅଧିକ ସଚେତନ ନାଗରିକଙ୍କ ସହଯୋଗ ନେଇ ସଡ଼କ ସୁରକ୍ଷାକୁ ଏକ ଅଭିଯାନ ଭାବରେ ଗ୍ରହଣ କରିବାକୁ ସେ କହିଛନ୍ତି । ଏହି ଅବସରରେ ସଡ଼କ ସୁରକ୍ଷା କ୍ଷେତ୍ରରେ ବିଭାଗ ଦ୍ୱାରା ନିଆଯାଇଥିବା ବିଭିନ୍ନ ପଦକ୍ଷେପ ଓ ପରବହନ କ୍ଷେତ୍ରରେ ସଂସ୍କାର ସଂପର୍କରେ ମଧ୍ୟ ପରିବହନ ଆୟୁକ୍ତ ସୂଚନା ପ୍ରଦାନ କରିଥିଲେ । ବିଶେଷକରି, ଡ୍ରାଇଭିଂ ଲାଇସେନ୍ସ ପ୍ରଦାନରେ ସଂସ୍କାର, ଗାଡ଼ିର ଫିଟନେସରେ ସ୍ୱଚ୍ଛତା ଓ ବେପରୁଆ ଗାଡ଼ି ଚାଳକଙ୍କୁ ବୈଷୟିକ ଜ୍ଞାନକୌଶଳର ବ୍ୟବହାର କରି ନିୟନ୍ତ୍ରଣ କରିବା ଦିଗରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା । ଯାତ୍ରୀବାହି ଯାନ ଗୁଡ଼ିକ ଯେପରି ଯାତ୍ରୀ ସୁରକ୍ଷାକୁ ସର୍ବୋଚ୍ଚ ପ୍ରାଥମିକତା ଦେବେ ଏ କ୍ଷେତ୍ରରେ ଆରଟିଓମାନେ କଡ଼ା ନଜର ରଖିବେ । ଏହାସହ, ବାରମ୍ବାର ଦୁର୍ଘଟଣା ଘଟୁଥିବା ସ୍ଥାନର ଉଚିତ୍ ସମୀକ୍ଷା କରି ସୁଧାର ଦିଗରେ ପ୍ରୟାସ କରିବାକୁ କୁହାଯାଇଛି ।

## ସୂର୍ଯ୍ୟ ମନ୍ଦିର ପରିଦର୍ଶନ କଲେ ନୂଆଦିଲ୍ଲୀ ସ୍ଥିତ ମିଳିତ ଜାତିସଂଘ ସଂଯୋଜକ

କୋଣାର୍କ, (ସବ୍ୟୁ): ସୋମବାର ଅପରାହ୍ନରେ ନୂଆଦିଲ୍ଲୀ ସ୍ଥିତ ମିଳିତ ଜାତିସଂଘ ଆବାସିକ କାର୍ଯ୍ୟାଳୟରେ ନିଯୁକ୍ତ ସଂଯୋଜକ ବିଶ୍ୱ ଐତିହ୍ୟ ସୂର୍ଯ୍ୟ ମନ୍ଦିର ଓ ବ୍ୟାଖ୍ୟାନ କେନ୍ଦ୍ର କେନ୍ଦ୍ର ପରିଦର୍ଶନ କରିଥିବା ଜଣାପଡିଛି । ନୂଆଦିଲ୍ଲୀ ଠାରେ ଅବସ୍ଥାପିତ ମିଳିତ ଜାତିସଂଘର ସଂଯୋଜକ ଷ୍ଟିଫାନ ପ୍ରିଇସନର ସୂର୍ଯ୍ୟ ମନ୍ଦିର ମୁଖ୍ୟ ଫାଟକ ସମ୍ମୁଖରେ ପହଞ୍ଚିବା ପରେ କୋଣାର୍କ ପର୍ଯ୍ୟଟନ ଅଧିକାରୀ ମାମିନି ପରିଡା ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧନା ପ୍ରଦାନ କରିଥିଲେ । ପରେ ପରେ ମିଳିତ ଜାତିସଂଘ ନୂଆଦିଲ୍ଲୀ ଠାରେ ନିଯୁକ୍ତ ସଂଯୋଜକ ଶ୍ରୀଯୁକ୍ତ ପ୍ରିଇସନର ସୂର୍ଯ୍ୟ ମନ୍ଦିର ପରିଦର୍ଶନ କରିଥିଲେ । ସରକାରୀ ସ୍ୱୀକୃତି ପ୍ରାପ୍ତ ଗାଇଡ ବିଶେଶର ଦାସ ଆମେରିକା ଦୂତାବାସର ସଂଯୋଜକଙ୍କୁ କୋଣାର୍କ ସୂର୍ଯ୍ୟ ମନ୍ଦିରର ଐତିହ୍ୟ, ସ୍ଥାପତ୍ୟ, ଭାସ୍କର୍ଯ୍ୟ, ସଂସ୍କୃତି, କଳାକୃତି ଓ ଇତିହାସ ସଂପର୍କରେ ପୁଙ୍ଖାନୁପୁଙ୍ଖ ଅବଗତ କରାଇଥିଲେ ।

### ଗ୍ରୀଷ୍ମ ଲହରୀ ଲାଗି ସତର୍କତା ଜାରି

# ଭତ୍ତା ହିତାଧିକାରୀଙ୍କ ପାଇଁ ମାର୍ଗଦର୍ଶିକା

- ବୟୋଜ୍ୟେଷ୍ଠ, ଭିନ୍ନକ୍ଷମ ନାଗରିକଙ୍କୁ ଘରେ ଭତ୍ତା ବଣ୍ଟନ
- ପାନୀୟ ଜଳ, ଓଆରଏସ, ପ୍ରାଥମିକ ଚିକିତ୍ସା ବ୍ୟବସ୍ଥା କର

ଭୁବନେଶ୍ୱର(ସବ୍ୟୁ): ରାଜ୍ୟର ବିଭିନ୍ନ ଜିଲ୍ଲାରେ ଜାରି ରହିଥିବା ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ଆସନ୍ତା ୧୫ ତାରିଖରେ ହେବାକୁ ଥିବା ଭତ୍ତା ବଣ୍ଟନ ଲାଗି ନିର୍ଦ୍ଦେଶାବଳୀ ଜାରି କରାଯାଇଛି । ମଧୁବାବୁ ପେନସନ ଯୋଜନା ଅଧୀନରେ ମାସିକ ଭତ୍ତା ପାଉଥିବା ସମସ୍ତ ହିତାଧିକାରୀଙ୍କ ପାଇଁ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ପକ୍ଷରୁ ଏହି ମାର୍ଗଦର୍ଶିକା ଦିଆଯାଇଛି ।

ସମସ୍ତ ଭତ୍ତା ବଣ୍ଟନ କେନ୍ଦ୍ରରେ ପର୍ଯ୍ୟାପ୍ତ ପାନୀୟ ଜଳ, ଓଆରଏସ ପ୍ୟାକେଟ ଏବଂ ପ୍ରାଥମିକ ଚିକିତ୍ସା କିଟର ଉପଲବ୍ଧତା ନିଶ୍ଚିତ କରିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି । ବୟୋଜ୍ୟେଷ୍ଠ ନାଗରିକ, ଭିନ୍ନକ୍ଷମ ଏବଂ ସ୍ୱାସ୍ଥ୍ୟଗତ ସମସ୍ୟା ଥିବା ହିତାଧିକାରୀମାନଙ୍କୁ ସେମାନଙ୍କ ଘରେ ସିଧାସଳଖ ଭତ୍ତା ପହଞ୍ଚାଇବା ପାଇଁ ମଧ୍ୟ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି ।

ଯଉଁ ହିତାଧିକାରୀମାନେ ଭତ୍ତା ବଣ୍ଟନ କେନ୍ଦ୍ରକୁ ଆସିବାକୁ ଚାହୁଁଛନ୍ତି, ସେମାନଙ୍କୁ ଗ୍ରୀଷ୍ମ ପ୍ରବାହରୁ ରକ୍ଷା ପାଇବା ପାଇଁ ନିଜ ସାଥିରେ ଛତା, ଜୋତା ଏବଂ ପାଣି ବୋତଲ ଆଣିବାକୁ କୁହାଯାଇଛି । ଯଦି ହିତାଧିକାରୀ ଅସୁସ୍ଥ କିମ୍ବା କ୍ଲାନ୍ତ ଅନୁଭବ କରନ୍ତି, ତେବେ ତୁରନ୍ତ କୌଣସି ଛାଇ ଜାଗାରେ ବିଶ୍ରାମ ନିଅନ୍ତୁ । ଏହିସବୁ କାର୍ଯ୍ୟର ଦତାରଖ ଲାଗି ପ୍ରଶାସନକୁ ନିର୍ଦ୍ଦେଶ ଦିଆଯାଇଛି ।

## ଗୋଟିଏ ପୃଥିବୀ ଗୋଟିଏ ସ୍ୱାସ୍ଥ୍ୟ

# ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗଦିବସର ଅବଗଣନା

କଟକ, (ସ୍ୱପ୍ର) : ଯୋଗ ହେଉଛି ସମଗ୍ର ମାନବ ସମାଜର ସ୍ୱାସ୍ଥ୍ୟ ସୁରକ୍ଷାକାରୀ ଗୋଟିଏ ଅଭ୍ୟାସ । ଗୋଟିଏ ପୃଥିବୀ ଗୋଟିଏ ସ୍ୱାସ୍ଥ୍ୟ ପାଇଁ ଯଦି କାହାର ସର୍ବାଧିକ ଭୂମିକା ଥାଏ, ତେବେ ସିଏ ହେଉଛି ଯୋଗ । ଏହା ସମଗ୍ର ପୃଥିବୀ ଓ



ମାନବ ସମାଜର ସାମଗ୍ରିକ ସ୍ୱାସ୍ଥ୍ୟ ନିମନ୍ତେ ନିଶ୍ଚିତ ଭାବରେ ଏକ ଅବ୍ୟର୍ଥ ମହୌଷଧି । ଆସନ୍ତା ଜୁନ୍ ୨୧ ତାରିଖ ପାଳନ ହେବାକୁ ଥିବା ଆନ୍ତର୍ଜତିକ ଯୋଗ ଦିବସର ଅବ୍ୟବହିତ ପୂର୍ବରୁ ଦେଶବ୍ୟାପୀ ୧୦୦ ଦିନିଆ ଅବଗଣନା କାର୍ଯ୍ୟକ୍ରମ (କାଉଣ୍ଟଡାଉନ୍) ପରିପ୍ରେକ୍ଷୀରେ ସ୍ଥାନୀୟ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟରେ ମଙ୍ଗଳବାର ୪୭ତମ ଦିନ ଅବଗଣନା କାର୍ଯ୍ୟକ୍ରମ ଅନ୍ତର୍ଗତ ଏକ ବିଶାଳ ଯୋଗ ମହୋତ୍ସବରେ ଯୋଗଦେଇ ବିଶ୍ୱବିଦ୍ୟାଳୟର କାର୍ମିକ ନିର୍ଦ୍ଦେଶକ ସ୍ୱାମୀ ସତ୍ୟଚୈତନ୍ୟ ନିଜ ବକ୍ତବ୍ୟରେ ଏକଥା କହିଛନ୍ତି । ଅନ୍ତର୍ଜାତୀୟ ଯୋଗ ଦିବସ-୨୦୨୬ପାଇଁ ଅବଗଣନା କାର୍ଯ୍ୟକ୍ରମର ଅଂଶ ଭାବରେ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଭାରତ ସରକାରଙ୍କ ଆୟୁଷ ମନ୍ତ୍ରାଳୟ ଅଧୀନସ୍ଥ ମୋରାରଜୀ ଦେଶାଇ ଜାତୀୟ ଯୋଗ ସଂସ୍ଥା ସହଯୋଗରେ "ଯୋଗ ମହୋତ୍ସବ-୨୦୨୬' ନାମକ ଏହି କାର୍ଯ୍ୟକ୍ରମ ଆୟୋଜନ କରିଥିଲା । ୨୦୨୬ ର ଆୟୋଜନ କିଭଳି ମିଳିତ ଜାତିସଂଘର ୧୭ ସ୍ଥାୟୀଓ ନିରନ୍ତର ବିକାଶ ଲକ୍ଷ୍ୟ ପ୍ରାପ୍ତି ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ, ସେ ଦିଗରେ କାର୍ଯ୍ୟକ୍ରମ ହାତକୁ ନିଆଯାଉଛି । ଏଥିସହ ବିଶେଷକରି ସ୍ୱାସ୍ଥ୍ୟ, ଶିକ୍ଷା, ଲିଙ୍ଗଗତ ସମାନତା ଏବଂ ଜଳବାୟୁ କାର୍ଯ୍ୟ ଭଳି କ୍ଷେତ୍ରଗୁଡ଼ିକ ସହିତ ଯୋଗର ସମ୍ପୃକ୍ତିକୁ ସାର୍ବଜନୀନ କରିବା ମଧ୍ୟ ହେଉଛି ଏହି ଦିବସ ପାଳନର ଲକ୍ଷ୍ୟ । କାର୍ଯ୍ୟକ୍ରମରେ ଆଡମିନ୍ ଅଧିକାରୀ ସୌରଭ ବାଓ୍ୱେଜା ଏବଂ ଯୋଗ ସହକାରୀ ପ୍ରାଧ୍ୟାପକ ଡ. ପ୍ରାଗ୍ ଭରଦ୍ୱାଜଙ୍କ ଦ୍ୱାରା ଆହୂତ ୪୦ ମିନିଟର ଯୋଗ ଅଧିବେଶନରେ ଏନଡିଆରଏଫ୍, ସିଆରପିଏଫ୍ ଏବଂ ସିଆଇଏସଏଫରୁ ୩୦୦ ଜଣ ପ୍ରଶିକ୍ଷାର୍ଥୀ ଭାଗ ନେଇଥିଲେ । ଏଥିସହ ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟର ୨୦୦ ବିଦ୍ୟାର୍ଥୀ, ପ୍ରାଧ୍ୟାପକ ଓ କର୍ମଚାରୀଙ୍କୁ ମିଶାଇ ସମୁଦାୟ ୫୦୦ରୁ ଅଧିକ ପ୍ରଶିକ୍ଷାର୍ଥୀ ଉପସ୍ଥିତ ଥିଲେ । ଯୋଗ ବିଜ୍ଞାନ କାର୍ଯ୍ୟକ୍ରମର ଶିକ୍ଷାର୍ଥୀମାନେ ବିଭିନ୍ନ ଯୋଗମୁଦ୍ରା ପ୍ରଦର୍ଶନ କରିଥିଲେ । ଗୁରୁଦେବ ଶ୍ରୀଶ୍ରୀ ରବିଶଙ୍କରଙ୍କ ଧ୍ୟାନ ମାର୍ଗଦର୍ଶନରେ କାର୍ଯ୍ୟକ୍ରମଟି ସମାପନ ହୋଇଥିଲା ।

# ଚୋରି ମାମଲାରେ ୫ ଗିରଫ, ୨୪ ମୋବାଇଲ ଜବତ

ଭୁବନେଶ୍ୱର, (ସବ୍ୟୁ) : ଦୁଇଟି ମୋବାଇଲ ଦୋକାନ ଚୋରି ମାମଲାରେ ଦୁଇଟି ଥାନାରେ ଦୁଇଟି ମାମଲା ହୋଇଥିଲା । ସେହି ଦୁଇ ମାମଲାରେ ପୋଲିସ ୫ଜଣଙ୍କୁ ଗିରଫ କରିବା ସହ ତାଙ୍କ ନିକଟରୁ ୨୪ ମୋବାଇଲ, ଗୋଟିଏ ଡ୍ରୋନ୍, ୬ ଇୟର ଫୋନ୍, ମୋବାଇଲ ଆସେସେରି, ଦୁଇଟି ଚୋରା ବାଇକ୍ ଓ ଘର ତାଡିବା ଯନ୍ତ୍ରପଟା ଜବତ କରାଯାଇଥିବା ସାମ୍ବାଦିକ ସମ୍ମିଳନୀରେ ଡିସିପି ଜଗମୋହନ ମିନା କହିଛନ୍ତି । ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଏକ ମୋବାଇଲ ଦୋକାନ ଆଜବେଷ୍ଟସ୍ ଭାଙ୍ଗି ଭିତରକୁ ପଶିବା ପରେ ମୋବାଇଲ ଓ ଅନ୍ୟାନ୍ୟ ବହୁ ସରଞ୍ଜାମ ଲୁଟି ନେଇଥିଲେ ଦୁର୍ବୃତ୍ତ । ସେହିପରି ଲକ୍ଷ୍ମୀସାଗର ଥାନା ଅଞ୍ଚଳର ଆଉ ଏକ ମୋବାଇଲ ଦୋକାନରୁ ମୋବାଇଲ ଓ ଡ୍ରୋନ୍ ପ୍ରଭୃତି ଚୋରି ହୋଇଥିଲା । ଦୁଇଟିଯାକ ମାମଲାର ତଦନ୍ତ ଭିନ୍ନ ଭିନ୍ନ ଭାବେ ଦୁଇ ଥାନାର ତଦନ୍ତକାରୀ ଅଫିସର କରୁଥିବା ବେଳେ ଲକ୍ଷ୍ମୀସାଗର ଥାନା ପୋଲିସ ଏକ ନାବାଳକ ଚୋରି ର୍ୟାକେଟ୍‌ର ସନ୍ଧାନ ପାଇଥିଲା । ୬ଜଣଙ୍କୁ ଗିରଫ କରାଯାଇଥିବା ବେଳେ ୫ଜଣ ନାବାଳକ । ଜଣକ ବୟସ ୧୯ବର୍ଷ, ତା'ର ନାଁ ଆଦିତ୍ୟ ସାହୁ ଓରଫ ଆଦି । ଏମାନେ କେବଳ ମୋବାଇଲ ଦୋକାନ ନୁହେଁ ବିଭିନ୍ନ ପ୍ରକାର ଚୋରିରେ ସାମିଲ ଅଛନ୍ତି । କେହି ନଥିବା ଘର ତାଡି ଭିତରକୁ ପଶିବା ପରେ ସୁନା ଗହଣାଠାରୁ ଆରମ୍ଭ କରି ବିଭିନ୍ନ ଇଲେକ୍ଟ୍ରୋନିକ୍ସ ଜିନିଷ ଚୋରି କରନ୍ତି । ଏଥିସହ ବାଇକ୍ ଚୋରି ମଧ୍ୟ କରନ୍ତି ବୋଲି ଡିସିପି କହିଛନ୍ତି । ସେମାନେ ବ୍ୟବହାର କରୁଥିବା ଦୁଇଟି ଚୋରା ବାଇକ୍ ପୋଲିସ ଜବତ କରିଛି । ଏମାନଙ୍କୁ କୋର୍ଟଚାଲାଣ କରାଯିବା ସହ ଜବତ ମୋବାଇଲ ଫୋନ୍, ବାଇକ୍ ମାଲିକମାନଙ୍କୁ ଦିଆଯିବ ବୋଲି ପୋଲିସ କହିଛି । ଗିରଫ ୬ଜଣଙ୍କ ନାଁରେ ପୂର୍ବରୁ ମଞ୍ଚେଶ୍ୱର, ଏୟାରଫିଲ୍ଡ, ଲକ୍ଷ୍ମୀସାଗର ଥାନା ଅଞ୍ଚଳରେ ପ୍ରାୟ ୭ଟି ମାମଲା ରହିଛି । ସେଥିମଧ୍ୟରୁ ଚାରୋଟି ମାମଲା ମଞ୍ଚେଶ୍ୱର ଥାନା ଅଞ୍ଚଳରେ ଥିବା ଡିସିପି ଜଗମୋହନ ମିନା କହିଛନ୍ତି ।

## ନୂଆଦିଲ୍ଲୀରେ ଆଇଆଇଟି ମାଡ୍ରାସର 'ଟେକ୍ନୋଲୋଜି ସମିଟ୍ -୨୦୨୬'

# ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍ : ଧର୍ମେନ୍ଦ୍ର

ଭୁବନେଶ୍ୱର (ସବ୍ୟୁ): ଲୋକଙ୍କ ସମସ୍ୟା ଦୂର କରିବା ହିଁ ପ୍ରକୃତ ଇନୋଭେସନ୍ । କାଗଜପତ୍ର, ପେଟେଣ୍ଟ କିମ୍ବା ଆଇପିଓ ମାଧ୍ୟମରେ ପ୍ରଗତିକୁ ମାପିବାର ସମୟ ଏବେ ଶେଷ ହୋଇଛି ବୋଲି ଆଜି ଆଇଆଇଟି ମାଡ୍ରାସର 'ଟେକ୍ନୋଲୋଜି ସମିଟ୍ -୨୦୨୬' କୁ ଉଦ୍‌ଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ନୂଆଦିଲ୍ଲୀ ସ୍ଥିତ ଭାରତ ମଣ୍ଡପମ୍ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶ୍ରୀ ପ୍ରଧାନ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସରକାର ଗବେଷଣା, ବିକାଶ(ଆର ଆଣ୍ଡ ଡି) ଏବଂ ନବାଚାର ପାଇଁ ୧ ଲକ୍ଷ କୋଟି ଟଙ୍କାର ପାଣ୍ଠି ତିଆରି କରିଛନ୍ତି । ବର୍ତ୍ତମାନ ଦେଶରେ ସରକାର ଗବେଷଣାକୁ




ବିଶେଷ ଭାବରେ ପ୍ରୋତ୍ସାହନ ଦେଉଛନ୍ତି । ତେବେ ଆଗାମୀ ଦିନରେ ଶିକ୍ଷା ସଂସ୍ଥା ଏବଂ ସରକାରଙ୍କ ମଧ୍ୟରେ ଭାଗିଦାରୀ ରହିଲେ ହିଁ ଭାରତର ଇନୋଭେସନ ବ୍ୟବସ୍ଥା ଆନ୍ତର୍ଜାତୀୟ ସ୍ତରର ହୋଇପାରିବ ବୋଲି ସେ କହିଛନ୍ତି । କେନ୍ଦ୍ର ଶିକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଆଇଆଇଟି ମାଡ୍ରାସ ଦ୍ୱାରା 'ଇନଷ୍ଟିଚ୍ୟୁଟ୍ ଅଫ୍ ଏମିନେନ୍ସ' (ଆଇଓଇ) ଢାଞ୍ଚା ଅଧୀନରେ ପ୍ରତିଷ୍ଠିତ ୧୫ଟି ଉତ୍କର୍ଷ କେନ୍ଦ୍ରର ଗବେଷଣା ଭିତ୍ତିଭୂମି ଉପରେ ଆଧାରିତ । ଏଠାରେ ସ୍ୱାସ୍ଥ୍ୟସେବା ଏବଂ ସ୍ଥାୟୀ ବିକାଶ ଠାରୁ ଆରମ୍ଭ କରି ସେମିକଣ୍ଡକ୍ଟର, ଉର୍ଜା ଏବଂ ଅତ୍ୟାଧୁନିକ ସାମଗ୍ରୀ ପର୍ଯ୍ୟନ୍ତ ସାମାଜିକ ଆହ୍ୱାନଗୁଡ଼ିକର ସିଧାସଳଖ ସମାଧାନ କରୁଥିବା ପ୍ରଯୁକ୍ତିବିଦ୍ୟାଗୁଡ଼ିକୁ ପ୍ରଦର୍ଶିତ କରାଯାଉଛି । "ଫର୍ମ ଆଇଆଇଟିଏମ ଫର୍ ଭାରତ. ବିଲ୍ଡିଂ ଟୁଗେଦର" ଶୀର୍ଷକ ବିଷୟବସ୍ତୁ ବାସ୍ତବରେ ଆତ୍ମନିର୍ଭର ଭାରତକୁ ପ୍ରତିଫଳିତ କରୁଛି । ସେ ଆହୁରି କହିଛନ୍ତି ଯେ, ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ରାଷ୍ଟ୍ର ହେବା ସହ ବିଶ୍ୱର ପ୍ରଗତିଶୀଳ ରାଷ୍ଟ୍ର ବା 'ଗ୍ଲୋବାଲ ସାଉଥ୍' ପାଇଁ ଏକ ମଡେଲ ସାଜିବ । ଏଥିପାଇଁ ଆମର ଉଚ୍ଚଶିକ୍ଷା ଅନୁଷ୍ଠାନଗୁଡ଼ିକୁ ସେମାନଙ୍କ ଗବେଷଣାକୁ ବ୍ୟବସାୟିକ ଭାବେ ସଫଳ ଓ ସାମାଜିକ ଭାବେ ଗ୍ରହଣୀୟ କରିବାକୁ ପଡ଼ିବ । ଏହି ସମ୍ମିଳନୀରେ କେନ୍ଦ୍ର ଦକ୍ଷତା ବିକାଶ ଓ ଉଦ୍ୟମିତା ମନ୍ତ୍ରୀ ଶ୍ରୀ ଜୟନ୍ତ ଚୌଧୁରୀ, ଆଇଆଇଟି ମାଡ୍ରାସର ନିର୍ଦ୍ଦେଶକ ପ୍ରଫେସର ଭି. କାମାକୋଟି, ଶିକ୍ଷା ସଚିବ ଏବଂ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ । ପରିଶେଷରେ ମନ୍ତ୍ରୀ ସମ୍ମିଳନୀ ପରିସରରେ ଆୟୋଜିତ ଏକ ବୃହତ ପ୍ରଯୁକ୍ତିବିଦ୍ୟା ପ୍ରଦର୍ଶନୀକୁ ବୁଲି ଦେଖିବା ସହ ଯୁବ ଗବେଷକମାନଙ୍କୁ ଉତ୍ସାହିତ କରିଥିଲେ ।

# ଖୋର୍ଦ୍ଧା ଜିଲ୍ଲା ବିଜେଡି ସଭାପତି ହେଲେ ରାଜେନ୍ଦ୍ର କୁମାର ସାହୁ

ଖୋର୍ଦ୍ଧା, (ସବ୍ୟୁ): ବିଜୁ ଜନତା ଦଳ ର ସୁପ୍ରିମୋ ନବୀନ ପଟ୍ଟନାୟକ ଆଜି ଖୋର୍ଦ୍ଧା ଜିଲ୍ଲା ର ଜିଲ୍ଲା ସଭାପତିଙ୍କ ନାମ ଘୋଷଣା କରିଛନ୍ତି । ଖୋର୍ଦ୍ଧା ଜିଲ୍ଲା ପାଇଁ ପୂର୍ବତନ ବିଧାୟକ ରାଜେନ୍ଦ୍ର କୁମାର ସାହୁ ଙ୍କୁ ଜିଲ୍ଲା ସଭାପତିଭାବେ ମନୋନୀତ କରାଯାଇଛି । ଶ୍ରୀ ସାହୁ ପୂର୍ବରୁ ଖୋର୍ଦ୍ଧାରେ ଦୁଇ ଥର ଏବଂ ବେଗୁନିଆ ରେ ଥରେ ମୋଟ ତିନିଥର ବିଜୁ ଜନତା ଦଳ ର ବିଧାୟକ ରୂପେ ନିର୍ବାଚିତ ହୋଇଥିଲେ । ସେହିପରି କାଉନ୍ସିଲର ରୁ ରାଜନୈତିକ ଜୀବନ ଆରମ୍ଭ କରିଥିବା ଶ୍ରୀ ସାହୁ ଖୋର୍ଦ୍ଧା ପୌରପରିଷଦ ର ପୌରାଧ୍ୟକ୍ଷ, ଦୁଇଥର ଜିଲ୍ଲା ଯୋଜନା ବୋର୍ଡ ଅଧ୍ୟକ୍ଷ ରହିଥିଲେ । ଏପରିକି ବିଜେଡି ର ଅନେକ ସାଂଗଠନିକ ପଦ ପଦବୀ ରହି ନିଜର ସାଂଗଠନିକ ଦକ୍ଷତା ପ୍ରଦର୍ଶନ କରିଛନ୍ତି । ଯାହା ଫଳରେ ଦଳର ସୁପ୍ରିମୋ ତାଙ୍କ ଉପରେ ଆସ୍ଥା ପ୍ରକଟ କରି ଜିଲ୍ଲା ସଭାପତି ଭଳି ପଦଭାର ଦେଇଛନ୍ତି । ଶ୍ରୀ ସାହୁ ଜିଲ୍ଲା ସଭାପତିଭାବେ ମନୋନୀତହୋଇଥିବାରୁ ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଛନ୍ତି । ଏଥିସହିତ ରାଜ୍ୟ ସଂଗଠନର ସମସ୍ତ ନେତୃମଣ୍ଡଳୀଙ୍କୁ ସେ କୃତଜ୍ଞତା ଜଣାଇଛନ୍ତି । ଏନେଇ ଶ୍ରୀ ସାହୁ କୁହନ୍ତି, ଦଳକୁ ତୃଣମୂଳସ୍ତରରୁ ମଜବୁତ କରିବାକୁ ସଂଗଠନ ସଦସ୍ୟଙ୍କ ସହ ଉଦ୍ୟମ କରିବୁ । ଆସନ୍ତା ପଂଚାୟତ ଏବଂ ପୌର ନିର୍ବାଚନ ରେ ବିଜେଡି ଜିଲ୍ଲାରେ କିପରି ଭଲ ପ୍ରଦର୍ଶନ କରିବ ସେ ନେଇ କାର୍ଯ୍ୟ କରିବୁ । ତେବେ ଶ୍ରୀ ସାହୁଙ୍କୁ ବିଭିନ୍ନ ମହଲ ରୁ ରାଜେନ୍ଦ୍ର ଙ୍କ ପ୍ରତି ଶୁଭେଚ୍ଛାର ସୁଅ ଛୁଟିଛି ।

# ନୂଆପାଟଣା ମା' ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧନା

କଟକ, (ସ୍ୱପ୍ର): ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ କଟକ ନୂଆପାଟଣା ସ୍ଥିତ ମା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ଶତପ୍ରତିଶତ ସଫଳତା ହାସଲ କରିଛି । ମୋଟ୍ ୩୯ ଜଣ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିଲେ । ବିଦ୍ୟାଳୟ ପକ୍ଷରୁ ଏ୧ରେ ପାସ୍ କରିଥିବା ରାଜଲକ୍ଷ୍ମୀ ସାହୁ ଓ ଅଂଶୁମାନ ମହାନ୍ତି ଏବଂ ଏ ୨ରେ ପାସ୍ କରିଥିବା ଅର୍ପିତା ମହାରଣା, ଶୁଭାଶିଷ ବେହେରା ଓ ପୂଜାରାଣୀ ଷଡ଼ଙ୍ଗୀଙ୍କୁ ଆଜି ବିଦ୍ୟାଳୟରେ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରାଯିବା ସହ ବିଦ୍ୟାଳୟର ସଭାପତି ତଥା ଏସ୍‌ସିବି ମେଡ଼ିକାଲର ମେଡ଼ିସିନ୍ ବିଭାଗର ପ୍ରଫେସର ଡା. ଜୟନ୍ତ କୁମାର ପଣ୍ଡା ଏ୧ରେ ପାସ୍ ହୋଇଥିବା ଛାତ୍ରଛାତ୍ରୀଙ୍କୁ ୧୦ହଜାର ଟଙ୍କା



ଓ ଏ ୨ରେ ପାସ୍ ହୋଇଥିବା ଛାତ୍ରଛାତ୍ରୀମାନଙ୍କୁ ୫ହଜାର ଟଙ୍କା ଅର୍ଥରାଶୀ ପ୍ରଦାନ କରିଥିଲେ । ଏହି ସମ୍ବର୍ଦ୍ଧନା ଉତ୍ସବରେ କଟକ କ୍ଲଷ୍ଟର ସଂଯୋଜକ ତ୍ରିନାଥ ସେଠୀ, ନୂଆପାଟଣା ପୂଜାକମିଟିର ଉପଦେଷ୍ଟା ଲିଙ୍ଗରାଜ ସାହୁ, ସଭାପତି ରମାକାନ୍ତ ଦାସ ଓ ସମ୍ପାଦକ ମନୋରଞ୍ଜନ ସାହୁ, ପ୍ରଧାନଆଚାର୍ଯ୍ୟ ପ୍ରବିଣ କୁମାର ଆଚାର୍ଯ୍ୟଙ୍କ ସମେତ ଆଚାର୍ଯ୍ୟ/ଆଚାର୍ଯ୍ୟାମାନେ ଉପସ୍ଥିତ ରହି ସେମାନଙ୍କ ଉଜ୍ୱଳ ଭବିଷ୍ୟତ କାମନା କରିଥିଲେ ।

## ଓମ୍‌ଫେଡ୍ କ୍ଷୀର ଦରବୃଦ୍ଧିକୁ ବିରୋଧ

# ଜନତା କଂଗ୍ରେସର ବିକ୍ଷୋଭ: ଦର ପ୍ରତ୍ୟାହାର ପାଇଁ ଦାବି

କଟକ, (ସବ୍ୟୁ):ଓଡ଼ିଶା ଜନତା କଂଗ୍ରେସ ପାର୍ଟିର ରାଜ୍ୟ ସଭାପତି ତଥା ପୂର୍ବତନ ବିଧାୟକ ମହମ୍ମଦ ମୋକିମଙ୍କ ଆହ୍ୱାନ କ୍ରମେ ଆଜି କଟକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ବିରାଟ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଦଳର ବରିଷ୍ଠ ନେତ୍ରୀ ଗିରିବାଳା ବେହେରାଙ୍କ ନେତୃତ୍ୱରେ ଦଳୀୟ କର୍ମକର୍ତ୍ତାମାନେ ଏକତ୍ରିତ ହୋଇ ରାଜ୍ୟ ସରକାରଙ୍କ ଦ୍ୱାରା ଓମ୍‌ଫେଡ୍ କ୍ଷୀର ଦରରେ କରାଯାଇଥିବା ଅହେତୁକ ବୃଦ୍ଧିକୁ ତୀବ୍ର ନିନ୍ଦା କରିବା ସହ ଏହାର ପ୍ରତ୍ୟାହାର ଦାବିରେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରିଛନ୍ତି । ଏହି ଅବସରରେ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ ଶ୍ରୀମତୀ ବେହେରା କହିଲେ ଯେ, ଓମ୍‌ଫେଡ୍ କର୍ତ୍ତୃପକ୍ଷ ଟୋଣ୍ଡ, ପ୍ରିମିୟମ୍, ଗୋଲ୍ଡ ଏବଂ ଗୋଲ୍ଡ ପ୍ଲସ୍ ଭଳି ସବୁ ପ୍ରକାର କ୍ଷୀରର ମୂଲ୍ୟ ବୃଦ୍ଧି କରି



ସାଧାରଣ ଖାଉଟିଙ୍କ ଉପରେ ଅଯଥା ଆର୍ଥିକ ବୋଝ ଲଦି ଦେଇଛନ୍ତି । ଦେଶରେ ବଢୁଥିବା ଦରଦାମ ଏବଂ ଅତ୍ୟାବଶ୍ୟକ ସାମଗ୍ରୀର ଚଢ଼ା ଦର ଯୋଗୁଁ ସାଧାରଣ ଜନତା ପୂର୍ବରୁ ଅତିଷ୍ଠ ହୋଇପଡ଼ିଥିବା ବେଳେ, କ୍ଷୀର ଭଳି ଏକ ଅତ୍ୟାବଶ୍ୟକ ସାମଗ୍ରୀର ମୂଲ୍ୟ ବୃଦ୍ଧି କରିବା ସିଧାସଳଖ ମଧ୍ୟବିତ୍ତ ପରିବାରର ମେରୁଦଣ୍ଡ ଭାଙ୍ଗି ଦେବ । ପ୍ରଶାସନିକ କାରଣ କିମ୍ବା ଉତ୍ପାଦନ ଖର୍ଚ୍ଚ ବୃଦ୍ଧିର ଆଳ ଦେଖାଇ ଛୋଟ ପିଲାଙ୍କ ପୁଷ୍ଟିସାଧନ ପାଇଁ ଆବଶ୍ୟକ କ୍ଷୀରର ଦର ବଢ଼ାଇବାକୁ ସେ କଡ଼ା ଭାଷାରେ ସମାଲୋଚନା କରିଥିଲେ । ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଦଳ ପକ୍ଷରୁ ସ୍ପଷ୍ଟ ଚେତାବନୀ ଦିଆଯାଇଛି ଯେ, ଯଦି ସରକାର ତୁରନ୍ତ ଏହି ବର୍ଦ୍ଧିତ ଦରକୁ ପ୍ରତ୍ୟାହାର ନ କରନ୍ତି ଏବଂ ପୁରୁଣା ଦରରେ କ୍ଷୀର ବିକ୍ରୟ ସୁନିଶ୍ଚିତ ନ କରନ୍ତି, ତେବେ ଓଡ଼ିଶା ଜନତା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବା ସହ ଆନ୍ଦୋଳନକୁ ଆହୁରି ବ୍ୟାପକ କରିବ । ସରକାରଙ୍କ ଏଭଳି ଜନବିରୋଧୀ ନିଷ୍ପତ୍ତି ବିରୋଧରେ ଆଗାମୀ ଦିନରେ ଦଳ ପକ୍ଷରୁ ତୀବ୍ର ସଂଗ୍ରାମ ଜାରି ରହିବ ବୋଲି ବକ୍ତବ୍ୟରେ କୁହାଯାଇଛି । ଅନ୍ୟମାନଙ୍କ ମଧ୍ୟରେ ବରିଷ୍ଠ ନେତା ବିରେନ୍ଦ୍ର ଦାସ, ଶୈଳବାଳା ଜେନା, ସେକ ଲିଆକତ ଉଦ୍ଦୀନ ଅହମ୍ମଦ,ଚାରୁଲତା ସାହୁ, ଅନିତା ନାୟକ, ସେକ ସମିମଉଲ୍ଲା, ଅଜିତ ବେହେରା,ଶରତ ଚନ୍ଦ୍ର ସେଠୀ, ଅଜୟ ଗୋଛାୟାତ, ପ୍ରତାପ ପରିଡା, ଚନ୍ଦନ ଦାସ, ଦିଲ୍ଲୀପ ନାୟକ,ସେକ ଅସଲମ,ସୁରଜିତ ସାହୁ, ସନ୍ତୋଷ ପାତ୍ର, ଦେବେନ୍ଦ୍ର ସେଠୀ, ଅନୁଶୟା ମହାରଣା,ଦୀପକ ବେହେରା, ଦିପୁ ଗୋଛାୟାତ, ସେକ ଏର୍ଫାନ, ରାକେଶ ମହାରଣା, ସେକ ଗୁଲାମ ମୋଇଦିନ, ଜଗନ୍ନାଥ ବେହେରା, ଶୟଦ ରମଯାନ ଅଲ୍ଲୀ, ମୋହଶିନ ଖାନ, ସହିଲ ପରଭେଜ, ପ୍ରଭାତୀ ପଟ୍ଟନାୟକ, ଶିଳା ସାହା, ମନୋରମା ପଣ୍ଡା, ଭାରତୀ ଦାସ, ରାଜଶ୍ରୀ ରାୟ, ଅନିତା ବେହେରା, ଲକ୍ଷ୍ମୀପ୍ରିୟା ତୋଳା, ମହେଶ ରାୟ,ବିଶ୍ୱ ରଞ୍ଜନ, ଶୟଦ ଅଫତାବ ଅଲ୍ଲୀ, ସେକ ଇମତିୟାଜ୍, ସ୍ୱାଗତିକା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ ।

## ମଣିପାଲ ହସ୍ପିଟାଲ୍ ଭୁବନେଶ୍ୱରର ସଫଳତା

# ୧୦ ବର୍ଷ ଶିଶୁ କନ୍ୟାର ବିରଳ ମେରୁଦଣ୍ଡ ଅସ୍ତ୍ରୋପଚାର

ଭୁବନେଶ୍ୱର (ସବ୍ୟୁ): ଅତ୍ୟାଧୁନିକ ଚିକିତ୍ସା ବିଜ୍ଞାନର ସଫଳତା ଭୁବନେଶ୍ୱରସ୍ଥିତ ମଣିପାଲ ହସ୍ପିଟାଲର ଡାକ୍ତର ମାନେ ଜଣେ ୧୦ ବର୍ଷର ଶିଶୁ କନ୍ୟାର ଅତି ଜଟିଳ ତଥା ବିରଳ ମେରୁଦଣ୍ଡ ଆଘାତର ସଫଳ ଚିକିତ୍ସା କରିଛନ୍ତି । ଝାଡ଼ଖଣ୍ଡର ଏହି ଶିଶୁଟି ଏକ ଗୁରୁତର ବେକ ଆଘାତ ଯୋଗୁଁ ପକ୍ଷାଘାତର ଶିକାର ହୋଇଥିବା ବେଳେ, ଅସ୍ତ୍ରୋପଚାରର ମାତ୍ର କିଛି ଦିନ ମଧ୍ୟରେ ସେ ପୁଣି ନିଜ ଗୋଡ଼ରେ ଚାଲିବାକୁ ସକ୍ଷମ ହୋଇଛି । ମିଳିଥିବା ସୂଚନା ଅନୁଯାୟୀ, ଖେଳୁଥିବା ସମୟରେ ହଠାତ୍ ବେକରେ ମୋଡ଼ ହେବା କାରଣରୁ ଶିଶୁଟି ପ୍ରାୟ ୨୦ ମିନିଟ୍ ପର୍ଯ୍ୟନ୍ତ ଅଚେତ ହୋଇଯାଇଥିଲା । ଚେତା ଫେରିବା ପରେ ତା'ର ହାତ-ଗୋଡ଼ ଆଉ ଚଳୁନଥିଲା । ଚିକିତ୍ସା ପାଇଁ ନିକଟସ୍ଥ ଡାକ୍ତରଖାନାରେ ସମସ୍ତ ପ୍ରକାର ଚିକିତ୍ସାର କିଛି ଦିନ ପରେ ବାମ ପଟ ସାମାନ୍ୟ ଶକ୍ତି ଆସିଥିଲେ ମଧ୍ୟ ଡାହାଣ ପଟ ଅଧିକ ଦୁର୍ବଳ ଥିଲା ଏବଂ ସେ ଚାଲିବାକୁ



ଅସମର୍ଥ ଥିଲା । ପରୀକ୍ଷାରେ ଡାକ୍ତରମାନେ ଦେଖିଥିଲେ ଯେ, ତାଙ୍କର ଚାରିଟି ଅଂଗରେ ଶକ୍ତି କମ୍, ବିଶେଷକରି ଡାହାଣ ପାର୍ଶ୍ୱରେ ଅଧିକ । ଅତ୍ୟାଧୁନିକ ପୋଷ୍ଟିରିଅର ଉ୧-ଉ୨ ଫିକ୍ସେସନ୍ ସହିତ ଫୋରାମେନ୍ ମ୍ୟାଗନମ୍ରି କମ୍ପ୍ରେସନ୍ ଅପରେସନ୍ କରାଯାଇଥିଲା । ଏହି ଜଟିଳ ସର୍ଜରିରେ ସ୍କ୍ରୁ ଏବଂ ରଡ୍ ବ୍ୟବହାର କରି ଗଳାର ହାଡ଼କୁ ମଜବୁତ କରାଯାଇଥିଲା ଏବଂ ମେଦୁଲା ଉପରେ ଥିବା ଚାପକୁ କମାଯାଇଥିଲା । ମଣିପାଲ ହସ୍ପିଟାଲର ଭୁବନେଶ୍ୱର ନ୍ୟୁରୋସର୍ଜେରୀ ବିଭାଗର ବରିଷ୍ଠ ପରାମର୍ଶଦାତା ଡାକ୍ତର ଅମିତ ଜୈଶୱାଲ କହିଛନ୍ତି, "ପିଲାମାନଙ୍କର ଉପର ବେକ ମେରୁଦଣ୍ଡ ଚୋଟ ଦୁର୍ଲଭ ହେଲେ ମଧ୍ୟ ବହୁତ ଗୁରୁତର ହୋଇଥାଏ । ଲକ୍ଷଣ କିଛି ଦିନ ପର୍ଯ୍ୟନ୍ତ ଭଲ ହେଲେ ମଧ୍ୟ ଡାକ୍ତରମାନେ ସତର୍କ ରହିବା ଆବଶ୍ୟକ । ଏହି ଘଟଣାରେ ବଗ୍ରାକ୍ଷବଭଗ୍ରକ୍ଟବଙ୍ଘସବକ୍ଷ ଅଞ୍ଚଳର ଅସ୍ଥିରତା ମେରୁଦଣ୍ଡ ପାଇଁ ବଡ଼ ବିପଦ ଥିଲା ।

## ମେଡିଭର୍ସ-୨୦୨୬ ଉଦ୍‌ଘାଟିତ

# ହାଇଟେକ୍‌ର ଆଲାଏଡ୍ ଛାତ୍ରଛାତ୍ରୀ ଦେଶରେ ଶ୍ରେଷ୍ଠ ପାରାମେଡିକାଲ୍ ଷ୍ଟାଫ୍ ହେବେ : ତିରୁପତି ପାଣିଗ୍ରାହୀ

ଭୁବନେଶ୍ୱର (ସବ୍ୟୁ): ହାଇଟେକ୍ ଆଲାଏଡ୍ ମେଡିକାଲ୍ ସାଇନ୍ସ ଅନୁଷ୍ଠାନର ଦୁଇଦିନିଆ କାର୍ଯ୍ୟକ୍ରମ ମେଡ଼ିଭର୍ସ ୨୦୨୬ ଉଦ୍‌ଘାଟିତ



ହୋଇଛି । ହାଇଟେକ୍ ଗ୍ରୁପ୍‌ର ପ୍ରତିଷ୍ଠାତା ଅଧ୍ୟକ୍ଷ ଡକ୍ଟର ତିରୁପତି ପାଣିଗ୍ରାହୀ ଏହି କାର୍ଯ୍ୟକ୍ରମକୁ ଉଦ୍‌ଘାଟ କରି କହିଛନ୍ତି ଯେ, ଦେଶରେ ୬୦ଲକ୍ଷରୁ ଅଧିକ ପାରାମେଡିକାଲ୍ ଷ୍ଟାଫ୍‌ଙ୍କ ଆବଶ୍ୟକତା ରହିଛି । ହାଇଟେକ୍ ଆଲଏଡ୍ ସାଇନ୍ସ ବର୍ଷକୁ ୮ଶହ ଜଣ ଛାତ୍ରଛାତ୍ରୀଙ୍କୁ ଉତ୍ତମ ତାଲିମ୍ ସହ ରୋଗୀଙ୍କ ସର୍ବୋତ୍କୃଷ୍ଟ ସେବା କରିବାକୁ ପ୍ରସ୍ତୁତ କରୁଛି । ଆସନ୍ତା ଦିନରେ ବିଶ୍ୱର ଯେ କୌଣସି କୋଣରେ କାର୍ଯ୍ୟ କରୁଥିବା ଶ୍ରେଷ୍ଠ ପାରାମେଡିକାଲ୍ ଷ୍ଟାଫ୍, ହାଇଟେକ୍‌ର ହେବେ ବୋଲି ସେ ଦୃଢତା ପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ହାଇଟେକ୍ ଗ୍ରୁପ୍‌ର ସିଇଓ ତଥା ମ୍ୟାନେଜିଂ ଟ୍ରଷ୍ଟି ସୁରେଶ ପାଣିଗ୍ରାହୀ ଛାତ୍ରଛାତ୍ରୀଙ୍କୁ ପ୍ରଥମେ ଭଲ ମଣିଷ ହେବା ସହ ରୋଗୀଙ୍କ ସେବାରେ ବ୍ରତୀ ହେବାକୁ ପରାମର୍ଶ ଦେଇଥିଲେ । ସେହିପରି ହାଇଟେକ୍ ଆଲାଏଡ୍ ସାଇନ୍ସର କାର୍ଯ୍ୟକାରୀ ଅଧ୍ୟକ୍ଷା ମଧୁସ୍ମିତା ତ୍ରିପାଠୀ କହିଥିଲେ ଯେ, ଯେଉଁ କାର୍ଯ୍ୟ କର, ତାହା ଅନ୍ୟମାନଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ ହେବା ଆବଶ୍ୟକ,ସେହିପରି ପ୍ରତ୍ୟକ କାର୍ଯ୍ୟ ସଠିକ୍ ଢଙ୍ଗରେ କଲେ ପ୍ରକୃତ ଆତ୍ମସନ୍ତୋଷ ଲାଭ ହୋଇଥାଏ ବୋଲି ସେ କହିଥିଲେ । କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ଅଧ୍ୟକ୍ଷ ଡ଼ାକ୍ତର ରାକେଶ ପାଣିଗ୍ରାହୀ, ଅନୀଲ ପାଣିଗ୍ରାହୀ, ମେଡିକାଲ୍ କଲେଜ ଅଧ୍ୟକ୍ଷ ପ୍ରଫେସର ଡାକ୍ତର ଦେବାନନ୍ଦ ମହାପାତ୍ର, ଡିନ୍ ଓ ନିର୍ଦ୍ଦେଶକ ପ୍ରଫେସର ଡାକ୍ତର ରାଧାମାଧବ ତ୍ରିପାଠୀ, ଉପାଧ୍ୟକ୍ଷା ଡାକ୍ତର ଲିସା ଷଡଙ୍ଗୀ,ପ୍ରଫେସର କୁମରବର ଦାଶ, ସିଓଓ ଜ୍ୟୋର୍ତୀମୟ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ । ଡକ୍ଟର ଚିତ୍ତରଞ୍ଜନ ସାହାଣୀ ଛାତ୍ରଛାତ୍ରୀମାନଙ୍କୁ ଆସନ୍ତା ଦିନରେ ଭଲ କାମ କରି ପିତାମାତାଙ୍କ ନାମ ଉଚ୍ଚା ରଖିବାକୁ ପରାମର୍ଶ ଦେଇଥିଲେ । କାର୍ଯ୍ୟକ୍ରମରେ ଆର୍‌ଜେ କେପି ମଞ୍ଚ ପରିଚାଳନା କରିଥିଲେ ।

# ଦୁଇ ଗିରଫ : ସୁନାଗହଣା, ୫୦ ହଜାର ଟଙ୍କା ଜବତ

ଭୁବନେଶ୍ୱର, (ସବ୍ୟୁ) : ନୂଆପଲ୍ଲୀ ଥାନା ପୋଲିସ ଦୁଇଜଣଙ୍କୁ ଗିରଫ କରିବା ସହ ଚୋରି ସୁନାଗହଣା, ୫୦ ହଜାର ଟଙ୍କା ଜବତ କରିଛି । ଜବତ ସୁନାଗହଣା ମଧ୍ୟରେ ତିନୋଟି ରିଙ୍ଗ, ଗୋଟିଏ ଚେନ୍ ଓ ଗୋଟିଏ ବ୍ରାସ୍‌ଲେଟ୍ ଥିବା ସୂଚନା ମିଳିଛି । ନୂଆପଲ୍ଲୀ ଥାନା ନୀଳକଣ୍ଠନଗରରେ ରହୁଥିବା କଟକର ଅରୁନ୍ଧତୀ ଚୌଧୁରୀଙ୍କ ଘରେ ସହାୟକ ଭାବେ କାମ କରେ ମନୋଜ କୁମାର ସାହୁ (୩୨) । ଶାରୀରିକ ଅସୁସ୍ଥତା ଯୋଗୁ ପରିବାର ଲୋକେ ହସ୍ପିଟାଲ କାମରେ ବ୍ୟସ୍ତ ଥିବା ସୁଯୋଗରେ ଘରୋଇ ସହାୟକ ମନୋଜ ସୁନାଗହଣା ଓ ନଗଦ ଟଙ୍କା ପ୍ରଭୃତି ଲୁଟ୍ କରିନେଇଥିଲା । ସୁନାଗହଣା ନେଇ ସେ ବସନ୍ତ କୁମାର ସାହୁ (୩୭) ନାମକ ଜଣେ ବଣିଆଙ୍କୁ ବିକ୍ରି କରିଥିଲା । ଏତଲା ହେବା ପରେ ପୋଲିସ ଏହି ଦୁଇଜଣଙ୍କୁ ଗିରଫ କରି ସେମାନଙ୍କ ନିକଟରୁ ଗହଣା ଓ ଟଙ୍କା ପ୍ରଭୃତି ଜବତ କରିଛି । ବଣିଆ ଗିରଫ ହେବାର କାରଣ ଲୁଟେରା ନିକଟରୁ ଲୁଟ୍ ସୁନାଗହରା କମ୍ ଦାମ୍‌ରେ କିଣିଥିଲା । ଦୁଇଜଣଙ୍କୁ ମଙ୍ଗଳବାର କୋର୍ଟଚାଲାଣ କରାଯିବା ପରେ ଜାମିନ ନାମଞ୍ଜୁର ହୋଇଯିବାରୁ ଜେଲ୍ ହାଜତ ପଠାଇ ଦିଆଯାଇଛି ।

# ବିଧାୟିକା ସୋଫିଆଙ୍କ ଜନସମ୍ପର୍କ ପଦଯାତ୍ରା

କଟକ,(ସ.ବ୍ୟୁ): କଟକ ମହାନଗର ନିଗମ ଅନ୍ତର୍ଗତ ୩୨ ନମ୍ବର ୱାର୍ଡରେ ବାରବାଟୀ-କଟକ ବିଧାୟୀକା ସୋଫିଆ ଫିର୍ଦୋଷ ଜନସମ୍ପର୍କ ପଦଯାତ୍ରା କରିଛନ୍ତି । ୱାର୍ଡ ଅଞ୍ଚଳର ରାଣୀହାଟ, ଗୋପାଳ ସାହି, ତଳ ଗୋପାଳ ସାହି, ମାଳି ସାହି ଓ ଶିକାରୀ ସାହି ଭଳି ଅଞ୍ଚଳ ଗୁଡ଼ିକ ପରିଦର୍ଶନ କରିଥିଲେ । ୱାର୍ଡର ବିଭିନ୍ନ ଅଞ୍ଚଳର ସାହି ମୁରବି, ଯୁବକ ଓ ମହିଳାମାନଙ୍କୁ ସାକ୍ଷାତ କରି ୱାର୍ଡର ବିଭିନ୍ନ ସୁବିଧା ଅସୁବିଧା ସମ୍ପର୍କରେ ପଚାରି ବୁଝିଥିଲେ । ଏହି ଅବସରରେ ବିହିନ୍ନ ପୂଜା କମିଟି ପକ୍ଷରୁ ବିଧାୟିକାଙ୍କୁ ସ୍ୱାଗତ କରାଯିବା ସହ ସମ୍ବର୍ଦ୍ଧିତ କରାଯାଇଥିଲା । ପଦଯାତ୍ରା ସମୟରେ ଅଞ୍ଚଳବାସୀ ବିଧାୟୀକାଙ୍କ ନିକଟରେ ନିଜ ଅଞ୍ଚଳର ମୌଳିକ ସମସ୍ୟାଗୁଡ଼ିକ ରଖିଥିଲେ । ୱାର୍ଡ ରାସ୍ତାଘାଟର ଅବସ୍ଥା, ଅସନ୍ତୋଷଜନକ ପରିମଳ ବ୍ୟବସ୍ଥା ଏବଂ ଷ୍ଟ୍ରିଟ୍ ଲାଇଟ୍ ବିଷୟରେ ଲୋକେ ଅଭିଯୋଗ କରିଥିଲେ । ଲୋକଙ୍କ ସମସ୍ୟାଗୁଡ଼ିକୁ ବେଶ୍ ଗମ୍ଭୀରତାର ସହ ଶୁଣିବା ପରେ ବିଧାୟୀକା ଶ୍ରୀମତୀ ଫିର୍ଦୋଷ ତୁରନ୍ତ ଏହାର ସମାଧାନ ପାଇଁ ସମ୍ପୃକ୍ତ




ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ । ସେ କହିଥିଲେ ଯେ, କଟକ ସହରର ବିକାଶ ତାଙ୍କର ପ୍ରାଥମିକତା ଏବଂ ପ୍ରତ୍ୟେକ ୱାର୍ଡର ସମସ୍ୟାକୁ ଦୂର କରିବା ପାଇଁ ସେ କାର୍ଯ୍ୟ କରିବାକୁ ପ୍ରତିବଦ୍ଧ । ୱାର୍ଡର ଉନ୍ନତି ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାରେ କୌଣସି ଅବହେଳା କରାଯିବ ନାହିଁ ବୋଲି ସେ ଜନସାଧାରଣଙ୍କୁ ଆଶ୍ୱାସନା ଦେଇଥିଲେ । ପୂର୍ବରୁ ୱାର୍ଡ ନମ୍ବର ୩୩ ଅଞ୍ଚଳରୁ ଜନସଂପର୍କ ପଦଯାତ୍ରା ଆରମ୍ଭ ହୋଇଥିଲା । ଏହି ଅବସରରେ ବରିଷ୍ଠ ନେତ୍ରୀ ଗିରିବାଳା ବେହେରା, ସ୍ନେହଲତା ଚୌଧୁରୀ, କର୍ପୋରେଟର ଲିଜାରାଣୀ ରାଉତ, ଚନ୍ଦ୍ର ଶେଖର ନାଟିଆ, ବରିଷ୍ଠ ନେତା ବିରେନ୍ଦ୍ର ଦାସ, ଶରତ ଚନ୍ଦ୍ର ଶେଠୀ, ସେକ ଲିଆକତ ଉଦ୍ଦୀନ ଅହମ୍ମଦ, ଅବଦୁଲ ନସିମ, ସେକ ଫରୁ, ଶୁଭ୍ରଜିତ ଦାସ, ମଣ୍ଟୁ ବେହେରା, ସୁରଜିତ ସାହୁ, ସନ୍ତୋଷ ପାତ୍ରଙ୍କ ସମେତ ଏହି କାର୍ଯ୍ୟକ୍ରମରେ ବହୁ ସ୍ଥାନୀୟ ଦଳୀୟ କର୍ମୀ, କର୍ମକର୍ତ୍ତା ଏବଂ ଅଞ୍ଚଳର ଗଣ୍ୟମାନ୍ୟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ ।

## ଶିକ୍ଷକଙ୍କୁ ଅପମାନ ଓ ବିପର୍ଯ୍ୟସ୍ତ ଭିତ୍ତିଭୂମିର ପ୍ରତିବାଦ

# ବାରିପଦାରେ ୫୦୦ରୁ ଅଧିକ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ବିଶାଳ ଗର୍ଜନ




ବାରିପଦା, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ ବିଭାଗ ଅଧୀନରେ ଥିବା ବିଦ୍ୟାଳୟଗୁଡ଼ିକରେ ବଢୁଥିବା ଅରାଜକତା, ଅଧିକାରୀଙ୍କ ଦୁର୍ବ୍ୟବହାର ଏବଂ ବିପର୍ଯ୍ୟସ୍ତ ଭିତ୍ତିଭୂମି ବିରୋଧରେ ଆଜି ଶିକ୍ଷକ ସମାଜ ରାଜପଥକୁ ଓହ୍ଲାଇଛି । ନିଖିଳ ଉକଳ କଲ୍ୟାଣ ଶିକ୍ଷକ ଓ ଶିକ୍ଷା ନିରୀକ୍ଷକ ସଂଘ, ମୟୂରଭଞ୍ଜ ଶାଖା ପକ୍ଷରୁ ଆଜି ଏକ ବିଶାଳ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଜିଲ୍ଲା ମଙ୍ଗଳ ଅଧିକାରୀଙ୍କ କାର୍ଯ୍ୟାଳୟରୁ ବାହାରି ଏହି ରାଲି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲା, ଯେଉଁଥିରେ ଜିଲ୍ଲାର ପ୍ରାୟ ୫୦୦ରୁ ଅଧିକ ଶିକ୍ଷକ ଓ ଶିକ୍ଷୟିତ୍ରୀ ସାମିଲ ହୋଇଥିବାବେଳେ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି ।

ହଷ୍ଟେଲ ପରିଚାଳନା ଦାୟିତ୍ୱରୁ ମୁକ୍ତି ପାଇଁ ଚେତାବନୀ: "ଆମେ ଶିକ୍ଷାଦାନ ପାଇଁ ନିଯୁକ୍ତ, ରୋଷେଇ ବା ବାସନ ମଜା ପାଇଁ ନୁହେଁ-ଏହି ଜିଦ୍‌ରେ ଅଟଳ ରହିଛି ସଂଘ । ହଷ୍ଟେଲ ପରିଚାଳନା ଦାୟିତ୍ୱ ଯୋଗୁଁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି ଏବଂ ଶିକ୍ଷକମାନେ ମାନସିକ ନିର୍ଯାତନାର ଶିକାର ହେଉଛନ୍ତି । କାକବନ୍ଧ ଆଶ୍ରମ ବିଦ୍ୟାଳୟରେ ଘଟିଥିବା ଅଭାବନୀୟ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଏବଂ ଶିକ୍ଷକଙ୍କୁ ଏହି ଅତିରିକ୍ତ ଦାୟିତ୍ୱରୁ ମୁକ୍ତି ଦେବାକୁ ଜିଲ୍ଲାପାଳଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି ।

ଭିତ୍ତିଭୂମି ନାହିଁ, ଅଛି କେବଳ ମରଣଯନ୍ତା : ଜିଲ୍ଲାର ହଷ୍ଟେଲଗୁଡ଼ିକର ଅବସ୍ଥା ଅତି ଶୋଚନୀୟ ହୋଇପଡ଼ିଛି । ପାନୀୟ ଜଳର ଅଭାବ, ଅଚଳ ସୋଲାର ସିଷ୍ଟମ, ବିପଦଜନକ ବିଦ୍ୟୁତ ସଂଯୋଗ ଏବଂ ଭାଙ୍ଗି ପଡ଼ିଥିବା ଶୌଚାଳୟ ଟାଙ୍କି ପିଲାଙ୍କ ପାଇଁ ମରଣଯନ୍ତା ପାଲଟିଛି । ଗୋଟିଏ ବେଡ୍‌ରେ ଦୁଇଜଣ ଛାତ୍ର ଶୋଉଥିବା ବେଳେ ଗଣିତ, ଇଂରାଜୀ ଭଳି ମୁଖ୍ୟ ବିଷୟରେ ଶିକ୍ଷକଙ୍କ ଘୋର ଅଭାବ ରହିଛି । ଭିତ୍ତିଭୂମିର ବିକାଶ ପାଇଁ ସମସ୍ତ ପିଏ,ଆଇଟିଡିଏ ଓ ଜିଲ୍ଲାପ୍ରଶାସନ ଉତ୍ତରଦାୟୀ ଥିଲାବେଳେ ଏହି ସମସ୍ୟାର ସମାଧାନ ପାଇଁ ଜିଲ୍ଲାପାଳଙ୍କ ସ୍ତରୀୟ ଏକ ସ୍ୱତନ୍ତ୍ର ଟିମ୍ ଦ୍ୱାରା ତଦନ୍ତ କରିବାକୁ ସଂଘ ଦାବି କରିଛି ।

ଏଡିଡବ୍ଲ୍ୟୁଓଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଦାବି: ସଂଘର ଅଭିଯୋଗ ଅନୁଯାୟୀ, ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଅଜୟ ଜେନା ଏକ ଭର୍ଚୁଆଲ ମିଟିଂରେ ଶିକ୍ଷକମାନଙ୍କୁ "ଚୋର, "ବଦମାସ କହିବା ସହ ଜୋତାରେ ପିଟିବା ଭଳି ଅତି ଅଶୋଭନୀୟ ଭାଷାରେ ଗାଳିଗୁଲଜ ଓ ଧମକ ଦେଇଛନ୍ତି । ଜଣେ ଦାୟିତ୍ୱବାନ ସରକାରୀ ଅଧିକାରୀଙ୍କ ଏତାଦୃଶ ଗୁଣ୍ଡାଗର୍ଦ୍ଦି ଓ ଶିକ୍ଷକ ସମାଜ ପ୍ରତି ଅସମ୍ମାନକୁ ସଂଘ ତୀବ୍ର ନିନ୍ଦା କରିବା ସହ ତାଙ୍କ ବିରୋଧରେ ତୁରନ୍ତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଦାବି କରିଛି ।

ଏହି କାର୍ଯ୍ୟକ୍ରମ ସଭାପତି ଡିମ୍ପଲ କୁମାର ଦାସ, ଉପ-ସଭାପତି ସୂର୍ଯ୍ୟନାରାୟଣ ଦେବ ପାତ୍ର, ସାଧାରଣ ସମ୍ପାଦକ ଦୀପକ କୁମାର ସେଠୀ, ଯୁଗ୍ମ ସମ୍ପାଦକ ଅଶ୍ୱିନୀ କୁମାର ବେହେର। ସାଂଗଠନିକ ସମ୍ପାଦକ ରଞ୍ଜନ କୁମାର ପ୍ରଧାନ, କୋଷାଧ୍ୟକ୍ଷ ମାନସ କୁମାର ତ୍ରିପାଠୀ, ମହିଳା ପ୍ରତିନିଧି ତେଜସ୍ୱିନୀ ନାୟକ, ଉମା ଦେ ରାଜ୍ୟ ପ୍ରତିନିଧି ବସନ୍ତ କୁମାର ବେହେରା, ଉପଦେଷ୍ଟା ମଣ୍ଡଳୀ ରାମଚନ୍ଦ୍ର ମାଝୀ, ଦୀପକ କୁମାର ଦଣ୍ଡପାଟ, ବଳରାମ ସ୍ୱାଇଁ, ଭବାନୀ ଶଙ୍କର ବେହେରା, ଗୁରୁପ୍ରସାଦ ମହାକୁଡ଼, ମିଡିଆ ସେଲ୍ ସୁଜିତ କୁମାର ହୋତା ପ୍ରଭୃତିଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା ।

## ପଢା ବହିକୁ ନେଇ ଅଭାବନୀୟ ସ୍ଥିତି

# ଗ୍ରୀଷ୍ମ ଅବକାଶ ହେଲା, କିନ୍ତୁ ଛାତ୍ରଛାତ୍ରୀଙ୍କୁ ମିଳିଲାନି ବହି



ବୁଗୁଡ଼ା, (ସବ୍ୟୁ) : ପାଠ୍ୟପୁସ୍ତକ ଯୋଗାଣକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ଗ୍ରୀଷ୍ମ ଅବକାଶ ହୋଇଯାଇଛି, କିନ୍ତୁ ପିଲାଙ୍କୁ ସମସ୍ତ ପାଠ୍ୟପୁସ୍ତକ ମିଳିନାହିଁ । ନବମ ଏବଂ ଦଶମ ଶ୍ରେଣୀକୁ ଛାଡ଼ିଦେଲେ ଶିଶୁବାଟିକା ଠାରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢା ବହିକୁ ନେଇ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇଛି । ସମସ୍ତ ବହି ଆସି ନଥିବାବେଳେ ଯାହା ଆସିଛି ତାହା ପୁଣି ଚାଳିଶ ପ୍ରତିଶତ ପିଲାଙ୍କୁ ହିଁ ଯୋଗାଇବା ସମ୍ଭବ ହୋଇପାରିଛି। ଫଳରେ ପିଲାଙ୍କ ପାଠପଢ଼ା ଏକପ୍ରକାର ଠପ୍ ହୋଇଯାଇଛି ।

ସୂଚନା ଅନୁସାରେ ଦ୍ୱିତୀୟ ଶ୍ରେଣୀର ଗଣିତ, ଚତୁର୍ଥ ଶ୍ରେଣୀର ଇଂରାଜୀ, ପଞ୍ଚମ ଶ୍ରେଣୀର ସାହିତ୍ୟ, ଗଣିତ, ଇଂରାଜୀ ଓ ପରିବେଶବିଜ୍ଞାନ, ଷଷ୍ଠଶ୍ରେଣୀର ଗଣିତ, ବିଜ୍ଞାନ ଓ ସଂସ୍କୃତ, ସପ୍ତମ ଶ୍ରେଣୀର ବିଜ୍ଞାନ ଓ ହିନ୍ଦି, ଅଷ୍ଟମ ଶ୍ରେଣୀର ଇଂରାଜୀ ଓ ସଂସ୍କୃତ ବହି ଆଦୌ ଆସିନାହିଁ । ଅନ୍ୟପକ୍ଷରେ ଘରୋଇ ବିଦ୍ୟାଳୟଗୁଡ଼ିକରେ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ପାଖରେ ଖଣ୍ଡିଏ ବି ସରକାରୀ ପାଠ୍ୟପୁସ୍ତକ ନାହିଁ । ତେଣୁକରି ପିଲାମାନେ ପାଠ୍ୟପୁସ୍ତକ ନପାଇ ହାତବାନ୍ଧି ବସିଛନ୍ତି । ଚଳିତବର୍ଷ ଶିଶୁବାଟିକା ଠାରୁ ଅଷ୍ଟମ ପର୍ଯ୍ୟନ୍ତ ନୂତନ ସିଲାବସ ହୋଇଥିବା ଯୋଗୁଁ ବଜାରରେ ମଧ ବହି କିମ୍ବା ସମସ୍ତ ବିଷୟର ସହାୟକ ପୁସ୍ତକ ଉପଲବ୍ଧ ନାହିଁ । ଅନ୍ୟପକ୍ଷରେ ମେ' ମାସ ପୂର୍ବରୁ ସ୍କୁଲ ପିଲାଙ୍କ ଗ୍ରୀଷ୍ମ ଅବକାଶ ହୋଇଯାଇଥିବାବେଳେ ଦେଢ଼ମାସରୁ ଅଧିକ ସମୟ ଛୁଟିରେ ପିଲାଏ ବିନା ବହିରେ କ'ଣ କରିବେ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ଏଣୁ, ଏହି ଗ୍ରୀଷ୍ମ ଅବକାଶ ମଧ୍ୟରେ ପିଲାଙ୍କୁ ଯଥାଶୀଘ୍ର ପାଠ୍ୟପୁସ୍ତକ ଯୋଗାଣ ପାଇଁ ଅଭିଭାବକ ମହଲରେ ଦାବି ହେଉଛି ।

# କେବେ ଘୁଞ୍ଚିବ ଦାଦନ ଦୁଃଖ : କେରଳରେ ଓଡ଼ିଆ ଶ୍ରମିକଙ୍କ ମୃତ୍ୟୁ



ଚିକିଟି, (ସବ୍ୟୁ): ସରକାର ପରେ ସରକାର ବଦଳୁଛି, ହେଲେ ଘୁଞ୍ଚୁନି ଦାଦନ ଦୁଃଖ । କେବେ ନା କେବେ ଦାଦନ ଶ୍ରମିକଙ୍କ ଦୁଃଖଦ ଖବର ପଦାକୁ ଆସୁଛି। ଏମିତି ଏକ ଘଟଣା ଗଞ୍ଜାମ ଜିଲ୍ଲା ଚିକିଟି ବ୍ଲକ ନୂଆପଡା ପଞ୍ଚାୟତର ବି. ନୂଆପଡା ଗ୍ରାମରେ ଦେଖିବାକୁ ମିଳିଛି। ଗ୍ରାମର ଦାଦନ ଶ୍ରମିକ ଅଭିମନ୍ୟୁ ପ୍ରଧାନଙ୍କ (୫୭) ଆପାର୍ଟମେଣ୍ଟ କାମରେ ନିୟୋଜିତ ଥିବାବେଳେ ବଡ ଅଘଟଣ ଘଟି ଘଟିଛି । ସେ କାମ କଲାବେଳ ସନ୍ଧ୍ୟାରେ ଗୁରୁତର ହୋଇଥିଲେ । ତୁରନ୍ତ ତାଙ୍କୁ କୁନୁର ସରକାରୀ ଚିକିତ୍ସା କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଥିଲା । ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଛି । ୧୪ ବର୍ଷ ବୟସରୁ ଅଭିମନ୍ୟୁ ଓଡିଶା ବାହାରେ ଚେନ୍ନାଇ, ହାଇଦ୍ରାବାଦ, ଏଭଳି ବିଭିନ୍ନ ଘରୋଇ କମ୍ପାନୀରେ ଶ୍ରମିକ ଭାବେ କାମ ପରିବାର ପ୍ରତିପୋଷଣ କରୁଥିଲେ । ଗତ କିଛି ଦିନ ହେଲା ନିଜ ଗ୍ରାମରେ ମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ଗ୍ରାମକୁ ଆସିଥିଲେ । ପ୍ରତିଷ୍ଠା ସରିବା ପରେ ଗତ ଏପ୍ରିଲ ୨୦ ଦିନ କେରଳ ରାଜ୍ୟକୁ କାମ ଧନ୍ଦା ଅନ୍ୱେଷଣରେ ଯାଇଥିଲେ । ଗତ ୪ ଦିନ ହେଲା କୁନୁର ନିକଟସ୍ଥ ଏକ ଘରୋଇ କମ୍ପାନୀରେ ଶ୍ରମିକ କାମରେ ନିୟୋଜିତ ଥିଲେ ।

ଗତକାଲି ଘରୋଇ କମ୍ପାନୀରେ କାମ ଚାଲିଥିବା ସମୟରେ ଉପରୁ ଅସାବଧାନତା ତଳକୁ ଖସି ପଡି ଗୁରୁତର ଆହାତ ହୋଇଥିଲେ । ଖବର ପାଇ ତାଙ୍କ ସାଙ୍ଗ ଏବଂ ବନ୍ଧୁମାନେ ପହଞ୍ଚି ତାଙ୍କୁ ଚିକିତ୍ସା ପାଇଁ ନିକଟସ୍ଥ କୁନୁର ସରକାରୀ ଡାକ୍ତରଖାନାକୁ ନିଆଯାଇଥିଲା । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଅଭିମନ୍ୟୁଙ୍କ ମୃତ୍ୟୁ ଘଟିଥିଲା । ଖବର ପାଇ ଥିରୁବନ୍ତପୁରମ ଅଞ୍ଚଳର ପୋଲିସ ଡାକ୍ତର ଖାନାରେ ପହଂଚି ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଛି । ଅଭିମନ୍ୟୁଙ୍କ ସହକର୍ମୀଙ୍କ ଠାରୁ ଖବର ତାଙ୍କ ପରିବାର ଆଜି କେରଳ ଗସ୍ତ କରିଛନ୍ତି । ଅନ୍ୟପଟେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

## ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଡୁଙ୍ଗ ନିଲମ୍ବିତ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ମହାନଗର ନିଗମ ନିର୍ବାହୀ ଯନ୍ତ୍ରୀ ସୁଶାନ୍ତ କୁମାର ଡୁଙ୍ଗ ଡୁଙ୍ଗଙ୍କୁ ମହାନଗର ନିଗମ କମିଶନର ଏ ଶସ୍ୟ ରେଡ୍ଡୀ ନିଲମ୍ବିତ କରିଥିବା ଜଣାପଡିଛି । କାର୍ଯ୍ୟରେ ଅବହେଳା ଓ ଦାୟିତ୍ୱହୀନତା ଏବଂ ବିଶୃଙ୍ଖଳା ପାଇଁ ବ୍ରହ୍ମପୁର ମହାନଗର ନିଗମ କମିଶନର ଏକ ଆଦ୍ଦେଶ ମୋଡରେ ନୂଆଁ କମିଶନର ନିର୍ବାହୀ ଯନ୍ତ୍ରୀ ନିଲମ୍ବିତ କରିଛନ୍ତି । ନିଲମ୍ବନ ସମୟରେ ମୁଖ୍ୟାଳୟ ନଛାଡ଼ିବାକୁ ନିର୍ଦ୍ଦେଶନାରେ ଉଲ୍ଲେଖ କରିଛନ୍ତି । ପ୍ରତିମାସର ପ୍ରଥମ ସପ୍ତାହରେ ନନ-ଏନଗେଜମେଣ୍ଟ ସାର୍ଟିଫିକେଟ ଦାଖଲ କରିବାକୁ ମଧ ନିର୍ଦ୍ଦେଶ ଦିଆଯାଇଛି ।

## ହୋମଗାର୍ଡଙ୍କୁ ଦୁର୍ବ୍ୟବହାର, ଜଣେ ଗିରଫ

ବ୍ରହ୍ମପୁର, (ସବ୍ୟୁ): ବ୍ରହ୍ମପୁର ଷ୍ଟେସନ ରୋଡ ସ୍ଥିତ ଏକ ଘରୋଇ ଚକ୍ଷୁ ଚିକିତ୍ସାଳୟ ନିକଟରେ କାର୍ଯ୍ୟରତ ଜଣେ ହୋମଗାର୍ଡଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ ଓ ଦୁର୍ବ୍ୟବହାର କରିବା ଅଭିଯୋଗରେ ଗୋଷାଣୀ ନୂଆଗାଁ ଥାନା ପୋଲିସ ଜଣେ ଯୁବକଙ୍କୁ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ଲକ୍ଷ୍ମୀନାରାୟଣ ସାହୁ ଓରଫ ଟିକୁ । ଥାନା କେସ ନଂ ୧୪୫/୨୬ ରେ ଅଭିଯୁକ୍ତଙ୍କୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଛି ।

ସୂଚନାପ୍ରକାରେ, ଏପ୍ରିଲ ୨୧ ତାରିଖ ରାତି ପ୍ରାୟ ୧୨ଟା ୩୦ ମିନିଟ ସମୟରେ ଗୋଷାଣୀ ନୂଆଗାଁ ଥାନାରେ ହୋମଗାର୍ଡ ଭାବେ କାର୍ଯ୍ୟରତ ଗୋଳନ୍ଥରା ଥାନା ଅନ୍ତର୍ଗତ ଆମ୍ବପୁର ଗ୍ରାମର ସନାତନ ଦାସ (୨୭) ଷ୍ଟେସନ ରୋଡ ଠାରେ ଥିବା ଚକ୍ଷୁ ଚିକିତ୍ସାଳୟ ନିକଟରେ ଡ୍ୟୁଟିରେ ଥିଲେ । ଏହି ସମୟରେ ଅଭିଯୁକ୍ତ ଟିକୁ ସେଠାକୁ ଆସି ସନାତନଙ୍କୁ ଅତ୍ୟନ୍ତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ ତାଙ୍କୁ ଧକ୍କା ମାରିଥିଲେ । ହୋମଗାର୍ଡ ସନାତନ ଦାସଙ୍କ ଅଭିଯୋଗ ଆଧାରରେ ପୋଲିସ ଏକ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ କରି ଅଭିଯୁକ୍ତଙ୍କୁ ଧରିଥିଲା ।

## କାଳବୈଶାଖୀ ବର୍ଷାରେ ଘରେ ପଶିଲା ପାଣି



ଭଞ୍ଜନଗର, (ସବ୍ୟୁ): ଗଞ୍ଜାମ ଜିଲ୍ଲା ଭଞ୍ଜନଗର ବ୍ଲକର ଗାଲେରୀ ରାଜସ୍ୱ ନୀରିକ୍ଷକ କାର୍ଯ୍ୟାଳୟ ନିକଟରେ ମଙ୍ଗଳବାର ଅପରାହ୍ନରେ କାଳବୈଶାଖୀ ବର୍ଷା ହେତୁ ପାଣି କେଉଁଆଡେ ନଜାଇ ମୁଖ୍ୟରାସ୍ତା ପାର୍ଶ୍ୱରେ ରହୁଥିବା ଦୁଇପରିବା ସତ୍ୟ ବେହେରା ଓ ଲିଲୀ ସେଠୀଙ୍କ ଘର ଭିତରେ ପାଣି ପସି ଘର ଭିତରେ ଥିବା ଚାଉଳ, ଲୁଗାପଟା ଓ ଅନ୍ୟ ଜିନଷ ସବୁ ଓଦା ହୋଇଯାଇଥିବା ଅଭିଯୋଗ ହୋଇଛି । ସୁଚନା ଥାଉକି ବର୍ଷାପାଣି ନିଷ୍କାଷନ ହେବା ନିମନ୍ତେ ଡ୍ରେନର ସୁବିଧା ଥିଲେ ମଧ ସେହି ଡ୍ରେନ ଉପରେ କିଛି ଲୋକ ଅକ୍ତିଆର କରିବା ଦ୍ୱାରା ଅଳିଆ ଜମି ରହୁଛି । ଫଳରେ ଆଜିର ଏହି ବର୍ଷା ହେତୁ ପାଣି ନଯାଇ ଘର ଭିତରେ ପଶିଯାଇଥିଲା । ଏଥିପ୍ରତି ପ୍ରସାଶନ ଏବଠୁ ଗୁରୁତ୍ୱ ନଦେଲେ ଆଗକୁ ବର୍ଷା ହେଲେ ବହୁ ପରିବାର ନାହିଁ ନଥିବର ଅସୁବିଧାର ସମ୍ମୁଖୀନ ହେବା ନିଶ୍ଚିତ ବୋଲି ଗାଲେରୀ ବାସି ଅଭିଯୋଗ କରିଛନ୍ତି ।

## ବିଶିଷ୍ଟ ସ୍ୱେଚ୍ଛାସେବୀ ବିପିନ ବିହାରୀ ମହାନ୍ତିଙ୍କ ପରଲୋକ



ଭୁବନେଶ୍ୱର, (ସବ୍ୟୁ) : କାକଟପୁର ଅଖୁରିଆ ଗ୍ରାମ ନିବାସୀ ତଥା ବିଶିଷ୍ଟ ସ୍ୱେଚ୍ଛାସେବୀ ବିପିନ ବିହାରୀ ମହାନ୍ତିଙ୍କ ଦେହାନ୍ତ ହୋଇଯାଇଛି। ଗତ ୫ ତାରିଖ ଦିନ ସେ ଆଖି ବୁଜିଛନ୍ତି। ମୃତ୍ୟୁ ବେଳକୁ ତାଙ୍କୁ ୭୯ ବର୍ଷ ବୟସ ହୋଇଥିଲା। ସେ ଜଣେ ଅତ୍ୟନ୍ତ ପରୋପକାରୀ, ମିଷ୍ଟଭାସୀ ବ୍ୟକ୍ତି ଥିଲେ ଓ ବହୁ ଅନୁଷ୍ଠାନ ସହ ଜଡ଼ିତ ଥିଲେ। ତାଙ୍କର ମୃତ୍ୟୁ ଖବର ପ୍ରଚାରିତ ହେବାପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଯାଇ ଶେଷ ଦର୍ଶନ କରିବା ସହ ଶୋକସନ୍ତପ୍ତ ପରିବାରକୁ ସମବେଦନା ଜଣାଇଥିଲେ।

## ସୋରୋଡା ହାଇସ୍କୁଲରେ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ

ବୁଗୁଡ଼ା, (ସବ୍ୟୁ) : ସ୍ଥାନୀୟ ଗୋଷ୍ଠୀ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ଅଧିନସ୍ଥ ବିଷ୍ଣୁଚକ୍ର କ୍ଲଷ୍ଟର ଅନ୍ତର୍ଗତ ସୋରୋଡ ଗ୍ରାମସ୍ଥ ଶ୍ରୀ ବାଲୁଙ୍କେଶ୍ୱର ଉଚ୍ଚ ବିଦ୍ୟାଳୟର ମେଧାବୀ ଛାତ୍ରୀ ନିବେଦିତା ବେହେରା ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷା-୨୦୨୬ରେ ସର୍ବାଧିକ ୫୬୩(୯୩.୮୩%)ମାର୍କ ହାସଲ କରି ବୁଗୁଡା ବ୍ଲକ ଟପର ରୂପେ ବିବେଚିତ ହୋଇଥିବା ବେଳେ ତାଙ୍କୁ ଭବ୍ୟ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିବା ଜଣାଯାଇଛି । ସୋରୋଡ ହାଇସ୍କୁଲ ପରିସରରେ ପ୍ରଧାନ ଶିକ୍ଷକ ସିଦ୍ଧାର୍ଥ ସ୍ୱାଇଁଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ମେଧାବୀ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଇଓ ଚିନ୍ମୟ ମହାପାତ୍ର ଏବଂ ସମ୍ମାନିତ ଅତିଥି ଭାବେ ସିଆରସିସି ସନ୍ତୋଷ କୁମାର ଡାକୁଆ ଯୋଗ ଦେଇଥିଲେ । ଏ ଅବସରରେ ବୁଗୁଡା ବ୍ଲକ ଟପର ଛାତ୍ରୀ ନିବେଦିତା ବେହେରା ଏବଂ ବିଦ୍ୟାଳୟର ଅନ୍ୟତମ ଏ-୧ ଗ୍ରେଡ୍ ଛାତ୍ରୀ କୋମଳ ବେହେରାଙ୍କ ସମେତ ଛାତ୍ର ଆଶୁତୋଷ ସ୍ୱାଇଁ ଓ ସୋନାଲି ଦାସ ପ୍ରମୁଖଙ୍କୁ ଶୁଭେଚ୍ଛା ଜ୍ଞାପନ ସହ ପୁଷ୍ପଗୁଚ୍ଛ, ଉପଢୌକନ ଓ ଉପହାର ପ୍ରଦାନ ପୂର୍ବକ ଭବ୍ୟ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଶିକ୍ଷକ ଉମାକାନ୍ତ ଦାଶ, ହରେକୃଷ୍ଣ ଦୁହୁଡି, ସତ୍ୟବାନ ସାହୁ ଓ ଶିକ୍ଷୟିତ୍ରୀ ବନିତା ବେହେରା ଉପସ୍ଥିତ ରହି ବିଦ୍ୟାଳୟର ମେଧାବୀ ଛାତ୍ରଛାତ୍ରୀଙ୍କୁ ମାର୍ଗ ଦର୍ଶନ ସହ ତାଙ୍କର ଶୁଭକାମନା କରିଥିଲେ । କାର୍ଯ୍ୟକ୍ରମର ପରିଶେଷରେ ଶିକ୍ଷକ ଦିନବନ୍ଧୁ ଗୌଡ ଧନ୍ୟବାଦ ଅର୍ପଣ କରିଥିଲେ ।

## କୁଡୁମାଲୀ କଲଚୁରାଲ ଆସୋସିଏସନ ପକ୍ଷରୁ ମାଟ୍ରିକ ରାଜ୍ୟ ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧନା

ବାରିପଦା, (ସବ୍ୟୁ) : ଚଳିତ ବର୍ଷ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର, ତୁଳସୀଚୌରା, ବାରିପଦାର ଛାତ୍ର ପାର୍ଥସାରଥି ମହାନ୍ତ ୫୮୮ ନମ୍ବର ରଖି ଓଡିଶାରେ ଟପ୍ପର ହେବାର ସୌଭାଗ୍ୟ ପାଇଥିବାରୁ କୁଡୁମାଲୀ କାଲଚୁରାଲ ଆସୋସିଏସନ, ବାରିପଦା ପକ୍ଷରୁ ତାଙ୍କ ବାରିପଦା ସ୍ଥିତ ମଧୁବନ ବାସଭବନ ଠାରେ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଆସୋସିଏସନର ସଭାପତି ଡଃ ଭକ୍ତହରି ମହାନ୍ତଙ୍କ ପୌରୋହିତ୍ୟରେ ଓ ସାଧାରଣ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ତାଙ୍କୁ ମାନପତ୍ର ସହ ୫ ହଜାର ଟଙ୍କା ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଛି। ତାଙ୍କ ବାପା ଜଣେ ପାଇପ ମିସ୍ତ୍ରୀ ଓ ମାଆ ଜଣେ ଆଶାକର୍ମୀ ହୋଇ ମଧ ସାରା ଓଡିଶାରେ ଟପ୍ପର ହୋଇ ଜଣେ ମେଧାବୀ ଛାତ୍ର ଭାବେ ପରିଚୟ ସୃଷ୍ଟି କରିପାରିଛନ୍ତି। ଜଣେ ମେଧାବୀ ଛାତ୍ର ଭାବେ ସେ ଏନ.ଆର ଟିଏସ-୨୦୨୫ରେ ଜିଲ୍ଲାରେ ପ୍ରଥମ, ପଠାଣୀ ସାମନ୍ତ ଗଣିତ ମେଧାବୃତ୍ତି ପ୍ରତିଯୋଗିତାରେ ଜିଲ୍ଲାରେ ପ୍ରଥମ, ପ୍ରାଦେଶିକ ମେଧା ପରୀକ୍ଷା ୨୦୨୫ରେ ଓଡିଶାରେ ପ୍ରଥମ, ଭାରତୀକୃଷ୍ଣ ଗଣିତ ପରୀକ୍ଷା ୨୦୨୫ରେ ଓଡିଶାରେ ପ୍ରଥମ ହେବା ସହିତ ଅନ୍ୟାନ୍ୟ ଅନେକ ଜିଲ୍ଲା ଓ ରାଜ୍ୟସ୍ତରୀୟ ପୁରସ୍କାର ପାଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଗଣେଶ୍ୱର ମହାନ୍ତ, ଇଂ ଯୁଧିଷ୍ଠିତ ମହାନ୍ତ, ବାରିପଦା ଓକିଲ ସଂଘର ବରିଷ୍ଠ ଆଇନ୍‌ଜିବୀ କୋଷାଧ୍ୟକ୍ଷ ପଦ୍ମଲୋଚନ ମହାନ୍ତ, ସମାଜସେବୀ ବୁଧିରାମ ସିଂ, ମାମୁଁ ସଚିବାଳୟ କାର୍ଯ୍ୟାଳୟର ଏ.ଏସ.ଓ ଯୋଗେଶ୍ୱର ମହାନ୍ତ, ବାପା ଗଣେଶ୍ୱର ମହାନ୍ତ, ମାତା ସାବିତ୍ର ମହାନ୍ତ, ଅଜା ଉପେନ୍ଦ୍ର ମହାନ୍ତ, ଗିତା ମହାନ୍ତ, ଜେଜେମା ବାରି ମହାନ୍ତ ଓ ବଡମାମୁ ରାମେଶ୍ୱର ମହାନ୍ତ ଉପସ୍ଥିତ ଥାଇ ତାଙ୍କୁ ଉତ୍ସାହିତ କରିବା ସହିତ ନିଜ ନିଜର ଆଭିମୁଖ୍ୟ ରଖିଥିଲେ। ପ୍ରଶାସନିକ ଅଧିକାରୀ ହେବା ପାଇଁ ଟପର ଛାତ୍ର ନିଜର ଅଭିଳାଷ ରଖିଛନ୍ତି ।

## ବ୍ରହ୍ମପୁର ବିଶ୍ୱବିଦ୍ୟାଳୟରେ ଗ୍ରୀଷ୍ମକାଳୀନ ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ



ବ୍ରହ୍ମପୁର, (ସବ୍ୟୁ) : ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ବିଜୁ ପଟ୍ଟନାୟକ ଅଡ଼ିଟୋରିୟମ ଠାରେ ମଙ୍ଗଳବାର ପୂର୍ବାହ୍ନରେ ବିଶ୍ୱବିଦ୍ୟାଳୟ ଅଧୀନରେ ଥିବା ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ଗ୍ରୀଷ୍ମ କାଳୀନ ଶୈକ୍ଷିକ ବିକାଶ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାଶ ଅଧ୍ୟକ୍ଷତା କରିବା ସହ ଏଭଳି କାର୍ଯ୍ୟକ୍ରମ ଆୟୋଜନ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କର ଶୈକ୍ଷିକ ଏବଂ ମାନସିକ ସ୍ତରରେ ଉନ୍ନତି ହୋଇଥାଏ ।

ସରକାରଙ୍କ ଏହି ପଦକ୍ଷେପ ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ ଅଟେ ବୋଲି ସେ କହିଥିଲେ । ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଆଇଜରର ନିର୍ଦ୍ଦେଶକ ପ୍ରଫେସର ଅଶୋକ କୁମାର ଗାଙ୍ଗୁଲି ଯୋଗ ଦେଇ ଶୈକ୍ଷିକ ବିକାଶ ଉପରେ ଛାତ୍ର,ଛାତ୍ରୀ ମାନଙ୍କୁ ପରାମର୍ଶ ଦେଇଥିଲେ ।

ଅନ୍ୟମାନଙ୍କ ମଧ୍ୟରେ ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ସୁକାନ୍ତ କୁମାର ତ୍ରିପାଠୀ, ମହାବିଦ୍ୟାଳୟ ଉନ୍ନୟନ ପରିଷଦର ନିର୍ଦ୍ଦେଶକ ପ୍ରଫେସର ସିଦ୍ଧାର୍ଥ ଶଙ୍କର ପଣ୍ଡା, ଛାତ୍ର କଲ୍ୟାଣ ନିର୍ଦ୍ଦେଶକ ପ୍ରଫେସର ଗଣେଶ ସେଠି ପ୍ରମୁଖ ମଞ୍ଚାସିନ ଥିଲେ । ପ୍ରଫେସର ସେଠି ଅତିଥି ପରିଚୟ ପ୍ରଦାନ କରି ସହ ସମ୍ୟକ ସୂଚନା ଦେଇଥିବା ବେଳେ ସ୍ୱସ୍ତି ଶ୍ରୀୟା ସଭାକାର୍ଯ୍ୟ ସଂଯୋଜନା କରିଥିଲେ ।

# ବାରିପଦା ଉତ୍କଳ କରାଟେ ସ୍କୁଲକୁ ୨୬ଟି ସ୍ୱର୍ଣ୍ଣ ପଦକ




ବାରିପଦା, (ସବ୍ୟୁ) : ରାଞ୍ଚି ସ୍ଥିତ ହରିବଂଶ ତାନାଭଗତ୍ ଇଣ୍ଡୋର ଷ୍ଟାଡିୟମରେ ଠାରେ ୩ୟ ସିକୋକାଇ ସର୍ବଭାରତୀୟ ଓପନ କରାଟେ ଚମ୍ପିନ ସିପ ୨୦୨୬ ଉଦ୍‌ଯାପିତ ହୋଇଯାଇଅଛି । ଏହି ଚାମ୍ପିଆନ୍‌ସିପରେ ବାରିପଦା ଉକିଳ କରାଟେ ସ୍କୁଲ ମେନ୍ ଡୋଜୋ (ଦାର୍ଗଡାହି ସ୍ଥିତ ଜୁବ୍ଲି ପେଟ୍ରୋଲ ପମ୍ପ ପାଖ)ରୁ ତଥା କ୍ୟୋନସି ଶ୍ରୀକାନ୍ତ ବାରିକ ଓ ମୁଖ୍ୟ ପ୍ରୋଷିକ୍ଷୋକୋ ରେଂଶି ସୁଶାନ୍ତ ବାରିକ ତତ୍ତ୍ୱାବଧାନରେ ୩୨ଜଣ ପ୍ରତିଯୋଗୀ ଭାଗ ନେଇଥିଲେ ।

ସେଥିମଧ୍ୟରୁ ଜୟଦିପ ମହାନ୍ତ, ସାଇ ସୁର୍ଯ୍ୟାଂଶୁ ସାହୁ, ଆଦିର ଦେ, କିଷ୍କିନ୍ଧ୍ୟା ମୁର୍ମୁ, ଆରୋହି ମହାପାତ୍ର, ଲୌକିକ ସ୍ୱରତ ମହାନ୍ତ, ଶୁଭଙ୍କର ପ୍ରତିହାରୀ, ଆରାଧ୍ୟା ମହାର୍ଣା, କ୍ରିଷ୍ଣା ମୁଖୀ, ଇତିଶ୍ରୀ ନାଏକ, ପ୍ରିୟାଂଶୁ ମିଶ୍ର, ତାନ୍ୟା ତାପ୍ତି ମହାନ୍ତି, ଭାର୍ଗଭ ବାସୁରି, ଅଞ୍ଜଳୀ ଟୁଡୁ, ଆର୍ ଜେ ଦେବରାଜ ସିଂ, ସାଇଓମ ମହାପାତ୍ର ଆଦି କାତାରେ ସ୍ୱର୍ଣ୍ଣ, କାବ୍ୟାଂଶ କୁମାର ଗିରି, ଜିଜ୍ଞାଶା ବାସୁରି, ବୈଭବ ପଟ୍ଟନାୟକ, ଏସନ ମହାନ୍ତ, ସାଇ ଆରଧ ଖିଲାର, ସୂର୍ଯ୍ୟକାନ୍ତ ପୌଲ, ରିତିକା ରାଣୀ ବେହେରା, ରିତେଶ କମିଲା, ସମୀକ୍ଷା ବାରିକ କାତାରେ ରୋପ୍ୟୋ, ତନିଶା ମହାନ୍ତ, ଯେ ପବନ ନନ୍ଦନ, ଯଶ ବିଶ୍ୱାଳ, ପ୍ରୀୟାଂଶୀ ହେମ୍ବ୍ରମ, ସାଇ ପରିନିତା ମଣ୍ଡଳ, ଜୟନି ସେଠୀ, ପଦ୍ମଜା ଦତ୍ତ ଆଦି କାତାରେ କାଂସ୍ୟ ପଦକ ଏବଂ ସେହିପରି ଜୟଦିପ ମହାନ୍ତ, ରିତିକା ରାଣୀ ବେହେରା, ବୈଭବ ପଟ୍ଟନାୟକ, ଆଦିର ଦେ, ଜିଜ୍ଞାସା ବାସୁରୀ, ତନିଶା ମହାନ୍ତ, ସାଇ ସୁର୍ଯ୍ୟାଂଶୁ ସାହୁ, ତାନ୍ୟା ତାପ୍ତି ମହାନ୍ତି, ଆର୍ ଜେ ଦେବରାଜ ସିଂ, ସମୀକ୍ଷା ବାରିକ ଆଦି କୁମିତେରେ ସ୍ୱର୍ଣ୍ଣ, କାଭ୍ୟାଂଶ କୁମାର ଗିରି, କିଷ୍କିନ୍ଧ୍ୟା ମୁର୍ମୁ, ପଦ୍ମଯା ଦତ୍ତ, ସୂର୍ଯ୍ୟକାନ୍ତ ପୌଲ, ରିତେଶ କମିଲା, ଭାର୍ଗବ ବାସୁରି, ଅଞ୍ଜଳୀ ଟୁଡୁ, ଜୟନୀ ସେଠୀ ଆଦି କୁମୀତେରେ ରୋପ୍ୟୋକ୍ଷ, ଆରୋହି ମହାପାତ୍ର, ଏସନ ମହାନ୍ତ, ସାଇ ଆରୋଧ ଖିଲାର, ଶୁଭଙ୍କର ପ୍ରତିହାରୀ, ଯେ ପବନ ନନ୍ଦନ, କ୍ରିଷ୍ଣା ମୁଖୀ, ଇତିଶ୍ରୀ ନାୟକ, ପ୍ରିୟାଂଶୁ ମିଶ୍ର, ଯଶ ବିଶ୍ୱାଳ, ପ୍ରୀୟଂଶୀ ହେମ୍ବ୍ରମ, ସାଇ ପରିନୀତା ମଣ୍ଡଳ ଓ ସାଇଓମ ମହାପାତ୍ର ଆଦି କୁମୀତେରେ କାଂସ୍ୟ ଏବଂ ଜିଜ୍ଞାସା ବାସୁରୀ, ଇତିଶ୍ରୀ ନାଏକ, କିଷ୍କିନ୍ଧ୍ୟା ମୁର୍ମୁ ଆଦି ଦଳଗତ କାତାରେ ରୌପ୍ୟ, ଓ୍ୱ ଜୟଦୀପ ମହାନ୍ତ, କାବ୍ୟାଂଶ କୁମାର ଗିରି, ବୈଭବ ପଟ୍ଟନାୟକ ଦଳଗତ କାତାରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ସ୍କୁଲ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ଆସିଥିବା ଉପନିର୍ଦ୍ଦେଶକ କରୁଣା କର ହେମ୍ବ୍ରମ କୃତୀ ଛାତ୍ରଛାତ୍ରୀ ମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀ ସର୍ବାଧିକାରୀଙ୍କ ଅଭିଷେକ ଉତ୍ସବ



କଟକ, (ସ୍ୱପ୍ର): ଶୁକ୍ରବାର ୨୨ ଦିଗଭାଗ ସଂକୀର୍ତ୍ତନ ମଣ୍ଡଳୀର ସର୍ବାଧିକାରୀ ସୁବାଷ ଚନ୍ଦ୍ର ସାହୁଙ୍କ ଅଭିଷେକ ଉତ୍ସବ ୨୨ ସଭାଗୃହ ନୟାଚୌକ ସ୍ଥିତ ରାଧାକୃଷ୍ଣଙ୍କ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଯାଇଛି। ଅଭିଷେକ ପୂଜାର୍ଚ୍ଚନା ହେବା ପରେ ପଣ୍ଡିତମାନେ ସର୍ବାଧିକାରୀଙ୍କ ମସ୍ତକରେ ଶିରପା ପଗଡି ବାନ୍ଧି ଥିଲେ। ପରେ ଅପରାହ୍ଣ ୪ ଘଣ୍ଟିକାରେ ନୂଆପଡ଼ା ଦୁର୍ଗା ମଣ୍ଡପ ଠାରେ ୨୨ ଦିଗର ୩୨ଟି ସଂକୀର୍ତ୍ତନ ମଣ୍ଡଳୀ ସଂକୀର୍ତ୍ତନ ଶୋଭାଯାତ୍ରା କରି ଦରଖାପାଟଣା ସ୍ଥିତ ସର୍ବାଧିକାରୀ ସୁବାଷ ଚନ୍ଦ୍ର ସାହୁଙ୍କର ବାସଭବନ ନିକଟରେ ପହଞ୍ଚିଥିଲେ। ଏଥିରେ ସାଧୁସନ୍ଥମାନେ ବହୁ ସଂଖ୍ୟାରେ ଯୋଗଦେଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। ଏଥିରେ ୭୨ ସର୍ବାଧିକାରୀ ଦେବେନ୍ଦ୍ର ସାହୁ ୨୫ ଦିଗ ସର୍ବାଧିକାରୀ ସୁରେଶ କୁମାର ସାହୁ ୧୯ ଦିଗର, ବୀରେନ୍ଦ୍ର କୁମାର ସାହୁ, ୧୬ ଦିଗର ପ୍ରଦୀପ କୁମାର ସାହୁ ପ୍ରମୁଖ ସର୍ବାଧିକାରୀ ସୁବାଷ ସାହୁଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବୋର୍ଦ୍ଧିତ କରିଥିଲେ। ଏହି ଉତ୍ସବରେ ପୂର୍ବତନ ବିଧାୟକ ତଥା ୨୨ ଦିଗର ସଭ୍ୟ ଡଃ. ପ୍ରଭାତ ରଞ୍ଜନ ବିଶ୍ୱାଳ, ବିଜେପି ନେତା ନୟନ କିଶୋର ମହାନ୍ତି, ସ୍ମୃତି ପଟ୍ଟନାୟକ, ବିଧାୟକ ସୋଫିଆ ଫିରଦୋଷ ପ୍ରମୁଖ ଯୋଗଦେଇ ସର୍ବାଧିକାରୀଙ୍କୁ ସମ୍ବୋର୍ଦ୍ଧିତ କରିଥିଲେ। ଏଥିରେ ବହୁ ସାଧୁସନ୍ଥମାନେ ଯୋଗଦେଇ ଆର୍ଶୀବଚନ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ଦରପୁର ସାହି ଅଧିକାରୀ ପ୍ରମୋଦ ଭୋଳ ୪ ଦିଗର ସମସ୍ତ ପଦାଧିକାରୀ, କଟୁଆଳ, ମହନ୍ତ, ପ୍ରମୁଖ ଯୋଗ ଦେଇଥିବା ବେଳେ ଶରତ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।

# ବିପୁଳ ପରିମାଣର ଗଞ୍ଜେଇ ଓ ମହୁଲି ପୋଚ ଜବତ



ସୋନପୁର, (ସବ୍ୟୁ) : ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ ଗୁଜା ଗାଁରୁ ବିପୁଳ ପରିମାଣ ର ଗଞ୍ଜେଇ ଓ ମହୁଲି ପୋଚ ଜବତ । ଉଲୁଣ୍ଡା ଥାନା ଅଧୀନସ୍ଥ ଗୁଜା ଗ୍ରାମରେ ଦେଶୀ ରନ୍ଧା ମହୁଲି ମଦ ଓ ଗଞ୍ଜେଇ ପରିବହନ ସମ୍ପର୍କରେ ସୋନପୁର ପୋଲିସକୁ ଗୁଇନ୍ଦା ସୂଚନା ମିଳିଥିଲା । ଏ ନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସବିଶେଷ ସୂଚନା ଦେଇଛନ୍ତି ଏସପି ନାରାୟଣ ନାୟକ । ସୋମବାର ବିଳମ୍ବିତ ରାତିରେ ସୁବର୍ଣ୍ଣପୁର ପୋଲିସ ଅଧୀକ୍ଷକଙ୍କ ନିର୍ଦ୍ଦେଶ କ୍ରମେ ଉଲୁଣ୍ଡା ଥାନା ଆଇଆଇସି ଓ କର୍ମଚାରୀଙ୍କ ସହିତ ଗୁଜା ଗ୍ରାମରେ ଚଢାଉ କରି ଅଭିଯୁକ୍ତଙ୍କ ଅବୈଧ କବଜାରୁ ଚୋରା ଗଞ୍ଜେଇ ଜବତ କରିଥିଲେ । ଏହି ମାମଲାରେ ଏନଡିପିଏସ ଆଇନର ପ୍ରଚଳିତ ନିୟମ ଅନୁସରଣ କରି, ସାକ୍ଷୀ ଏବଂ କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ତଲାସୀ କରାଯାଇଥିଲା ବେଳେ ମୋଟ ୦୭ ଗୋଟି ବଡ଼ ବ୍ୟାଗ ଚିହ୍ନଟ ହୋଇଥିଲା । ଉକ୍ତ ୦୭ ଗୋଟି ବଡ଼ ବ୍ୟାଗ ଖୋଲିବା ପରେ, ପଲିଥିନରେ ଗୁଡ଼ାଯାଇଥିବା ୧୬୦ଟି ଛୋଟ ପ୍ୟାକେଟରୁ ସର୍ବମୋଟ ୧ କ୍ୱିଣ୍ଟାଲ ୫୮ କେଜି ୫୦୦ ଗ୍ରାମ ଗଞ୍ଜେଇ ମିଳିଥିଲା । ସରକାରୀ ମୂଲ୍ୟ ଅନୁଯାୟୀ ଜବତ ଗଞ୍ଜେଇର ଆନୁମାନିକ ମୂଲ୍ୟ ୧୫,୮୫,୦୦୦ ଟଙ୍କା ହେବ ବୋଲି ଜଣାପଡିଛି । ଏହି ମାମଲାରେ ୨ ଜଣ ଅଭିଯୁକ୍ତ ଗୁଜା ଗ୍ରାମର ଭରଦ୍ୱାଜ କର୍ଣ୍ଣ (୩୬) ଓ ଗୋପବନ୍ଧୁ କର୍ଣ୍ଣ (୩୪) ଙ୍କୁ ଗିରଫ କରାଯିବା ସହ ଉଲୁଣ୍ଡା ଥାନାରେ ଏକ ମାମଲା ୮୦/୨୦୨୬ ଆକ୍ଟ.ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି ଏବଂ ଗଞ୍ଜେଇର ଉତ୍ସ ଏବଂ ଅପରାଧୀମାନଙ୍କ ବିଷୟରେ ଅଧିକ ତଦନ୍ତ ଜାରି ରହିଛି । ସେଠାରେ ଦେଶୀ ରନ୍ଧା ମହୁଲି ମଦ ପ୍ରସ୍ତୁତି କରୁଥିବା ବେଳେ ଆଇଆଇସି ଉଲୁଣ୍ଡା ଥାନା କର୍ମଚାରୀଙ୍କ ସହିତ ଅବକାରୀ ବିଭାଗର ଉପସ୍ଥିତିରେ ୨୦୦ ଲିଟର ଦେଶୀ ମହୁଲି ରନ୍ଧା ମଦ ଜବତ କରିଥିଲେ ଏବଂ ପ୍ରାୟ ୫୦୦୦ ଲିଟର ମହୁଲି ପୋଚ ନଷ୍ଟ କରିଥିଲେ । ଏହି ମାମଲାରେ ଜଣେ ଅଭିଯୁକ୍ତ ଶଙ୍କର କର୍ଣ୍ଣଙ୍କୁ ଅଟକ ରଖାଯାଇ ଉଲୁଣ୍ଡା ଥାନା ରେ ଆଉ ଏକ ମାମଲା ୮୧/୨୦୨୬ ଓଡ଼ିଶା ଅବକାରୀ ଆଇନ ଅନୁଯାୟୀ ଏକ ମାମଲା ରୁଜୁ କରାଯାଇଛି ଏବଂ ତଦନ୍ତ ଚାଲିଛି ।

### ଶିବ ମନ୍ଦିରରୁ ତାଲା ଭାଙ୍ଗି ଚୋରି ଘଟଣା

# ଚୋରି ସାମଗ୍ରୀ ଆଣି ରଖିଦେଲା ଦୁର୍ବୃତ୍ତ

ମୁରିବାହାଲ,(ସବ୍ୟୁ): ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗୁଡିଘାଟ ପଞ୍ଚାୟତ ସଦର ମହକୁମାରେ ଥିବା ଶିବ ମନ୍ଦିରରୁ ତାଲା ଭାଙ୍ଗି ପାଣି ମୋଟର ପମ୍ପରେ ବ୍ୟବହୃତ ବିଦ୍ୟୁତ ତାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରୀ ହୋଇଥିବା ନେଇ ଥାନାରେ ଲିଖିତ ଏତଲା ହୋଇଥିଲା। ଶିବ ମନ୍ଦିରର ପୂଜାରୀ ଦେବବ୍ରତ ବିଶି ଥାନାରେ ଦେଇଥିବା ଏତଲା ଆଧାରରେ ଶନିବାର ମଧ୍ୟ ରାତିରେ ଦୃର୍ବୃତ୍ତମାନେ ମନ୍ଦିରର ତାଲା ଭାଙ୍ଗି ମନ୍ଦିରରେ ଥିବା ପାଣି ମୋଟର ପମ୍ପରେ ବ୍ୟବହୃତ ବିଦ୍ୟୁତ୍ ତାର ଓ ଅନ୍ୟାନ୍ୟ ସାମଗ୍ରୀ ଚୋରୀ କରିନେଇଥିବା ଜାଣିପାରି ସେ ସକାଳେ ଥାନାରେ ଲିଖିତ ଏତଲା ଦେଇଥିଲେ। ଥାନାରେ ଏତଲା ଦେବାର ଦିନକ ପରେ ଦୃର୍ବୃତ୍ତମାନେ ମନ୍ଦିରର ଚୋରୀ ବିଦ୍ୟୁ ତାର ଆଣି ମନ୍ଦିର ପରିସରରେ ରଖିଦେଇଥିବା ଆଶ୍ଚର୍ଯ୍ୟ କରିଛି। ଚୋରମାନେ ଶିବ ଭଗବାନଙ୍କୁ ଡରି ଚୋରି ସାମଗ୍ରୀ ଫେରାଇ ଦେଇଥିବା ଚର୍ଚ୍ଚା ଆଲୋଚନା ହେଉଛି । ଏହା ପୂର୍ବରୁ ଗତ ମାର୍ଚ୍ଚ ୧୩ତାରିଖ ଦିନ ମଖାପାଲି ନାମଯଜ୍ଞ ସ୍ଥଳରୁ ଜାନିପଡା ଗ୍ରାମର ଜଣେ ବ୍ୟକ୍ତିଙ୍କ ଚୋରି ବାଇକ୍ କୁ ୪ଦିନ ପରେ ଦୃର୍ବୃତ୍ତମାନେ ସେହି ସ୍ଥାନରେ ଫିଙ୍ଗି ଦେଇଥିବା ଚର୍ଚ୍ଚାର ବିଷୟ ହୋଇଥିଲା। ସେହିପରି ସେହି ରାତିରେ ଗୁଡିଘାଟର ଅନ୍ୟ ତିନୋଟି ସ୍ଥାନରୁ ଓ ବାହ୍ନୁପଳାର ଗୋଟିଏ ସ୍ଥାନରୁ ମଧ୍ୟ ଦୃର୍ବୃତ୍ତମାନେ ସମାନ ଧରଣର ପାଣି ମୋଟର ପମ୍ପରେ ବ୍ୟବହୃତ ବିଦ୍ୟୁତ୍ ତାର କାଟିନେଇ ଚୋରୀ କରିନେଇଥିବା ତାହା ଫେରାଇ ନ ଥିବା ଜଣାପଡିଛି। ଗୁଡିଘାଟ,ବଡସାଇମରା,ଚଲକି ଓ ଇଛାପଡ଼ା ପଞ୍ଚାୟତ ଅଞ୍ଚଳରେ ବଣୁଆ ହାତୀପଲ ଚଳପ୍ରଚଳ କରୁଥିବା ଯୋଗୁଁ ସନ୍ଧ୍ୟାରୁ ଗୁଡିଘାଟ ଗ୍ରୀଡରୁ ସାମୟିକ ଭାବେ ବିଦ୍ୟୁତ୍ ସରବରାହ ବିଚ୍ଛିନ୍ନ ରହୁଥିବାରୁ ଦୃର୍ବୃତ୍ତମାନେ ଏହାର ସୁଯୋଗ ନେଇ ବିଦ୍ୟୁତ ତାର କାଟି ନେଉଥିବା ଅଭିଯୋଗ ହୋଇଛି। ବିଦ୍ୟୁତ୍ ବିଭାଗ ପକ୍ଷରୁ ହାତୀପଲଙ୍କ ଗତିବିଧି ଓ ଲୋକଙ୍କ ସୁରକ୍ଷା ପାଇଁ ବିଦ୍ୟୁତ୍ କାଟ ବନ୍ଦ ସହ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ଅଞ୍ଚଳର ଜନସାଧାରଣ ଦୃଢ଼ ଦାବି କରିଛନ୍ତି।

## ଅମ୍ବରୀଶ ପାଣିଗ୍ରାହୀଙ୍କ ବିୟୋଗରେ ଶୋକସଭା

ସମ୍ବଲପୁର,(ସବ୍ୟୁ): ଅମ୍ବରୀଶ ପାଣିଗ୍ରାହୀଙ୍କ ବିୟୋଗରେ ଗଙ୍ଗାଧର ମେହେର ମହାବିଦ୍ୟାଳୟ ୧୯୭୫ବ୍ୟାଚ୍ର ବନ୍ଧୁ ମାନଙ୍କର ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ସୁଧିର ମିଶ୍ରଙ୍କ ସଂଯୋଜନାରେ ସ୍ୱର୍ଗତ ଆତ୍ମାର ସଦ୍‌ଗତି କାମନା କରି ୨ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜ୍ଞାପନ କରାଯାଇଥିଲା। ଏଥିରେ ସୀତାଂଶୁ ତ୍ରିପାଠୀ, ଡ. ବିଜୟ କୁମାର ପ୍ରଧାନ, ସୁକାନ୍ତ ବହିଦାର, ଶଙ୍କର ପଣ୍ଡା, ବିବେକାନନ୍ଦ ମହାନ୍ତି, ଅମୂଲ୍ୟ ମିଶ୍ର, ଦିଲ୍ଲୀପ ପାରମାର, ମିନାକ୍ଷୀ ପୂଜାରୀ, ରାଜେଶ୍ୱରୀ ଦାସ ପ୍ରମୁଖ ଯୋଗ ଦେଇ ସ୍ମୃତିଚାରଣ କରିଥିଲେ।

### କଲ୍ୟାଣସିଂହପୁର ଲ୍ୟାମ୍ପ ଦୁର୍ନୀତି

# ୭୫ ଲକ୍ଷରୁ ଅଧିକ ଟଙ୍କା ହଡପ ସନ୍ଦେହ!

ରାୟଗଡା,(ସବ୍ୟୁ): ରାୟଗଡ଼ା ଜିଲ୍ଲାର କଲ୍ୟାଣସିଂହପୁର ଲ୍ୟାମ୍ପରେ ଆର୍ଥିକ ଅନିୟମିତତା ଘଟଣା ପ୍ରକାଶ ପାଇଛି। ପ୍ରାରମ୍ଭିକ ତଦନ୍ତରୁ ଜଣାପଡ଼ିଛି ଯେ ପରିଚାଳନା ନିର୍ଦ୍ଦେଶକ ତାରିଣୀ ପ୍ରାସାଦ ତ୍ରିପାଠୀ ନିଜ ଓ ସଂପର୍କିୟଙ୍କ ନାମରେ ୭୫ ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ବେଆଇନ ଭାବେ ହଡପ କରିଥିବା ସୂଚନା ମିଳିଛି । ତଦନ୍ତ ଅନୁସାରେ ମିନି ବ୍ୟାଙ୍କ ଆକାଉଣ୍ଟରୁ ୨୮ ଲକ୍ଷ ୨୯ ହଜାର ଟଙ୍କା ଉଠାଯାଇଥିବା ସହ ଭାଇଙ୍କ ନାମରେ ୧୪ ଲକ୍ଷ ୨୧ ହଜାର, ବାପାଙ୍କ ନାମରେ ୩ ଲକ୍ଷ ୭୫ ହଜାର, ସ୍ତ୍ରୀ ଓ ସଂପର୍କିୟଙ୍କ ନାମରେ ୬ ଲକ୍ଷ ୬୫ ହଜାର ଏବଂ ନିଜ ନାମରେ ୨୨ ଲକ୍ଷ ଟଙ୍କା ଅନିୟମିତ ଭାବେ ନେଇଥିବା ତଥ୍ୟ ସାମ୍ନାକୁ ଆସିଛି । ଏହି ଟଙ୍କା ହଡପ ପାଇଁ ଲ୍ୟାମ୍ପର ବିଭିନ୍ନ କାମ ନାମରେ ମିଥ୍ୟା ଖର୍ଚ୍ଚ ଦର୍ଶାଯାଇଥିବା ଅଭିଯୋଗ ରହିଛି। ପାଚେରୀ ନିର୍ମାଣ ଓ ମରାମତି କାମ ଦେଖାଇ ଟଙ୍କା ଉଠାଯାଇଥିବା ସହ ବ୍ୟାଙ୍କ ଖାତା ଓ କ୍ୟାଶ ବୁକ୍ ମଧ୍ୟରେ ତାଳମେଳ ନଥିବା ତଦନ୍ତରେ ପ୍ରକାଶ ପାଇଛି। ଏହା ସହିତ ହିସାବ ରକ୍ଷକଙ୍କ ଅଜାଣତରେ ମଧ୍ୟ ଟଙ୍କା ଉଠାଣ ହୋଇଥିବା ଅଭିଯୋଗ ରହିଛି । ଘଟଣା ପ୍ରକାଶ ପାଇବା ପରେ ଏମଡ଼ି ତାରିଣୀ ପ୍ରାସାଦ ତ୍ରିପାଠୀଙ୍କୁ ତୁରନ୍ତ ଦାୟିତ୍ୱରୁ ହଟାଯାଇଛି। ଏହାସହ ଏରିଆ ମ୍ୟାନେଜର ସିଲା ନିରଞ୍ଜନଙ୍କୁ ନୂତନ ପରିଚାଳନା ନିର୍ଦ୍ଦେଶକ ଭାବେ ଦାୟିତ୍ୱ ଦିଆଯାଇଛି । ଶନିବାର ତଦନ୍ତ ସମୟରେ ପରିଚାଳନା କମିଟି ସଭାପତି ଶଙ୍କର ହୁଇକା, ଉପସଭାପତି ପ୍ରମିଳା କାଡ୍ରାକା ସହ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଡିଆରସିଏସ୍ ଜନ୍ମେଜୟ ମହାପାତ୍ରଙ୍କ ଅନୁସାରେ, ମୋଟ ୭୫ ଲକ୍ଷ ଟଙ୍କାରୁ ଅଧିକ ଟଙ୍କା ବେଆଇନ ଭାବେ ହଡପ ହୋଇଥିବା ସନ୍ଦେହ ରହିଛି ଓ ଏନେଇ ତଦନ୍ତ ଜାରି ରହିଥିବା ବେଳେ ଏହାକୁ ଭିଜିଲାନ୍ସ ଦ୍ୱାରା ତଦନ୍ତ କରିବା ପାଇଁ ଚାଷୀ ଦାବି କରିଛନ୍ତି । ପ୍ରକାଶଥାଉକି ଗତ ୧୩ ଏପ୍ରିଲରେ ଜିଲ୍ଲା ସ୍ତରୀୟ ଜନଶୁଣାଣିରେ କିଛି ଚାଷୀ ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ନିକଟରେ ଏହି ଅଭିଯୋଗ ରଖିଥିଲେ। ପରେ ତାଙ୍କ ନିର୍ଦ୍ଦେଶରେ ଡିଆରସିଏସ୍ ଜନ୍ମେଜୟ ମହାପାତ୍ରଙ୍କ ଦ୍ୱାରା ତଦନ୍ତ ଆରମ୍ଭ ହୋଇଥିଲା । ବର୍ତ୍ତମାନ ଲ୍ୟାମ୍ପର ସମସ୍ତ ଖାତାପତ୍ର ଯାଞ୍ଚ ହେଉଥିବା ବେଳେ ଅଧିକ ତଥ୍ୟ ଆସିବା ସହ ଏହି ଘଟଣାର ପ୍ରକୃତ ପରିମାଣ ଆହୁରି ସ୍ପଷ୍ଟ ହେବ ବୋଲି ଅନୁମାନ କରାଯାଉଛି ।

## ରାଜ୍ୟପାଳଙ୍କୁ ଭେଟିଲେ ଜିଏମ୍ୟୁ କୁଳପତି




ସମ୍ବଲପୁର, (ସବ୍ୟୁ): ଲୋକ ଭବନ ଠାରେ କୁଳାଧିପତି ତଥା ରାଜ୍ୟପାଳ ଡ଼. ହରିବାବୁ କମ୍ଭମପତିଙ୍କୁ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ(ଜିଏମ୍ୟୁ)ର କୁଳପତି ପ୍ରଫେସର ବ୍ୟୋମକେଶ ତ୍ରିପାଠୀ ସାକ୍ଷାତ କରିଥିଲେ। ଏହି ସାକ୍ଷାତ ଆଲୋଚନା ସମୟରେ ବିଶ୍ୱବିଦ୍ୟାଳୟର ଏକାଡେମୀକ ଯୋଜନା ଭବିଷ୍ୟତ ରୂପରେଖ ସ୍ଥାନ ପାଇଥିଲା। ରାଜ୍ୟପାଳ ଡ଼. କମ୍ଭମପତି ବିଶ୍ୱବିଦ୍ୟାଳୟର ଶୈକ୍ଷିକ ଉତ୍କୃଷ୍ଟତା ଓ ଗବେଷଣାରେ ଉନ୍ନତି ନେଇ ଶୁଭ କାମନା ଜଣାଇଥିଲେ। ସୂଚନାଯୋଗ୍ୟ, ପ୍ରଫେସର ତ୍ରିପାଠୀ ଗତ ଏପ୍ରିଲ ୨୦ ତାରିଖ ଦିନ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ସମ୍ବଲପୁରର କୁଳପତି ଭାବେ କାର୍ଯ୍ୟଭାର ଗ୍ରହଣ କରିଥିଲେ।

## ବହୁ ମୂଲ୍ୟବାନ ସାମଗ୍ରୀ ସହ ଚୋର ଗିରଫ

ସମ୍ବଲପୁର, (ସବ୍ୟୁ) : ସମ୍ବଲପୁର ଅଇଁଠାପାଲି ଥାନା ପୋଲିସ ବହୁ ମୂଲ୍ୟବାନ ସାମଗ୍ରୀ ସହ ଚୋର ଗିରଫ କରିଛି। ସେମାନଙ୍କ ନିକଟରୁ ଏକ ଆଇଫୋନ୍-୧୩, ଏଚ୍‌ପି ଲାପଟପ୍ ଏବଂ ଏକ ସ୍କୁଟି ସହ ବିଭିନ୍ନ ବୈଦ୍ୟୁତିକ ସରଞ୍ଜାମ ଜବତ ହୋଇଛି। ସୂଚନାଯୋଗ୍ୟ, ସମ୍ବଲପୁର ମହାନଦୀ ବିହାର ସ୍ଥିତ ସୁକୁରାମ ମୁଣ୍ଡାଙ୍କ ଘରେ ଗୋବିନ୍ଦପୁର ଅଞ୍ଚଳର ବିମଳ ସସ ରଙ୍ଗ କାମ କରୁଥିବା ବେଳେ ଗତ ୨ ତାରିଖ ମଧ୍ୟରାତ୍ରିରେ ଦୁଇଜଣ ଅଜ୍ଞାତ ଯୁବକ ଘରେ ପଶି ତାଙ୍କର ଆପଲ୍ ଆଇଫୋନ୍-୧୩ ଚୋରି କରି ନେଇଥିଲେ। ଚୋରମାନେ ଖସି ପଳାଉଥିବା ବେଳେ ବିମଳ ସେମାନଙ୍କୁ ଧରିବାକୁ ଚେଷ୍ଟା କରିଥିଲେ। ତେବେ ଦୁର୍ବୃତ୍ତ ମାନେ ଏକ କଇଁଚି ସାହାଯ୍ୟରେ ତାଙ୍କୁ ଆକ୍ରମଣ କରି ଲହୁଲୁହାଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଅଭିଯୋଗ ପରେ ଅଇଁଠାପାଲି ୧୨୩/୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରିଥିଲା। ତଦନ୍ତ ବେଳେ କରମଟୋଲି କେନାଲପଡ଼ାର ମୁକେଶ ମୁଣ୍ଡା (୨୦) ଓ ସିଂଘପାଲିର ଏନ୍. ଲୋକନାଥ(୨୩)ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି।

## ଚନ୍ଦନଭାଟି କଲ୍ୟାଣମଣ୍ଡପ ଉପର ମହଲା ଉଦ୍‌ଘାଟିତ



ବଲାଙ୍ଗିର,(ସବ୍ୟୁ): ବଲାଙ୍ଗିର ସଦର ବ୍ଲକ ଅନ୍ତର୍ଗତ ଚନ୍ଦନଭାଟି ପଂଚାୟତର ଚନ୍ଦନଭାଟି ଗ୍ରାମ ଏ ଅଂଚଳରେ ଅନେକ ଗୁରୁତ୍ୱ ବହନ କରେ । ଚନ୍ଦନଭାଟିର ଶିକ୍ଷା, ସଂସ୍କୃତି ଓ ଉନ୍ନତ କୃଷି କ୍ଷେତ୍ର ବଲାଙ୍ଗିରର ବିକାଶ ଦିଗରେ ଅନେକ ପ୍ରଭାବ ପକାଇଥାଏ । ୨୦୧୪ ରୁ ୨୦୨୪ ମଧ୍ୟରେ ଏହି ଅଂଚଳବାସୀଙ୍କ ଅନୁରୋଧ କ୍ରମେ ଚନ୍ଦନଭାଟି ପାଇଁ ରୋଡ, ରାସ୍ତା, ପିଇବା ପାଣି, ସାମାଜିକ କାର୍ଯ୍ୟକ୍ରମ ପାଇଁ କଲ୍ୟାଣ ମଣ୍ଡପ, କମ୍ୟୁନିଟି ସେଣ୍ଟର, ଧାର୍ମିକ ଅନୁଷ୍ଠାନ ପାଇଁ ସୁଦୃଶ୍ୟ ମନ୍ଦିର ଏପରି ଅନେକ ବିକାଶମୂଳକ କାମ କରାଯାଇଛି । ଯଦିଓ ମୁଁ ଏବେ କୌଣସି ପଦ ପଦବୀରେ ନାହିଁ ତଥାପି ମଧ୍ୟ ଚନ୍ଦନଭାଟି ଲୋକଙ୍କ କାମ କେବେ ଅଟକିବ ନାହିଁ । ଅଂଚଳର ବିକାଶ ପାଇଁ କାମ ସବୁବେଳେ ଜାରି ରହିବ ବୋଲି ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ତାଙ୍କ ବିଧାୟକ ଥିବା ବେଳେ ପଶ୍ଚିମ ଓଡିଶା ବିକାଶ ପରିଷଦ ପାଣ୍ଠିରୁ ନିର୍ମିତ ହୋଇଥିବା କଲ୍ୟାଣ ମଣ୍ଡପର ଉପରମହଲା ଉଦ୍ଘାଟନ ଅବସରରେ ଉପସ୍ଥିତ ଲୋକଙ୍କ ଉଦ୍ଦେଶ୍ୟରେ କହିଛନ୍ତି ।

### ଡିଗ୍ରୀ କଲେଜ -ଆରିୟାନ ଆଇଟିଆଇ ମଧ୍ୟରେ କ୍ରିକେଟ ମ୍ୟାଚ

# ଡିଗ୍ରୀ କଲେଜ ବିଜୟୀ



ବୋରିଗୁମ୍ମା,(ସବ୍ୟୁ): ବୋରିଗୁମ୍ମା ଭୈରବ ଡିଗ୍ରୀ ମହାବିଦ୍ୟାଳୟ ତରଫରୁ କ୍ରୀଡ଼ା ଶିକ୍ଷକ ଅଭିଷେକ ଗୌତମ ରାଉତଙ୍କ ତତ୍ତ୍ୱାବଧାନରେ ବୋରିଗୁମ୍ମା ଅଞ୍ଚଳରେ ଆରିଆନ ଆଇଟିଆଇ ଟିମ ଓ ଭୈରବ ଡିଗ୍ରୀ ମହାବିଦ୍ୟାଳୟ ଟିମ ମଧ୍ୟରେ ଏକ ରୋମାଞ୍ଚକ କ୍ରିକେଟ ମ୍ୟାଚ ଆୟୋଜିତ ହୋଇଥିଲା । ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟର ଗଭର୍ନିଂ ବଡିର ସଭାପତି କେ.ନାଗରାଜ ଦୋରା ଯୋଗଦେଇ ମ୍ୟାଚର ଉଦଘାଟନ କରିବା ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଯୁଗ୍ମ ସମ୍ପାଦକ ସୁବାସ ନାୟକ,ବିଇଡିଟି ସଭାପତି ରାମଚନ୍ଦ୍ର ପାଢ଼ୀ,ସଭ୍ୟ ସୁରେଶ ରାଉତ, ଲକ୍ଷୀନାରାୟଣ ପଟ୍ଟନାୟକ ପମୁଖ ଯୋଗଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ। ଭୈରବ ଡିଗ୍ରୀ ମହାବିଦ୍ୟାଳୟ ଟିମ ମୋଟ ୧୫ ଓଭର ଖେଳି ୧୩୬ ରନ କରିଥିଲେ। ଶେଷରେ ଭୈରବ ଡିଗ୍ରୀ ମହାବିଦ୍ୟାଳୟ ଦଳ ବିଜେତା ହୋଇଥିଲେ। ଉଭୟ ଦଳକୁ ଅତିଥିମାନେ ସାର୍ଟିଫିକେଟ୍ ଓ ମେଡାଲ୍ ପ୍ରଦାନ କରି ସମ୍ମାନିତ କରିଥିଲେ। ଶେଷରେ ଅଧକ୍ଷ ଡ଼କ୍ଟର ସୌମେନ୍ଦ୍ର କୁମାର ସ୍ୱାଇଁ ଧନ୍ୟବାଦ ଜଣାଇ କାର୍ଯ୍ୟକ୍ରମର ସମାପନ କରିଥିଲେ। କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧ୍ୟାପିକା ସନ୍ତୋଷିନୀ ପାଢ଼ୀ, ଜଗଦୀଶ ପାଣିଗ୍ରାହୀ, ଦେବେନ୍ଦ୍ର ନାଥ ପଣ୍ଡା, ପ୍ରିତିଶ ପଟ୍ଟନାୟକ, ପ୍ରତୀକ ଶର୍ମା, ଗଣେଶ ପଲେଇ, ଜି ଉମା ମହେଶ୍ୱରୀ, ଲକ୍ଷ୍ମୀ ଦାଶୀ ନାୟକ, ରେଷ୍ମା ପାତ୍ର, ଡ. ସଦାଶିବ ତ୍ରିପାଠୀ, ଗୁପ୍ତେଶ୍ୱର ରାଓ, ଲକ୍ଷ୍ମୀରାଣୀ ପଣ୍ଡା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ ।

### ପତୋରା ଡ୍ୟାମରେ ଜଳାଭାବ : ଉଜୁଡ଼ି ଗଲା ଚାଷ

# କଂଗ୍ରେସ-ବିଜେଡିର କ୍ଷେତ୍ର ପରିଦର୍ଶନ





ନୂଆପଡ଼ା,(ସବ୍ୟୁ): ନୂଆପଡ଼ା ଜିଲ୍ଲାର ପ୍ରମୁଖ ଜଳସେଚନ ପ୍ରକଳ୍ପ 'ଅପର ଜୋଙ୍କ' ବା ପତୋରା ଡ୍ୟାମ ଏବେ ସମ୍ପୂର୍ଣ୍ଣ ଶୁଖିଲା । ପ୍ରଶାସନିକ ଅଦୂରଦର୍ଶିତା ଓ ରକ୍ଷଣାବେକ୍ଷଣ ନାଁରେ ଜଳ ନିଷ୍କାସନ ଯୋଗୁଁ ଆଜି ଜିଲ୍ଲାରେ ଏକ 'କୃତ୍ରିମ ମରୁଡ଼ି' ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ସିଧାସଳଖ ପ୍ରଭାବ ଚାଷୀ ଓ ସାଧାରଣ ଜନତାଙ୍କ ଉପରେ ପଡ଼ିଥିବା ବେଳେ, ଘଟଣାକୁ ନେଇ ରାଜନୈତିକ ମାହୋଲ ଉଷ୍ମ ହେବାରେ ଲାଗିଛି। ଗତ ବର୍ଷ ଡ୍ୟାମର ସ୍ଲିଲୱେରୁ ପାଣି ଝରିବା ଦେଖାଦେଇଥିଲା। ଏହାର ମରାମତି ପାଇଁ ଜଳସେଚନ ବିଭାଗ ପକ୍ଷରୁ ସ୍ଲିଲୱେ ଖୋଲାଯାଇ ବିପୁଳ ପରିମାଣର ପାଣି ନଦୀକୁ ଛାଡ଼ି ଦିଆଯାଇଥିଲା। ବିଭାଗୀୟ ଅଧିକାରୀଙ୍କ ଆକଳନ ଥିଲା ଯେ, ପ୍ରାକ୍-ମୌସୁମୀ ବର୍ଷାରେ ଡ୍ୟାମ ପୁଣି ଭରିଯିବ। ମାତ୍ର ଚଳିତ ବର୍ଷ ବର୍ଷା ନହେବାରୁ ଡ୍ୟାମର ଜଳସ୍ତର ହ୍ରାସ ପାଇ ଏବେ ସାଂଘାତିକ ସ୍ଥିତିରେ ପହଞ୍ଚିଛି।

ପାଣି ଅଭାବରୁ ପ୍ରାୟ ୪,୦୦୦ ହେକ୍ଟର ଜମିର ଧାନ ଚାଷ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଛି। ଚାଷୀମାନେ ନିଜର ବର୍ଷକର ଶ୍ରମ ଓ ସଞ୍ଚୟ ହରାଇ ଏବେ ମୁଣ୍ଡରେ ହାତ ଦେଇ ବସିଛନ୍ତି। କେବଳ ଚାଷ ନୁହେଁ, ନୂଆପଡ଼ା ଓ ଖରିଆର ରୋଡ୍ ସହର ସମେତ ପାଖାପାଖି ୩୫ ଟି ଗାଁରେ ପାନୀୟ ଜଳ ସଙ୍କଟ ଉତ୍କଟ ରୂପ ଧାରଣ କରିଛି। ଗତ ୫ ବର୍ଷ ହେବ 'ପାଣି ପଞ୍ଚାୟତ' ଗୁଡ଼ିକ ଅଚଳ ହୋଇ ପଡ଼ିଥିବାରୁ ଜଳ ବଣ୍ଟନରେ ସମନ୍ୱୟର ଅଭାବ ପରିଲକ୍ଷିତ ହେଉଛି। ଡ୍ୟାମରେ ପାଣି ଥିଲା, କିନ୍ତୁ ବିଭାଗୀୟ ଅଧିକାରୀଙ୍କ ଦୁରୁପଯୋଗ ଓ ଭୁଲ ନିଷ୍ପତ୍ତି ଯୋଗୁଁ ଆଜି ଚାଷୀ ସର୍ବସ୍ୱାନ୍ତ ହୋଇଛି ବୋଲି କ୍ଷତିଗ୍ରସ୍ତ ଚାଷୀମାନେ ପ୍ରକାଶ କରିଛନ୍ତି। ବର୍ତ୍ତମାନ ସରଗରମ ପାଣି ରାଜନୀତି ଜିଲ୍ଲାରେ, କଂଗ୍ରେସ ଓ ବିଜେଡି ଦଳ ଅଣ୍ଟା ଭିଡିଲେଣି। ପତୋରା ଡ୍ୟାମ ପ୍ରସଙ୍ଗ ଏବେ ଜିଲ୍ଲାରେ ପ୍ରମୁଖ ରାଜନୈତିକ ପ୍ରସଙ୍ଗ ପାଲଟିଛି । ଶାସକ ଦଳ ବିଧାୟକ ଜୟ ଢୋଲକିଆଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ରାଜ୍ୟ ସଭାପତି ମନମୋହନ ସାମଲଙ୍କୁ ଭେଟି ଚାଷୀଙ୍କ କ୍ଷୟକ୍ଷତି ବାବଦରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ପଟେ ଜିଲ୍ଲା ସଭାପତି ଘାସିରାମ ମାଝି କ୍ଷତିଗ୍ରସ୍ତ ଅଞ୍ଚଳ ପରିଦର୍ଶନ କରି ଏହାକୁ 'ପ୍ରଶାସନିକ ଅବହେଳା' ବୋଲି ଦର୍ଶାଇଛନ୍ତି। ଏହି ପ୍ରସଙ୍ଗକୁ ବିଧାନସଭା ଓ ଲୋକସଭାରେ ଉଠାଇବାକୁ ସେ ଚେତାବନୀ ଦେଇଛନ୍ତି। ପତୋରା ଡ୍ୟାମ୍ ଜଳ ବିବାଦ ସ୍ଥିତି ଅନୁଧ୍ୟାନ କଲା ବିଜେଡି ପ୍ରତିନିଧି ଦଳ । ପତୋରାସ୍ଥିତ ଅପର ଯୋଙ୍କ ପ୍ରକଳ୍ପରୁ ଜଳ ଅଭାବ ଯୋଗୁଁ ହଜାର ହଜାର ହେକ୍ଟର ଚାଷ ଜମି ପ୍ରଭାବିତ ହେବା ଘଟଣା ଏବେ ତୀବ୍ର ରୂପ ଧାରଣ କରିଛି। ଏହାର ସତ୍ୟାସତ୍ୟ ଅନୁଧ୍ୟାନ ପାଇଁ ମଙ୍ଗଳବାର ବିଜେଡିର ଏକ ଉଚ୍ଚସ୍ତରୀୟ ସତ୍ୟ ଅନୁସନ୍ଧାନକାରୀ ଦଳ ଗ୍ରାଉଣ୍ଡ ଜିରୋ ପରିଦର୍ଶନ କରିଛନ୍ତି।

ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କ ନେତୃତ୍ୱରେ ବିଧାୟକ ଅଧିରାଜ ପାଣିଗ୍ରାହୀ, ବିଧାୟିକା ବର୍ଷା ସିଂ ବରିହା, ପ୍ରଦୀପ ଦିଶାରି ପୁର୍ବତନ ବିଧାୟକ, ସରୋଜ ମେହେର ପୁର୍ବତନ ବିଧାୟକ, ଡଲି ମାଝି ଜିଲ୍ଲା ପରିଷଦ ଅଧକ୍ଷା , ଅବନୀ ରଞ୍ଜନ ଯୋଶୀ ବିଜେଡି ଜିଲ୍ଲା ସଭାପତି, ଭାନୁ ପ୍ରତାପ ସିଂ ମାଝି, ଦୀପିକା ଦୀପ ଜିଲ୍ଲା ପରିଷଦ ସଦସ୍ୟ, କାର୍ତ୍ତିକ ଦୀପ ପ୍ରମୁଖ ଦଳୀୟ ନେତୃବୃନ୍ଦ ୯ ଗୋଟି ପଞ୍ଚାୟତ ବୁଲି ଚାଷୀଙ୍କ ସହ ଆଲୋଚନା କରିଛନ୍ତି। ଡ୍ୟାମରେ ଜଳର ସଠିକ୍ ଆବଣ୍ଟନ ଅଭାବରୁ ଫସଲ ଶୁଖିଯାଉଥିବା ନେଇ ଦଳ କ୍ଷୋଭ ପ୍ରକାଶ କରିଛି। ପ୍ରତିନିଧି ଦଳ ଜିଲ୍ଲାପାଳଙ୍କୁ ଭେଟି ଚାଷୀଙ୍କୁ ତୁରନ୍ତ ସହାୟତା ଯୋଗାଇଦେବାକୁ ଦାବି କରିଛନ୍ତି। ଏହି ଗସ୍ତର ସମ୍ପୂର୍ଣ୍ଣ ବିବରଣୀ ଖୁବଶୀଘ୍ର ବିଜେଡି ସଭାପତି ନବୀନ ପଟ୍ଟନାୟକଙ୍କୁ ହସ୍ତାନ୍ତର କରାଯିବ। ଏହି ଗସ୍ତ ପରେ ଜିଲ୍ଲାରେ ରାଜନୈତିକ ଉଷ୍ମତା ବୃଦ୍ଧି ପାଇବା ସହ ପ୍ରଶାସନର ପଦକ୍ଷେପ ଉପରେ ସମସ୍ତଙ୍କ ନଜର ରହିଛି। ଉଲ୍ଲେଖଯୋଗ୍ୟ ଯେ, ଏହି ପ୍ରକଳ୍ପରେ ୩୫୪ ମିଟର ପର୍ଯ୍ୟନ୍ତ ଜଳ ଗଚ୍ଛିତ ରଖିବା ପାଇଁ ଡିଜାଇନ କରାଯାଇଥିଲେ ହେଁ, ୩୦ ବର୍ଷ ବିତିବା ପରେ ମଧ୍ୟ ବନ ବିଭାଗର କ୍ଲିୟରାନ୍ସ ମିଳିନାହିଁ। ଫଳରେ ୩୫୦ ମିଟରରୁ ଅଧିକ ପାଣି ରଖାଯାଇ ପାରୁନାହିଁ, ଯାହା ସଙ୍କଟକୁ ଅଧିକ ଜଟିଳ କରୁଛି। ଏଠାରେ ସୂଚନା ଯୋଗ୍ୟ ଯେ, ଉପରୋକ୍ତ ସମସ୍ୟା କୁ ନେଇ ଆଜି କଂଗ୍ରେସ ପ୍ରତିନିଧି ଦଳ ଜଳସେଚନ ବିଭାଗର ଏସଡିଓ ଏବଂ ଏଜେଇ ଙ୍କ ସହ ଆଲୋଚନା କରି ଆଧିକାରିକ ସୂଚନା ସଂଗ୍ରହ କରିଛି। ଏହି ମାନବ କୃତ ମରୁଡି ସମସ୍ୟା ପାଇଁ ସରକାରୀ ଅଧିକାରୀମାନେ ସମ୍ପୂର୍ଣ୍ଣ ଭାବେ ଦାୟୀ ବୋଲି ଅଭିହିତ କରି କଂଗ୍ରେସ ଜିଲ୍ଲା ସଭାପତି ଘାସିରାମ ମାଝୀଙ୍କ ନେତୃତ୍ୱରେ ନୂଆପଡ଼ା ଜିଲ୍ଲା କଂଗ୍ରେସ କମିଟି ଆସନ୍ତା ୮ ମଇ ୨୦୨୬ ଦିନ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଓ ବିକ୍ଷୋଭ ପ୍ରଦର୍ଶନ କରିବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ନୂଆପଡ଼ା ଜିଲ୍ଲାର ଏହି କୃତ୍ରିମ ଜଳ ସଙ୍କଟ ଏବେ କେଉଁ ମୋଡ଼ ନେଉଛି ଏବଂ ସରକାର କ୍ଷତିଗ୍ରସ୍ତ ଚାଷୀଙ୍କୁ କିପରି ସହାୟତା ଯୋଗାଇ ଦେଉଛନ୍ତି, ତାହା ଉପରେ ସମସ୍ତଙ୍କ ନଜର।

## ଜବତ ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କଲା ପୁଲିସ

କନ୍ଧମାଳ,(ସବ୍ୟୁ): ବୌଦ୍ଧ ଜିଲ୍ଲା କନ୍ଧମାଳ ବ୍ଲକ ଅନ୍ତର୍ଗତ ଘଣ୍ଟାପଡା ପୁଲିସ ପକ୍ଷରୁ ତେଲନଦୀ ବ୍ରିଜ ଛକ ନିକଟରୁ କାର ସହ ଜବତ ୮୦ କେଜି ଗଞ୍ଜେଇକୁ କୋର୍ଟରେ ପ୍ରଦର୍ଶନ କରାଯାଇଛି । ମିଳିଥିବା ସୂଚନା ଅନୁଯାୟୀ ବିଶ୍ୱସ୍ତ ସୂତ୍ରରୁ ଗଞ୍ଜେଇ ଚାଲାଣ ହେଉଥିବା ଖବର ପାଇ ଘଣ୍ଟାପଡା ପୁଲିସର ଏକ ଟିମ୍ ତେଲନଦୀ ବ୍ରିଜ ଛକ ନିକଟରେ ଚଢାଉ କରିଥିଲା । କାରକୁ ଅଟକାଇ ଯାଞ୍ଚ କରିବାରୁ ସେଥିରୁ ୮୦ କେଜି ଗଞ୍ଜେଇ ମିଳିଥିଲା ଓ କାର ଚାଳକ ଘଟଣା ସ୍ଥଳରୁ ଫେରାର ମାରିଥିଲା। ଏ ସମ୍ପର୍କରେ ଘଣ୍ଟାପଡା ଥାନାରେ ଏନଡିପିଏସ ଆକ୍ଟରେ ଏକ ମାମଲା ରୁଜୁ କରି ତଦନ୍ତ ଚାଲିଥିବା ଆଇ ଆଇ ସି ସୂଚନା ଦେଇଛନ୍ତି ।

## ସ୍ୱତନ୍ତ୍ର କୃଷକ ପଞ୍ଜୀକରଣ, ରାସାୟନିକ ସାରର ସନ୍ତୁଳିତ ବ୍ୟବହାର ଉପରେ ସଚେତନତା କାର୍ଯ୍ୟକ୍ରମ




ଝାରସୁଗୁଡା,(ସବ୍ୟୁ): କୃଷକମାନଙ୍କୁ ସାର ବ୍ୟବହାର, ଏଗ୍ରିଷ୍ଟ୍ୟାକ ଓ କୃଷି ସମ୍ପର୍କିତ ସୂଚନା ପହଞ୍ଚାଇବା ଉଦ୍ଦେଶ୍ୟରେ ଝାରସୁଗୁଡା ଜିଲ୍ଲାରେ ସ୍ୱତନ୍ତ୍ର କୃଷି ରଥ କାର୍ଯ୍ୟକ୍ରମର ଶୁଭାରମ୍ଭ ହୋଇଛି। ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ ) ବ୍ରଜବନ୍ଧୁ ଭୋଇ ଏବଂ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ପ୍ରଦୀପ କୁମାର ନନ୍ଦ ପତାକା ଦେଖାଇ ଶୁଭାରମ୍ଭ କରିଥିଲେ । ଏହି ସଚେତନତା ଅଭିଯାନ ଫର୍ଟିଲାଇଜର ଏବଂ ଏଗ୍ରିଷ୍ଟ୍ୟାକ ସଚେତନତା ଉପରେ ନିଶ୍ଚିତ ଭାବେ ଲୋକଙ୍କୁ ସଚେତନ କରିବ ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭୋଇ ମତବ୍ୟକ୍ତ କରିଥିଲେ । କାର୍ଯ୍ୟକ୍ରମରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ, ବ୍ଲକ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ, କର୍ମଚାରୀ ମାନେ ଉପସ୍ଥିତ ରହି କାର୍ଯ୍ୟକ୍ରମ ରେ ସହଯୋଗ କରିଥିଲେ। ସ୍କିମ ଅଫିସର ଭାଗ୍ୟଶ୍ରୀ ଦାସ, ସହକାରୀ କୃଷି ଅଧିକାରୀ ସସ୍ମିତା ପଟେଲ, ବ୍ଲକ କୃଷି ଅଧିକାରୀ, ଅମ୍ରିତ ଲୁଗୁନ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ରିତାକାନ୍ତି ବରିୟାର ସିଂହ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। କୃଷି ରଥ ମାଧ୍ୟମରେ କୃଷକମାନଙ୍କୁ ସଠିକ ସାର ପ୍ରୟୋଗ, ମାଟି ପରୀକ୍ଷା, ଡିଜିଟାଲ କୃଷି ସେବା ଓ ଏଗ୍ରିଷ୍ଟ୍ୟାକ ସମ୍ପର୍କିତ ବିଭିନ୍ନ ସୂଚନା ପ୍ରଦାନ କରାଯାଉଛି।

ଏହି କୃଷି ରଥ ଅଭିଯାନ ୫ ମଇରୁ ୧୪ ମଇ ୨୦୨୬ ପର୍ଯ୍ୟନ୍ତ ଜିଲ୍ଲାର ବିଭିନ୍ନ ବ୍ଲକରେ ଚାଲିବ । ଝାରସୁଗୁଡା ବ୍ଲକରେ ୫ ଓ ୬ ମଇ, କୋଲାବିରାରେ ୭ ମଇ, କିର୍ମିରାରେ ୮ ମଇ, ଲାଇକେରାରେ ୯ ଓ ୧୦ ମଇ ଏବଂ ଲଖନପୁରରେ ୧୦ ରୁ ୧୪ ମଇ ପର୍ଯ୍ୟନ୍ତ କୃଷି ରଥ ପରିଚାଳିତ ହେବ । ଚଳିତ ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପ୍ରତିଦିନ ସକାଳ ୭ଟାରୁ ୧୦ଟା ଏବଂ ଅପରାହ୍ନ ୩ଟାରୁ ୫ଟା ପର୍ଯ୍ୟନ୍ତ ଏହାର ଚଳାଚଳ ହେବ ।

# ୧୫ ହଜାର ଟଙ୍କା ଲାଞ୍ଚ ନେଇ ଅମିନ ଗିରଫ

ବଲାଙ୍ଗିର,(ସବ୍ୟୁ): ୧୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ବଙ୍ଗୋମୁଣ୍ଡା ତହସିଲଦାରଙ୍କ କାର୍ଯ୍ୟାଳୟର କୋର୍ଟ ଅମିନ ନିର୍ମଳେନ୍ଦୁ କବି । ଅଭିଯୁକ୍ତ ନିର୍ମଳେନ୍ଦୁଙ୍କୁ ଗିରଫ କରାଯାଇଛି। ଭିଜିଲାନ୍ସ ଦେଇଥିବା ସୂଚନା ଅନୁଯାୟୀ, ନକ୍ସା ପ୍ରସ୍ତୁତ କରିବା, ଜମି ଭାଗବଣ୍ଟା ଜନିତ ଫାଇଲ କାମକୁ ଆଗେଇ ନେବା ଓ ସଂପୃକ୍ତ ଅଂଶୀଦାରମାନଙ୍କୁ ନୂଆ ପଟ୍ଟା ପ୍ରଦାନ କରିବା ପାଇଁ କୋର୍ଟ ଅମିନ ନିର୍ମଳେନ୍ଦୁ କବି ଜଣେ ଆବେଦନକାରୀଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ନିୟମ ଅନୁଯାୟୀ, ଆବେଦନକାରୀ ସେମାନଙ୍କ ଜମିର ଭାଗବଣ୍ଟା ପାଇଁ ପ୍ରାଧିକୃତ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ଜମି ଭାଗବଣ୍ଟା ପାଇଁ ନକ୍ସା ନିହାତି ଆବଶ୍ୟକ। କିନ୍ତୁ କୋର୍ଟ ଅମିନ ଶ୍ରୀ କବି ନକ୍ସା ପ୍ରସ୍ତୁତ ସହିତ ଜମି ଭାଗବଣ୍ଟା ପାଇଁ ଆବଶ୍ୟକ ହେଉଥିବା ସମସ୍ତ ଆନୁଷଙ୍ଗିକ କାର୍ଯ୍ୟ କରିବାକୁ ଓ ପୃଥକ ପୃଥକ ପଟ୍ଟା ପ୍ରଦାନ କରିବା ପାଇଁ ୧୫ ହଜାର ଟଙ୍କା ଲାଞ୍ଚ ମାଗିଥିଲେ।

ଆବେଦନକାରୀ ଲାଞ୍ଚ ଦେବାକୁ ଅମଙ୍ଗ ହୋଇଥିଲେ। ସେ ଏନେଇ ଭିଜିଲାନ୍ସକୁ ଜଣାଇଥିଲେ। ଏହା ପରେ ଯୋଜନା ପ୍ରକାରେ ମଙ୍ଗଳବାର ଆବେଦନକାରୀ କୋର୍ଟ ଅମିନ ନିର୍ମଳେନ୍ଦୁ କବିଙ୍କୁ ୧୫ ହଜାର ଟଙ୍କା ଦେଇଥିଲେ। ଶ୍ରୀ କବି ଲାଞ୍ଚ ଅର୍ଥ ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଧରିଥିଲେ। ତାଙ୍କଠାରୁ ସମସ୍ତ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଲାଞ୍ଚ ନେଇ ଧରାପଡ଼ିବା ପରେ କୋର୍ଟ ଅମିତ ଶ୍ରୀ କବିଙ୍କ ୩ଟି ଠିକଣାରେ ଚାଉ କରାଯାଇଥିଲା। ସେ ଆୟ ବର୍ହିଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଏହି ଚଢ଼ାଉ କରାଯାଇଥିଲା। ଏହି ଘଟଣାରେ ସମ୍ବଲପୁର ଭିଜିଲାନ୍ସ ଥାନାରେ ମାମଲା ରୁଜୁ କରାଯାଇଛି। ଏହାର ତଦନ୍ତ ଜାରି ରହିଛି।

## ଭୀମଭୋଇ କଲେଜ ଅଧ୍ୟକ୍ଷଙ୍କ ନାମରେ ଅଭିଯୋଗ

# ଶାରୀରିକ ଓ ମାନସିକ ନିର୍ଯାତନା ଦେଉଛନ୍ତି ଅଧ୍ୟକ୍ଷ !

ରେଢ଼ାଖୋଲ, (ସବ୍ୟୁ) : ରେଢ଼ାଖୋଲ ଭୀମଭୋଇ କଲେଜର ଓଡ଼ିଆ ବିଭାଗର ଅଧ୍ୟାପକ ମାନଭଞ୍ଜନ କହଁର କଲେଜର ଅଧ୍ୟକ୍ଷ ଅମୁଲ୍ୟ କୃଷ୍ଣ ପାଢ଼ୀ ଓ ଅରୁଣ କୁମାର ଶାସନୀ ତାଙ୍କୁ ମାନସିକ ଓ ଶାରୀରିକ ନିର୍ଯାତନା ଦେଉଥିବା ବିଦ୍ୟାଳୟ ପରିଚାଳନା କମିଟିର ସଭାପତି ତଥା ଉପଜିଲ୍ଲାପାଳ ରଶ୍ମିରଂଜନ ମହନ୍ତଙ୍କ ଠାରେ ଲିଖିତାକାରରେ ଅଭିଯୋଗ କରିଛନ୍ତି । ଅଭିଯୋଗରୁ ପ୍ରକାଶ ଯେ, ଅଧ୍ୟାପକ ମାନଭଞ୍ଜନ କହଁରଙ୍କୁ ଅଧ୍ୟକ୍ଷ ବାରମ୍ବାର ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦେଇଆସୁଛନ୍ତି । ଏପରିକି ଛୁଟି ପାଇଁ ଦରଖାସ୍ତ କଲେ ମଧ ତାଙ୍କୁ ଅଧ୍ୟକ୍ଷ ଗାଳି ଦେବା ସହ ସର୍ଭିସ ବହିରେ ନାଲି ଗାର ପକାଇ ଦେବି ବୋଲି ଧମକ ଦେଉଛନ୍ତି । ନିକଟରେ ନିଜ ଶଳାର ବାହାଘର ପାଇଁ ଅଧ୍ୟାପକ ମାନଭଞ୍ଜନ ଛୁଟି ଦରଖାସ୍ତ ଅଧ୍ୟକ୍ଷଙ୍କୁ ଦେଇଥିଲେ ହେଲେ ଅଧ୍ୟକ୍ଷ ଛୁଟି ମଂଜୁର କରିବାକୁ ନାରାଜ ଥିଲେ । ଶଳାର ବାହାଘର ପାଇଁ ବାରମ୍ବାର ଦରଖାସ୍ତ ଦେଲେ ଛୁଟି ଦରଖାସ୍ତ ଗ୍ରହଣ କରୁ ନ ଥିବା ଅଭିଯୋଗ କରଛନ୍ତି । ଅଧାପକ ନିଜେ ହିଁ ବିବାହ କାର୍ଯ୍ୟର ଆୟୋଜନ କର୍ତ୍ତା ଥିଲେ । ବୁଝିବା ପାଇଁ କେହି ନଥିଲେ । ଅଧ୍ୟକ୍ଷଙ୍କୁ ଛୁଟି ଦରଖାସ୍ତ ଦେଲେ ସେ ରୁକ୍ଷ ବ୍ୟବହାର କରୁଥିବା ଅଭିଯୋଗ ହୋଇଛି । ଅଧ୍ୟାପକ ଅଭିଯୋଗ କରିଛନ୍ତିଯେ ଗତ ୯,୧୦ ତାରିଖରେ ଓଡ଼ିଆ ବିଭାଗ – ୦୯ ନଂ ହଲ୍ ଭିତରେ ୩ ର ପରୀକ୍ଷା ଖାତା ମୂଲ୍ୟାୟନ କରୁଥିବା ବେଳେ (୩.୧୭ମି.) ପିଅନ ଆସି କାରଣ ଦର୍ଶାଅ ନୋଟିସ୍ ଦେଇଥିଲେ । ପୂର୍ବ ପରି ଅପରାହ୍ଣ ବେଳେ ସେହି ହଲ୍ ନଂ – ୦୯ ରେ ଖାତା ମୂଲ୍ୟାୟନ କରୁଥିବାବେଳେ ପିଅନ ଆସି ଆଉ ଗୋଟିଏ ନୋଟିସ ପ୍ରଦାନ କଲା ତାକୁ ମଧ ସମ୍ମାନର ସହ ଗ୍ରହଣ କରିଥିଲେ । ଇ.ଏଲ୍. ମଞ୍ଜୁର ପାଇଁ ଫର୍ମ ଟିଏ ପଦାର୍ଥ ବିଜ୍ଞାନ ବିଭାଗର ଡେମୋନଷ୍ଟ୍ରେସନ ମୋତିଲାଲ ପ୍ରଧାନ (ବଡ଼ବାବୁ ଦାୟିତ୍ୱରେ ଥିଲେ)ଙ୍କୁ ମାଗି ମାଗି ଥକି ପଡ଼ିଥିଲେ। ଟିକେ ପରେ ଦେବି, ହଁ ଆଜି ଦେବି, ହଁ ଆଣୁଛି ସାର୍ କହି ଦିଅନ୍ତି ନାହିଁ ବୋଲି ଅଭିଯୋଗ କରିଛନ୍ତି । ଏପ୍ରିଲ ୧୫ ତାରିଖ ପରେ ଫର୍ମ ଟି ମିଳିଲା । ଶାସନୀ ସାର୍ ଙ୍କୁ ଭେଟି ଫର୍ମଟି ଦେବା ପାଇଁ କହିଲେ । ଦ୍ୱିତୀୟ ଫେଜ୍ ପାଇଁ ଗତ ତା ୧୭/୦୪/ ୨୦୨୬ ଠାରୁ ସରକାରୀ ମହିଳା କଲେଜ, ସମ୍ବଲପୁର କୁ ଯାଇ ତା – ୦୨/୦୫/ ୨୦୨୬ରିଖ ଦିନ ସକାଳ ବେଳା ଆସି ରିଲିଭ୍ ଅର୍ଡର ସହ ଏକ ଲିଖିତ ପତ୍ର ଦେଇ ସବୁଦିନପରି କାର୍ଯ୍ୟରେ ଯୋଗଦେଇଥିଲେ ଅଧ୍ୟାପକ ମାନଭଞ୍ଜନ । ସେ ଜାଣିବାକୁ ପାଇଲେ ଯେ ତାଙ୍କ ବିରୁଦ୍ଧରେ ଅଧ୍ୟକ୍ଷ ପାଢ଼ୀ କଠୋର କାର୍ଯ୍ୟାନୁଷ୍ଠାନ ନେଇ ତାଙ୍କର ସର୍ଭିସ ବୁକ୍ ଏବଂ ସି.ସି.ଆର୍.ରେଲେଖି ଉଦ୍ଦେଶ୍ୟ ମୂଳକ ଏବଂ ଯୋଜନାବଦ୍ଧ ଭାବେ ଚାକିରି ଖାଇ ଦେବାର ଯୋଜନା କରିଥିବା ଅଭିଯୋଗ କରିଛନ୍ତି । ଅଧ୍ୟକ୍ଷ ପାଢ଼ୀ ସବୁବେଳେ ଚାକିରି ଖାଇଦେବି, ବର୍ବାଦ କରି ଦେବି, ଲେଖି ଦେବି, ମୁଁ ପ୍ରିନ୍ସପାଲ, ମୋତେ ସରକାର ପଠାଇଛି, ମୁଁ ଚାହିଁଲେ କ'ଣ କରିପାରେ ତମେ ଜାଣିନ ଏବଂ ଅଧ୍ୟାପକ ଅରୁଣ କୁମାର ଶାସନୀ ସବୁବେଳେ – ଏନ୍ତି ଗୁଟେ ଦୁର୍ବଳ ମୁହୂର୍ତ୍ତ ଦେଖିକରି ପାନେ ଦେବ ଯେ ତାର୍ ସକ୍ଷି ନାଇଁ ପାରେ, ଭାଙ୍ଗ୍ ଖାଉ ଇତ୍ୟାଦି ଶବ୍ଦ କହି ଅଧ୍ୟାପକଙ୍କୁ ଧମକ ଦେଉଥିବା ଅଭିଯୋଗ କରିଛନ୍ତି । ଖଳ ପରାମର୍ଶ ଦେଇ ଶାସନୀ ନିଜେ ଚିଠି ଲେଖି ଅଧ୍ୟକ୍ଷ ପାଢ଼ୀଙ୍କୁ କେବଳ ଦସ୍ତଖତ ମରାନ୍ତି ବୋଲି ଅଭିଯୋଗ ହୋଇଛି । ଜଣେ ଅଧ୍ୟକ୍ଷ ହୋଇ ସବୁ କର୍ମଚାରୀ ଯାହାଙ୍କ ନିର୍ଦ୍ଦେଶରେ କାମ କରିବା କଥା, ସେ ସବୁ ଚିଠି ପତ୍ର, କଥାବାର୍ତ୍ତା ପାଇଁ ଅଫିସ ଛାଡ଼ି ପଦାର୍ଥ ବିଜ୍ଞାନ ବିଭାଗକୁ ଯାଇ ଶାସନୀ ସାର୍ ଙ୍କ ପାଖରେ ଘଣ୍ଟା ଘଣ୍ଟା ବସି ରହିବା ପଛରେ ରହସ୍ୟ କଣ ଥାଇପାରେ ବୋଲି ଅଧ୍ୟାପକ ଅଭିଯୋଗ କରିଛନ୍ତି । ଅଧ୍ୟାପକ ଏହାର ସୁଚାର ପାଇଁ ଆଞ୍ଚଳିକ ଶିକ୍ଷା ନିର୍ଦ୍ଦେଶକ (ଉଚ୍ଚ ଶିକ୍ଷା ବିଭାଗ), ସମ୍ବଲପୁର, .ନିର୍ଦ୍ଦେଶକ, ଉଚ୍ଚ ଶିକ୍ଷା ବିଭାଗ, ଭୁବନେଶ୍ୱର,. ମାନବିକ ଅଧିକାର କମିଶନ, ଭୁବନେଶ୍ୱର ,ଜିଲ୍ଲାପାଳ,ସମ୍ବଲପୁର ସି .ଏମ୍.ଓ., ଭୁବନେଶ୍ୱର ପି.ଏମ୍.ଓ., ନୂଆ ଦିଲ୍ଲୀ ମଣ୍ଡଳ କମିଶନ, ଭୁବନେଶ୍ୱର ଓ ଉପଜିଲ୍ଲାପାଳ ରେଢ଼ାଖୋଲଙ୍କୁ ଲିଖିତାକାରରେ ଜଣାଇଛନ୍ତି ।

## ଗଛ କଟାକୁ ନେଇ ବିଦ୍ୟୁତ କାଟ ଗ୍ରାମର ଯୁବକ-ପୋଲିସ ମୁହାଁମୁହିଁ

ହରଭଙ୍ଗା, (ସବ୍ୟୁ) : ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଥାନାରେ ମଙ୍ଗଳବାର ଦିନ କରଞ୍ଜାକଟା ଗ୍ରାମର ଯୁବକ-ପୋଲିସ ମୁହାଁମୁହିଁ ହେବା ଫଳରେ ପୁରା ଥାନା ରଣକ୍ଷେତ୍ର ପାଲଟିଛି । ମିଳିଥିବା ସୁଚନା ମୁତାବକ କରଞ୍ଜାକଟା ଗ୍ରାମରେ ଥିବା ପଶୁଡାକ୍ତରଖାନାରେ ଥିବା ଏକ ଗଛକୁ ଅଫିସ କର୍ମଚାରି କାଟିବା ଯୋଗୁଁ କିଛି ସମୟ ଧରି ବିଦ୍ୟୁତ ସରାବରାହ ବନ୍ଦ ରହିଥିଲା । ଦୀର୍ଘ ବିଦ୍ୟୁତ ବନ୍ଦ ଫଳରେ ଗ୍ରାମର କେହି ଜଣେ କୁଆଡେ ଅଫିସ କର୍ମଚାରୀଙ୍କ ଗାଳି ମନ୍ଦ କରିଥିଲା । ଗାଳି କରିବା ଯୋଗୁଁ ଅଫିସ କର୍ମଚାରୀ ପୁରୁଣାକଟକ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ । ଅଭିଯୋଗ ପକ୍ଷରେ ଥାନା ପକ୍ଷରୁ ଉଭୟଙ୍କ ଡକାଯାଇ ଘଟଣାର ସମାଧାନ କରାଯାଇଥିଲା । ଏହାକୁ ନେଇ ଗ୍ରାମର କିଛି ଯୁବକକୁ ଥାନାକୁ ଆସି ପଚାରିବାରୁ କୁଆଡେ ପୋଲିସ ପକ୍ଷରୁ ସେମାନଙ୍କୁ ପ୍ରଥମେ ମାଡ ମରାଯାଇଥିବା ଯୁବକ ମାନେ ଅଭିଯୋଗ କରିଛନ୍ତି । ଯୁବକ ମାନେ ମାଡ ଖାଇବା ପରେ ଗ୍ରାମର ଆଉ କିଛି ଯୁବକ ଆସି କାହିଁକି ମାଡ ମାରିଲ ଓ ଆପଣଙ୍କୁ ମାଡ ମାରିବାକୁ କିଏ ଅଧିକାର ଦେଲା ବୋଲି କହିଥିଲେ ।ଏହାକୁ ନେଇ ପୋଲିସ ଓ ଗ୍ରାମର ଯୁବକ ମାନଙ୍କ ମଧ୍ୟରେ ଉଚ୍ଚବାଚ ହେବା ସହ ପିଟାପିଟି ହୋଇଥିଲା । ଫଳରେ ପୁରା ଥାନା ପରିସର ଯୋଗୁଁ ରଣ କ୍ଷେତ୍ର ପାଲଟିଥିଲା । ଏହାକୁ ନେଇ ବର୍ତ୍ତମାନ ଥାନା ପରିସର ଅଶାନ୍ତ ହେବା ଫଳରେ ପୋଲିସ ମାଡରେ କିଛି ଯୁବକ ମଧ ଆହତ ହୋଇଛନ୍ତି । ଏପେଟ ଘଟଣା ସ୍ଥଳରେ ବୌଦ୍ଧ ଏସଡିପିଓ ପହଞ୍ଚି ଥିବା ବେଳେ ଘଟଣାର ଅନୁଧାନ କରୁଛନ୍ତି । ପୋଲିସ ପକ୍ଷରୁ ଗ୍ରାମର ୬ ଜଣ ଯୁବକଙ୍କୁ ଅଟକ ରଖିଥିବା ବେଳେ ଅନ୍ୟ ଯୁବକ ମାନଙ୍କୁ ଖୋଜୁଥିବା ଜଣାପଡିଛି ।

## ଆରଣ୍ୟକ ଶୀତଳ ଷଷ୍ଠୀ ଯାତ୍ରା କମିଟି କର୍ମକର୍ତ୍ତା ଚୟନ

ସମ୍ବଲପୁର, (ସବ୍ୟୁ): ସମ୍ବଲପୁର ସହର ଝାଉଁଆପଡା ଆରଣ୍ୟକ ଶୀତଳ ଷଷ୍ଠୀ ଯାତ୍ରା କମିଟି-୨୦୨୬ ପାଇଁ ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ସର୍ବସମ୍ମତି କ୍ରମେ ସରୋଜ କୁମାର ଦଳପତ ସଭାପତି, ସୁଶାନ୍ତ କୁମାର ପୁରୋହିତ ଉପସଭାପତି, ସଞ୍ଜୟ କୁମାର ମିଶ୍ର ସମ୍ପାଦକ, ସତ୍ୟଜିତ୍ ପଣ୍ଡା ସହ ସମ୍ପାଦକ, ମନୋଜ କୁମାର ମିଶ୍ର କୋଷାଧ୍ୟକ୍ଷ, ସତ୍ୟନାରାୟଣ ଜେନା ସହକାରୀ କୋଷାଧ୍ୟକ୍ଷ ଓ ଅଭିଶେକ ମିଶ୍ର ମିଡିଆ ସଂଯୋଜକ ଭାବେ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଥିସହ ୨୬ଜଣଙ୍କୁ କାର୍ଯ୍ୟକାରୀ ସଭ୍ୟ ଭାବେ ମନୋନିତ କରାଯାଇଛି।

## ଭିଜିଲାନ୍ସ ଜାଲରେ ଏଡିଇଓ ଦେବେନ୍ଦ୍ର ସାହୁ

ଜୁନାଗଡ଼,(ସବ୍ୟୁ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଅନ୍ତର୍ଗତ ଆଟିଗାଁ ପଂଚାୟତରେ କାର୍ଯ୍ୟରତ ଏଡିଇଓ ଦେବେନ୍ଦ୍ର ସାହୁ ଭିଜିଲାନ୍ସ ଜାଲରେ ଧରାପଡ଼ିଛନ୍ତି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ମିଳୁଥିବା ଘର ର ଫାଇଲ ପ୍ରୋସେସ କରାଇଦେବା ପାଇଁ ଆଟିଗାଁର ହିତାଧିକାରୀ ଶ୍ରୀବତ୍ସ ଭୋଇଙ୍କ ଠାରୁ ୬,୦୦୦ ଟଙ୍କା ଲାଞ୍ଚ ଦାବି କରିଥିବା ଅଭିଯୋଗ ରହିଛି । ମଙ୍ଗଳବାର ସକାଳୁ ଜୁନାଗଡ଼ ବ୍ଲକ ପରିସରରେ ଶ୍ରୀବତ୍ସ ଭୋଇ ୬ହଜାର ଟଙ୍କା ଲାଞ୍ଚ ଦେଉଥିବା ବେଳେ ଭିଜିଲାନ୍ସ ଟିମ ମାଡ଼ିବସି ଦେବେନ୍ଦ୍ରଙ୍କୁ ଧରିଥିଲା । ଏହା ସହିତ ଘଟଣାସ୍ଥଳରୁ ଲାଞ୍ଚ ଟଙ୍କା ଜବତ କରାଯାଇଥିଲା । ଚଢ଼ାଉରେ କଳାହାଣ୍ଡି ଡିଏସପି ପ୍ରମୋଦ କୁମାର ଆଇଣ୍ଡ , ନୂଆପଡ଼ା ଡିଏସପି ଦୀନବନ୍ଧୁ ବେହେରା , ଡ଼ିଏସପି ପ୍ରମିଳା ସୁନା, ଭିଜିଲାନ୍ସ ଇନସ୍ପେକ୍ଟର ଆଲୋକ ମହାପାତ୍ର ସହ ଅନ୍ୟାନ୍ୟ କର୍ମଚାରୀମାନେ ସାମିଲ ଥିଲେ। ଅଧିକ ତଦନ୍ତ ପାଇଁ ଜୁନାଗଡ଼ ବ୍ଲକ ଅଫିସରୁ ତାଙ୍କୁ ଭବାନୀପାଟଣା ଭିଜିଲାନ୍ସ ଅଫିସକୁ ନିଆଯାଇଛି ।

## ବହୁମୁଖୀ ବ୍ୟାୟାମ ଶାଳାର ଭୂମି ପୂଜନ ଉତ୍ସବ



ଧର୍ମଗଡ଼,(ସବ୍ୟୁ): ଧର୍ମଗଡ଼ କଳାହାଣ୍ଡି ଉତ୍ସବ ପଡ଼ିଆରେ ଥିବା ସ୍ପୋର୍ଟସ କମ୍ପ୍ଲେକ୍ସ ପରିସରରେ ବହୁମୁଖୀ ବ୍ୟାୟାମ ଶାଳାର ଭୂମୀ ପୂଜନ ଧର୍ମଗଡ଼ ବିଧାୟକ ସୁଧୀର ରଞ୍ଜନ ପଟ୍ଟଯୋଶୀଙ୍କ କର କମଳରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଯୁବକ ମାନଙ୍କ ମାନେ ଏହି ବ୍ୟାୟାମ ଶାଳା ଦ୍ୱାରା ଉପକୃତ ହେବେ। ଉକ୍ତ ବ୍ୟାୟାମ ଶାଳାରେ ୫୦ ଲକ୍ଷ ରୁ ଉର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ। ବିଧାୟକ ଉନ୍ନୟନ ପାଣ୍ଠି ସମେତ ରାଜ୍ୟ ସରକାରଙ୍କ ବିଭିନ୍ନ ସ୍କିମର ପାଣ୍ଠି ଅଣାଯିବା ପାଇଁ ବ୍ୟବସ୍ଥା କରାଯାଇ ଏହି ବ୍ୟାୟାମ ଶାଳା ନିର୍ମିତ ହେବ ବୋଲି ବିଧାୟକ ଶ୍ରୀ ପାଟ୍ଟଯୋଶୀ ପ୍ରକାଶ କରିଛନ୍ତ। ଆୟୋଜିତ ଭୁମି ପୂଜନ ଉତ୍ସବରେ ସମାଜସେବୀ ହୃଷିକେଶ ମିଶ୍ର, ଜିଲ୍ଲା କ୍ରୀଡା ଅଧିକାରୀ ରମେଶ ଚନ୍ଦ୍ର ପାଢ଼ୀ,ସହକାରୀ ନିର୍ବାହୀ ଯନ୍ତ୍ରୀ ସର୍ବେଶ୍ୱର ପଧାନ, କନିଷ୍ଠ ଯନ୍ତ୍ରୀ ଜ୍ୟୋତିପ୍ରକାଶ ପ୍ରଧାନ, ସୂର୍ଯ୍ୟ ନାଥ, ରୋମାଞ୍ଚଳ ଭୋଇ ଓ ସ୍ଥାନୀୟ କ୍ରୀଡ଼ାବିତ୍ ମାନେ ଉପସ୍ଥିତ ଥିଲେ।

## ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ

# ୧୫ରୁ ରବି ଧାନ ସଂଗ୍ରହ, ୫୬ଟି ମଣ୍ଡିରେ ହେବ ଧାନ କିଣାବିକା



ସମ୍ବଲପୁର,(ସବ୍ୟୁ): ସ୍ଥାନୀୟ ଜିଲ୍ଲାପାଳ ସମ୍ମିଳନୀ କକ୍ଷ ଠାରେ ଜିଲ୍ଲାସ୍ତରୀୟ ରବି ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଅଧ୍ୟକ୍ଷତା କରିଥିଲେ। ଏହି ବୈଠକରେ ଧାନ ସଂଗ୍ରହ ପ୍ରକ୍ରିୟାକୁ ସ୍ୱଚ୍ଛ ଓ ଶୃଙ୍ଖଳିତ କିପରି କରାଯିବ ଏବଂ ଗତ ବର୍ଷ ଧାନ କ୍ରୟ ବେଳେ ଉପୁଜିଥିବା ବିଭିନ୍ନ ସମସ୍ୟାକୁ ଦୃଷ୍ଟିରେ ରଖି ଆଗାମୀ ସମୟରେ ଏହାର କିପରି ସମାଧାନ କରାଯାଇପାରିବ ସେ ଆଲୋଚନା ହୋଇଥିଲା। ଜିଲ୍ଲାସ୍ତରୀୟ କ୍ରୟ ସମିତି ଦ୍ୱାରା ଆସନ୍ତା ମେ ୧୫ରୁ ରବି ଧାନ ସଂଗ୍ରହ କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ଚଳିତବର୍ଷ ସାଧାରଣ ଧାନ କ୍ୱିଣ୍ଟାଲ ପିଛା ୨ହଜାର୩୬୯ ଟଙ୍କା ଏବଂ 'ଗ୍ରେଡ୍-ଏ' ଧାନ ୨ହଜାର୩୮୯ ଟଙ୍କା ଧାର୍ଯ୍ୟ କରାଯାଇଛି। ରବି ୨୦୨୫-୨୬ ପାଇଁ ମୋଟ ୧୯ହଜାର୧୧୩ ଜଣ ଚାଷୀ ପଞ୍ଜିକରଣ କରିଛନ୍ତି। ଓପିଏଲଏସ୍ ମୋବାଇଲ୍ ଆପ୍ ଜରିଆରେ ପ୍ଲଟ୍ ଯାଞ୍ଚ ପ୍ରକ୍ରିୟା ଜାରି ରହିଛି । ଧାନ ସଂଗ୍ରହ ପୂର୍ବରୁ ଚୂଡ଼ାନ୍ତ ଚାଷୀ ତାଲିକା ପ୍ରକାଶ କରାଯିବ। ଧାନ ସଂଗ୍ରହ ପାଇଁ ଜିଲ୍ଲାରେ ୫୬ଟି ମଣ୍ଡି କାର୍ଯ୍ୟକ୍ଷମ ହେବ। ଏଥିରେ ୩୨ଟି ପ୍ୟାକ୍ସ ଏବଂ ୮ଟି ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସାମିଲ ହେବେ। ଚଳିତ ଋତୁରେ ୪୮ ଜଣ କଷ୍ଟମ୍ ମିଲର ଧାନ ସଂଗ୍ରହ ପ୍ରକ୍ରିୟାରେ ସାମିଲ ହେବେ।

ଚାଷୀଙ୍କ କଷ୍ଟ ଅର୍ଜିତ ଧାନ ପି-ପାସ ମାଧ୍ୟମରେ କ୍ରୟ କରାଯିବ । ଏଥିପାଇଁ କେନ୍ଦ୍ରିୟ ଟୋକନ୍ ଜାରି କରାଯିବ। କୃଷକଙ୍କ ପଞ୍ଜୀକୃତ ମୋବାଇଲକୁ ଏସ୍‌ଏମ୍‌ଏସ୍ ପଠାଯିବ । ଆଇରିସ୍ ସ୍କାନର ଦ୍ୱାରା ଆଧାର ପ୍ରମାଣ ନିଶ୍ଚିତ କରି ଧାନ କିଣାଯିବ। ଧାନ ବିକ୍ରିର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅନ୍‌ଲାଇନ୍ ମୋଡ୍‌ରେ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟରେ ଧାନର ମୂଲ୍ୟ ଜମା କରାଯିବ। ପ୍ରତି ୭ ଦିନରେ ରିମାଇଣ୍ଡର ମେସେଜ୍ ମଧ ପଠାଯିବ। ଧାନ ସଂଗ୍ରହ କେନ୍ଦ୍ରରେ ଡିଜିଟାଲ ଆର୍ଦ୍ରତା ମିଟର, ଓ୍ୱେ ବ୍ରିଜ୍, ବିଶ୍ଳେଷଣ କିଟ୍, ପଲିତାର ପୋଲିନ ଆଦି ଯୋଗାଇବା ସହ ପ୍ରତୀକ୍ଷା କକ୍ଷ, ପାନୀୟ ଜଳ, ଲାଇଟ୍, ଶୌଚାଳୟ, ସିସିଟିଭି ଆଦିର ବ୍ୟବସ୍ଥା କରାଯିବ। ଖରିଫ ଋତୁରେ ୩୨.୭୨ ଲକ୍ଷ କ୍ୱିଣ୍ଟାଲ ଧାନ ସଂଗ୍ରହ ହୋଇଥିଲା। ଧାନ ସଂଗ୍ରହରେ ସ୍ୱଚ୍ଛତା ଆଣିବା ପାଇଁ ସାଟେଲାଇଟ୍ ସର୍ଭେର ସହାୟତା ନିଆଯାଇଛି। ଯେଉଁ ସ୍ଥାନରେ ଧାନ ଚାଷ ହୋଇନାହିଁ ମାତ୍ର ମିଥ୍ୟା ପଞ୍ଜିକରଣ କରାଯାଇଥିଲା, ସେଭଳି ପ୍ଲଟ୍‌ଗୁଡ଼ିକୁ ଚିହ୍ନଟ କରାଯାଇ ବାତିଲ କରାଯାଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଥିଲେ। ଏହି ବୈଠକରେ ରେଢାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଜିଲ୍ଲାପରିଷଦ ଅଧ୍ୟକ୍ଷା କୁମୁଦିନୀ ନାୟକ, ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରସନ୍ନ କୁମାର ପାତ୍ର, ମୁଖ୍ୟ ଯୋଗାଣ ଅଧିକାରୀ ସୁବୋଧ ତ୍ରିପାଠୀଙ୍କ ସମେତ ଅନ୍ୟ ପ୍ରଶାସନିକ ଅଧିକାରୀ, ଜିଲ୍ଲା ଚାଷୀ ସଂଗଠନର କର୍ମକର୍ତ୍ତା, ମିଲର୍ସ ପ୍ରତିନିଧି ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଭାଗ ନେଇଥିଲେ।

## ଜନଗଣନା କାର୍ଯ୍ୟ ବେଳେ ମୃତ୍ୟୁବରଣ କରିଥିବା ଶିକ୍ଷକଙ୍କୁ ଶ୍ରଦ୍ଧାଞ୍ଜଳି

ସୋନପୁର,(ସବ୍ୟୁ): ଗତ ଏପ୍ରିଲ ୧୯ ତାରିଖ ସୁବର୍ଣ୍ଣପୁର ଜିଲ୍ଲା ଉଲୁଣ୍ଡା ବ୍ଲକ କାଦୋଦର ପଂଚାୟତ ସୁନାପାଲି ଗାଁରେ ଜନଗଣନା କାର୍ଯ୍ୟ କରୁଥିବା ବେଳେ ଶିକ୍ଷକ ବଂଶୀଧର ଭୋଇଙ୍କ ମୃତ୍ୟୁ ହୋଇଥିଲା । ପରିବାର ଲୋକ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ କରିଥିବା ବେଳେ ଏଭଳି ଦୁଃଖଦ ଖବର ଜାଣି ସମସ୍ତେ ମର୍ମାହତ ହୋଇଯାଇଥିଲେ । ସୋମବାର ଉଲୁଣ୍ଡା ବ୍ଲକ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି କଲ୍ୟାଣ କର୍ମଚାରୀ ସମନ୍ୱୟ ପରିଷଦ ତରଫରୁ ସଂଗଠନର ସଭାପତି ମୁକୁନ୍ଦ ଧରୁଆଙ୍କ ଅଧ୍ୟକ୍ଷତାରେ ଏକ ଶୋକ ସଭା ଅନୁଷ୍ଠିତ ହୋଇଥିଲା । ଏଥିରେ ତାଙ୍କର ଆମର ଆତ୍ମାର ସଦଗତି ପାଇଁ ନିରବ ପ୍ରାର୍ଥନା କରାଯାଇଥିଲା । ପରେ ପରେ ଶିକ୍ଷକ ଦାଶରଥି ନାଏକ, ପ୍ରଦୀପ ଗଣିକ, ଦାଶରଥୀ ସେଠି ସ୍ମୃତି ଚାରଣ କରିଥିଲେ । ତାପରେ ସେମାନେ ସମସ୍ତେ ବଂଶୀଧର ଭୋଇଙ୍କ ବାସଭବନ ବମରାଜ ଗ୍ରାମରେ ପହଂଚି ପରିବାର ବର୍ଗଙ୍କୁ ଆଜି ସାକ୍ଷାତ କରି ସମବେଦନା ଜଣାଇବା ସହିତ ଟ. ୨୨୦୦୦/ ଟଙ୍କା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ ସାମିଲ ଥିଲେ ଇନ୍ଦିରା ସମର୍ଥା, ସବିତା ପଧାନ, ପ୍ରଦୀପ ଗଣିକ, ଦାଶରଥି ନାଏକ, ଦାଶରଥି ସେଠି, ଅଚ୍ୟୁତ ପଧାନ, ସୁରେନ୍ଦ୍ର ବାରିକ, ପ୍ରଦୀପ ଲୁହା, ବାବୃବାହନ ଦେହେରୀ, ଶ୍ରବଣ ବାରିକ, ଶ୍ରବଣ ଭୋଇ ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ । ତେବେ ବର୍ତ୍ତମାନ ପର୍ଯ୍ୟନ୍ତ ସରକାରଙ୍କ ତରଫରୁ ଏହି ପରିବାର ବର୍ଗଙ୍କୁ କୌଣସି ସରକାରୀ ସହାୟତା ମିଳି ନ ଥିବା ବେଳେ ଏଭଳି କର୍ମଚାରୀ ସଂଗଠନର ପକ୍ଷରୁ ଆର୍ଥିକ ସହାୟତା ଦେବା କାର୍ଯ୍ୟକୁ ଅଂଚଳବାସୀ ପ୍ରଶଂସା କରିଛନ୍ତି ।

## ତ୍ରିକୋଣୀୟ ପ୍ରେମରୁ ଭାଇବୋହୂକୁ ବୀଭତ୍ସ ହତ୍ୟା ଘଟଣା

# ଜେଲ୍ ଗଲା ଅଭିଯୁକ୍ତ ଜହ୍ଲାଦ ଦେଢ଼ଶୁର

ମୁରିବାହାଲ,(ସବ୍ୟୁ): ତ୍ରିକୋଣୀୟ ପ୍ରେମ ସମ୍ପର୍କରୁ ବଲାଙ୍ଗିର ଜିଲ୍ଲା ମୁରିବାହାଲ ଥାନା ଗୋଇମୁଣ୍ଡ ପଞ୍ଚାୟତ ଚିତ୍ରାମୁଣ୍ଡା ଗ୍ରାମର ବିବାହିତା ମହିଳା ଜାନକୀ ଓରଫ ରଞ୍ଜୁ ସାହୁ(୪୦)ଙ୍କୁ ପଥରେରେ ଛେଚି ବିଭତ୍ସ ହତ୍ୟା କରିବା ଅଭିଯୋଗରେ ସମ୍ପର୍କୀୟ ଜହ୍ଲାଦ ଦେଢଶୁର ଭଜ ସାହୁ(୫୩)ଜେଲ୍ ଯାଇଛି। ନିଜେ ବାରମ୍ବାର ପ୍ରେମ ନିବେଦନ କରି ବିଫଳ ହେବା ପରେ ଭାଇବୋହୂକୁ ମାରି ଅଭିଯୁକ୍ତ ଦେଢ଼ଶୁର ଜେଲ୍ ଯାଇଥିବା ଥାନାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ କଣ୍ଟାବାଞ୍ଜି ଏସଡିପିଓ ଲକ୍ଷ୍ମୀନାରାୟଣ ମାରାଣ୍ଡି ଓ ଥାନା ଆଇଆଇସି ବୁଲୁ ମୁଣ୍ଡା ସୂଚନା ଦେଇଛନ୍ତି। ଏହା ସହିତ ଏହି ଘଟଣାରେ ଆଉ କାହାର ସଂପୃକ୍ତି ରହିଛି ନା ନାହିଁ, ସେ ନେଇ ମଧ ପୁଲିସ୍ ଖୋଳତାଡ଼ ଜାରି ରଖିଛି। ମୃତ ରଞ୍ଜୁ ସାହୁଙ୍କ ସ୍ୱାମୀ କିଶୋର ସାହୁ ୫ବର୍ଷ ହେବ ଘରକୁ ଆସୁନ ଥିବା ବେଳେ ପରିବାର ସହ କୌଣସି ସମ୍ପର୍କ ରଖୁନଥିଲେ। ଘରେ ଦୁଇ ଝିଅ ଓ ଗୋଟିଏ ପୁଅ ସହିତ ରହୁଥିଲେ ରଞ୍ଜୁ। ପରିବାର ଚଳାଇବା ପାଇଁ ସେ ଅନ୍ୟର କାମ କରୁଥିଲେ। ସମ୍ପର୍କୀୟ ସାନଭାଇ ଘରକୁ ଆସୁ ନଥିବା ବେଳେ ରଞ୍ଜୁଙ୍କ ଉପରେ ଦେଢ଼ଶୁର ଭଜ ସାହୁଙ୍କର ଥିଲା ଖରାପ ନଜର। ପୂର୍ବରୁ ତାଙ୍କ ସହ ଘନିଷ୍ଠ ସମ୍ପର୍କ ଥିବାରୁ ସେ ବାରମ୍ବାର ତାଙ୍କୁ ପ୍ରେମ ନିବେଦନ କରି ଶାରୀରିକ ସମ୍ପର୍କ ରଖିବା ପାଇଁ ବାଧ କରୁଥିଲେ। କିନ୍ତୁ ରଞ୍ଜୁ ଏହାକୁ ବାରମ୍ବାର ପ୍ରତ୍ୟାଖ୍ୟାନ କରି ଚାଲିଥିଲେ। ରଞ୍ଜୁଙ୍କୁ ହତ୍ୟା କରିବା ପରେ ଫେରାର ଭଜ ନିଜ ଦୋଷ ସ୍ୱୀକାର କରୁନଥିଲା। କିନ୍ତୁ ପୁଲିସ୍ ଭଜଙ୍କ ମୋବାଇଲ ଫୋନରେ ଦୁଇ ମାସର କଲ୍ ରେକର୍ଡ ଯାଞ୍ଚ କରି ଜାଣିବାକୁ ପାଇଛି ଯେ ସେ ତାଙ୍କ ଭାଇବୋହୂ ରଞ୍ଜୁ ସାହୁଙ୍କୁ ୨୧୯ ଥର ଫୋନ୍ କରିଥିଲା। ଭଜ ସାହୁ ଫୋନ୍ କରି ରଞ୍ଜୁ ସାହୁଙ୍କ ସହିତ କଥା ହେବାକୁ ଚାହୁଁଥିଲେ। କିନ୍ତୁ ରଞ୍ଜୁ ଏହାକୁ ବାରମ୍ବାର ଅଣଦେଖା କରିଆସୁଥିଲେ। ପୂର୍ବରୁ ଭଜ ସହ ଘନିଷ୍ଠ ପ୍ରେମ ସମ୍ପର୍କ ଥିବା ରଞ୍ଜୁ ଏବେ ଆଉ ଜଣେ ଯୁବକଙ୍କ ସହ ପ୍ରେମ ସମ୍ପର୍କ ରଖୁଥିବାରୁ ତାଙ୍କ ପ୍ରେମ ନିବେଦନକୁ ସ୍ୱୀକାର ନ କରିବାରୁ ଭଜ ପ୍ରତିଶୋଧ ପରାୟଣ ହୋଇ ତାଙ୍କୁ ବିଭତ୍ସ ହତ୍ୟା କରିଥିଲା। ମେ' ୨ ତାରିଖ ଦିନ ସକାଳେ ଛୁଆମାନଙ୍କୁ ଜଳଖିଆ ଖାଇବାକୁ ଦେଇ ରଞ୍ଜୁ ନିଜ କପା କ୍ଷେତକୁ କାମ କରିବାକୁ ଯାଇଥିଲେ। ସେହି ସମୟରେ ଭଜ ତାଙ୍କୁ ପିଛା କରି ପଥରରେ ତାଙ୍କ ମୁଣ୍ଡକୁ ପଛପଟୁ ଛେଚି ଦେଇଥିଲେ। ଅଚେତ୍ ହୋଇପଡ଼ିବାରୁ ମହିଳାଙ୍କ ଶାଢ଼ୀକୁ ମୁହଁରେ ଭର୍ତ୍ତି କରି ତାଙ୍କୁ ହତ୍ୟା କରିଥିଲେ। ମୃତଦେହକୁ ସେ କପା କ୍ଷେତରେ ଥିବା ପରିତ୍ୟକ୍ତ କୂଅକୁ ନେଇ ମୁଣ୍ଡକୁ ମାଟିରେ ପୋତିଦେଇ ଉପରେ ଶୁଖିଲା ଡାଳ ପକାଇ ଦେଇଥିଲେ। ଘଟଣା ପରଠାରୁ ଭଜ ଫେରାର ହୋଇଯାଇଥିବା ବେଳେ ତାଙ୍କ ଉପରେ ହିଁ ସନ୍ଦେହ କରିଥିଲେ ରଞ୍ଜୁଙ୍କ ବଡ଼ ଝିଅ । ମା'ଙ୍କ ଉପରେ ବଡ଼ବାପାଙ୍କ ସବୁବେଳେ ପାପ ଦୃଷ୍ଟି ଥିଲା ଓ ସେ ସବୁବେଳେ ମା'ଙ୍କ ପିଛା କରୁଥିଲେ ବୋଲି ଅଭିଯୋଗ କରିଥିଲେ। ତାଙ୍କ ଅଭିଯୋଗ ଆଧାରରେ ପୁଲିସ ଖୋଳତାଡ଼ କରି ଭଜଙ୍କୁ ଭବାନୀପାଟଣାରୁ ଉଠାଇ ଆଣିଥିଲା। ଜେରା ବେଳେ ସେ ନିଜ ଦୋଷ ସ୍ୱୀକାର କରିଥିବା ପୁଲିସ ପ୍ରକାଶ କରିଛି । ମଙ୍ଗଳବାର ପୁଲିସ ଅଭିଯୁକ୍ତଙ୍କୁ ଘଟଣାସ୍ଥଳକୁ ନେଇ ସିନ୍ ରିକ୍ରିଏସନ୍ କରିଥିଲା। ହତ୍ୟାରେ ସାମିଲ ଦେଢଶୁର ଭଜ ସହ ମୃତ ମହିଳାଙ୍କ ତଥାକଥିତ ତୃତୀୟ ପ୍ରେମିକ, ପରିବାରର ଅନ୍ୟ ସଦସ୍ୟ ଓ ବାହାର ଲୋକଙ୍କ ସମ୍ପୃକ୍ତି ନେଇ ପୁଲିସ ନୋଟିସ ଦେଇ ଅଧିକ ପଚରାଉଚରା ଜାରି ରଖିଛି। ଚିତ୍ରାମୁଣ୍ଡା ଗ୍ରାମର କିଶୋର ସାହୁଙ୍କ ପତ୍ନୀ ତଥା ମୃତା ମହିଳା ଜାନକୀ ଶନିବାର ସକାଳେ ତାଙ୍କ କପା କିଆରୀକୁ କାମ କରିବାକୁ ଯାଇଥିଲେ। ସନ୍ଧ୍ୟା ପର୍ଯ୍ୟନ୍ତ ସେ ଘରକୁ ନ ଫେରିବାରୁ ତାଙ୍କ ବଡ଼ଝିଅ ମାମୁଁ ଘର ଖଡ଼ିଆଳ ଥାନା ଗଦ୍ରାମୁଣ୍ଡାରେ ଥିବା ଲୋକଙ୍କୁ ଖବର ଦେଇ ବହୁ ସମୟ ଖୋଜାଖୋଜି କରିଥିଲେ। ଶେଷରେ ସେହି ପରିତ୍ୟକ୍ତ କୂଅରେ ମହିଳାଙ୍କ ମୃତଦେହ ଦେଖିବାକୁ ମିଳିଥିଲା। ମୁଣ୍ଡରେ ଗଭୀର କ୍ଷତ ସହ ସେଠାରେ କୋଦାଳ ,ପାଣି ବୋତଲ ଓ କପଡ଼ା ଆଦି ପଡ଼ିଥିବାରୁ ତାଙ୍କୁ ହତ୍ୟା କରାଯାଇଥିବା ସ୍ପଷ୍ଟ ହୋଇଥିଲା। ମୃତ ମହିଳାଙ୍କ ବାପ ଘର ଲୋକ ଆସି ସବୁ ଦେଖିଲା ପରେ ଏହା ଏକ ହତ୍ୟା ମାମଲା ଓ ପରିବାରର ହିଁ ସମ୍ପୃକ୍ତି ରହିଛି ବୋଲି ଭାଇ ଭ୍ରମରାଜ ସାହୁ(୩୬) ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘରେ ଥିବା ତାଙ୍କର ୨ଝିଅ ଓ ଗୋଟିଏ ପୁଅ ଏବେ ବାପମା ଛେଉଣ୍ଡ ହୋଇ ସମ୍ପୂର୍ଣ୍ଣ ବେସାହାରା ହୋଇଯାଇଛନ୍ତି। ଏହି ଘଟଣା ପରେ ତିନି ଛୁଆଙ୍କୁ ତାଙ୍କ ମାମୁଁ ଘର ଲୋକେ ସାଙ୍ଗରେ ନେଇ ଯାଇଥିବା ଜଣାପଡ଼ିଛି। ତିନି ଛୁଆଙ୍କୁ ସରକାରଙ୍କ ପକ୍ଷରୁ ଉପଯୁକ୍ତ ଥଇଥାନ ପାଇଁ ଗ୍ରାମବାସୀ ଦୃଢ଼ ଦାବୀ କରିଛନ୍ତି । ଏହି ହତ୍ୟା ଘଟଣାରେ ମୃତ ମହିଳାଙ୍କ ଶ୍ୱଶୁର ସୋମବାର ଅଟକ ଭଜ ନାମରେ ଥାନାରେ ପୁଣି ଏକ ଲିଖିତ ଅଭିଯୋଗ କରିଥିବା ଚର୍ଚ୍ଚା ହେଉଛି। ଅଭିଯୁକ୍ତ ମଣିଷମାରୁ ଜହ୍ଲାଦ ଦେଢ଼ଶୁର ଭଜ ପାଇଁ ସେମାନେ ଗାଁରେ ଅସୁରକ୍ଷିତ ମନେକରୁଥିବାରୁ ତାଙ୍କୁ ଫାଶୀଦଣ୍ଡ ଦେବା ପାଇଁ ଚିତ୍ରାମୁଣ୍ଡା ଗ୍ରାମର ଶତାଧିକ ମହିଳା ଥାନାକୁ ଆସି ଦୃଢ଼ ଦାବି କରି ପ୍ରତିବାଦ କରିଥିଲେ। ତଦନ୍ତ ପାଇଁ ପୁଲିସ ସାଇଣ୍ଟିଫିକ୍ ଟିମ୍, ଡଗ ସ୍କ୍ୱାର୍ଡ ସହ ବିଭିନ୍ନ ସୂତ୍ରରୁ ତଥ୍ୟ ସଂଗ୍ରହ କରିଥିବା ବେଳେ ହତ୍ୟାରେ ବ୍ୟବହୃତ ପଥର,୨ଟି ମୋବାଇଲ ଆଦି ଜବତ କରିଥିଲା। ତଦନ୍ତ ପାଇଁ ମୁରିବାହାଲ ଥାନା ଓ ବଙ୍ଗୋମୁଣ୍ଡା ଥାନାକୁ ନେଇ ଦୁଇଟି ଟିମ୍ ଗଠିତ ହୋଇଥିଲା। ଏତଲା ଆଧାରରେ ଥାନା କେଶ ନ ୮୩/୨୬ ରୁଜୁ ସହ ବିଭିନ୍ନ ଦଫାରେ ମୁଖ୍ୟ ଅଭିଯୁକ୍ତ ସମ୍ପର୍କୀୟ ଦେଢଶୁର ଭଜକୁ ମଙ୍ଗଳବାର କୋର୍ଟ ଚାଲାଣ କରାଯାଇଥିବା ବେଳେ ଜାମିନ ଆବେଦନ ଖାରଜ ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି ବୋଲି ତଦନ୍ତକାରୀ ଅଧିକାରୀ ତଥା ଥାନା ଆଇଆଇସି ବୁଲୁ ମୁଣ୍ଡା ପ୍ରକାଶ କରିଛନ୍ତି।

## ନୂଆପଡ଼ାରେ 'ସମ୍ଭାବନା'ର ସଫଳତା

# ମାଟ୍ରିକ କୃତୀ ଛାତ୍ରଛାତ୍ରୀଙ୍କୁ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା



ନୂଆପଡ଼ା, (ସବ୍ୟୁ) : ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ନୂଆପଡ଼ା ପକ୍ଷରୁ ସ୍ଥାନୀୟ ନେସନାଲ ମହାବିଦ୍ୟାଳୟ ପରିସରରେ ଜିଲ୍ଲାସ୍ତରୀୟ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା । ଶିକ୍ଷାବର୍ଷ ୨୦୨୬ ଦଶମ ଶ୍ରେଣୀ ବୋର୍ଡ ପରୀକ୍ଷାରେ ଏ-୧ ଓ ଏ-୨ ଗ୍ରେଡ଼ରେ କୃତକାର୍ଯ୍ୟ ହୋଇ ଜିଲ୍ଲା ପାଇଁ ଗୌରବ ଆଣିଥିବା ମେଧାବୀ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ସମ୍ବର୍ଦ୍ଧିତ କରାଯାଇଥିଲା । ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ନୂଆପଡ଼ା ଜିଲ୍ଲା ଭଲ ସଫଳତା ହାସଲ କରିଛି। ଜିଲ୍ଲାର ପାସ୍ ହାର ୯୭.୮୭ ପ୍ରତିଶତ ରହିଥିବା ବେଳେ ରାଜ୍ୟ ସ୍ତରରେ ଜିଲ୍ଲା ଷଷ୍ଠ ସ୍ଥାନ ଅଧିକାର କରିଛି। ଏହି ଅଭୂତପୂର୍ବ ସଫଳତା ପଛରେ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରଚଳିତ 'ସମ୍ଭାବନା' କାର୍ଯ୍ୟକ୍ରମର ପ୍ରମୁଖ ଭୂମିକା ରହିଥିବା ଅତିଥିମାନେ ମତବ୍ୟକ୍ତ କରିଛନ୍ତି।

ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କ ପ୍ରେରଣାଦାୟୀ ବାର୍ତ୍ତା ସମସ୍ତଙ୍କୁ ବିମୋହିତ କରିଥିଲା। ଜିଲ୍ଲାପାଳ ମଧୁସୁଦନ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଧାୟକ ଜୟ ଭାଇ ଢୋଲକିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କୃତୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ସେ ଜିଲ୍ଲାର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଛାତ୍ରଛାତ୍ରୀଙ୍କୁ ଯଥାକ୍ରମେ ୩୧ ହଜାର, ୨୧ ହଜାର ଓ ୧୧ ହଜାର ଟଙ୍କା ର ପ୍ରୋତ୍ସାହନ ରାଶି ପ୍ରଦାନ କରିଥିଲେ।

ଏସପି ଅମ୍ରିତପାଲ ସିଂ ତାଙ୍କ ସମ୍ୟକ ଅଭିଭାଷଣ ରେ ଛାତ୍ରଛାତ୍ରୀଙ୍କୁ ସୋସିଆଲ ମିଡିଆଠାରୁ ଦୂରରେ ରହି ପୁସ୍ତକ ପଠନ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦେଇଥିଲେ। ଉପଜିଲ୍ଲାପାଳ ସୂର୍ମୀ ସୋରେନ ପିଲାମାନଙ୍କୁ ପରିଶ୍ରମ କରିବାକୁ ପ୍ରେରଣା ଦେଇଥିଲେ। ଜିଲ୍ଲାର ୧୩ ଜଣ ଛାତ୍ରଛାତ୍ରୀ ଏ-୧ ଏବଂ ୨୨୬ ଜଣ ଏ-୨ ଗ୍ରେଡ୍ ହାସଲ କରି ସଫଳତାର ନୂଆ ରେକର୍ଡ ସୃଷ୍ଟି କରିଛନ୍ତି। ସମସ୍ତ କୃତୀ ଛାତ୍ରଛାତ୍ରୀଙ୍କୁ ଅତିଥିମାନେ ମାନପତ୍ର, ଉପହାର ଓ ପୁଷ୍ପଗୁଚ୍ଛ ପ୍ରଦାନ କରି ସମ୍ବର୍ଦ୍ଧିତ କରିଥିଲେ। ସମ୍ମାନିତ ଅତିଥି ରୂପେ ଖରିଆର ରୋଡ୍ ଏନଏସି ଅଧ୍ୟକ୍ଷା ଡ଼ଃ ସୋନିଆ ଜୈନ, ନୂଆପଡ଼ା ବ୍ଲକ ଅଧ୍ୟକ୍ଷା ତାରେଶ୍ୱରୀ ସାହୁ, ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତି, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଧାଂଶୁ ଶେଖର ମିଶ୍ର ଓ ଡ଼ଃ ରେଶମଲାଲ ନାଏକ, ଏସବିଆଇ ଜେନେରାଲ ମ୍ୟାନେଜର ଲିଙ୍କନ ଦାଶ ଏବଂ ମହାବିଦ୍ୟାଳୟର ଅଧ୍ୟକ୍ଷ ହିତେଶ କୁମାର ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ । ଉପରୋକ୍ତ ସ୍ୱାଗତ ଓ ସମ୍ବର୍ଦ୍ଧନା ସଭା କୁ ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ଃ ପ୍ରଶାନ୍ତ କୁମାର ମହାନ୍ତି ସ୍ୱାଗତ ଭାଷଣ ଦେଇଥିବା ବେଳେ ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଗିରିଧାରୀ ସା ଧନ୍ୟବାଦ ଅର୍ପଣ କରିଥିଲେ । ଶିକ୍ଷକ ଗୌରାଙ୍ଗ ସାହୁ ମଞ୍ଚ ପରିଚାଳନା କରିଥିଲେ।

## ସମ୍ପାଦକୀୟ

# କଥା ଦେଇ କଥା ରଖିଲେ ମୋଦି

ପ୍ରକୃତରେ ଭାରତର ଏକତା ରକ୍ଷା ସହିତ ପ୍ରଶାସନିକ ସୁବିଧା ଦୃଷ୍ଟିରୁ 'ଭାରତ ଯୋଡ଼ ଯାତ୍ରା'ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରାୟ ସଫଳ ହୋଇଛନ୍ତି । କଥା ଦେଇ କଥା ରଖିପାରିଛନ୍ତି ମୋଦିଜୀ । ରାଜନୈତିକ ଦୃଷ୍ଟିରୁ ମଧ୍ୟ ମୋଦିଜୀ ଲାଭାନ୍ୱିତ ହୋଇଛନ୍ତି । ଗତ ବିଧାନ ସଭା ନିର୍ବାଚନରେ ୫ଟି ସ୍ଥାନରେ ବିରୋଧୀ କଂଗ୍ରେସ ଦଳର ଗୁରୁତ୍ୱ ମଧ୍ୟ ହ୍ରାସ ପାଇଛି । ନିର୍ବାଚନ ଫଳାଫଳରୁ ଏହା ହିଁ ପ୍ରତିପାଦିତ ହୋଇଛି । ତାମିଲନାଡୁ, କେରଳମ, ଆସାମ ଓ ପଶ୍ଚିମବଙ୍ଗ ଏହି ୪ଟି ରାଜ୍ୟରେ ତଥା ପୁଡୁଚେରୀ ପରି କେନ୍ଦ୍ରଶାସିତ ଅଞ୍ଚଳରେ ହୋଇଥିବା ବିଧାନ ସଭା ନିର୍ବାଚନ ବିଭିନ୍ନ ରାଜନୈତିକ ଦଳକୁ ଶିକ୍ଷା ଦେଇଛି । ଭାରତ ପରି ଏକ ବିଶାଳ ଗଣତାନ୍ତ୍ରିକ ରାଷ୍ଟ୍ରରେ ନରେନ୍ଦ୍ର ମୋଦିଙ୍କ ପରି ଜଣେ ବିଚକ୍ଷଣ ରାଜନେତା ପ୍ରଧାନମନ୍ତ୍ରୀ ହେବାର ଆବଶ୍ୟକତା ଯେ ରହିଛି, ତାହା ଏହିସବୁ ନିର୍ବାଚନ ଫଳାଫଳରୁ ସୂଚିତ ହୋଇଛି ।

ଗତ ବିଧାନ ସଭା ନିର୍ବାଚନରେ ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଥିଲା ପଶ୍ଚିମବଙ୍ଗ ରାଜ୍ୟର ବିଧାନ ସଭା ନିର୍ବାଚନ । ସେଠାରେ ମମତା ଦିଦି (ବାନାର୍ଜୀ) ପ୍ରାୟ ୧୫ ବର୍ଷ କାଳ ମୁଖ୍ୟମନ୍ତ୍ରୀ ରହିଥିଲେ । ତାଙ୍କ ପୂର୍ବରୁ ସିପିଆଇଏମ୍ ଦଳର ଜ୍ୟୋତି ବସୁ ୨୩ ବର୍ଷ ୧୩୭ ଦିନ ପର୍ଯ୍ୟନ୍ତ (୧୯୭୭ ଜୁନ୍ ୨୧ରୁ ୨୦୦୦ ନଭେମ୍ବର ୬ ଯାଏଁ) ମୁଖ୍ୟମନ୍ତ୍ରୀ ଥିଲେ । ତାଙ୍କ ପରେ ସିପିଆଇଏମ୍ ଦଳର ନିଷ୍ପତ୍ତି କ୍ରମେ ବୁଦ୍ଧଦେବ ଭଟ୍ଟାଚାର୍ଯ୍ୟ ପ୍ରାୟ ୧୧ ବର୍ଷ ପର୍ଯ୍ୟନ୍ତ ପଶ୍ଚିମବଙ୍ଗର ମୁଖ୍ୟମନ୍ତ୍ରୀ ଥିଲେ (୨୦୦୦ ନଭେମ୍ବର ୬ରୁ ୨୦୧୧ ମେ' ୧୩ ପର୍ଯ୍ୟନ୍ତ) । ଅଥଚ ପ୍ରାୟ ୩୪ ବର୍ଷର ସିପିଆଇଏମ୍ ଶାସନର ଗଡ଼କୁ ଭାଙ୍ଗିଦେଇ ମମତା ଦିଦି ଏକ ଟାଣୁଆ ମୁଖ୍ୟମନ୍ତ୍ରୀ ଭାବେ ପଶ୍ଚିମବଙ୍ଗର ନେତୃତ୍ୱ ନେଇଆସୁଥିଲେ । ମାତ୍ର ତାଙ୍କ ଶାସନ କାଳରେ ଦୁଃଶାସନମାନେ କୁଆଡ଼େ ଶାସନ କଳକୁ ଅକ୍ତିଆର କରି ଲୋକଙ୍କୁ ଭୟଭୀତ କରି ରଖିଥିଲେ । ପଶ୍ଚିମବଙ୍ଗବାସୀଙ୍କର ସେହି ଭୟ ଦୂର ହୋଇଛି ବୋଲି ଏହାର ଫଳାଫଳ ଜାଣିବା ପରେ ମେ' ୪ ତାରିଖରେ ଦିଲ୍ଲୀର ବିଜେପି ମୁଖ୍ୟ କାର୍ଯ୍ୟାଳୟରେ କର୍ମୀ ଓ କର୍ମକର୍ତ୍ତାଙ୍କୁ ଉଦ୍‌ବୋଧନ ଦେଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଅବଗତ କରାଇଥିଲେ । ସେ ଆହୁରି ମଧ୍ୟ କହିଥିଲେ ଜିତିବା ଓ ହାରିବା ରାଜନୀତିରେ ଏକ ସାଧାରଣ ଘଟଣା, ମାତ୍ର ଲୋକଙ୍କୁ ଓ ଅଧିକାରୀମାନଙ୍କୁ ପଶ୍ଚିମବଙ୍ଗରେ ମମତା ଯେପରି ଭୟଭୀତ କରି ରଖିଥିଲେ, ସେ ଭୟ ଦୂର ହୋଇଥିବାରୁ ଶ୍ରୀ ମୋଦି ସନ୍ତୋଷ ବ୍ୟକ୍ତ କରିଥିଲେ ।

> ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଯେପରି ଗୋଷ୍ଠୀକନ୍ଦଳ ସୃଷ୍ଟି ନହୁଏ ସେଥିପ୍ରତି ବିଜେପିକୁ ସତର୍କ ରହିବାକୁ ପଡିବ ।

ପ୍ରକୃତରେ ପଶ୍ଚିମବଙ୍ଗରେ ଦିଦିଙ୍କୁ ହଟାଇବା ଏତେ ସହଜ ନ ଥିଲା । ମାତ୍ର ମୋଦିଙ୍କ ନିଷ୍ଠା ଓ ଚେଷ୍ଟା ଯୋଗୁଁ ଏହା ସମ୍ଭବ ହୋଇଥିଲା । ଅତୀତରେ ସିପିଆଇଏମ୍‌କୁ ହଟାଇବା ସହଜ ନ ଥିଲା । କିନ୍ତୁ ଦିଦି ସିପିଆଇଏମ୍‌କୁ ହଟାଇ ଆସିଥିଲେ ସତ, ମାତ୍ର ମୋଦିଙ୍କ ପ୍ରଭାବରେ ସେ ମଧ୍ୟ ହଟିଲେ ଓ ନିର୍ବାଚନରେ ଭବାନୀପୁର ବିଧାନ ସଭା ଆସନରୁ ପନ୍ଦର ହଜାରରୁ ଅଧିକ ଭୋଟରେ ମଧ୍ୟ ହାରିଲେ ।

ପୁଡୁଚେରୀରେ ହେଉ କି ଆସାମରେ ହେଉ ବିଜେପିର ବିଜୟ ମଧ୍ୟ ହୋଇଛି । ତାମିଲନାଡୁ ଓ କେରଳମ୍‌ରେ ବିଜେପି କ୍ଷମତାସୀନ ହୋଇ ପାରିନାହିଁ । ଏଥିରୁ ବିଜେପି ମଧ୍ୟ ଶିକ୍ଷା ଲାଭ କରୁ । ଅବଶ୍ୟ ପଶ୍ଚିମବଙ୍ଗ ହିଁ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦି ଓ ବିଜେପି ଉଭୟଙ୍କ ପାଇଁ ମର୍ଯ୍ୟାଦାର ପ୍ରଶ୍ନ ଥିଲା । ସମସ୍ତଙ୍କ ସାଥୀରେ ସମସ୍ତଙ୍କ ବିଶ୍ୱାସ ଓ ବିକାଶ ପାଇଁ ମୋଦିଜୀଙ୍କ ପ୍ରୟାସ ହେଉଛି ଭାରତକୁ ଉତ୍ତରରୁ ଦକ୍ଷିଣ ଯାଏଁ ଓ ପୂର୍ବରୁ ପଶ୍ଚିମ ଯାଏଁ ଯୋଡ଼ିବା । ଏହା ଯେ ପ୍ରଶଂସନୀୟ ଏଥିରେ ସନ୍ଦେହ ନାହିଁ ।

ମାତ୍ର ମନେରଖିବା ଉଚିତ ଯେ ଈଶ୍ୱର କାହାର ଗର୍ବ ଓ ଅହଂକାରକୁ ବରଦାସ୍ତ କରନ୍ତି ନାହିଁ । ସ୍ୱାଧୀନତା ପରେ ସବୁଠାରୁ ପୁରାତନ ଦଳ କଂଗ୍ରେସ ଭାରତରେ ପ୍ରାୟ ଅର୍ଦ୍ଧ ଶତାବ୍ଦୀ କାଳ କ୍ଷମତାରେ ରହିଥିଲେ ମଧ୍ୟ ଆଉ ଏବେ କ୍ଷମତାସୀନ ହୋଇପାରୁନି । ପ୍ରାୟ ୨୪ ବର୍ଷ କାଳ ଏକ ଆଞ୍ଚଳିକ ଦଳର ମୁଖ୍ୟମନ୍ତ୍ରୀ ରହି ମଧ୍ୟ ନବୀନ ପଟ୍ଟନାୟକ ଏବେ କ୍ଷମତାହୀନ । ମମତା ଦିଦି ୧୫ ବର୍ଷ କାଳ କ୍ଷମତାସୀନ ହେବା ପରେ ଏବେ କ୍ଷମତାଚ୍ୟୁତ ହୋଇଛନ୍ତି । ମାତ୍ର ୧୩ ବର୍ଷ କାଳ ମୁଖ୍ୟମନ୍ତ୍ରୀ ରହିବା ପରେ ଏବେ ଦଶ ବର୍ଷ କାଳ ପ୍ରଧାନମନ୍ତ୍ରୀ ରହିଥିବା ନରେନ୍ଦ୍ର ମୋଦି ନିଜ ଭାବମୂର୍ତ୍ତିକୁ ମଳିନ କରି ନାହାନ୍ତି । ବିଜେପି ଶାସିତ ରାଜ୍ୟଗୁଡ଼ିକରେ ଯେପରି ଗୋଷ୍ଠୀକନ୍ଦଳ ସୃଷ୍ଟି ନହୁଏ ସେଥିପ୍ରତି ବିଜେପିକୁ ସତର୍କ ରହିବାକୁ ପଡ଼ିବ ।

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ଅଧାରୁ ପାଠ ଛାଡୁଛନ୍ତି ପିଲା, ପ୍ରଥମ ସ୍ଥାନରେ ଓଡ଼ିଶା



ସତ୍ୟ ସୁନ୍ଦର ଭଞ୍ଜ

ଶିକ୍ଷା ଏକ ଜାତିର ବିକାଶରେ ମୂଳ ଆଧାର । ଶିକ୍ଷା ଦ୍ୱାରା ମଣିଷ ସଚେତନ ହୁଏ, ସମାଜର ଉନ୍ନତି ଘଟେ ଓ ଦେଶର ଭବିଷ୍ୟତ ଗଢ଼ି ଉଠେ । କିନ୍ତୁ ଆଜି ମଧ୍ୟ ଆମ ରାଜ୍ୟର ବିଭିନ୍ନ ସ୍କୁଲରେ ଅଧାରୁ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଚିନ୍ତାଜନକ ଭାବରେ ବଢୁଛି । ବିଶେଷ କରି ଗ୍ରାମାଞ୍ଚଳ, ଆଦିବାସୀ ଅଞ୍ଚଳ ଓ ଦରିଦ୍ର ପରିବାରର ପିଲାମାନେ ଅଧିକ ଭାବେ ପାଠ ଛାଡୁଛନ୍ତି । ଏହା ରାଜ୍ୟର ଶିକ୍ଷା ବ୍ୟବସ୍ଥା ପାଇଁ ଗଭୀର ଉଦ୍‌ବେଗର ବିଷୟ । ପିଲାମାନେ ଅଧାରୁ ପାଠ ଛାଡିଦେଲେ ସେମାନଙ୍କ ଭବିଷ୍ୟତ ଅନ୍ଧକାର ହୋଇଯାଏ । ଏହା ସହିତ ସମାଜରେ ଅଶିକ୍ଷା, ବେକାରୀ, ଶିଶୁ ଶ୍ରମ ଓ ଅପରାଧ ମଧ୍ୟ ବୃଦ୍ଧି ପାଏ । ତଥ୍ୟ ନେବାରେ ଜଣାପଡ଼ିଛି ଦେଶର ସମଗ୍ର ଜନସଂଖ୍ୟାର ୩୩ ପ୍ରତିଶତରୁ ଊର୍ଦ୍ଧ୍ୱ ହେଉଛନ୍ତି ଶିଶୁ, ଯେଉଁମାନଙ୍କର ବୟସ ୧୮ ବର୍ଷରୁ କମ୍ । କାରଣ ଦେଶର ଆଇନ ଅନୁସାରେ (ପୋକ୍ସୋ ଆଇନ ) ୧୮ ବର୍ଷର ବୟସ ପର୍ଯ୍ୟନ୍ତ ଶିଶୁ ସଂଜ୍ଞାର ପରିସର । କିନ୍ତୁ 'ରାଇଟ୍ ଟୁ ଏଡୁକେଶନ'ରେ ( ଆରଟିଇ)ରେ ୧୫ ବର୍ଷରୁ କମ୍ ବୟସ ବର୍ଗଙ୍କୁ ଶିଶୁ ଶ୍ରେଣୀଭୁକ୍ତ କରାଯାଇ ସମସ୍ତ ପ୍ରକାର ସରକାରୀ ଯୋଜନାର ଶେଣୀଭୁକ୍ତ କରାଯାଉଛି । ତେଣୁ ଏହି ସମସ୍ୟାର କାରଣ ଖୋଜିବା ଓ ତାହାର ନିରାକରଣ କରିବା ନିତ୍ୟାନ୍ତ ଆବଶ୍ୟକ ହୋଇପଡ଼ିଛି ।

ପାଠ ଛାଡୁଥିବା ପିଲାଙ୍କ ଅର୍ଥ ହେଉଛି ଯେ ପିଲାମାନେ ସ୍କୁଲରେ ଭର୍ତ୍ତି ହେବା ପରେ ମଧମ କିମ୍ବା ପ୍ରାଥମିକ ଶିକ୍ଷା ଶେଷ କରିବା ପୂର୍ବରୁ ପଢ଼ା ଛାଡିଦେଇଥାନ୍ତି, ସେମାନଙ୍କୁ ପାଠ ଛାଡୁଥିବା ପିଲା କୁହାଯାଏ । ଏହାକୁ ଶିକ୍ଷା ଭାଷାରେ ଡ୍ରପ୍ ଆଉଟ୍ କୁହାଯାଏ । ଉଦାହରଣ ସ୍ୱରୂପ ପ୍ରଥମ ଶ୍ରେଣୀରୁ ପଞ୍ଚମ ଶ୍ରେଣୀ ପୂର୍ବରୁ ପଢ଼ା ଛାଡିବା। ପଞ୍ଚମ ଶ୍ରେଣୀ ପରେ ଉଚ୍ଚ ପ୍ରାଥମିକରେ ଭର୍ତ୍ତି ନ ହେବା । ଅଷ୍ଟମ କିମ୍ବା ଦଶମ ପୂର୍ବରୁ ପଢ଼ା ବନ୍ଦ କରିଦେବା। ଏହି ପିଲାମାନେ ଶିକ୍ଷାର ମୂଳ ସାମ୍ବିଧାନିକ ଅଧିକାରରୁ ବଞ୍ଚିତ ହେଉଛନ୍ତି ।

ରାଜ୍ୟରେ ପାଠ ଛାଡୁଥିବା ପିଲାଙ୍କ ସ୍ଥିତିକୁ ଦେଖିଲେ ଆଜି ମଧ୍ୟ ଓଡ଼ିଶାର ଅନେକ ଜିଲ୍ଲାରେ ପାଠ ଛାଡୁଥିବା ପିଲାଙ୍କ ସଂଖ୍ୟା ଅଧିକ ଦେଖାଯାଏ । ବିଶେଷ କରି ଆଦିବାସୀ ଅଧ୍ୟୁଷିତ ଓ ଅନୁନ୍ନତ ଜିଲ୍ଲାରେ ଏହାର ସଂଖ୍ୟା ଅଧିକ । ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ମୟୂରଭଞ୍ଜ, କୋରାପୁଟ, ମାଲକାନଗିରି, ରାୟଗଡ଼ା,କନ୍ଧମାଳ,ନବରଙ୍ଗପୁର,କଳାହାଣ୍ଡି ଓ ନୂଆପଡ଼ା ରହିଛି । ଏହି ଅଞ୍ଚଳରେ ଦରିଦ୍ରତା, ଅବହେଳା ଓ ଅନ୍ୟାନ୍ୟ କାରଣରୁ ପିଲାମାନେ ପାଠ ଛାଡୁଛନ୍ତି ।

ବିଭିନ୍ନ ସ୍ୱେଚ୍ଛାସେବୀ ସଂସ୍ଥା ଓ ଏନଜିଓମାନଙ୍କ ମତ ଅନୁସାରେ ପାଠ ଛାଡୁଥିବା ପିଲାଙ୍କ ପ୍ରମୁଖ କାରଣ ମଧ୍ୟରେ ରହିଛି ଦରିଦ୍ରତା । ଦରିଦ୍ରତା ହେଉଛି ପାଠ ଛାଡୁଥିବାର ପ୍ରମୁଖ କାରଣ ବୋଲି ବିଶେଷଜ୍ଞମାନଙ୍କ ମତ ମଧ୍ୟ ରହିଛି । ବିଭିନ୍ନ କାରଣରୁ ଗରିବ ପରିବାରରେ ପିଲାମାନେ ପଢ଼ିବା ବଦଳରେ କାମ କରିବାକୁ ବାଧ୍ୟ ହୋଇଥାନ୍ତି । ଅନ୍ୟପକ୍ଷରେ ପରିବାରର ଆର୍ଥିକ ସମସ୍ୟା ପିଲାଙ୍କ ପାଠ ପଢ଼ାରେ ଡୋରି ପକାଇଥାଏ । କମ୍ ବୟସରେ ଘର ଖର୍ଚ୍ଚ ଚଲାଇବାକୁ କାମ କରିବାକୁ ପଡ଼ିଥାଏ । ଫଳରେ ସେମାନେ ଶିଶୁ ଶ୍ରମିକ ହୋଇ ଯାଇଥାନ୍ତି । ଏହାର ପରିଣାମରେ ପିଲାମାନେ ସ୍କୁଲ ଛାଡି ଦେଇଥାନ୍ତି । ଅନ୍ୟ କାରଣ ମଧ୍ୟରେ ରହିଛି ଅଭିଭାବକଙ୍କ ଅସଚେତନତା । ଅନେକ ଅଭିଭାବକ ଶିକ୍ଷାର ଗୁରୁତ୍ୱ ବୁଝିନାହାନ୍ତି । ସେମାନେ ଭାବନ୍ତି , ପଢ଼ିଲେ କୌଣସି ଲାଭ ନାହିଁ । ପିଲା କାମ କଲେ ଅଧିକ ଲାଭ, ଝିଅମାନଙ୍କ ପଢ଼ା ଦରକାର ନାହିଁ । ଏହି ଧାରଣା ପାଇଁ ପିଲାମାନେ ପାଠ ଛାଡି ଦେଉଛନ୍ତି । ବାଧ୍ୟବାଧକତାରେ କେତେକ ପିଲା ହୋଟେଲରେ କାମ କରନ୍ତି । ଦୋକାନରେ କାମ କରନ୍ତି, କୃଷି କାମରେ ଲାଗନ୍ତି, ଏଥିପାଇଁ ସେମାନେ ସ୍କୁଲକୁ ଯାଇପାରୁ ନାହାନ୍ତି । ଅନ୍ୟ ଏକ କାରଣ ମଧ୍ୟରେ ରହିଛି ଦୂର ଅଞ୍ଚଳରେ ସ୍କୁଲ । ଅପହଞ୍ଚ ଇଲାକାର କେତେକ ଗାଁରେ ସ୍କୁଲ ଦୂରରେ ଥାଏ । ଏହାର କାରଣ ଦୂର ରାସ୍ତା, ଯାତାୟାତ ସୁବିଧା ନଥିବା, ଜଙ୍ଗଲ ଓ ପାହାଡ଼ ଅଞ୍ଚଳରେ ପିଲାମାନେ ଭୟରେ ସ୍କୁଲକୁ ଯାଇନଥାନ୍ତି ।




ସେହିପରି ଶିକ୍ଷକଙ୍କ ଅଭାବ ମଧ୍ୟ ପିଲାଙ୍କ ପାଠ ପଢ଼ାକୁ ନିରୁତ୍ସାହିତ କରିଥାଏ । କେତେକ ସ୍କୁଲରେ ପର୍ଯ୍ୟାପ୍ତ ଶିକ୍ଷକ ନଥାନ୍ତି । ଶିକ୍ଷକ ନିୟମିତ ନଥିବାରୁ ପିଲାମାନେ ଆଗ୍ରହ ହରାଇଦିଅନ୍ତି । ସେହିପରି କିଛି ସ୍କୁଲରେ ମୌଳିକ ସୁବିଧା ସୁଯୋଗର ଅଭାବ ରହିଥାଏ । ପିଇବା ପାଣି ନଥାଏ । ଶୌଚାଳୟ ନଥାଏ । ବସିବା ସୁବିଧା ନଥାଏ । ଏହା ପିଲାମାନଙ୍କୁ ପଢ଼ାରୁ ଦୂରେଇ ଦେଇଥାଏ । ଡ୍ରପ ଆଉଟ୍‌ରେ ଝିଅମାନଙ୍କ ସଂଖ୍ୟା ଅଧିକ । କାରଣ ବାଲ୍ୟ ବିବାହ ଓ ଘର କାମରେ ସେମାନଙ୍କୁ ନିୟୋଜିତ କରାଯିବା । ସେହିପରି ସୁରକ୍ଷା ସମସ୍ୟା ଅନ୍ତରାୟ ସୃଷ୍ଟି କରିଥାଏ । ଏଥି ପାଇଁ ଝିଅମାନେ ଅଧାରୁ ପଢ଼ା ଛାଡିଦେଇଥାନ୍ତି । ଭାଷା ସମସ୍ୟା ଅନ୍ୟତମ କାରଣ । ଆଦିବାସୀ ଅଞ୍ଚଳରେ ପିଲାମାନେ ନିଜ ଭାଷା କୁହନ୍ତି । ସ୍କୁଲରେ ଓଡ଼ିଆ , ହିନ୍ଦୀ କିମ୍ବା ଇଂରାଜୀ ପଢ଼ାଯାଏ। ଏହା ପିଲାମାନେ ବୁଝିପାରୁନାହାନ୍ତି ।

ପାଠ ଛାଡୁଥିବା ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାର 'ମାଧୋ ସିଂ ହାତ ପାଣ୍ଠି' ଯୋଜନା କରିଛନ୍ତି । ଆଦିବାସୀ ପିଲାଙ୍କୁ ବାର୍ଷିକ ୫ ହଜାର ଟଙ୍କା ଏହି ଯୋଜନାରେ ଯୋଗାଇ ଦେବାର ବ୍ୟବସ୍ଥା ରହିଛି । କିନ୍ତୁ ତାହା କିପରି କାର୍ଯ୍ୟକାରୀ ହେଉଛି କ୍ଷେତ୍ର ପରିଦର୍ଶନରେ ହିଁ ଜଣାପଡ଼ିଥାଏ। ଏହି ଯୋଜନାର ସଫଳ ରୂପାୟନ ଓ ଆଉ କିଛି ସକରାତ୍ମକ ପଦକ୍ଷେପ ନେଲେ ଡ୍ରପ ଆଉଟକୁ ରୋକାଯାଇପାରିବ ବୋଲି ମତ ପ୍ରକାଶ ପାଉଛି । ତନ୍ମଧ୍ୟରେ ମାଗଣା ଶିକ୍ଷା, ମାଗଣା ପୁସ୍ତକ,ଡ୍ରେସ,ସାଇକେଲ ଦେବା ଉଚିତ । ଏଥିରେ ସମସ୍ତ ୧୮ ବର୍ଷର ଗରିବ ପରିବାରର ଛାତ୍ରଛାତ୍ରୀ ସାମିଲ ହେବା ଦରକାର ।

ମଧ୍ୟାହ୍ନ ଭୋଜନକୁ ଅଧିକ ପୁଷ୍ଟିକର କରାଯାଉ । କାରଣ ମଧ୍ୟାହ୍ନ ଭୋଜନ ପିଲାମାନଙ୍କୁ ଆକର୍ଷିତ କରେ । ଏହା ସହିତ ଅଭିଭାବକ ସଚେତନତା ରହୁ । ଗାଁ ଗାଁ ରେ ସଚେତନତା କାର୍ଯ୍ୟକ୍ରମ, ବୈଠକ କରାଗଲେ ଡ୍ରପ ଆଉଟ ହାର କମି ପାରେ । ଖେଳ ପାଇଁ ଅଧିକ ସୁବିଧା ସୁଯୋଗ ସୃଷ୍ଟି କରାଯାଉ । ଝିଅମାନଙ୍କ ପାଇଁ ଅଧିକ ସୁବିଧା, ଅଲଗା ଶୌଚାଳୟ କରାଯାଉ । ଏହା ସହିତ ପିଲାଙ୍କ ଅର୍ନ୍ତନିହିତ ଗୁଣ ପରିସ୍ଫୁଟ ପାଇଁ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହେଉ । ଏ ଦିଗରେ ଅଧିକ ଧ୍ୟାନ ଦେଲେ ଡ୍ରପ ଆଉଟକୁ କମାଯାଇ ପାରିବ । ପାଠ ଛାଡୁଥିବା ପିଲାଙ୍କ ସମସ୍ୟା ରାଜ୍ୟର ଉନ୍ନତି ପାଇଁ ବଡ଼ ବାଧା । ଏହି ସମସ୍ୟାର ସମାଧାନ ପାଇଁ ସରକାର, ଶିକ୍ଷକ, ଅଭିଭାବକ ଓ ସମାଜ ସମସ୍ତଙ୍କ ଯୋଗଦାନ ଆବଶ୍ୟକ । ସମସ୍ତ ପିଲାଙ୍କୁ ଶିକ୍ଷା ମିଳିଲେ ରାଜ୍ୟର ଉନ୍ନତି ସମ୍ଭବ । ଶିକ୍ଷା ହେଉଛି ଉଜ୍ଜ୍ୱଳ ଭବିଷ୍ୟତର ଚାବି । ସେହିପାଇଁ ଆମେ ସମସ୍ତେ ମିଶି ପିଲାମାନଙ୍କୁ ସ୍କୁଲକୁ ଆଣିବାକୁ ଚେଷ୍ଟା କରିବା ଉଚିତ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଉଛି ।

ବରିଷ୍ଠ ସାମ୍ବାଦିକ
ମୋ-୯୪୩୭୧୫୦୬୩୨

# ପିଲାଙ୍କୁ ସଂସ୍କାର ଶିକ୍ଷା ଓ ଆମର ଉତ୍ତରଦାୟିତ୍ୱ



ସଂଗ୍ରାମ କେଶରୀ ପୃଷ୍ଟି

ବ୍ୟକ୍ତିତ୍ୱର ସର୍ବଶ୍ରେଷ୍ଠ ପରିମାପକ ଭାବରେ ଯାହାକୁ ବିବେଚନା କରାଯାଏ , ତାହା ହେଉଛି – ସଂସ୍କାର । ଏହାର ମୁଖଶାଳା ହେଉଛି ବ୍ୟବହାର । ବ୍ୟକ୍ତିତ୍ୱକୁ ସୁନ୍ଦର, ମଧୁମୟ, ପରିମାର୍ଜିତ, ଆକର୍ଷଣୀୟ ତଥା ରୁଚିସଂପନ୍ନ କରିବା ଦିଗରେ ଏହାର ଭୂମିକା ବେଶ୍ ଗୁରୁତ୍ୱପୂର୍ଣ୍ଣ । ସଂସ୍କାର ହେଉଛି ସୁନେଲୀ ସକାଳର ଉଦୟ ରବି, ଯାହା ସଫଳତା ଆଡ଼କୁ ବାଟ କଢାଏ । ବାଟ ହୁଡୁଥିବା ମଣିଷଙ୍କୁ ବାଟକୁ ଆଣେ । ସଂସ୍କାରବିହୀନ ବ୍ୟକ୍ତି ହେଉଛି ଏକ ଅମେରୁଦଣ୍ଡୀ ପ୍ରାଣୀ, ଯାହାର ଅସ୍ତିତ୍ୱ ମୂଲ୍ୟହୀନ । ଏ ସଂସାରରେ ସମସ୍ତ ପ୍ରାଣୀଙ୍କ ଅପେକ୍ଷା ମନୁଷ୍ୟ ପାଖରୁ ଏହା ହିଁ ଆଶା କରାଯାଏ । କାରଣ ମଣିଷର ବୁଦ୍ଧି ଓ ବିଚାର ଶକ୍ତି ସ୍ୱତନ୍ତ୍ର ଓ ଅନନ୍ୟ । ଶ୍ରେଷ୍ଠ ଜୀବ ଭାବରେ ସେ ମହୀୟାନ ଓ ଗରୀୟାନ ମଧ୍ୟ । ସୁତରାଂ ତା' ଠାରୁ ଏହା ଆଶା କରାଯିବା ସ୍ୱାଭାବିକ ।

ସଂସ୍କାର ଓ ସଂସ୍କୃତିସଂପନ୍ନ ବ୍ୟକ୍ତି ସମାଜରେ ଆଦର ଭାଜନ ହୋଇଥାନ୍ତି । ଏଥିରୁ ବଂଶ ପରମ୍ପରାର ମର୍ଯ୍ୟାଦା ମିଳିଥାଏ । ଶିକ୍ଷା, ଦୀକ୍ଷା ଓ ଆଭିଜାତ୍ୟର ପରିଚୟ ମଧ୍ୟ ମିଳିଥାଏ । ସଂସ୍କାର ବିହୀନ ମଣିଷ ସମାଜ ଆଖିରେ ଘୃଣ୍ୟ ପଦବାଚ୍ୟ ହେଉଥିବାବେଳେ ସଂସ୍କାରସଂପନ୍ନ ମଣିଷ ସମ୍ମାନର ପାତ୍ର ହୋଇଥାଏ । ଏକ ସୁସ୍ଥ ଓ ସୁନ୍ଦର ପରିବେଶ ଓ ପରିବାର ଗଠନ ଦିଗରେ ଏହାର ଭୂମିକା ବେଶ୍ ଗୁରତ୍ୱପୂର୍ଣ୍ଣ ମନେହୁଏ । ମାନବୋତ୍ତର ଚେତନାର ଉନ୍ମେଷ ଦିଗରେ ସଂସ୍କାର ଏକ ବଳିଷ୍ଠ ମାଧ୍ୟମ ଭାବରେ କାର୍ଯ୍ୟ କରିଥାଏ ।

ବ୍ୟକ୍ତିର ସଂସ୍କାର ହିଁ ତା' ବ୍ୟକ୍ତିତ୍ୱକୁ ଉଦ୍‌ଭାସିତ କରିଥାଏ । ଚାଲିଚଳନ, ଆଚରଣ – ଉଚ୍ଚାରଣ ଆଦି ପ୍ରତ୍ୟେକଟି କ୍ଷେତ୍ରରେ ଏହାର ସ୍ଥିତି ଉପଲବ୍ଧି କରିହୁଏ । ଏହା ବ୍ୟତିରେକ ମନୁଷ୍ୟ ଜୀବନ ମୂଲ୍ୟହୀନ ହୋଇପଡ଼େ । ସେ ଏ ସମାଜରୁ ଯଥୋଚିତ ସମ୍ମାନ ପାଇବାରୁ ବଞ୍ଚିତ ହୁଏ । ପରୋକ୍ଷରେ ତାକୁ କଟୁ ସମାଲୋଚନା ମଧ୍ୟ ସହିବାକୁ ହୋଇଥାଏ । ଧନ ତାକୁ ଉପରକୁ ନେଇଯାଏ ସତ କିନ୍ତୁ ସଂସ୍କାରର ଅବକ୍ଷୟ ତା'କୁ ଅନବରତ ଟାଣିନେଉଥାଏ ରସାତଳକୁ ।

ନିକଟରେ ଘଟିଯାଇଥିବା ଏକ ଘଟଣା ମନକୁ ଯେତିକି ବିଚଳିତ କରିଛି ତା'ଠୁ ଅଧିକ ଚିନ୍ତାର କାରଣ ପାଲଟିଛି । ଘଟଣାଟି ହେଉଛି ଉତ୍ତରପ୍ରଦେଶ ରାଜ୍ୟର ଦେଓରିଆ ଜିଲ୍ଲାର ଏକାଦଶ ଶ୍ରେଣୀରେ ପାଠ ପଢୁଥିବା ପୁଅର ଗୁରୁତର ଭୁଲ୍ ତଥା ଦୁଷ୍ଟାମୀ ପାଇଁ ବାପା ତାକୁ ତା' ସାଙ୍ଗମାନଙ୍କ ଆଗରେ ଗାଳିଗୁଲଜ କଲେ । ଭାବିଥିଲେ, ପୁଅ ତାଙ୍କର ସୁଧୁରି ଯିବ । ନିଜର ଭୁଲ୍ ବୁଝିପାରିବ । ହେଲେ ଫଳ ହେଲା ଓଲଟା । ପୁଅଟି ଏଥିରେ ଏତେ ଅପମାନିତ ହେଲା ଯେ ସେ ବାପାଙ୍କ ବିରୁଦ୍ଧରେ ଥାନାରେ ଆସି ଅଭିଯୋଗ ଦରଜ କଲା । ବାପା କୁଆଡ଼େ ତାକୁ ମାନସିକ ନିର୍ଯାତନା ଦେଇଛନ୍ତି । ଏଣୁ ତାଙ୍କୁ ଦଣ୍ଡ ମିଳିବା ଆବଶ୍ୟକ । ଆଇନ୍ ଅନୁଯାୟୀ ପୁଅର ଅଭିଯୋଗ ଅମୂଳକ ନଥିଲା । ବାପାଙ୍କୁ ଗିରଫ କରି ଜେଲ୍ ପଠାଇବା ପୂର୍ବରୁ ପୋଲିସ୍ ଏହାର ସମାଧାନ କରିବାକୁ ଚାହିଁଲେ । ଅଗତ୍ୟା ଆଇନକୁ ସମ୍ମାନ ଦେବାକୁ ଯାଇ ତଥା ସମାଜର ନିନ୍ଦା – ଅପବାଦକୁ ଦୃଷ୍ଟିରେ ରଖି ବିଚରା ବାପା ଅସହାୟ ହୋଇ ପୁଅର ଗୋଡ଼ତଳେ ପଡ଼ି ନିଜର ଭୁଲ୍ ପାଇଁ କ୍ଷମା ପ୍ରାର୍ଥନା କରିଥିଲେ ।

ଏ ଘଟଣା ସୁସଭ୍ୟ ମଣିଷ ସମାଜର ସଂସ୍କାର ପ୍ରତି ଅଙ୍ଗୁଳି ନିର୍ଦ୍ଦେଶ କରୁନାହିଁ କି ! **ଯେଉଁ ପରିବାରରେ ଶୈଶବରୁ ସଂସ୍କାର ଶିକ୍ଷା ଦିଆଯାଏ ନାହିଁ, ସେ ପରିବାରର ପତନ ଅନିବାର୍ଯ୍ୟ ହୋଇପଡେ । ସଂସ୍କାର ଅଭାବରୁ ଶୈଶବ ଦିଗହରା ହୋଇଯାଏ । ମନରେ ଭଲମନ୍ଦର ବିଚାର ଆସେନାହିଁ** । ନିଜର କାର୍ଯ୍ୟକୁ ସର୍ବୋତ୍ତମ କହି ସେଥିରେ ସେ ଅଟଳ ରହେ । ଏହା ହିଁ ତ ବିଡ଼ମ୍ବନା । ଯଦି ଏହି ପିଲାଟିକୁ ପରିବାରର ସଂସ୍କାର ଯଥାରୀତି ମିଳିଥାନ୍ତା, ତା'ହେଲେ ବୋଧହୁଏ ବାପାଙ୍କୁ ଥାନାରେ ମୁଣ୍ଡପୋତି ଭୁଲ୍ ସ୍ୱୀକାର କରିବାକୁ ପଡିନଥାନ୍ତା । ପରିବାରକୁ ମଧ୍ୟ ଦୁର୍ନାମ ମୁଣ୍ଡେଇବାକୁ ପଡିନଥାନ୍ତା ।

ଏ ପ୍ରସଙ୍ଗରେ ଏକ ଗାନ୍ଧି କାହାଣୀ ମନକୁ ଆସେ । ବିହାର ଚମ୍ପାରଣ ଆଶ୍ରମ ବାହାରେ ବସି ଚରଖାରେ ସୂତା କାଟିବାରେ ମଗ୍ନ ଥାଆନ୍ତି ଗାନ୍ଧିଜୀ । ଏହି ସମୟରେ ଖେଳ ମଧ୍ୟରେ ଦୁଇଜଣ ବାଳକଙ୍କ ମଧ୍ୟରେ ସୃଷ୍ଟି ହେଲା ଝଗଡ଼ା । ସେମାନେ ଉତ୍ତେଜିତ ହୋଇ ପରସ୍ପର ପ୍ରତି ଅଶାଳୀନ ମନ୍ତବ୍ୟ ପ୍ରୟୋଗ କଲେ । ଛୋଟ ପିଲାଙ୍କ ମୁହଁରେ ଅଶ୍ରାବ୍ୟ ଭାଷା ଗାନ୍ଧିଜୀଙ୍କୁ ବ୍ୟଥିତ କଲା । ସେ ବିଚଳିତ ହୋଇପଡ଼ିଲେ । ପିଲାଦୁହିଁଙ୍କୁ ସେ କିଛି ନକହି ତାଙ୍କ ବାପା-ମାଆଙ୍କୁ ଆଶ୍ରମକୁ ଡକାଇ ପଠାଇଲେ ।

ଗାନ୍ଧିଙ୍କ ଡାକରା ପାଇ ସେହି ପିଲାଦୁଇଟିର ବାପା – ମାଆ ଆସି ଆଶ୍ରମରେ ପହଞ୍ଚିଗଲେ । ସେମାନଙ୍କୁ ଦେଖିବା କ୍ଷଣି ଗାନ୍ଧିଜୀ ସେମାନଙ୍କୁ କଡା ଭାଷାରେ ଭର୍ତ୍ସନା କରିବାକୁ ଲାଗିଲେ । ଅବାକ୍ ହୋଇ ରହିଥିଲେ ପିଲାଙ୍କ ବାପା ମାଆମାନେ । ଘଟଣା ବିଷୟରେ ଜାଣିବାକୁ ଚାହିଁବାରୁ ଗାନ୍ଧିଜୀ ସବୁକଥା ବର୍ଣ୍ଣନା କଲେ । ଏହାଶୁଣି ଜଣେ ଅଭିଭାବକ କହିଲେ – ଆମ ପିଲାଙ୍କ ଭୁଲ୍ ପାଇଁ ଆପଣ ବି ତ ତାଙ୍କୁ ସେଇଠି ଡାକି ଆକଟ କରିପାରିଥାନ୍ତେ । ଦଣ୍ଡ ବି ଦେଇ ପାରିଥାନ୍ତେ ! ତାହା ନକରି ଆପଣ ଆମକୁ ଡକାଇଲେ ଯେ ! ଏହାଶୁଣି ଗାନ୍ଧିଜୀ ଉତ୍ତର ଦେଲେ , ଅବଶ୍ୟ ତୁମ କଥା ଅନୁଯାୟୀ ମୁଁ ସେମାନଙ୍କୁ ଆକଟ କରିପାରିଥାନ୍ତି । ମାତ୍ର କଲି ନାହିଁ । କାହିଁକି ଜାଣିଛ ? ଏଥିପାଇଁ ପିଲାମାନେ ଯେତିକି ଦୋଷୀ ନୁହନ୍ତି ତା'ଠୁ ତୁମେମାନେ ଅଧିକ ଦୋଷୀ । ସେମାନେ ପରସ୍ପର ପ୍ରତି ପ୍ରୟୋଗ କରୁଥିବା ଗାଳି ତୁମଠାରୁ ହିଁ ଶିଖିଛନ୍ତି । ସେମାନେ ଯେଉଁଠୁ ବି ଶିଖନ୍ତୁନା କାହିଁକି, ତାକୁ ସୁଧାରିବା ପାଇଁ ତୁମେ ଆଦୌ ଚେଷ୍ଟା କରିନ । ଯଦି ପିଲାମାନଙ୍କୁ ଠିକ୍ ସଂସ୍କାର ଶିଖେଇଥାନ୍ତ ତା'ହେଲେ ସେମାନେ ଏପରି ଭାଷା କହିନଥାନ୍ତେ । ଏଥିପାଇଁ ତୁମେମାନେ ସଂପୂର୍ଣ୍ଣ ଭାବରେ ଦାୟୀ । ଏଣୁ ମନେରଖ , ଖାଦ୍ୟ ବସ୍ତ୍ର ପରି ପରିବାରରେ ଶିଶୁ ମାନଙ୍କୁ ସଂସ୍କାର ଶିକ୍ଷା ଏକାନ୍ତ ଜରୁରୀ ।

ଆଜିର ପ୍ରସଙ୍ଗରେ ଗାନ୍ଧିଜୀଙ୍କ ଏ କଥାର ଯଥାର୍ଥତା ରହିଛି । ସଂସ୍କାରର ଭିତ୍ତିଭୂମି ସ୍ଥାପନ ଦିଗରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ ପରିବାର ଓ ବିଦ୍ୟାଳୟ । ଏହାର ସ୍ଥପତିମାନେ ହେଉଛନ୍ତି – ପିତାମାତା , ଶିକ୍ଷକ ଓ ଅଭିଭାବକ । ଏମାନଙ୍କ ନିଷ୍ଠା ଓ ଆନ୍ତରିକତା ହିଁ ଶିଶୁମାନଙ୍କ ସଂସ୍କାରର ଭିତ୍ତିଭୂମିକୁ ସୁଦୃଢ଼ କରାଇଥାଏ । ଏଥିପାଇଁ ଲୋଡ଼ା ଥାଏ ଅଧ୍ୟବସାୟ ଓ ସମର୍ପିତ ଭାବନା । ଏଥିରେ ସାମାନ୍ୟ ବ୍ୟତିକ୍ରମ କାରଣରୁ ଭୁଷୁଡ଼ିପଡେ ସଂସ୍କାରର ବାଲିବନ୍ଧ । କୁସଂସ୍କାର ମନକୁ ଆବୋରି ବସେ । ଏଥିରେ ଥରେ ପାଦ ଥାପିଲେ ପଛକୁ ଫେରିବା ଜଟିଳ ହୋଇପଡ଼େ ।

ଘରଭିତରେ ପିଲାମାନଙ୍କ ସାମ୍ନାରେ ବାରମ୍ବାର ଝଗଡ଼ା କରିବା, ଅନ୍ୟକୁ ଗାଳିଗୁଲଜ କରିବା, ଅନ୍ୟର କୁତ୍ସାରଟନା କରିବା ପରି ନକରାତ୍ମକ କାର୍ଯ୍ୟର ପ୍ରଭାବ ସିଧାସଳଖ ପିଲାଙ୍କ ଉପରେ ପଡ଼ିଥାଏ । ସେମାନେ ସ୍ୱତଃ ସେ ଦିଗକୁ ଆପଣେଇ ନେଇଥାନ୍ତି । ଫଳତଃ କୁସଂସ୍କାର ଏଇଠୁ ହିଁ ଗ୍ରାସ କରିଥାଏ । ଆମର ଓ ଆମ ପଡୋଶୀଙ୍କ କାର୍ଯ୍ୟକଳାପକୁ ଅନବରତ ଅନୁଧ୍ୟାନ କରୁଥାଏ ପିଲା । ସେମାନଙ୍କ ପାଖରୁ ନିଜ ଅଜାଣତରେ ସେ ଅନେକ କଥା ଶିକ୍ଷାଲାଭ କରେ । ଠିକ୍ ସଂସ୍କାର ପାଇଲେ ପିଲାଟି ଠିକ୍ ବାଟରେ ଯାଏ , ନଚେତ୍ ବାଟବଣା ହୋଇଯାଏ । ଫଳରେ ସମାଜ ତା'କୁ ଓ ତା' ପରିବାରକୁ ଏକ ନକରାତ୍ମକ ଦୃଷ୍ଟିରେ ଦେଖେ । କ୍ଷତିଘଟେ ଉଭୟଙ୍କର ।

ସଂସ୍କାରର ଭିତ୍ତି ସ୍ଥାପନ ଦିଗରେ ଗୁରୁ ବା ବିଦ୍ୟାଳୟର ଭୂମିକାକୁ ଅସ୍ୱୀକାର କରାଯାଇନପାରେ । ପ୍ରାଚୀନ ଗୁରୁକୁଳ ପରମ୍ପରାରେ ସଂସ୍କାର ମୁଖ୍ୟ ଥିଲା । ବର୍ତ୍ତମାନ ଶିକ୍ଷା ବ୍ୟବସ୍ଥାରେ ମଧ୍ୟ ଗୁରୁ ଏ ଦିଗରେ ଉଦ୍ୟମ ଅବ୍ୟାହତ ରଖିଛନ୍ତି । କିନ୍ତୁ ବିଦ୍ୟାଳୟରେ ପ୍ରାପ୍ତ ସଂସ୍କାରକୁ ପର ମୁହୂର୍ତ୍ତରେ ଛାତ୍ରଛାତ୍ରୀମାନେ ପରିବାରର ଆତ୍ମୀୟ ସ୍ୱଜନଙ୍କ ମେଳରେ ଉପଯୁକ୍ତ ପରିବେଶ ଅଭାବରୁ ପାଶୋରି ଦେବା ସବୁଠୁ ଦୁଃଖଦ ବିଷୟ । ଶାସନର ଶିକୁଳିରେ ବନ୍ଧା ଗୁରୁ କେବେ କେବେ ଅସହାୟ ବୋଧ କରୁଛନ୍ତି । ଗୁରୁଙ୍କ ପ୍ରତି ଅଭିଭାବକଙ୍କ ନକାରାତ୍ମକ ଟିପ୍ପଣୀ ପ୍ରଦାନର ପ୍ରତ୍ୟକ୍ଷ ପ୍ରଭାବ ଛାତ୍ରଛାତ୍ରୀମାନଙ୍କ ଉପରେ ପଡ଼ିବା କାରଣରୁ ଗୁରୁଙ୍କ ଗାରିମା କ୍ରମଶଃ କ୍ଷୁର୍ଣ୍ଣ ହେବାରେ ଲାଗିଛି । ଏପରି ସନ୍ଧିହାନ ମୁହୂର୍ତ୍ତରେ ଛାତ୍ରଛାତ୍ରୀ ସଂସ୍କାରଠାରୁ ଦୂରେଇ ଯାଉଛନ୍ତି , ଯାହାକି ପରିତାପର ବିଷୟ । ଅନୁଶାସନ ଏକ୍ଷେତ୍ରରେ ବାଧକ ସାଜିଛି ।

ସାଂପ୍ରତିକ ସ୍ଥିତିରେ ଏଥିରେ ସୁଧାର ଆଣିବାର ଆବଶ୍ୟକତା ରହିଛି । ଏଥିପାଇଁ ସଂସ୍କାରର ସ୍ଥପତିମାନଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି । ପିତା – ମାତା, ଗୁରୁ ତଥା ଅଭିଭାବକମାନେ ଏକ କୁଶଳ ସ୍ଥପତିର ଭୂମିକାରେ ଅବତୀର୍ଣ୍ଣ ହୋଇ ନିଷ୍ଠାପର ଭାବରେ ପିଲାମାନଙ୍କ ଭିତରେ ସଂସ୍କାରର କୋଣାର୍କ ଗଢ଼ିଦେଇ ପାରିଲେ, ତାଙ୍କ ଅନ୍ତଃଚେତନାରେ ଜ୍ଞାନର ସୂର୍ଯ୍ୟୋଦୟ ଘଟିବ । ଏହା ବ୍ୟକ୍ତିତ୍ୱ ଓ ସାମାଜିକ ବିକାଶ ଧାରାରେ ସହାୟକ ହେବ । ତା' ନହେଲେ ଆମ ବିବେକ ଅନବରତ ଆମକୁ ଦଂଶନ କରିଚାଲୁଥିବ ଶେଷ ନିଃଶ୍ୱାସ ଥିବା ପର୍ଯ୍ୟନ୍ତ ।

ଶିକ୍ଷକ, ପି ଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ , କିଶୋରନଗର ରାଜ
କିଶୋରନଗର, ଅନୁଗୋଳ – ୭୫୯୧୨୬,
ମୋ – ୯୪୩୭୫୪୭୧୪୬

# ଧୈର୍ଯ୍ୟ ହିଁ ସଫଳତାର ପୁଞ୍ଜି

ପ୍ରଭାତ କୁମାର ମହାପାତ୍ର

ଜୀବନରେ, ଆମେ ପ୍ରାୟତଃ ବଡ଼ ଫଳାଫଳ ଏବଂ ତୁରନ୍ତ ସଫଳତା ପଛରେ ପଡ଼ି ଛୋଟ ପ୍ରୟାସର ଗୁରୁତ୍ୱକୁ ଭୁଲିଯାଉଁ । ଆମର ଆଧାତ୍ମିକ ଅଭ୍ୟାସ,ଆମର ଦୈନନ୍ଦିନ ସଚେତନତା, ଏପରିକି ଆମର ଛୋଟ ଛୋଟ କାର୍ଯ୍ୟ ମଧ୍ୟ ଧୀରେ ଧୀରେ ପ୍ରଭାବ ପକାଇଥାଏ । ଆଧାତ୍ମିକ ଜୀବନ କେବଳ ଉଚ୍ଚ ଚିନ୍ତାଧାରା କିମ୍ବା ଜ୍ଞାନର ସଂଗ୍ରହ ନୁହେଁ, ବରଂ ଆତ୍ମାର ନିରନ୍ତର ତାଲିମ । ଏହି ତାଲିମ କୌଣସି ମହାନ ଘଟଣା କିମ୍ବା ଅସାଧାରଣ ସଫଳତାର ଅପେକ୍ଷା କରେ ନାହିଁ, ବରଂ ପ୍ରତିଦିନ କରାଯାଉଥିବା ଛୋଟ, ସ୍ଥିର ପ୍ରୟାସରେ ନିହିତ । ଏହି ପ୍ରକ୍ରିୟା ଜଣେ ବ୍ୟକ୍ତିଙ୍କୁ ଭିତରୁ ପରିବର୍ତ୍ତନ କରେ, ତାଙ୍କୁ ସ୍ଥିର, ସହନଶୀଳ ଏବଂ ଜାଗ୍ରତ କରିଥାଏ ।

ଯେତେବେଳେ ଆମେ ଧୈର୍ଯ୍ୟ ଏବଂ ଦୃଢ଼ତାର ସହିତ ପ୍ରୟାସ କରୁ, ତେବେ ସବୁଠାରୁ କଷ୍ଟକର ପରିସ୍ଥିତିରେ ମଧ୍ୟ ଫଳାଫଳ ଧୀରେ ଧୀରେ ଦୃଶ୍ୟମାନ ହୁଏ । ଜାପାନୀ ଦାର୍ଶନିକ କୁକାଇ ସ୍ଥାନୀୟ ପର୍ବତମାଳାର ଏକ ଛୋଟ ଆଶ୍ରମରେ ରହୁଥିଲେ । ସେଠାରେ ଜଣେ ବୃଦ୍ଧ ସନ୍ନ୍ୟାସୀ ପ୍ରତିଦିନ ଘଣ୍ଟା ଘଣ୍ଟା ଧରି ପଥର ଉପରେ ପାଣି ଢାଳୁ ଥିଲେ । କୁକାଇ ଆଶ୍ଚର୍ଯ୍ୟ ହୋଇ ପଚାରିଲେ, ଏପରି କରିବାର ଅର୍ଥ କ'ଣ, କାରଣ ପଥରଟି କେବେ ତରଳିବ ନାହିଁ ।

ସନ୍ନ୍ୟାସୀ ଶାନ୍ତ ଭାବରେ ଉତ୍ତର ଦେଲେ,ହଁ, ମୁଁ ତାହା ଜାଣେ, କିନ୍ତୁ ଏପରି କରିବା ନିଶ୍ଚିତ ଭାବରେ ଏଠାରେ ଏକ ଚିହ୍ନ ରହିଯିବ । କିଛି ଦିନ ରହିବା ପରେ, କୁକାଇ ଯିବା ସମୟରେ, ସେ ଦେଖିଲେ ଯେ ପାଣିର ଧାରା ପଥର ଉପରେ ଏକ ପତଳା ରେଖା ସୃଷ୍ଟି କରିଛି । ସେ ହସି କହିଲେ,ଏବେ ମୁଁ ବୁଝିପାରୁଛି ଯେ ଯଦି ତୁମେ ଧୈର୍ଯ୍ୟ ସହିତ ନିୟମିତ ପ୍ରୟାସ କର, ତେବେ ଏହା ନିଶ୍ଚିତ ଭାବରେ ଫଳ ପ୍ରଦାନ କରିବ ।

ମଣିଷ ପ୍ରାୟତଃ କ୍ଷଣିକ ସନ୍ତୋଷ ପାଇଁ ଚେଷ୍ଟା କରେ ଏବଂ ଛୋଟ, ସ୍ଥିର କାର୍ଯ୍ୟର ଗୁରତ୍ୱକୁ ଅଣଦେଖା କରେ । କିନ୍ତୁ ସ୍ଥିରତା ଏବଂ ଧୈର୍ଯ୍ୟ ଜୀବନରେ ପ୍ରକୃତ ଶକ୍ତିର ଆଧାର ଗଠନ କରେ । ଏହି ଶକ୍ତି ଆଡ଼ମ୍ବରପୂର୍ଣ୍ଣ ନୁହେଁ, ଏହା ତୁରନ୍ତ ସ୍ୱୀକୃତି ପାଏ ନାହିଁ, କିନ୍ତୁ ସମୟ ଏବଂ ଧୈର୍ଯ୍ୟ ସହିତ ଏହାର ପ୍ରଭାବ ସୁସ୍ପଷ୍ଟ ଭାବରେ ଦୃଶ୍ୟମାନ ହୁଏ । ମହାନତା କେବଳ ମହାନ୍ ସଫଳତାରେ ନୁହେଁ,ବରଂ ନିରନ୍ତର ଶାନ୍ତ ସ୍ଥିର ପ୍ରୟାସରେ ରହିଛି । ଧୈର୍ଯ୍ୟ ଓ ଦୃଢତାର ଏହି ଶକ୍ତି ଆମକୁ ଅସୁବିଧାର ସମ୍ମୁଖୀନ ହେବାରେ ବିଫଳତାରୁ ଶିଖିବାରେ,ଏବଂ ସମୟ ସହିତ ସ୍ଥାୟୀ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇ ଥାଏ ।

ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ
ମୋ-୭୮୯୪୦୦୫୪୫୫

## ଏଏମ୍/ ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ପକ୍ଷରୁ ଜାତୀୟ ଚାମ୍ପିଅନସିପ୍

# ବିଭିନ୍ନ ବର୍ଗରେ ଏଚ୍‌ପିସି ଆଥଲେଟଙ୍କ ୩ ସ୍ୱର୍ଣ୍ଣ ଏବଂ ୨ ବ୍ରୋଞ୍ଜ ପଦକ ହାସଲ

ଭୁବନେଶ୍ୱର (ସବ୍ୟୁ): ଏଏମ୍/ ଏନ୍ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର (ଏଚପିସି) ପକ୍ଷରୁ ଜୁନିୟର ଓ ସିନିୟର ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଜାତୀୟ ଚାମ୍ପିୟନଶିପ୍ ୨୦୨୬-୨୭ ଏପ୍ରିଲ୍ ୨୫ରୁ ମେ ୩, ୨୦୨୬ ପର୍ଯ୍ୟନ୍ତ ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ହୋଇଯାଇଛି। ଏହି କେନ୍ଦ୍ରର ଆଥଲେଟମାନେ ଉଲ୍ଲେଖନୀୟ ପ୍ରଦର୍ଶନ କରି ବିଭିନ୍ନ ବର୍ଗରେ ତିନୋଟି ସ୍ୱର୍ଣ୍ଣ ଏବଂ ଦୁଇଟି ବ୍ରୋଞ୍ଜ ପଦକ ହାସଲ କରିଛନ୍ତି । ଓଡ଼ିଶା ଦଳର ପ୍ରତିନିଧିତ୍ୱ କରୁଥିବା ସିନିୟର ପୁରୁଷ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଏମ୍ଏଜି) ବର୍ଗରେ ତପନ ମହାନ୍ତି ଚମତ୍କାର ପ୍ରଦର୍ଶନ କରି ୭୩.୪୩୩ ସ୍କୋର ସହ ଅଲରାଉଣ୍ଡ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହା ତପନଙ୍କ ଅସାଧାରଣ ଦକ୍ଷତାକୁ ପ୍ରତିଫଳିତ କରୁଛି। ଏହାସହିତ ରେଳବାଇ ଦଳର ପ୍ରତିନିଧିତ୍ୱ କରୁଥିବା ତାପେଶ୍ୱରନାଥ ଦାସ ଭଲ୍ଟ ଇଭେଣ୍ଟରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସିନିୟର ମହିଳା ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ (ଡବ୍ଲ୍ୟୁଏଜି) ବର୍ଗରେ ଓଡ଼ିଶା ଦଳର ତନୁ ଅନଇଭେନ୍ ବାର୍ସରେ ସ୍ୱର୍ଣ୍ଣ ପଦକ ଜିତିଥିବା ବେଳେ ରେଲୱେ ସ୍ପୋର୍ଟସ୍ ପ୍ରମୋସନ୍ ବୋର୍ଡ (ଆରଏସପିବି)ର ପ୍ରତିନିଧିତ୍ୱ କରୁଥିବା କରିସ୍ମା ଉଭୟ ସିନିୟର ଡବ୍ଲ୍ୟୁଏଜି ଫ୍ଲୋର ଏକ୍ସରସାଇଜ ଏବଂ ଟିମ୍ ଚାମ୍ପିଅନସିପ୍ ରେ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି। ଏହାସହିତ ପ୍ରିୟାନ୍ସୀ ବଂଶଲ ବାଲାନ୍ସ ବିମରେ ବ୍ରୋଞ୍ଜ ପଦକ ଜିତି ପଦକ ତାଲିକାକୁ ବୃଦ୍ଧି କରିଛନ୍ତି।

ଟିମ୍ ଇଭେଣ୍ଟରେ ଏଚପିସି ଆଥଲେଟ୍ ତନୁ, ପ୍ରିୟାଂଶୀ ବଂଶଲ, ଅଦିତା ମଣ୍ଡଳ, ପ୍ରୀତି ଝଙ୍କାର ଏବଂ



ରିତିକାଙ୍କୁ ନେଇ ଗଠିତ ମହିଳା ଦଳ ଏବଂ ଏଚପିସି ଆଥଲେଟ୍ ତପନ ମହାନ୍ତି, ସୁମିତ ଧାଲି, ଆଜାଦ ଲସ୍କର, ମୃତ୍ୟୁଞ୍ଜୟ ପଟ୍ଟନାୟକ, ମୋହିଦ କୁମାର ଏବଂ ଦେବାଶିଷ ରେଡ୍ଡୀ ଦାସଙ୍କୁ ନେଇ ଗଠିତ ପୁରୁଷ ଦଳ ଓଡ଼ିଶା ଦଳକୁ ଦୃଢ଼ ପ୍ରଦର୍ଶନ କରିବାରେ ସହାୟତା କରିଥିଲେ। ପୁରୁଷ ଦଳ ୨୦୮.୧୬୭ ସ୍କୋର ସହ ଚତୁର୍ଥ ସ୍ଥାନରେ ରହିଥିବାବେଳେ ମହିଳା ଦଳ ମଧ୍ୟ ୧୧୯.୬୩୫ ସ୍କୋର ସହିତ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଉଭୟ ଦଳ ଫାଇନାଲ ପାଇଁ ଯୋଗ୍ୟତା ଅର୍ଜନ କରିଥିଲେ, ଯାହା ଜାତୀୟ ଜିମ୍ନାଷ୍ଟିକ୍ସରେ ଓଡ଼ିଶାର ବଢ଼ୁଥିବା ଶକ୍ତି ଏବଂ ପ୍ରତିଦ୍ୱନ୍ଦ୍ୱିତାକୁ ଦର୍ଶାଉଛି। ଉଦ୍‌ଯାପନୀ ସମାରୋହରେ ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପୁରୀ ସାଂସଦ ସମ୍ବିତ ପାତ୍ର, ଅଲମ୍ପିଆନ୍ ତଥା ପଦ୍ମଶ୍ରୀ ପୁରସ୍କାର ପ୍ରାପ୍ତ ସୁଶ୍ରୀ ଦୀପା କର୍ମକାର, ଦ୍ରୋଣାଚାର୍ଯ୍ୟ ପୁରସ୍କାର ପ୍ରାପ୍ତ ବିଶ୍ୱେଶ୍ୱର ନନ୍ଦୀ, ଜିମ୍ନାଷ୍ଟିକ୍ସ ଫେଡେରେସନ ଅଫ୍ ଇଣ୍ଡିଆର ସଭାପତି ସୁଧୀର ମିତ୍ତଲ, ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗର ନିର୍ଦ୍ଦେଶକ ଯେଦୁଲା ବିଜୟ ଏବଂ ଏଏମ୍/ଏନଏସ୍ ଇଣ୍ଡିଆ ସିଏସ୍ଆର୍ ମୁଖ୍ୟ ଡକ୍ଟର ବିକାଶ ଯାଦଭେନ୍ଦୁଙ୍କ ସମେତ କ୍ରୀଡ଼ା ଓ ଯୁବ ସେବା ବିଭାଗ ଏବଂ ଏଏମ୍/ଏନଏସ୍ ଇଣ୍ଡିଆର ବରିଷ୍ଠ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଓଡ଼ିଶା ଏଏମ୍/ଏନ୍ ଏସ୍ ଇଣ୍ଡିଆ ଜିମ୍ନାଷ୍ଟିକ୍ସ ହାଇ ପରଫର୍ମାନ୍ସ ସେଣ୍ଟର ଦେଶର ସର୍ବଶ୍ରେଷ୍ଠ ଆର୍ଟିଷ୍ଟିକ୍ ଜିମ୍ନାଷ୍ଟିକ୍ସ ଆଥଲେଟମାନଙ୍କୁ ଏକତ୍ରିତ କରିବା ସହିତ ପୁନର୍ବାର ଏହାକୁ ଏକ ପ୍ରମୁଖ ଉତ୍କର୍ଷ କେନ୍ଦ୍ର ଭାବରେ ପ୍ରମାଣିତ କରିଛି । ବିଶ୍ୱସ୍ତରୀୟ ଭିତିଭୂମି, ବୈଜ୍ଞାନିକ ତାଲିମ ଏବଂ ଦୃଢ଼ ଅନୁଷ୍ଠାନିକ ସହାୟତା ସହିତ ଏହି କେନ୍ଦ୍ର ଭାରତର ଜିମ୍ନାଷ୍ଟିକ୍ସକୁ ଦୃଢ଼ତା ପ୍ରଦାନ କରିପାରିଛି, ଯାହା ଆଥଲେଟମାନଙ୍କୁ ସଫଳତା ହାସଲ କରିବା ଏବଂ ଏହି କ୍ରୀଡ଼ାର ସାମଗ୍ରିକ ମାନ ବୃଦ୍ଧି କରିବାରେ ସହାୟକ ହେଉଛି।

# ବିଜେଡ଼ିର ରାଜ୍ୟସ୍ତରୀ କର୍ମକର୍ତ୍ତା ଘୋଷିତ

ଭୁବନେଶ୍ୱର (ସବ୍ୟୁ): ବିଜେଡ଼ି ପକ୍ଷରୁ ୮୯ଜଣ ନେତାଙ୍କୁ ଦଳର ସାଂଗଠନିକ ଦାୟିତ୍ୱ ଦିଆଯାଇଛି। ଉପସଭାପତି ଭାବେ ପୂର୍ବତନ ମନ୍ତ୍ରୀ ରଘୁନାଥ ମହାନ୍ତିଙ୍କୁ ନିଯୁକ୍ତି କରାଯାଇଥିଲାବେଳେ ବରିଷ୍ଠ ସାଧାରଣ ସଂପାଦକ ଭାବେ ରଘୁନନ୍ଦନ ଦାସ, ଜୀବନ ପ୍ରଦୀପ ଦାସ, ସନାତନ ମାରାଣ୍ଡି, ଚନ୍ଦ୍ର ସାରଥି ବେହେରା ଓ ରମା ରଞ୍ଜନ ବଳିଆରସିଂହଙ୍କୁ ନିଯୁକ୍ତି ଦିଆଯାଇଛି। ଦଳର ରାଜ୍ୟ ସଭାପତି ନବୀନ ପଟ୍ଟନାୟକଙ୍କ ସ୍ୱାକ୍ଷରରେ ଆସିଥିବା ପ୍ରେସ୍ ବିଜ୍ଞପ୍ତିରେ ଏହା ଉଲ୍ଲେଖ କରାଯାଇଛି।

ସେହିଭଳି ସାଧାରଣ ସଂପାଦକ ଭାବେ ସୁଦର୍ଶନ ହରିପାଲଙ୍କ ସମେତ ୨୬ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ସେହିଭଳି ସଂପାଦକ ଭାବେ ଦେବାଶିଷ ମହାନ୍ତିଙ୍କ ସମେତ ୪୬ ଜଣଙ୍କୁ ସଂପାଦକ କରାଯାଇଛି। ଯୁଗ୍ମ ସଂପାଦକ ଭାବେ ୧୧ଜଣଙ୍କୁ ନିଯୁକ୍ତି ଦିଆଯାଇଛି। ଏହାଛଡା ବିଜେଡ଼ିର ଖୋର୍ଦ୍ଧା ଜିଲ୍ଲା ପାଇଁ ସଭାପତି ଭାବେ ରାଜେନ୍ଦ୍ର କୁମାର ସାହୁ, ବାଲେଶ୍ୱର ଲାଗି ଜ୍ୟୋତି ପ୍ରକାସ ପାଣିଗ୍ରାହୀଙ୍କୁ ସଭାପତି ନିଯୁକ୍ତି ଦିଆଯାଇଥିଲାବେଳେ ଖୋର୍ଦ୍ଧା ଲାଗି ମନ୍ମଥ ରାଉତରାୟ, ବାଲେଶ୍ୱର ଲାଗି ଗୌତମବୁଦ୍ଧ ଦାସ, ଅନୁଗୁଳ ଲାଗି ନଳିନକାନ୍ତ ପ୍ରଧାନ, ବୌଦ୍ଧ ଲାଗି ମହିଧର ରଣା, ଢେଙ୍କାନାଳ ଲାଗି ନରତ୍ତୋମ ସାହୁ, କେନ୍ଦୁଝରେ ଲାଗି ପ୍ରମୋଦ ପଟ୍ଟନାୟକଙ୍କୁ କାର୍ଯ୍ୟକାରୀ ସଭାପତି ଭାବେ ନିଯୁକ୍ତି ଦିଆଯାଇଛି। ସେହିଭଳି ୫ ଜିଲ୍ଲାଲାଗି ଯୁବ ଜନତା ଓ ଛାତ୍ର ଜନତାର ସଭାପତିଙ୍କୁ ନିଯୁକ୍ତି ମିଳିଛି।

## ମହିଳା ସଂରକ୍ଷଣ ଆଇନ ଲାଗୁ ଦାବିରେ

# ମହିଳା କଂଗ୍ରେସ ପକ୍ଷରୁ ମଶାଲ ଶୋଭାଯାତ୍ରା

ଭୁବନେଶ୍ୱର,(ସବ୍ୟୁ): ପ୍ରଦେଶ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ନିର୍ଦ୍ଦେଶକ୍ରମେ ବିଭିନ୍ନ ଜିଲ୍ଲାରେ ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ଆଇନ୍ ଦାବୀରେ ମଶାଲ ଶୋଭାଯାତ୍ରା ହୋଇଥିଲା । ପ୍ରଦେଶ ମହିଳା କଂଗ୍ରେସ ସଭାନେତ୍ରୀ ମିନାକ୍ଷୀ ବାହିନୀପତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ଭୁବନେଶ୍ୱର ଜିଲ୍ଲା ମହିଳା କଂଗ୍ରେସ ପକ୍ଷରୁ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ରୀ ଶ୍ରୀୟା ମହାନ୍ତିଙ୍କ ନେତୃତ୍ୱରେ ମଶାଲ ଶୋଭାଯାତ୍ରା



କଂଗ୍ରେସ ଭବନରୁ ବାହାରି ମାଷ୍ଟରକ୍ୟାଣ୍ଟିନ ଛକ ପର୍ଯ୍ୟନ୍ତ ଯାଇଥିଲା । ସେଠାରେ ମହିଳା କଂଗ୍ରେସର କର୍ମକର୍ତ୍ତାମାନେ ବିକ୍ଷୋଭ କରିଥିଲେ । ଏହି ଅବସରରେ ଜିଲ୍ଲା ମହିଳା କଂଗ୍ରେସ ସଭାନେତ୍ର ଶ୍ରୀମତୀ ମହାନ୍ତି କହିଛନ୍ତି ଯେ, ଲୋକସଭା ଏବଂ ବିଧାନସଭାରେ ୩୩ ପ୍ରତିଶତ ମହିଳା ସଂରକ୍ଷଣ ଆଇନ ଲାଗୁରେ ବିଜେପି ଓ ମୋଦୀ ସରକାର ବାଧକ ସାଜିଛନ୍ତି । ୨୦୨୩ ମସିହାରେ ଏହାକୁ ଆଇନରେ ପରିଣତ କରିବା ପାଇଁ କଂଗ୍ରେସ ସମେତ ସମସ୍ତ ଅଣ ବିଜେପି ଦଳ ସମର୍ଥନ ଦେଇଥିଲେ ମଧ୍ୟ ମୋଦୀ ସେରକାର ଏହାକୁ କାର୍ଯ୍ୟକାରୀ କରିବାରେ ଅକ୍ଷମ ହୋଇଛନ୍ତି । ମହିଳା ସଂରକ୍ଷଣ ସପକ୍ଷରେ କଂଗ୍ରେସ ରହିଛି ଏବଂ ଏହାକୁ ତୁରନ୍ତ ଲାଗୁ କରିବା ପାଇଁ ଆନ୍ଦୋଳନ ଜାରି ରଖିଛି । କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ପ୍ରକାଶ ଚନ୍ଦ୍ର ଜେନା, ମନୋରଞ୍ଜନ ଦାସ, ମାନସ ଆଚାର୍ଯ୍ୟ, ସୁନୀତା ବିଶ୍ୱାଳ, ଶ୍ରୀୟାସ୍ମିତା ପଣ୍ଡା, ଜୟସ୍ମିତା ମହାନ୍ତି, ଚଇତାଳି ପଟ୍ଟନାୟକ, ତରୁଣ ମିଶ୍ର, ସୂର୍ଯ୍ୟକାନ୍ତ ଜେନା, ଜାନକୀ ମଲ୍ଲିକ, ଶିଳ୍ପୀଶ୍ରୀ ହରିଚନ୍ଦନ, କଳ୍ପନା ପଣ୍ଡା, କୁସୁମ ପ୍ରଧାନ, ଜୟକୃଷ୍ଣ ସୁବୁଧି, ଅମିତାବାଳା ଆଚାର୍ଯ୍ୟ, ଅପସନା ବେଗମ୍, ମଞ୍ଜୁଶ୍ରୀ ମିଶ୍ର, ସ୍ୱାଗତିକା ପଟ୍ଟନାୟକ, ନିରୁମପା ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରିଥିଲେ ।

# ପୁରୀରେ ଅରାଜକତାର କଳା ଅଧ୍ୟାୟ ସୃଷ୍ଟି ହୋଇଛି : ମହିଳା କଂଗ୍ରେସ

ଭୁବନେଶ୍ୱର,(ସବ୍ୟୁ): ପୁରୀ ଜିଲ୍ଲା କଣାସ ବର୍ବର ଆକ୍ରମଣ ଘଟଣା ତଥା ନାରୀଙ୍କ ଉପରେ ଉଦବେଗଜନକ ଅତ୍ୟାଚାର ଓ ଶାସକଦଳର ଛତ୍ରଛାୟାରେ ଗୁଣ୍ଡାଗିରି ବିଷୟକୁ ନେଇ କଂଗ୍ରେସ ଭବନଠାରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା । ପିସିସିର ବରିଷ୍ଠ ମୁଖପାତ୍ର ସୋନାଲି ସାହୁ, ମହିଳା କଂଗ୍ରେସ ମିଡ଼ିଆ ବିଭାଗ ଅଧ୍ୟକ୍ଷା ଜୟସ୍ମିତା ମହାନ୍ତି, ପିସିସି ମୁଖପାତ୍ର ଜୟଶ୍ରୀ ପାତ୍ର, ପିସିସି ମୁଖପାତ୍ର ରୁପାଦିତ୍ୟା ମହାପାତ୍ର ବିଶେଷତଃ ପୁରୀ ଜିଲ୍ଲାର ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ ନିଜର ମତାମତ ପ୍ରକାଶ




କରିଥିଲେ । ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ପବିତ୍ର ପୁରୀ ମାଟିରେ ଗୋପବନ୍ଧୁଙ୍କ ଆଦର୍ଶକୁ ବିଜେପି ଜଳାଞ୍ଜଳି ଦେଇଛି ବୋଲି ଅଭିଯୋଗ କରିଥିଲେ । ପୁରୀ ଅଞ୍ଚଳରେ ଦୟା ଏବଂ ଭାର୍ଗବୀ ନଦୀ ପଠାରୁ ବିଜେପି ନେତାଙ୍କ ଆଶୀର୍ବାଦରେ ବାଲି ମାଫିଆମାନଙ୍କ ବାଲି ବେପାର, ମଣିଷ ରକ୍ତରେ ଚାଲିଛି ହୋଲି ଖେଳ, ଆଇନ ଶୃଙ୍ଖଳା ସମ୍ପୂର୍ଣ୍ଣ ଛାରଖାର । କଂଗ୍ରେସ ପ୍ରଶ୍ନ ପଚାରୁଛି ଉପମୁଖ୍ୟମନ୍ତ୍ରୀଙ୍କ ମାଟିରେ ବାଲି କାରବାର ଚାଲିଛି ଜୋରଦାର, ପୋଲିସ ମାଫିଆଙ୍କୁ ଡରୁଛି ନା ସତ୍ତାଧାରୀ ନେତାଙ୍କୁ ଡରି ମାଫିଆଙ୍କୁ ଛାଡ଼ି ଦେଉଛି । ସତ୍ୟବାଦୀ ବିଧାୟକ ଏବଂ ପୁରୀ ସାଂସଦଙ୍କୁ ଲୋକ ଚିତା-ଚୈତନ୍ୟ କାଟି କେବଳ ଭଜନ କୀର୍ତ୍ତନ ପାଇଁ ବାଛିନଥିଲେ । ସତ୍ୟବାଦୀ ବିଧାୟକଙ୍କ ସୁରକ୍ଷା ନଥିଲେ ଦିନ ଦ୍ୱିପ୍ରହରରେ ଶହ ଶହ ଟ୍ରିପ୍ ବାଲି ଚୋରି ସମ୍ଭବ କି ବୋଲି କହିଛନ୍ତି । ପୁରୀ ଏସପିଙ୍କ ଅପରେସନ ଚକ୍ରର ଅପରେସନ କେତେ ସଫଳ । ପାଟ୍ରୋଲିଂ ଦ୍ୱାରା ଖାକିବର୍ଦ୍ଦି ଅପରାଧୀଙ୍କୁ ଧରୁଛି ନା ଅପରାଧୀଙ୍କ ଠାରୁ ବଟି ପାଇଁ ପାଟ୍ରୋଲିଂ କରୁଛି ବୋଲି ପ୍ରଶ୍ନ ଉଠିଛି ।ସରକାର ଯଦି ଜଗନ୍ନାଥଙ୍କ ପବିତ୍ର ଯାହା ଓଡିଶାଙ୍କ ପରିଚୟ ସେହି ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତିକୁ ସମ୍ଭାଳିବା ପାଇଁ ହେୟଜ୍ଞାନ କରୁଛନ୍ତି ତେବେ ଅନ୍ୟ ଜିଲ୍ଲା ପ୍ରତି ସରକାରଙ୍କ ମନୋଭାବ କଣ ଥିବ ଚିନ୍ତା କରନ୍ତୁ ବୋଲି ସମ୍ମିଳନୀରେ ଭାଗ ନେଇଥିବା ନେତ୍ରୀଗଣ ପ୍ରକାଶ କରିଥିଲେ ।

# ନାବାଳକକୁ ଥାନାରେ ଘଣ୍ଟା ଘଣ୍ଟା ଅଟକ ମାମଲା : ଭଦ୍ରକ ଏସ୍‌ପିଙ୍କୁ ହାଜର ନିର୍ଦ୍ଦେଶ

କଟକ (ସବ୍ୟୁ ) : ନାବାଳକଙ୍କୁ ଥାନାରେ ଘଣ୍ଟା ଘଣ୍ଟା ଅଟକ ରଖିବା ଏବଂ ପଚରାଉଚରା କରିବା ପ୍ରସଙ୍ଗରେ ଓଡ଼ିଶା ହାଇକୋର୍ଟ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ମୁଖ୍ୟ ବିଚାରପତି ହରିଶ ଟଣ୍ଡନ ଏବଂ ବିଚାରପତି ଏମ.ଏସ ରମଣଙ୍କ ଖଣ୍ଡପୀଠ ଏହି ମାମଲାର ଶୁଣାଣି କରି ଭଦ୍ରକ ଏସପିଙ୍କୁ ବ୍ୟକ୍ତିଗତ ଭାବେ ହାଜର ହେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଆବେଦନକାରୀ ଶରତ ମାଝି ଏହି ମାମଲାର ଶୁଣାଣି ବେଳେ ଅଦାଲତ ଜାଣିବାକୁ ପାଇଥିଲେ ଯେ ଜଣେ ନାବାଳକଙ୍କୁ ତଦନ୍ତ ଆଳରେ ଥାନାକୁ ଡକାଯାଇ ଘଣ୍ଟା ଘଣ୍ଟା ଧରି ଅଟକ ରଖାଯାଇଥିଲା। ତଦନ୍ତକାରୀ ଅଧିକାରୀ ଉକ୍ତ ନାବାଳକଙ୍କୁ ଅନେକ ପ୍ରଶ୍ନ ପଚାରିଥିଲେ। ତେବେ ଉକ୍ତ ଥାନାରେ ନାବାଳକଙ୍କ ପାଇଁ କୌଣସି 'ଚାଇଲ୍ଡ-ଫ୍ରେଣ୍ଡଲି' ବା ଶିଶୁ-ଅନୁକୂଳ ବ୍ୟବସ୍ଥା ନ ଥିବା ଅଭିଯୋଗ ହୋଇଥିଲା। ଅଦାଲତ କହିଛନ୍ତି ଯେ ଆଇନ ଅନୁଯାୟୀ ଜଣେ ନାବାଳକଙ୍କୁ ସାଧାରଣ ଅପରାଧୀଙ୍କ ଭଳି ବ୍ୟବହାର କରାଯାଇପାରିବ ନାହିଁ। ଭଦ୍ରକ ଏସପିଙ୍କୁ ବ୍ୟକ୍ତିଗତ ଭାବେ ଅଦାଲତରେ ହାଜର ହୋଇ ଥାନାରେ ଶିଶୁ-ଅନୁକୂଳ କର୍ଣ୍ଣର ଅଛି କି ନାହିଁ, ତାହା ସ୍ପଷ୍ଟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର

ଡେଲାଙ୍ଗ, (ସବ୍ୟୁ): ପୁରୀ ଜିଲ୍ଲା ସାମାଜିକ ସୁରକ୍ଷା ଓ ସଶକ୍ତିକରଣ ବିଭାଗ ଓ ଡେଲାଙ୍ଗ ପଞ୍ଚାୟତ ସମିତି ପକ୍ଷରୁ ସୋମବାର ସ୍ଥାନୀୟ ମହତାବ ଉଚ୍ଚ ବିଦ୍ୟାଳୟ ପରିସରରେ ଭୀମଭୋଇ ଭିନ୍ନକ୍ଷମ ସାମର୍ଥ୍ୟ ଶିବିର ଅନୁଷ୍ଠିତ ହୋଇଯାଇଛି ।ପଞ୍ଚାୟତ ସମିତି ଅଧ୍ୟକ୍ଷା ରମାଦେବୀ ରାଉତରାୟ, ବିଡ଼ିଓ ସମୀର ବେହେରା, ଅତିରିକ୍ତ ବିଡ଼ିଓ ନୀଳଶୈଳ ସଓ୍ୱାଇଁ, ସହକାରୀ ନିର୍ବାହୀ ଯନ୍ତ୍ରୀ ସୁବ୍ରତ କୁମାର ବାରିକ, ମହତାବ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଦେବେନ୍ଦ୍ର ମଲ୍ଲିକ, ବ୍ଲକ ସହକାରୀ ଶିକ୍ଷା ଅଧିକାରୀ ଲକ୍ଷ୍ମଣ ପ୍ରଧାନ, ପ୍ରାକ୍ତନ ସରପଞ୍ଚ ଦୁର୍ଗାଚରଣ ରାଉତରାୟ ପ୍ରମୁଖଙ୍କ ଦ୍ୱାରା ଉଦଘାଟିତ ଏହି ଶିବିରରେ ୪୭ ଅସ୍ଥି ବାଧିତ, ୧୦ ଜଣ ମାନସିକ ଅନଗ୍ରସର, ୧୬ ଜଣ ଦୃଷ୍ଟି ବାଧିତ, ୧୧ ଜଣ କର୍ଣ୍ଣ, ନାସା, ଗଳା ବାଧିତ ଓ ଭେଷଜ ରୋଗୀ ୮ ଜଣ ମୋଟ ୯୨ ଜଣଙ୍କୁ ପରୀକ୍ଷା କରାଯାଇଥିଲା ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ବିଶେଷଜ୍ଞ ଡାକ୍ତର ଶୁଶିଲ କୁମାର ନାୟକ, ଡା. ରାହୁଲ ମହାନ୍ତି, ଡା. ନାରାୟଣ ବେହେରା, ଡା. ସମ୍ବିତ ପାତ୍ର, ଡା. ଶୁଭ୍ରକାଳୀ ପରମଗୁରୁ, ଡା ରବୀନ୍ଦ୍ର ଘଡେଇ ଭିନ୍ନକ୍ଷମଙ୍କ ଆନୁପାତିକ ସାମର୍ଥ୍ୟ ପରୀକ୍ଷା କରିଥିଲେ ଦିପୁନା ମହାନ୍ତି, ଚନ୍ଦନ ମହାନ୍ତି, ରାଜଶ୍ରୀ ମହାନ୍ତି, ରଶ୍ମିରଂଜନ ସାହୁ, ବର୍ଷା ମିଶ୍ର ପ୍ରମୁଖ ପରୀକ୍ଷାରେ ବିଶେଷଜ୍ଞ ଡାକ୍ତରଙ୍କୁ ସହାୟତା କରିଥିଲେ ବ୍ଲକ ସାମାଜିକ ସୁରକ୍ଷା ବିଭାଗ ସହାୟିକା ସୁଜାତା ଭୁଜବଳ, ବିଭାଗୀୟ ଅଧିକାରୀ ଆଶୀଷ କୁମାର ପାତ୍ର, କର୍ମଚାରୀ ସୁଶାନ୍ତ ପଟନାୟକ ଓଗେର କର୍ମଚାରୀମାନେ ଶିବିର ପରିଚାଳନାରେ ସହଯୋଗ କରିଥିଲେ ୧୧ ଟା ରେ ପଞ୍ଜିକରଣ ଓ ପରୀକ୍ଷା ବନ୍ଦ ହୋଇଯାଇଥିବାରୁ, ପ୍ରାୟ ଦଶଜଣ ଭିନ୍ନକ୍ଷମ ନିରାଶ ହୋଇ ଫେରିଥିବା ଆରୋପ କରିଛନ୍ତି ।

# ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ସ୍କୁଲରେ ଗ୍ରୀଷ୍ମକାଳୀନ ଶିବିର ଉଦ୍‌ଘାଟିତ



କଟକ,(ସବ୍ୟୁ): ନୟାବଜାରସ୍ଥିତ ସେଣ୍ଟ ଜାଭିୟର୍ସ ସିନିୟର ସେକେଣ୍ଡାରୀ ସ୍କୁଲରେ ଚଳିତ ବର୍ଷର ଗ୍ରୀଷ୍ମକାଳୀନ ମହୋତ୍ସବ ଉଦଘାଟିତ ହୋଇଯାଇଛି। ସାତ ଦିନ ଧରି ଚାଲିବାକୁ ଥିବା ଉକ୍ତ ଗ୍ରୀଷ୍ମକାଳୀନ ଶିବିରକୁ ବିଦ୍ୟାଳୟର ଅଧ୍ୟକ୍ଷ ପ୍ରଦୀପ କୁମାର ତ୍ରିପାଠୀ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଉଦଘାଟନ କରିବା ସଙ୍ଗେ ସଙ୍ଗେ ତାଙ୍କ ବକ୍ତବ୍ୟରେ ଛାତ୍ରଛାତ୍ରୀମାନଙ୍କର ଆତ୍ମବିଶ୍ୱାସ ଓ ସୃଜନଶୀଳତା ବୃଦ୍ଧି କରିବାର ଏହା ଏକ ସର୍ବୋତ୍କୃଷ୍ଟ ମାଧ୍ୟମ ବୋଲି ମତବ୍ୟକ୍ତ କରିଥିଲେ। ଗ୍ରୀଷ୍ମ କାଳୀନ ଶିବିରରେ ଶତାଧିକ ଛାତ୍ରଛାତ୍ରୀ ଭାଗ ନେଇଛନ୍ତି। ଶିବିରରେ ବିଭିନ୍ନ ପ୍ରକାର ଶିକ୍ଷାମୂଳକ ଓ ମନୋରଞ୍ଜନ ଧର୍ମୀ କାର୍ଯ୍ୟକ୍ରମ ଆୟୋଜିତ ହେବ। ଉକ୍ତ କାର୍ଯ୍ୟକ୍ରମରେ ପ୍ରଶିକ୍ଷିତ ଶିକ୍ଷକ ଶିକ୍ଷୟିତ୍ରୀମାନେ ଛାତ୍ରଛାତ୍ରୀମାନଙ୍କୁ ଚିତ୍ରାଙ୍କନ, ନୃତ୍ୟ, ସଙ୍ଗୀତ, କ୍ରୀଡ଼ା, ଯୋଗାଭ୍ୟାସ, ହସ୍ତଶିଳ୍ପ, ଘୋଡାଦୌଡ ଆଦି ସମ୍ବନ୍ଧରେ ପ୍ରଶିକ୍ଷଣ ଦେବେ। କାର୍ଯ୍ୟକ୍ରମର ପ୍ରଥମ ଦିବସରେ ଛାତ୍ରଛାତ୍ରୀମାନଙ୍କୁ ଫୁଲ, ଚନ୍ଦନ , ମୁକୁଟ ଦେଇ ସ୍ୱାଗତ କରାଯିବା ସଙ୍ଗେ ସଙ୍ଗେ ଯୋଗାଭ୍ୟାସ, କାଲିଗ୍ରାଫି, ସଙ୍ଗୀତ, ନୃତ୍ୟ ଶିକ୍ଷା ପ୍ରଦାନ କରାଯାଇଥିଲା।

# ସ୍ୱେଚ୍ଛାସେବୀ ଅନୁଷ୍ଠାନ "ଆଶା" କୁ ମିଳିଲା ମହାତ୍ମା ଗାନ୍ଧୀ ଶ୍ରମିକ ସେବା ସମ୍ମାନ



ଭୁବନେଶ୍ୱର (ସବ୍ୟୁ): ହରିଚନ୍ଦନ ପୁର ବ୍ଲକର ଜୁଙ୍ଗା ଗ୍ରାମ ପଞ୍ଚାୟତ ଅନ୍ତର୍ଗତ ନିତ୍ୟାନନ୍ଦ ପୁର ଗ୍ରାମରେ ଅବସ୍ଥିତ ସ୍ୱେଚ୍ଛାସେବୀ ଅନୁଷ୍ଠାନ " ଆଶା" କୁ ଶ୍ରମିକ ଦିବସ ଅବସରରେ " ମହାତ୍ମା ଗାନ୍ଧୀ ଶ୍ରମିକ ସେବା ସମ୍ମାନ -୨୦୨୬ ମିଳିଛି। ଗରିବ, ଅସହାୟ, ଭିନ୍ନକ୍ଷମ , ଅନାଥ ଓ ବିଶେଷକରି ଅବହେଳିତ ଆଦିବାସୀ ବର୍ଗର ଶ୍ରମିକ ଶ୍ରେଣୀର ଲୋକଙ୍କ ଦୁଃଖ ପୂର୍ଣ୍ଣ ଜୀବନକୁ ଅତି ନିକଟରୁ ଦେଖି, ସେଥିରେ ଯଥା ସମ୍ଭବ ଉପସମ ଆଣିବାର ପଣ କରି ଗତବର୍ଷ ଗଢି ଉଠିଥିଲା ଆଶା- ଆମ୍ ଆଦମୀ ସେବା ଅଭିଯାନ। ଅଭିଯାନର ଆରମ୍ଭରେ ଆଦିବାସୀ ଇଲାକାର ବାପ ମା' ଛେଉଣ୍ଡ ପିଲା, ଭିନ୍ନକ୍ଷମ ପିଲା, ଅସହାୟ ବୃଦ୍ଧ ଓ ବୃଦ୍ଧା, ଘର ଭାଙ୍ଗି ଯାଇଥିବା ପରିବାରଙ୍କୁ ସହାୟତାର ହାତ ବଢାଇଛି ଆଶା। କେତେକ ଅସହାୟ ପିଲାଙ୍କୁ ପୋଷାକ, ଖାଦ୍ୟ ସାମଗ୍ରୀ, ଜୋତା, ଔଷଧ, ବାସନ, ବିଛଣା ସାମଗ୍ରୀ ଇତ୍ୟାଦି ଯୋଗାଇ ଦେଇଛି। ଆବଶ୍ୟକ ସ୍ଥଳେ କେତେକଙ୍କୁ ଔଷଧ ମଧ୍ୟ ଅନୁଷ୍ଠାନ ପକ୍ଷରୁ ଯୋଗାଇ ଦିଆଯାଇଛି। ଗତ ଶୀତ କାଳରେ ଅନ୍ୟୁନ ଏକ ଶହ ଆଦିବାସୀ ପରିବାରକୁ କମ୍ବଳ, ଶାଲ୍, ସ୍ୱେଟର୍ ପ୍ରଭୃତି ଆଶା ପ୍ରଦାନ କରିଛି । କେନ୍ଦୁଝରର ସହରରେ ଏକ ଉତ୍ସବରେ ଗାଁ ସାଥୀ ମେଟ୍ ସଂଘ ତରଫରୁ ଏ ସମ୍ମାନ " ଆଶାକୁ ପ୍ରଦାନ କରାଯାଇଛି। ଆଶାର ସ୍ୱେଚ୍ଛାସେବୀ ରାମଚନ୍ଦ୍ର ମହାନ୍ତ ଓ ସତ୍ୟଭାମା ମହାନ୍ତ ଏ ସମ୍ମାନ କୁ ଗ୍ରହଣ କରିଛନ୍ତି।

## ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ହେଲେ ସୌମ୍ୟ ବରାଳ

ଖୋର୍ଦ୍ଧା, (ସବ୍ୟୁ) : ଖୋର୍ଦ୍ଧା ଜିଲ୍ଲା ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ହୋଇଛନ୍ତି ସୌମ୍ୟ ରଞ୍ଜନ ବରାଳ। ସୌମ୍ୟ ପୂର୍ବରୁ ଜିଲ୍ଲା ଛାତ୍ର କଂଗ୍ରେସ ସଭାପତିଭାବେ ନିଜର ଦାୟିତ୍ୱ ନିର୍ବାହ କରିଥିଲେ। ଜିଲ୍ଲା ର ଯୁବ କଂଗ୍ରେସ କାର୍ଯ୍ୟକାରୀ ସଭାପତି ହେବା ପରେ ସୌମ୍ୟ ଭାରତ ବର୍ଷ ର ଯୁବଙ୍କ ଆଦର୍ଶ ତଥା ସଂସଦ ର ବିରୋଧୀ ଦଳ ର ନେତା ରାହୁଲ ଗାନ୍ଧୀ, ଅଖିଳ ଭାରତୀୟ କଂଗ୍ରେସ କମିଟିର ସଭାପତି ମଲ୍ଲିକାର୍ଜୁନ ଖାଡଗେ, ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତଚରଣ ଦାସ, ଅଖିଳ ଭାରତୀୟ ଯୁବ କଂଗ୍ରେସ ର ପ୍ରଭାରୀ ମନୀଷ ଶର୍ମା, ଅଖିଳ ଭାରତୀୟ ଯୁବ କଂଗ୍ରେସ ସଭାପତି ଉଦୟଭାନୁ ଚିବ, ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ କୁମାର ପାତ୍ର, ରାଜ୍ୟ ଯୁବ କଂଗ୍ରେସ ପ୍ରଭାରୀ ମହେଶ ଦେଶମୁଖ, ସହ ପ୍ରଭାରୀ ତଥା ପୂର୍ବତନ ମନ୍ତ୍ରୀ ବରିଷ୍ଠ କଂଗ୍ରେସ ନେତା ସୁରେଶ କୁମାର ରାଉତରାୟ, ଜିଲ୍ଲା କଂଗ୍ରେସ କମିଟି ର ସଭାପତି ରାଜୀବ ପଟନାୟକଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ଗ୍ଲୋବାଲ ମାନବ ଅଧିକାର, ଆଣ୍ଟି କରପ୍‌ସନ୍‌ର ରାଜ୍ୟ ସଭାପତି ହେଲେ ନାରାୟଣ ମହାପାତ୍ର

ଭୁବନେଶ୍ୱର, (ସବ୍ୟୁ) : ଡ଼ ନାରାୟଣ ମହାପାତ୍ର ଗ୍ଲୋବାଲ ମାନବ ଅଧିକାର, ଆଣ୍ଟି କରପସନ ଏବଂ ହ୍ୟୁମାନ ପ୍ରୋଟେକ୍ସନ ଏନ.ଜି.ଓ. ଆନ୍ଧ୍ର ପ୍ରଦେଶ ପକ୍ଷରୁ ଓଡିଶା ରାଜ୍ୟ ସଭାପତି ଭାବେ ମନୋନୀତ । ଡ଼ ମହାପାତ୍ରଙ୍କ ଅନୁଷ୍ଠାନ ପକ୍ଷରୁ ସମାଜରେ ବିଭିନ୍ନ ପ୍ରକାର ମାନବ ମଙ୍ଗଳ କାର୍ଯ୍ୟକ୍ରମ ଯଥା ଅବହେଳିତ ଗୁରୁଜନ ଓ ଛୋଟ ଅନାଥ ପିଲା ମାନଙ୍କର ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ମାଗଣା ହୋମିୟପାଥି ଓ ଆୟୁର୍ବେଦ ଔଷଧ ବଣ୍ଟନ କରିବା ସହ ମାଗଣା ଏଲୋପାଥିକ ଡାକ୍ତର ପରାମର୍ଶ, ଆଖି ପରୀକ୍ଷା, ରକ୍ତ ପରୀକ୍ଷା ପରି



କାର୍ଯ୍ୟକ୍ରମ ନିୟମିତ କରାଯାଇଥାଏ ।ସେ ନିଜେ ରକ୍ତ ଦାନ କରିବା ସହ ବହୁ ରକ୍ତ ଦାନ ସଂଗ୍ରହ ଶିବିର ମଧ୍ୟ ଆୟୋଜନ କରିଥାନ୍ତି, ସମାଜରେ ସ୍ଥିରତା ଓ ଶାନ୍ତି ବଜାୟ ରଖିବା ନିମନ୍ତେ ଓଡ଼ିଆ ସଂସ୍କୃତି ର ସୁରକ୍ଷା ପାଇଁ ଓ ଧାର୍ମିକ କାର୍ଯ୍ୟକ୍ରମ ମଧ୍ୟ ଆୟୋଜିତ ହୋଇଥାଏ, ଏହି କାର୍ଯ୍ୟ ବ୍ୟାପକ ଭାବେ କରିବାକୁ ଅନୁଷ୍ଠାନର ପ୍ରତିଷ୍ଠାତା ଡ଼ କେ ଚକ୍ରବର୍ତ୍ତୀ ଡ଼ ମହାପାତ୍ରଙ୍କୁ ଓଡିଶା ରାଜ୍ୟ ସଭାପତି ଭାବେ ମନୋନୀତ କରିଛନ୍ତି ।

# ବେଦାନ୍ତ ଆଲୁମିନିୟମ ପକ୍ଷରୁ ରାୟଗଡା ଏବଂ କଳାହାଣ୍ଡିରେ ସ୍ୱାସ୍ଥ୍ୟସେବା

ଭୁବନେଶ୍ୱର, (ସବ୍ୟୁ): ଓଡ଼ିଶାର ରାୟଗଡା ଏବଂ କଳାହାଣ୍ଡି ଜିଲ୍ଲାର ଆଭ୍ୟନ୍ତରୀଣ ଅଂଚଳରେ, ସ୍ୱାସ୍ଥ୍ୟସେବାର ସୁବିଧା ଦୂରତା, ଭୂଭାଗ ଏବଂ କମ୍ ସଚେତନତା ଦ୍ୱାରା ପରିଚାଳିତ ହେଉଛି। ଏଠାକାର ଗ୍ରାମଗୁଡ଼ିକ ମୁଖ୍ୟତଃ ବିକ୍ଷିପ୍ତ ଏବଂ ପରିବହନ ବିକଳ୍ପ ସୀମିତ, ସ୍ଥାନୀୟ ଜନସଂଖ୍ୟାର ଅନେକ ଅଂଶ ବାସ ଏବଂ କାର୍ଯ୍ୟ କରୁଥିବା ସ୍ଥାନଠାରୁ ଦୂରରେ ଅର୍ଦ୍ଧ-ସହରୀ ଅଂଚଳରେ ଚିକିତ୍ସା ସୁବିଧା କେନ୍ଦ୍ରିତ। ଏହି ପରିସ୍ଥିତି ମ୍ୟାଲେରିଆ ଭଳି ଋତୁକାଳୀନ ରୋଗର ମୁକାବିଲା କରିବାରେ ଗୁରୁତ୍ୱପୂର୍ଣ୍ଣ ଚ୍ୟାଲେଞ୍ଜ ସୃଷ୍ଟି କରିଛି ଯାହାକି ଚିକିତ୍ସାରେ ବିଳମ୍ବ ଘଟାଉଛି। ଏହି ଭୟଙ୍କର ପରିସ୍ଥିତି ପୂର୍ବରୁ ଦୁର୍ବଳ ପରିବାର, ବିଶେଷକରି ଆଦିବାସୀ ଏବଂ ଗ୍ରାମୀଣ ସମ୍ପ୍ରଦାୟ ଉପରେ ଚାପ ପକାଇଛି। ଏହି ଜିଲ୍ଲାଗୁଡ଼ିକରେ, ଯେଉଁଠାରେ ଭୌଗୋଳିକ ଏବଂ ଜୀବିକା ପ୍ରତିବନ୍ଧକ ଦ୍ୱାରା ସ୍ୱାସ୍ଥ୍ୟସେବା ଉପଲବ୍ଧତା ପ୍ରାୟତଃ ବାଧାପ୍ରାପ୍ତ ହୁଏ, ପ୍ରାରମ୍ଭିକ




ରୋଗ ନିର୍ଣ୍ଣୟ ଏବଂ ଯତ୍ନର ନିରନ୍ତରତା ଗୁରୁତ୍ୱପୂର୍ଣ୍ଣ ଅଟେ। ଏହି ପରିପ୍ରେକ୍ଷୀରେ ବେଦାନ୍ତ ଆଲୁମିନିୟମର ପ୍ରୋଜେକ୍ଟ ଆରୋଗ୍ୟ, ରାୟଗଡା ଏବଂ କଳାହାଣ୍ଡିର ଜୀବନ୍ତ ବାସ୍ତବତାରେ ସ୍ୱାସ୍ଥ୍ୟସେବା ପ୍ରଦାନକୁ ତ୍ୱରାନ୍ୱିତ କରେ। କେବଳ ଆର୍ଥିକ ବର୍ଷ ୨୬ ରେ, ଏହି ପଦକ୍ଷେପ ଦୁଇଟି ଜିଲ୍ଲାର ପ୍ରାୟ ୧.୨୬ ଲକ୍ଷ ଲୋକଙ୍କୁ ଲାଭ ଦେଇଛି ଏବଂ ଏହା ଲୋକମାନଙ୍କ ପାଖରେ ଅତ୍ୟାବଶ୍ୟକ ସ୍ୱାସ୍ଥ୍ୟସେବା ପହଂଚାଇଛି, ପ୍ରତିରୋଧକ ସଚେତନତା ସୃଷ୍ଟି କରୁଛି ଏବଂ ଜରୁରୀକାଳୀନ ଏବଂ ରେଫରାଲ୍ ସହାୟତାକୁ ସୁଦୃଢ଼ କରୁଛି।

ପ୍ରକଳ୍ପ ଅନ୍ତର୍ଗତ ସବୁଠାରୁ ଦୃଶ୍ୟମାନ ହସ୍ତକ୍ଷେପ ମଧ୍ୟରୁ ଗୋଟିଏ ହେଉଛି ସୁସଜ୍ଜିତ ମୋବାଇଲ୍ ସ୍ୱାସ୍ଥ୍ୟ ୟୁନିଟ୍ ସ୍ଥାପନ, ଯାହା ବର୍ତ୍ତମାନ ନିୟମିତ ଭାବରେ ରାୟଗଡା ଏବଂ କଳାହାଣ୍ଡିର ଦୂରବର୍ତ୍ତୀ ଅଂଚଳରେ ୧୦୦+ ଗ୍ରାମକୁ କଭର କରୁଛି। ପୋର୍ଟେବଲ୍ ପ୍ରାଥମିକ ଚିକିତ୍ସା କେନ୍ଦ୍ର ଭାବରେ କାର୍ଯ୍ୟ କରୁଥିବା ଏହି ୟୁନିଟ୍ ପରାମର୍ଶ, ନିଦାନ ଏବଂ ଔଷଧ ପ୍ରଦାନ କରୁଛି, ବିଶେଷକରି ସେହି ସ୍ଥାନଗୁଡ଼ିକରେ ଯେଉଁଠାରେ ନିକଟତମ ସ୍ୱାସ୍ଥ୍ୟ ସୁବିଧା କିଛି କିଲୋମିଟର ଦୂରରେ ଥାଇପାରେ। ଅନେକ ବାସିନ୍ଦାଙ୍କ ପାଇଁ, ଏହା ତାଲିମପ୍ରାପ୍ତ ଡାକ୍ତରୀ ବୃତିଗତଙ୍କ ସହିତ ସେମାନଙ୍କର ପ୍ରଥମ ସ୍ଥିର ଯୋଗାଯୋଗର ବିନ୍ଦୁ ହୋଇଛି। "ପୂର୍ବରୁ ଆମେ ଛୋଟ ଲକ୍ଷଣଗୁଡ଼ିକୁ ଅଣଦେଖା କରୁଥିଲୁ କାରଣ ହସ୍ପିଟାଲକୁ ଯିବା ଅର୍ଥ ଏକ କାର୍ଯ୍ୟ ଦିବସ ହରାଇବା। ବର୍ତ୍ତମାନ ଗାଁରେ ହିଁ ଚେକ୍-ଅପ୍ ହୁଏ। ଏହି ପ୍ରକଳ୍ପ ଆମ ସମ୍ପ୍ରଦାୟ ପାଇଁ ଏକ ପ୍ରକୃତ ବରଦାନ ହୋଇଛି, ବୋଲି ରାୟଗଡାର ବାସିନ୍ଦା ଭୂମିତା ମାଝୀ କହିଛନ୍ତି। ନିୟମିତ ଯୋଗାଯୋଗ ସହିତ, ଆର୍ଥିକ ବର୍ଷ ୨୬ ରେ କଳାହାଣ୍ଡିରେ ୧୨ ଟି ମେଗା ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା, ଯାହା ଅନେକ ଅନୁନ୍ନତ ଅଞ୍ଚଳକୁ ମଲ୍ଟି-ସ୍ପେଶାଲିଟି ସେବା ଯୋଗାଇ ଦେଇ ୫,୦୦୦ ରୁ ଅଧିକ ରୋଗୀଙ୍କୁ ଉପକୃତ କରିଥିଲା। ଏହି ଶିବିରଗୁଡ଼ିକ ସାଧାରଣ ରୋଗଠାରୁ ଆରମ୍ଭ କରି ଅଧିକ ଜଟିଳ ସମସ୍ୟା ଯେପରିକି ଅର୍ଥୋପେଡିକ୍ ସମସ୍ୟା ଏବଂ ଚକ୍ଷୁ ଯତ୍ନ ପର୍ଯ୍ୟନ୍ତ ଚିନ୍ତାର ସମାଧାନ କରିଥିଲା, ଯାହା ବିଶେଷଜ୍ଞଙ୍କ ଅନୁପସ୍ଥିତିରେ ଚିକିତ୍ସା ହୋଇନଥାଏ । ରାୟଗଡାରେ, ଜିଲ୍ଲା ସ୍ୱାସ୍ଥ୍ୟ କର୍ତ୍ତୃପକ୍ଷଙ୍କ ସହଭାଗୀତାରେ ସିକଲ୍ ସେଲ୍ ରୋଗ ଏବଂ ଥାଲାସେମିଆ ପାଇଁ ପ୍ରାରମ୍ଭିକ ସ୍କ୍ରିନିଂ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

# ହର୍ମୁଜରେ ଇରାନର ୭ ବୋଟ୍ ଧ୍ୱଂସ

**ୱାଶିଂଟନ:** ହର୍ମୁଜ ପ୍ରଣାଳୀରୁ ଇରାନର ଦବଦବା ହଟାଇବା ପାଇଁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଏକ ବିଶାଳ ସାମରିକ ଅଭିଯାନ 'ପ୍ରୋଜେକ୍ଟ ଫ୍ରିଡମ୍' ଆରମ୍ଭ କରିଛନ୍ତି। ଏହି ଅଭିଯାନ ଆଧାରରେ ଆମେରିକୀୟ ନୌସେନା ସୋମବାର ଇରାନର ସାତଟି ଦ୍ରୁତଗାମୀ ନୌକାକୁ ଧ୍ୱଂସ କରିଥିବା ବେଳେ ଏକାଧିକ କ୍ରୁଜ ମିସାଇଲ୍ ଓ ଡ୍ରୋନ୍ ଆକ୍ରମଣକୁ ବିଫଳ କରିଦେଇଛି। ଆମେରିକା ସେଣ୍ଟ୍ରାଲ୍ କମାଣ୍ଡର ମୁଖ୍ୟ ଆଡମିରାଲ ବ୍ରାଡ କୁପର ସୂଚନା ଦେଇଛନ୍ତି ଯେ, ଏହି ଅଭିଯାନରେ ୧୫୦୦୦ ଆମେରିକୀୟ ସୈନ୍ୟ, ଅତ୍ୟାଧୁନିକ ବିଧ୍ୱଂସକାରୀ ଯୁଦ୍ଧପୋତ, ଶହେରୁ ଅଧିକ ବିମାନ ଓ ସବମାରିନ୍



ସାମିଲ ରହିଛନ୍ତି। ସେ ସ୍ପଷ୍ଟ କରିଛନ୍ତି ଯେ ଆମେରିକୀୟ କମାଣ୍ଡରମାନଙ୍କୁ ନିଜ ସୈନ୍ୟ ଓ ବ୍ୟବସାୟିକ ଜାହାଜଗୁଡ଼ିକୁ ସିରକ୍ଷା ଦେବା ପାଇଁ ପୂର୍ଣ୍ଣ ଅଧିକାର ଦିଆଯାଇଛି।ତେବେ ଏହି ଅଭିଯାନର ମୁଖ୍ୟ ଲକ୍ଷ୍ୟ ହେଉଛି ଫେବୃଆରି ୨୮ରୁ ଇରାନର ଅବରୋଧ ଯୋଗୁଁ ଅଟକି ରହିଥିବା ଅନ୍ତର୍ଜାତୀୟ ଜଳପଥକୁ ପୁନଃ ସଚଳ କରିବା। ଇରାନର ଧମକ ସତ୍ତ୍ୱେ ଆମେରିକା ବ୍ୟବସାୟିକ ଜାହାଜଗୁଡ଼ିକୁ ହର୍ମୁଜ ଦେଇ ଯାତାୟାତ କରିବାକୁ ଉତ୍ସାହିତ କରୁଛି ଏବଂ ଏହାର ପ୍ରଭାବ ସ୍ୱରୂପ ବାଣିଜ୍ୟିକ ଚଳାଚଳ ଆରମ୍ଭ ହୋଇଥିବା ଆମେରିକା ଦାବି କରିଛି, କିନ୍ତୁ ଇରାନର ରିଭୋଲ୍ୟୁସନାରୀ ଗାର୍ଡ ଏହି ଦାବିକୁ ଖଣ୍ଡନ କରିବା ସହ ଆମେରିକୀୟ ଜାହାଜଗୁଡ଼ିକ ଚଳାଚଳ କରୁନଥିବା କହିଛି। ଅନ୍ୟପଟେ ହର୍ମୁଜରେ ଏକ ଦକ୍ଷିଣ କୋରିଆ ଜାହାଜ ଉପରେ ହୋଇଥିବା ବିସ୍ଫୋରଣକୁ ନେଇ ଟ୍ରମ୍ପ ପ୍ରତିକ୍ରିୟା ରଖିଛନ୍ତି ଯେ, ସମ୍ପୃକ୍ତ ଜାହାଜ ଏହି ଅଭିଯାନର ଅଂଶ ନଥିଲା ଏବଂ ଦକ୍ଷିଣ କୋରିଆକୁ ଏହି ସୁରକ୍ଷା ମିସନରେ ସାମିଲ ହେବା ଉଚିତ।

# ହାରିଛନ୍ତି ମମତାଙ୍କ ୨୨ ମନ୍ତ୍ରୀ

**ନୂଆଦିଲ୍ଲୀ:** ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ଲଢ଼ିଥିବା ଟିଏମ୍ସିର ୩୫ ଜଣ ମନ୍ତ୍ରୀଙ୍କ ମଧ୍ୟରୁ ୨୨ ଜଣ ସେମାନଙ୍କ ନିଜ ଆସନ ହରାଇ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ତାଙ୍କ ନିଜ ନିର୍ବାଚନମଣ୍ଡଳୀରେ ହାରି ଯାଇଛନ୍ତି। ମମତାଙ୍କ ମନ୍ତ୍ରିମଣ୍ଡଳର ୬୩ ପ୍ରତିଶତ ନିଜ ଆସନ ବଞ୍ଚାଇ ପାରିନାହାନ୍ତି। ଏହା ଜନତାଙ୍କ ରାଜ୍ୟକୁ ଶାସନ କରୁଥିବା ନେତୃତ୍ୱର ସିଧାସଳଖ ପ୍ରତ୍ୟାଖ୍ୟାନ।ଭୋଟରମାନେ କେବଳ ପ୍ରାର୍ଥୀଙ୍କ ବିରୋଧରେ ଭୋଟ୍ ଦେଇଛନ୍ତି ତାହା ନୁହେଁ ବରଂ ସେମାନେ ଟିଏମ୍ସିର ନେତୃବୃନ୍ଦଙ୍କୁ ପ୍ରତ୍ୟାଖ୍ୟାନ କରିଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ମହିଳା ଓ ଶିଶୁ ବିକାଶ ବିଭାଗ, ଶିଳ୍ପ, ଆବାସ, ଶକ୍ତି, ଶିକ୍ଷା, ପରିବହନ ଓ ପଛୁଆ ଶ୍ରେଣୀ ଭଳି ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଭାଗର ମନ୍ତ୍ରୀମାନେ ନିଜ ଆସନ ହରାଇ ଦେଇଛନ୍ତି। ପଶ୍ଚିମବଙ୍ଗ ଲୋକଙ୍କ ଦ୍ୱାରା ଏହା ଟିଏମ୍ସି ଶାସନ ମଡେଲ୍ର ପ୍ରତ୍ୟାଖ୍ୟାନ। ଆସନ ହରାଇଥିବା ୨୨ ମନ୍ତ୍ରୀଙ୍କ ମଧ୍ୟରେ ଅଛନ୍ତି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ - ଭବାନୀପୁର, ଅରୂପ ବିଶ୍ୱାସ (ଆବାସ, ଶକ୍ତି ମନ୍ତ୍ରୀ) - ଟୋଲିଗଞ୍ଜ, ବ୍ରାତ୍ୟ ବସୁ (ଉଚ୍ଚଶିକ୍ଷା, ଗଣଶିକ୍ଷା) - ଦମ୍ଦମ୍, ଚନ୍ଦ୍ରିମା ଭଟ୍ଟାଚାର୍ଯ୍ୟ (ପରିବେଶ, ଅର୍ଥ, ପ୍ରୋଗ୍ରାମ୍



ମନିଟରିଂ) - ଦମ୍ଦମ୍ ଉତ୍ତର, ଶଶୀ ପାଞ୍ଜା (ଶିଳ୍ପ, ବାଣିଜ୍ୟ, ମହିଳା ଓ ଶିଶୁ ବିକାଶ ଏବଂ ସାମାଜିକ କଲ୍ୟାଣ) - ଶ୍ୟାମପୁକୁର। ସେହିପରି ଅଗ୍ନି ଓ ଇମର୍ଜେନ୍ସି ସେବା ବିଭାଗ ମନ୍ତ୍ରୀ ସୁଜିତ ବସୁ ବିଧାନନଗର ଆସନ ହରାଇଥିବାବେଳେ ପ୍ରଯୁକ୍ତି, ଶିକ୍ଷା, ତାଲିମ ଓ ଦକ୍ଷତାବିକାଶ ମନ୍ତ୍ରୀ ଇନ୍ଦ୍ରନୀଲ ସେନ ଚନ୍ଦନନଗର ଆସନ ହରାଇଛନ୍ତି। କୃଷି ମାର୍କେଟିଂ ମନ୍ତ୍ରୀ ବେଚାରାମ ମାନ୍ନା ସିଙ୍ଗୁର ଆସନ ହରାଇଛନ୍ତି ଏବଂ ପଶୁସମ୍ପଳ ବିକାଶ ବିଭାଗ ମନ୍ତ୍ରୀ ସ୍ୱପନ ଦେବନାଥ ପୂର୍ବସ୍ଥଳି ଦକ୍ଷିଣ ଆସନ ହରାଇଛନ୍ତି।

# ଚୀନ ବାଣ କାରଖାନାରେ ବିସ୍ଫୋରଣ: ୨୧ ଜୀବନ୍ତ ଦଗ୍ଧ

**ବେଜିଂ:** ଚୀନ୍ରୁ ଏକ ଦୁଃଖଦ ଖବର ସାମ୍ନାକୁ ଆସୁଛି। ଚୀନ୍ର ହୁନାନ୍ ପ୍ରଦେଶରେ ଏକ ବାଣ କାରଖାନାରେ ଭୟଙ୍କର ବିସ୍ଫୋରଣ ଘଟି ୨୧ ଜଣ ଜୀବନ୍ତ ଦଗ୍ଧ ହୋଇଛନ୍ତି। ଘଟଣାରେ ୬୧ ଜଣ ଗୁରୁତର ଆହତ ହୋଇଛନ୍ତି। ପ୍ରଶାସନ ପକ୍ଷରୁ ଉଦ୍ଧାର କାର୍ଯ୍ୟ ଜାରି ରହିଛି। ଆହତଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ରିପୋର୍ଟ ଅନୁଯାୟୀ, ଘଟଣାସ୍ଥଳରେ ୫୦୦ରୁ ଅଧିକ ଉଦ୍ଧାରକାରୀ ନିୟୋଜିତ ହୋଇଛନ୍ତି। ବିସ୍ଫୋରଣ ଏତେ ବଡ଼ ଥିଲା ଯେ, ଏହା କାରଖାନାର ୩ କିଲୋମିଟର ପରିଧି ମଧ୍ୟରେ ଥିବା ଅଞ୍ଚଳକୁ ପ୍ରଭାବିତ କରିଥିଲା। ଉଦ୍ଧାରକାରୀମାନେ ଏହି ଅଞ୍ଚଳର ବାସିନ୍ଦାମାନଙ୍କୁ ଅସ୍ଥାୟୀ ଆଶ୍ରୟସ୍ଥଳକୁ ସ୍ଥାନାନ୍ତର କରୁଛନ୍ତି।ଚୀନ୍ ସରକାରୀ ଗଣମାଧ୍ୟମ ଅନୁଯାୟୀ, ଲିୟୁୟାଙ୍ଗରେ ଥିବା ହୁଆଶେଙ୍ଗ ଫାୟାରୱାର୍କସ୍ ମ୍ୟାନୁଫ୍ୟାକଚରିଂ ଆଣ୍ଡ ଡିସପ୍ଲେ କମ୍ପାନିର ମାଲିକାନାରେ ଥିବା ଏକ ୱାର୍କସପରେ ବିସ୍ଫୋରଣ ଘଟିଛି। ଏକ ଏକ ପ୍ରମୁଖ ଫାଇବର୍ ଉତ୍ପାଦନ କେନ୍ଦ୍ର। ସ୍ଥାନୀୟ ଲୋକମାନେ କହିଛନ୍ତି ଯେ ବିସ୍ଫୋରଣ ଏତେ ଶକ୍ତିଶାଳୀ ଥିଲା ଯେ, ଏହା ଯୋଗୁ ସୃଷ୍ଟି ହୋଇଥିବା



କମ୍ପନରେ ନିକଟସ୍ଥ ଗ୍ରାମଗୁଡ଼ିକରେ ଥିବା ଘରର କବାଟ ଏବଂ ଝରକା ଭାଙ୍ଗି ଯାଇଥିଲା। ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗ ଏହି ଘଟଣାରେ ଶୋକ ପ୍ରକାଶ କରିଛନ୍ତି। ସେ ଦୁର୍ଘଟଣାର ତୁରନ୍ତ ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ସେ ନିଖୋଜ ଲୋକଙ୍କୁ ଖୋଜିବା ଏବଂ ଆହତଙ୍କ ଚିକିତ୍ସା ପାଇଁ ପ୍ରୟାସ ତ୍ୱରାନ୍ୱିତ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଜାରି କରିଛନ୍ତି। ଏହା ସହିତ ସେ ଶିଳ୍ପ ସଂସ୍ଥାଗୁଡ଼ିକରେ ଥିବା ସୁରକ୍ଷା ପ୍ରଣାଳୀ ଯାଞ୍ଚ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଛନ୍ତି।

# ହ୍ୱାଇଟହାଉସ ନିକଟରେ ସନ୍ଦିଗ୍ଧଙ୍କୁ ଗୁଳି

**ୱାଶିଂଟନ:** ଆମେରିକା ରାଷ୍ଟ୍ରପତିଙ୍କ ସରକାରୀ ବାସଭବନ ହ୍ୱାଇଟ୍ ହାଉସ୍ ନିକଟରେ ଗୁଳିକାଣ୍ଡ ଘଟିଛି। ଯାହା ଫଳରେ ଅଞ୍ଚଳକୁ କିଛି ସମୟ ପାଇଁ ସିଲ୍ କରାଯାଇଥିଲା। ଆମେରିକା ସିକ୍ରେଟ୍ ସର୍ଭିସ୍ ନିଶ୍ଚିତ କରିଛି, ଇଣ୍ଡିପେଣ୍ଡେନ୍ସ ଆଭେନ୍ୟୁରେ ଜଣେ ସଶସ୍ତ୍ର ସନ୍ଦିଗ୍ଧ ବ୍ୟକ୍ତିଙ୍କୁ ଗୁଳି କରାଯାଇଛି। ଘଟଣାଟି ଘଟିବା ସମୟରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ହ୍ୱାଇଟ୍ ହାଉସରେ ଏକ କାର୍ଯ୍ୟକ୍ରମରେ ଯୋଗ ଦେଉଥିଲେ। କର୍ତ୍ତୃପକ୍ଷ ଗୁଳି ମାଡ଼ ହୋଇଥିବା ବ୍ୟକ୍ତିଙ୍କ ପରିଚୟ କିମ୍ବା ସ୍ୱାସ୍ଥ୍ୟ ଅବସ୍ଥା ସମ୍ପର୍କରେ କୌଣସି ସୂଚନା ପ୍ରଦାନ କରି ନାହାନ୍ତି। ଅଧିକାରୀମାନେ କହିଛନ୍ତି ଯେ, ରାଷ୍ଟ୍ରପତି ସୁରକ୍ଷିତ ଅଛନ୍ତି ଏବଂ ହ୍ୱାଇଟ୍ ହାଉସ୍ ସୁରକ୍ଷାରେ କୌଣସି ଉଲ୍ଲଂଘନ ହୋଇନାହିଁ। ଟ୍ରମ୍ପଙ୍କ ସୁରକ୍ଷା ନେଇ ଚିନ୍ତା ବୃଦ୍ଧି ପାଇଥିବା ସମୟରେ ଏହି ସଦ୍ୟତମ ଗୁଳିକାଣ୍ଡ ଘଟିଛି। ତାଙ୍କୁ ଅନେକ ଥର ହତ୍ୟା ଧମକ ଏବଂ ହତ୍ୟା ଉଦ୍ୟମ କରାଯାଇଛି। ସବୁଠାରୁ ସାମ୍ପ୍ରତିକ ଘଟଣା ଏପ୍ରିଲରେ ଘଟିଥିଲା, ଯେତେବେଳେ ସାମ୍ବାଦିକମାନଙ୍କ ସହିତ ହ୍ୱାଇଟ୍ ହାଉସ୍ ରାତ୍ରୀଭୋଜନ ସମୟରେ ଗୁଳିକାଣ୍ଡ ହୋଇଥିଲା । ଟ୍ରମ୍ପ ମୁଖ୍ୟ ଅତିଥି ଥିଲେ। ସିକ୍ରେଟ୍ ସର୍ଭିସ୍ ତୁରନ୍ତ ଟ୍ରମ୍ପ, ପ୍ରଥମ ମହିଳା ମେଲାନିଆ ଏବଂ ଉପରାଷ୍ଟ୍ରପତି ଜେ.ଡି. ଭାନ୍ସଙ୍କୁ ମଞ୍ଚରୁ ବାହାର କରିଦେଇଥିଲା।

# ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୮କୁ ବୃଦ୍ଧି ପାଇବ

**ନୂଆଦିଲ୍ଲୀ:** ସୁପ୍ରିମକୋର୍ଟରେ ବିଚାରପତିଙ୍କ ସଂଖ୍ୟା ୩୮କୁ ବୃଦ୍ଧି କରିବା ପାଇଁ କେନ୍ଦ୍ର କ୍ୟାବିନେଟ୍ ଆଜି ଏକ ନିଷ୍ପତ୍ତିକୁ ସ୍ୱୀକୃତି ପ୍ରଦାନ କରିଛନ୍ତି। ବର୍ତ୍ତମାନ ସୁପ୍ରିମକୋର୍ଟରେ ପ୍ରଧାନ ବିଚାରପତିଙ୍କ ସମେତ ମୋଟ୍ ୩୪ ଜଣ ବିଚାରପତି ଅଛନ୍ତି। ସରକାର ଆଉ ୪ ଜଣ ବିଚାରପତି ବଢ଼ାଇବାକୁ ଦି ସୁପ୍ରିମକୋର୍ଟ (ନମ୍ବର ଅଫ୍ ଜଜେସ୍) ଆକ୍ଟ ୧୯୫୬ର ସଂଶୋଧନ ପାଇଁ ସଂସଦରେ ଦି ସୁପ୍ରିମକୋର୍ଟ (ନମ୍ବର ଅଫ୍ ଜଜେସ୍) ସଂଶୋଧନ ବିଲ୍, ୨୦୨୬ ଆଗତ କରିବା ପାଇଁ ଏକ ପ୍ରସ୍ତାବକୁ ଆଜି ଅନୁମୋଦନ ପ୍ରଦାନ କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ହୋଇଥିବା ଏକ କ୍ୟାବିନେଟ୍ ବୈଠକରେ ଏହି ପ୍ରସ୍ତାବକୁ ଅନୁମୋଦନ ମିଳିଛି। ସୁପ୍ରିମକୋର୍ଟରେ ଯଦି ବିଚାରପତିଙ୍କ ସଂଖ୍ୟା ଆଉ ୪ ବଢ଼େ ତେବେ ପ୍ରଧାନ ବିଚାରପତିଙ୍କୁ ଛାଡ଼ିଦେଲେ



ସୁପ୍ରିମକୋର୍ଟରେ ମୋଟ୍ ବିଚାରପତିଙ୍କ ସଂଖ୍ୟା ୩୭ରେ ପହଞ୍ଚିବ। ବିଚାରପତିଙ୍କ ସଂଖ୍ୟା ବୃଦ୍ଧି ପାଇଲେ ସୁପ୍ରିମକୋର୍ଟ ଅଧିକ ପାରଦର୍ଶିତାର ସହ କାମ କରିବେ ଏବଂ ତ୍ୱରିତ ନ୍ୟାୟ ମିଳିପାରିବ। ଉଲ୍ଲେଖଯୋଗ୍ୟ, ୧୯୫୦ରେ ସୁପ୍ରିମକୋର୍ଟ ଗଠନ ହେବା ସମୟରେ ପ୍ରଧାନ ବିଚାରପତିଙ୍କ ସମେତ ମୋଟ୍ ୮ ଜଣ ବିଚାରପତି ଥିଲେ। ୧୯୫୬ରେ ଏହି ସଂଖ୍ୟା ୧୧କୁ ବୃଦ୍ଧି ପାଇଥିଲା। ଏହାପରେ ୧୯୬୦ରେ ଏହା ୧୪କୁ ବୃଦ୍ଧି ପାଇଲା ଏବଂ ୧୯୭୭ରେ ୧୮କୁ ବୃଦ୍ଧି ପାଇଲା। ପରେ ୧୯୮୬ରେ ବିଚାରପତିଙ୍କ ସଂଖ୍ୟା ୧୮ରୁ ୨୬କୁ ବୃଦ୍ଧି ପାଇଲା। ୨୦୦୯ରେ ଏହି ସଂଖ୍ୟା ୩୧କୁ ବୃଦ୍ଧି ପାଇଲା ଏବଂ ୨୦୧୯ରେ ୩୧ରୁ ଏହା ୩୪କୁ ବୃଦ୍ଧି ପାଇଥିଲା। ନୂଆ ନିଷ୍ପତ୍ତି କାର୍ଯ୍ୟକାରୀ ହେଲେ ସୁପ୍ରିମକୋର୍ଟରେ ମୋଟ୍ ବିଚାରପତିଙ୍କ ସଂଖ୍ୟା ୩୮ରେ ପହଞ୍ଚିବ।

# ଆଖୁର କ୍ୱିଣ୍ଟାଲ ପିଛା ଉଚିତ୍ ମୂଲ୍ୟ ହେଲା ୩୬୫ ଟଙ୍କା

**ନୂଆଦିଲ୍ଲୀ:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅର୍ଥନୈତିକ ବ୍ୟାପାର ସଂକ୍ରାନ୍ତ କ୍ୟାବିନେଟ୍ କମିଟି ବୈଠକରେ ଆଖୁର କ୍ୱିଣ୍ଟାଲ ପିଛା ୩୬୫ ଟଙ୍କା ଉଚିତ ଓ ଲାଭଦାୟକ ମୂଲ୍ୟକୁ ଅନୁମୋଦନ ପ୍ରଦାନ କରାଯାଇଛି। ୨୦୨୫-୨୬ର ମୂଲ୍ୟ ତୁଳନାରେ ଏହା ୨.୮୧ ପ୍ରତିଶତ ଅଧିକ। ଏହା ଦ୍ୱାରା ୫ କୋଟି ଆଖୁ ଚାଷୀ ଏବଂ ଚିନି କଳ ଓ ଆନୁଷଙ୍ଗିକ କାର୍ଯ୍ୟକଳାପରେ ନିୟୋଜିତ ଥିବା ୫ ଲକ୍ଷ ଶ୍ରମିକ ଲାଭବାନ ହେବେ। ଏଥର ୧୦.୨୫ ପ୍ରତିଶତର ମୂଳ ପୁନରୁଦ୍ଧାର ହାର ଧାର୍ଯ୍ୟ କରାଯାଇଛି। ଏହାଠାରୁ ପ୍ରତି ୦.୧% ଅଧିକ ପୁନରୁଦ୍ଧାର ପାଇଁ କ୍ୱିଣ୍ଟାଲ ପିଛା ୩ ଟଙ୍କା ୫୬ ପଇସାର ପ୍ରିମିୟମ ପ୍ରଦାନ କରାଯିବ।ଆଖୁ ଚାଷୀଙ୍କ ସ୍ୱାର୍ଥ ରକ୍ଷାକୁ ଦୃଷ୍ଟିରେ ରଖି ସରକାର କହିଛନ୍ତି ଯେ ଯେଉଁ ଚିନି ମିଲ୍ରେ ପୁନରୁଦ୍ଧାର ହାର ୯.୫ ପ୍ରତିଶତରୁ କମ୍ ରହିଛି ସେଠାରେ କୌଣସି ପ୍ରକାର ରିହାତି ଦିଆଯିବ ନାହିଁ। ଏହି ଚାଷୀମାନେ ଆଗାମୀ ଚିନି ଋତୁ ୨୦୨୬-୨୭ରେ ଆଖୁ ପାଇଁ କ୍ୱିଣ୍ଟାଲ ପିଛା ୩୩୮.୩ ଟଙ୍କା ପାଇପାରିବେ। ସରକାର ଜଣାଇଛନ୍ତି ଯେ ୨୦୨୬-୨୭ ଚିନି ଋତୁରେ ଆଖୁର ଉତ୍ପାଦନ ଖର୍ଚ୍ଚ କ୍ୱିଣ୍ଟାଲ ପିଛା ୧୮୨ ଟଙ୍କା ହିସାବ କରାଯାଇଛି। ସେହି ତୁଳନାରେ ସରକାର ଧାର୍ଯ୍ୟ କରିଥିବା ଉଚିତ ଓ ଲାଭଦାୟକ ଦର କ୍ୱିଣ୍ଟାଲ ପିଛା ୩୬୫ ଟଙ୍କା ପ୍ରାୟ ୧୦୦ ପ୍ରତିଶତ ଅଧିକ।୨୦୧୫-୧୬ରେ ଆଖୁର ଉଚିତ୍ ଓ ଲାଭଦାୟକ ମୂଲ୍ୟ କ୍ୱିଣ୍ଟାଲ ପିଛା ୨୩୦ ଟଙ୍କା ଥିଲା। ୨୦୨୨-୨୩ରେ ତାହା ୩୦୫ ଟଙ୍କାକୁ ବୃଦ୍ଧି ପାଇଥିଲା। ୨୦୨୩-୨୪ରେ ତାହା ୩୧୫ ଟଙ୍କା ଓ ୨୦୨୪-୨୫ରେ ୩୫୫ ଟଙ୍କା ହୋଇଥିଲା। କୃଷି ଖର୍ଚ୍ଚ ଓ ମୂଲ୍ୟ ଆୟୋଗ (ସିଏସିପି) ସୁପାରିସ ଆଧାରରେ ଏବଂ ରାଜ୍ୟ ସରକାର ଓ ଅନ୍ୟାନ୍ୟ ଅଂଶୀଦାରମାନଙ୍କ ସହ ପରାମର୍ଶ ପରେ ଉଚିତ୍ ଓ ଲାଭଦାୟକ ମୂଲ୍ୟ ନିର୍ଣ୍ଣୟ କରାଯାଉଛି। ୨୦୨୪-୨୫ର ୧,୦୨,୬୮୭ କୋଟି ଟଙ୍କାର ଆଖୁ ବକେୟା ମଧ୍ୟରୁ ଚଳିତ ବର୍ଷ ଏପ୍ରିଲ୍ ୨୦ ସୁଦ୍ଧା ୧,୦୨,୨୦୯ କୋଟି ଟଙ୍କାର ବକେୟା ପ୍ରଦାନ କରାଯାଇଛି।

# ଦୀର୍ଘ ବର୍ଷ ବନ୍ଦ ଥିବା ଦୁର୍ଗା ମନ୍ଦିର ଖୋଲିଲା

**କୋଲକାତା:** ପଶ୍ଚିମବଙ୍ଗର ଆସନସୋଲରେ ଦୀର୍ଘ ବର୍ଷ ହେଲା ବନ୍ଦ ହୋଇ ରହିଥିବା ଗୋଟିଏ ଦୁର୍ଗା ମନ୍ଦିର ପୁଣିଥରେ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଛି। ସ୍ଥାନୀୟ ଉତ୍ତେଜନା ଯୋଗୁ ଏହି ମନ୍ଦିରକୁ ଦୀର୍ଘ ବର୍ଷ ହେଲା ବନ୍ଦ କରି ରଖାଯାଇଥିଲା। କିନ୍ତୁ ସୋମବାର ବେଙ୍ଗଲ ବିଧାନସଭା ନିର୍ବାଚନରେ ବିଜେପିର ଐତିହାସିବ ବିଜୟ ପରେ ରାତାରାତି ଏହି ମନ୍ଦିରର ଗେଟ୍ ଖୋଲି ଯାଇଛି।

ଶ୍ରୀ ଶ୍ରୀ ଦୁର୍ଗାମାତା ଚାରିଟେବୁଲ ଟ୍ରଷ୍ଟ ଦ୍ୱାରା ପରିଚାଳିତ ହେଉଥିବା ମନ୍ଦିରଟି କେବଳ ଦୁର୍ଗା ପୂଜା ଓ ଲକ୍ଷ୍ମୀ ପୂଜା ଭଳି ପର୍ବପର୍ବାଣୀରେ ଖୋଲୁ ଥିଲା। ବର୍ଷର ବାକି ଦିନଗୁଡ଼ିକରେ ମନ୍ଦିରକୁ ଶ୍ରଦ୍ଧାଳୁଙ୍କ ପାଇଁ ବନ୍ଦ ରଖାଯାଉଥିଲା। ହେଲେ ସୋମବାର ରାତିରେ ଏହାର ଦ୍ୱାରକୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲି ଦିଆଯାଇଛି।

ପଶ୍ଚିମ ବର୍ଦ୍ଧମାନର ଜିଲ୍ଲାର ସମସ୍ତ ୯ଟି ଯାକ ବିଧାନସଭା ଆସନରେ ବିଜେପି ଜିତିବା ପରେ ଏପରି ପଦକ୍ଷେପ ନିଆଯାଇଛି। ଏହି ୯ଟି ଆସନ ମଧ୍ୟରେ ଆସନସୋଲ ମଧ୍ୟ ରହିଛି। ବିଜେପିର କର୍ମୀମାନେ ଜୟ ଶ୍ରୀରାମ ନାରା ଦେଇ ବାଷ୍ଟିନ ବଜାର ସ୍ଥିତ ଦୁର୍ଗା ମନ୍ଦିରର



ଦ୍ୱାର ଫିଟା ସମୟରେ ସେଠାରେ ଉପସ୍ଥିତ ରହିଥିଲେ। ସେମାନେ ସେଠାରେ ପୂଜାର୍ଚ୍ଚନା କରିବା ସହ ଏହାକୁ ଉତ୍ସବ ଭାବେ ପାଳନ କରିଛନ୍ତି। ଆସନସୋଲ ଉତ୍ତରରୁ ନବ ନିର୍ବାଚିତ ବିଜେପି ବିଧାୟକ କୃଷ୍ଣେନ୍ଦୁ ମୁଖାର୍ଜୀ ପ୍ରଚାର ସମୟରେ ଘୋଷଣା କରିଥିଲେ ଯେ ସେ ବିଜୟ ହାସଲ କଲେ ମନ୍ଦିରକୁ ଆସିବେ ଓ ଏହାକୁ ଖୋଲିବା ପାଇଁ ପଦକ୍ଷେପ ନେବେ। ଏବେ ସେ ଘୋଷଣା ମୁତାବକ ଦୁର୍ଗା ମନ୍ଦିରର ଦ୍ୱାରକୁ ଶ୍ରଦ୍ଧାଳୁଙ୍କ ପାଇଁ ଖୋଲିଛନ୍ତି। ଅନ୍ୟପକ୍ଷରେ ପଶ୍ଚିମବଙ୍ଗରେ ଐତିହାସିକ ବିଜୟ ପରେ ଶପଥ ସମାରୋହ ପାଇଁ ପ୍ରସ୍ତୁତି ଆରମ୍ଭ କରିଦେଇଛି ବିଜେପି। ବେଙ୍ଗଲରେ ଭୋଟିଂ ହୋଇଥିବା ୨୯୩ ଆସନରୁ ବିଜେପି ରେକର୍ଡ ୨୦୬ଟିରେ ଜିତିଛି।

# ଇରାନର ଆକ୍ରମଣକୁ ଭାରତର ନିନ୍ଦା

ନୂଆଦିଲ୍ଲୀ: ୟୁଏଇ ଉପରେ ଇରାନ କରିଥିବା ଆକ୍ରମଣକୁ ଭାରତ ନିନ୍ଦା କରିଛି। ଇରାନ ୟୁଏଇର ଫୁଜୈରାହ ପେଟ୍ରୋଲିୟମ ଇଣ୍ଡଷ୍ଟ୍ରି ଜୋନ ଆକ୍ରମଣ କରିବାରୁ ୩ ଭାରତୀୟ ନାଗରିକ ଆହତ ହୋଇଛନ୍ତି। ଏହି ଆକ୍ରମଣ ଆଦୌ ଗ୍ରହଣୀୟ ନୁହେଁ ବୋଲି ଭାରତ ପକ୍ଷରୁ କୁହାଯିବା ସହ ଜନବଶତି ଆକ୍ରମଣ ଉପରେ ତୁରନ୍ତ ଆକ୍ରମଣ ବନ୍ଦ କରିବାକୁ ଦାବି କରାଯାଇଛି।

ବୈଦେଶିକ ମନ୍ତ୍ରଣାଳୟ ମୁଖପାତ୍ର ରଣଧୀର ଜୈସ୍ୱାଲ କହିଛନ୍ତି ଯେ, ଫୁଜୈରାହ କହିଛନ୍ତି। ଏହି ଆକ୍ରମଣରେ ୩ ଭାରତୀୟ ଆହତ ହୋଇଛନ୍ତି। ତୁରନ୍ତ ଜନବଶତି ଉପରେ ଆକ୍ରମଣ ବନ୍ଦ କରାଯାଉ। ଭାରତ ପକ୍ଷରୁ ସବୁ ବେଳେ କଥାବାର୍ତ୍ତା ଓ କୂଟନୈତିକ ଚୁକ୍ତି ଦ୍ୱାରା ମଧ୍ୟପ୍ରାଚ୍ୟରେ ଶାନ୍ତି ଓ ସ୍ଥିରତା ପ୍ରତିଷ୍ଠା ଉପରେ ଗୁରୁତ୍ୱ ଦିଆଯାଉଛି। ଆମେ ମଧ୍ୟ ହର୍ମୁଜ ପ୍ରଣାଳୀକୁ ମୁକ୍ତ ରଖିବା ପାଇଁ ଦାବି କରୁଛୁ। ଅନ୍ତର୍ଜାତୀୟ ଆଇନ ଅନୁସାରେ ଏହାକୁ ମୁକ୍ତ ରଖାଯାଉ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହି ଆକ୍ରମଣକୁ ନିନ୍ଦା କରିଛନ୍ତି। ସୋସିଆଲ ମିଡ଼ିଆରେ ସେ ଉଲ୍ଲଂଖ କରିଛନ୍ତି ଯେ ଭାରତ ସବୁ ବେଳେ ବନ୍ଧୁ ଭାବେ ରହିଆସିଛି। କୌଣସି ଉତ୍ତେଜନାକୁ କୂଟନୈତିକ କଥାବାର୍ତ୍ତା ମାଧ୍ୟମରେ ସମାଧାନ କରାଯାଉ ଏଭଳି ଆକ୍ରମଣ ଗ୍ରହଣୀୟ ନୁହେଁ ବୋଲି ସେ କହିଛନ୍ତି। ୟୁଏଇ ପକ୍ଷରୁ କୁହାଯାଇଛି ଯେ, ଇରାନ ୧୫ ମିଶାଇଲ ଓ ୪ ଡ୍ରୋନ ସାମିଲ ହୋଇଥିଲେ। ଫୁଜୈରାହରେ ଗୋଟିଏ ଡ୍ରୋନ ପଡି ଯିବାରୁ ନିଆଁ ଲାଗିଯାଇଥିଲା। ସେଠାରେ କାର୍ଯ୍ୟ କରୁଥିବା ୩ ଭାରତୀୟ ଆହତ ହୋଇଥିଲେ। ଏଭଳି ଆକ୍ରମଣର କୌଣସି ଯୋଜନା ନଥିଲା।

# ମମତା ଇସ୍ତଫା ନ ଦେଲେ ବିକଳ୍ପ ବ୍ୟବସ୍ଥା କ'ଣ?

**ନୂଆଦିଲ୍ଲୀ:** ପଶ୍ଚିମବଙ୍ଗ ନିର୍ବାଚନରେ ପରାଜିତ ହେବା ପରେ ମଧ୍ୟ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଇସ୍ତଫା ଦେବାକୁ ମନା କରିବା ପରେ ଆଗକୁ କି ବ୍ୟବସ୍ଥା ହେବ ତାହାକୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। ସମ୍ବିଧାନ ଆଇନ ବିଶେଷଜ୍ଞ ତଥା ଲୋକସଭାର ପୂର୍ବତନ ମହାସଚିବ ପିଡିଟି ଆଚାରୀ କରିଛନ୍ତି, ମମତା ଯଦି ଇସ୍ତଫା ନ ଦିଅନ୍ତି ତା'ହେଲେ ସେ କେବଳ ଚଳିତ ବିଧାନସଭାର କାର୍ଯ୍ୟକାଳ ଶେଷ ହେବା ପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ପଦରେ ରହିପାରିବେ। ବିଧାନସଭାର କାର୍ଯ୍ୟକାଳ ଶେଷ ହେବା ଦିନ ତାଙ୍କର ମୁଖ୍ୟମନ୍ତ୍ରୀ ଅବଧି ଶେଷ ହୋଇଯିବ ବୋଲି ଆଚାରୀ କହିଛନ୍ତି। ବରିଷ୍ଠ ଆଇନଜୀବୀ ଶେଖର ନାଫାଡ଼େ କହିଛନ୍ତି ଯେ ମମତାଙ୍କ ଜିଦ୍ କିଛି ଫରକ ପକାଇବ ନାହିଁ। ୫ ବର୍ଷର କାର୍ଯ୍ୟକାଳ ଶେଷ ହେବା ପରେ ରାଜ୍ୟପାଳ ବିଧାନସଭା ଭଙ୍ଗ କରିଦେଇ ପାରିବେ। ମମତା ଯଦି ନିୟମ ନ ମାନନ୍ତି ତା'ହେଲେ ରାଜ୍ୟପାଳଙ୍କ ନିକଟରେ ସରକାରକୁ ବରଖାସ୍ତ କରିବା ବ୍ୟତୀତ ଅନ୍ୟ କୌଣସି ସୁଯୋଗ ରହିବ ନାହିଁ। ବରିଷ୍ଠ ଆଇନଜୀବୀ ରେବେକା ଏମ୍ ଜନ୍ କୁହନ୍ତି, ଇସ୍ତଫା ଦେବାରେ ବିଳମ୍ବ କରିବାରେ କୌଣସି ଆଇନଗତ ଭିତ୍ତି ନାହିଁ। ରାଜନୈତିକ ଦୃଷ୍ଟିକୋଣରୁ ସେ କିଛି ପ୍ରସଙ୍ଗ ଉଠାଇ ପାରନ୍ତି। କିନ୍ତୁ ଆଇନଗତ ଦୃଷ୍ଟିରୁ ଇସ୍ତଫା ଦେବା ଏକ ପରମ୍ପରା। ଅବଧି ଶେଷ ହୋଇଯିବା ପରେ ବିଧାନସଭା ଭଙ୍ଗ ହୋଇଯିବ। ଲୋକପ୍ରତିନିଧି ଆଇନ ଅନୁଯାୟୀ, ନିର୍ବାଚନ ଫଳାଫଳକୁ ହାଇକୋର୍ଟରେ ଚ୍ୟାଲେଞ୍ଜ କରାଯାଇ ପାରିବ। କିନ୍ତୁ ବିଧାନସଭାର ଅବଧି ଶେଷ ସହିତ ତା'ର କୌଣସି ସଂପର୍କ ନାହିଁ। ନାଫାଡ଼େ କହିଛନ୍ତି, ନିର୍ବାଚନ କମିସନ ଆବଶ୍ୟକ ବିଜ୍ଞପ୍ତି ଜାରି କରିବା ପରେ ଯଦି ଉପଯୁକ୍ତ କୋର୍ଟ ତାହାକୁ ରଦ୍ଦ ନ କରନ୍ତି ତା'ହେଲେ ନିର୍ବାଚନ କମିସନଙ୍କ ଦ୍ୱାରା ଘୋଷିତ ଫଳାଫଳକୁ ସମସ୍ତେ ମାନିବାକୁ ବାଧ୍ୟ। ତେଣୁ ଏଭଳି ସ୍ଥିତିରେ ମୁଖ୍ୟମନ୍ତ୍ରୀ ତାଙ୍କ ପଦରୁ ଇସ୍ତଫା ଦେବା ହେଉଛି ତାଙ୍କର କର୍ତ୍ତବ୍ୟ। ସମ୍ବିଧାନର ଧାରା ୧୭୨ରେ ବିଧାନସଭାର ଅବଧି ନିର୍ଦ୍ଧାରଣ କରାଯାଇଛି। ସେଥିରେ କୁହାଯାଇଛି ଯେ, ପ୍ରତ୍ୟେକ ରାଜ୍ୟର ବିଧାନସଭା ଯଦି ପୂର୍ବରୁ ଭଙ୍ଗ ହୋଇ ନ ଥାଏ ତା'ହେଲେ ପ୍ରଥମ ବୈଠକ ହେବା ଦିନଠାରୁ ତାହା ୫ ବର୍ଷ ପର୍ଯ୍ୟନ୍ତ କାର୍ଯ୍ୟ କରିବ। ଶେଷ ତାରିଖକୁ ବିଧାନସଭା ଭଙ୍ଗ ଭାବେ ବିବେଚନା କରାଯିବ।

# ପାଇପ୍ ମିସ୍ତ୍ରୀଙ୍କ ଧର୍ମପତ୍ନୀ ଘରୋଇ ସହାୟିକାରୁ ବିଧାୟିକା

**କୋଲକାତା:** ବିଜେପି ପ୍ରାର୍ଥୀ କଳିତା ମାଝି ପଶ୍ଚିମବଙ୍ଗର ଔସଗ୍ରାମ ଆସନରୁ ବିଜୟୀ ହୋଇଛନ୍ତି। ଏହା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଜୟ କାରଣ ମାଝି ଏକଦା ଘରୋଇ ସହାୟିକା ଭାବେ କାମ କରୁଥିଲେ ଏବଂ ସେ ମାସକୁ ମାତ୍ର ୨୫୦୦ ଟଙ୍କା ରୋଜଗାର କରି ପରିବାର ଚଳାଉଥିଲେ। ଏବେ ସେ ବିଧାୟକ ଭାବେ ନିର୍ବାଚିତ ହୋଇଛନ୍ତି। ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ସେ ୧୨,୫୩୫ ଭୋଟ୍ ବ୍ୟବଧାନରେ ହରାଇଛନ୍ତି। ଆର୍ଥିକ ଜଟିଳତା ପାଇଁ ମାଝି ଅଧାରୁ ପାଠ ଛାଡ଼ିଥିଲେ। ପରିବାରକୁ ସମର୍ଥନ କରିବା ପାଇଁ ସେ ଘରୋଇ ସହାୟିକା ଭାବେ ଅନେକ ଘରେ କାମ କରିଥିଲେ। ତାଙ୍କ ସ୍ୱାମୀ ଜଣେ ପାଣି ପାଇପ୍ ମିସ୍ତ୍ରୀ। ଦୁହେଁ ଏକାଠି ଅନେକ ବର୍ଷର ଆର୍ଥିକ ସଂଘର୍ଷ ମଧ୍ୟରେ ନିଜ ପୁଅ ପାର୍ଥକୁ ବଢ଼ାଇଛନ୍ତି ଯିଏ ଏବେ ଅଷ୍ଟମ ଶ୍ରେଣୀରେ ପାଠ ପଢୁଛନ୍ତି। ମାଝି ଗତ ଦଶନ୍ଧିରୁ ରାଜନୀତିରେ ସକ୍ରିୟ ରହିଛନ୍ତି ଏବଂ ଜଣେ ବୁଥ୍ ସ୍ତରୀୟ କର୍ମୀଭାବେ ନିଜ ରାଜନୈତିକ ଯାତ୍ରା ଆରମ୍ଭ କରିଛନ୍ତି। ବିଜେପି ତାଙ୍କୁ ୨୦୨୧ ବିଧାନସଭା



ନିର୍ବାଚନରେ ମଧ୍ୟ ପ୍ରାର୍ଥୀ କରିଥିଲା ଏବଂ ସେ ପ୍ରାୟ ୪୧ ପ୍ରତିଶତ ଭୋଟ୍ ପାଇଥିଲେ। ୨୦୨୧ ନିର୍ବାଚନ ହାରିଥିଲେ ସୁଦ୍ଧା ବିଜେପି ନେତୃବୃନ୍ଦ ୨୦୨୬ରେ ପୁଣିଥରେ ତାଙ୍କ ଉପରେ ବିଶ୍ୱାସ ରଖି ତାଙ୍କୁ ଟିକେଟ୍ ଦେଇଛନ୍ତି। ମାଝିଙ୍କ ସତ୍ୟପାଠ ଅନୁଯାୟୀ ତାଙ୍କ ବିରୋଧରେ ଦୁଇଟି ଆପରାଧିକ ମାମଲା ରହିଛି କିନ୍ତୁ କୌଣସି ମାମଲା ଗୁରୁତର ନୁହେଁ। ମଙ୍ଗଲକୋଟର କଲେମନଗର ଅଞ୍ଚଳ ବାସିନ୍ଦା ମାଝି ଏକ ବଡ଼ ପରିବାରରୁ ଆସିଛନ୍ତି। ତାଙ୍କର ୭ ଭଉଣୀ ଓ ଗୋଟିଏ ଭାଇ। ତାଙ୍କ ସ୍ୱର୍ଗତ ବାପା ଜଣେ ଦିନମଜୁରିଆ ଥିଲେ।

# କୋଲକାତା ଡିସିପିଙ୍କ ବିରୋଧରେ ଲୁକ୍ଆଉଟ୍ ନୋଟିସ୍

**କୋଲକାତା:** ପଶ୍ଚିମବଙ୍ଗରେ କ୍ଷମତା ପରିବର୍ତ୍ତନ ସହିତ ଦୁର୍ନୀତିଗ୍ରସ୍ତଙ୍କ ଉପରେ ଆଇନ ବ୍ୟବସ୍ଥା କଡ଼ାକଡ଼ି ହେବା ଆରମ୍ଭ ହୋଇଛି। କୋଲକାତା ଡେପୁଟି ପୁଲିସ କମିସନର (ଡିସିପି) ଶାନ୍ତନୁ ସିହ୍ନା ବିଶ୍ୱାସଙ୍କ ବିରୋଧରେ ଲୁକଆଉଟ୍ ନୋଟିସ୍ ଜାରି କରାଯାଇଛି। ଡିସିପି ଶାନ୍ତନୁଙ୍କ ବିରୋଧରେ ଇଡି ଏହି ଲୁକଆଉଟ୍ ନୋଟିସ୍ ଜାରି କରିଛି। ସୋନା ପପ୍ପୁ ମାମଲା ସହିତ ଜଡିତ ମନି ଲଣ୍ଡରିଂ ମାମଲାରେ ଇଡି ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି। ଇଡି ସନ୍ଦେହ କରୁଛି ଯେ, ଡିସିପି ଶାନ୍ତନୁ ଦେଶ ଛାଡି ପଳାଇବାକୁ ପ୍ରସ୍ତୁତ ହେଉଛନ୍ତି। ତେଣୁ, ଇଡି ଡିସିପି ଶାନ୍ତନୁଙ୍କ ବିରୋଧରେ ଲୁକଆଉଟ୍ ନୋଟିସ୍ ଜାରି କରିଛି। ପୂର୍ବରୁ, ପଶ୍ଚିମବଙ୍ଗ ରାଜ୍ୟରେ ଦ୍ୱିତୀୟ ଏବଂ ଶେଷ ପର୍ଯ୍ୟାୟ ଭୋଟ୍ ହେବାର ଠିକ୍



ଗୋଟିଏ ଦିନ ପୂର୍ବରୁ, ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ସୋନା ପପ୍ପୁ ସହ ଜଡିତ ଏକ ସିଣ୍ଡିକେଟ୍ ମାମଲାରେ ପଚରାଉଚରା ପାଇଁ ଶାନ୍ତନୁଙ୍କୁ ପୁନର୍ବାର ସମନ କରିଥିଲା। ଇଡି ଅଧିକାରୀଙ୍କ ଅନୁଯାୟୀ, ସୋନା ପପ୍ପୁ ଓରଫ ବିଶ୍ୱଜିତ ପୋଦ୍ଦାର ଦ୍ୱାରା ପରିଚାଳିତ ଏକ ଅପରାଧିକ ସିଣ୍ଡିକେଟ୍ ବିରୋଧରେ ମନି ଲଣ୍ଡରିଂ ତଦନ୍ତର ଅଂଶ ଭାବରେ ତାଙ୍କୁ ସମନ କରାଯାଇଥିଲା।

ଦକ୍ଷିଣ କୋଲକାତାର ବାଲିଗଞ୍ଜର ବାସିନ୍ଦା ସୋନା ପପ୍ପୁଙ୍କ ବିରୋଧରେ ଜମି ହଡ଼ପ ଏବଂ ବଟି ଆଦାୟ ସମେତ ଅନେକ ଅଭିଯୋଗ ରହିଛି। ତାଙ୍କ ବିରୋଧରେ ଅସ୍ତ୍ରଶସ୍ତ୍ର ଆଇନ ଅନୁଯାୟୀ ଏକ ମାମଲା ମଧ୍ୟ ରୁଜୁ ହୋଇଛି। ଏହି ଅଭିଯୋଗ ପରେ, ଇଡି ତଦନ୍ତ ଆରମ୍ଭ କରିଛି। ତଦନ୍ତକାରୀ ସଂସ୍ଥାର ଅଧିକାରୀମାନେ ସେହି ମାମଲାରେ ବ୍ୟବସାୟୀ ଜୟ କାମଦାରଙ୍କୁ ଗିରଫ କରିସାରିଛନ୍ତି। ସେହି ମାମଲାରୁ ସଂଗୃହୀତ ସୂଚନା ଆଧାରରେ, ଇଡି ଚଳିତ ମାସରେ ଶାନ୍ତନୁଙ୍କ ଫର୍ଣ୍ଣ ରୋଡ୍ ସ୍ଥିତ ଘରେ ଚଢାଉ କରିଥିଲା। ତଦନ୍ତ ଆରମ୍ଭ ହେବା ପରଠାରୁ ତାଙ୍କୁ ସାଧାରଣରେ ଆଉ ଦେଖାଯାଇ ନାହିଁ। ଇଡି ସୋନା ପପ୍ପୁ ମାମଲା ସହିତ ଜଡିତ ଶାନ୍ତନୁ ଏବଂ ତାଙ୍କ ଦୁଇ ପୁଅ ସାୟନ୍ତନ ଏବଂ ମନୀଷଙ୍କୁ ସିଜିଓ କମ୍ପ୍ଲେକ୍ସକୁ ଡକାଇଥିଲା। ତେବେ ସେହି ଦିନ ସେମାନଙ୍କ ମଧ୍ୟରୁ କେହି ଇଡି କାର୍ଯ୍ୟାଳୟକୁ ଯାଇ ନଥିଲେ।

କିଛି ଦିନ ପୂର୍ବେ, ଏକ ବାଲି ଚୋରା ଚାଲାଣ ମାମଲାର ତଦନ୍ତ ପାଇଁ ଇଡି ଭବାନୀପୁରର କାଲିଘାଟ ଥାନାର ପୂର୍ବତନ ଇନଚାର୍ଜ ଶାନ୍ତନୁଙ୍କୁ ସମନ କରିଥିଲା। କିନ୍ତୁ, ସେ ଇଡି ଅଧିକାରୀଙ୍କ ସମ୍ମୁଖରେ ହାଜର ହୋଇନଥିଲେ। ବରଂ ତାଙ୍କ ଓକିଲ ଇଡି କାର୍ଯ୍ୟାଳୟକୁ ଯାଇଥିଲେ। ଇଡି ଏକ ବାଲି ଚୋରା ଚାଲାଣ ମାମଲାରେ ଆର୍ଥିକ ଠକେଇ ଅଭିଯୋଗର ତଦନ୍ତ କରୁଛି। ସୂଚନା ମିଳିଛି ଯେ, କେନ୍ଦ୍ରୀୟ ତଦନ୍ତକାରୀ ସଂସ୍ଥାର ଅଧିକାରୀମାନେ ଏହି ମାମଲାରେ ଶାନ୍ତନୁଙ୍କୁ ପଚରାଉଚରା କରିବାକୁ ଚାହୁଁଛନ୍ତି।

## ଆଜିର ମ୍ୟାଚ

- ସନରାଇଜର୍ସ -ପଞ୍ଜାବ
- ସ୍ଥାନ- ହାଇଦ୍ରାବାଦ
- ସମୟ- ରାତି ୭.୩୦
- ପ୍ରସାରଣ - ଷ୍ଟାର ନେଟୱାର୍କ

## ପଏଣ୍ଟ ଟେବୁଲ

| ଦଳ | ମ୍ୟାଚ | ବିଜୟ | ପରାଜୟ | ପଏଣ୍ଟ |
|---|---|---|---|---|
| ପଞ୍ଜାବ | ୯ | ୬ | ୨ | ୧୩ |
| ବେଙ୍ଗାଲୁରୁ | ୯ | ୬ | ୩ | ୧୨ |
| ସନରାଇଜର୍ସ | ୧୦ | ୬ | ୪ | ୧୨ |
| ରାଜସ୍ଥାନ | ୧୦ | ୬ | ୪ | ୧୨ |
| ଗୁଜରାଟ | ୧୦ | ୬ | ୪ | ୧୨ |
| ଚେନ୍ନାଇ | ୧୦ | ୫ | ୫ | ୧୦ |
| ଦିଲ୍ଲୀ | ୧୦ | ୪ | ୬ | ୮ |
| କୋଲକାତା | ୯ | ୩ | ୫ | ୭ |
| ମୁମ୍ବାଇ | ୧୦ | ୩ | ୭ | ୬ |
| ଲକ୍ଷ୍ନୌ | ୯ | ୨ | ୭ | ୪ |

# ସଞ୍ଜୁଙ୍କ ପରାକ୍ରମରେ ଜିତିଲା ଚେନ୍ନାଇ

ନୂଆଦିଲ୍ଲୀ,୫।୫(ଏଜେନ୍ସି): ଆଇପିଏଲର ୧୯ତମ ସଂସ୍କରଣ ଏବେ ରୋଚକ ମୋଡ ନେଉଛି । ପ୍ରତିଦିନ ପଏଣ୍ଟ ଟେବୁଲରେ ଶୀର୍ଷ ସ୍ଥାନ ପାଇଁ ଅଦଳବଦଳ ହେଉଛି । ଟେବୁଲର ସବୁଠୁ ନିମ୍ନରେ ଥିବା ଚେନ୍ନାଇ ବିଜୟଧାରାକୁ ଫେରିବା ସହ ପ୍ଲେ ଅଫ୍ ଆଶା ଜୀବୀତ ରଖିଛି । ମଙ୍ଗଳବାର ଆଇପିଏଲର ୪୮ତମ ମ୍ୟାଚରେ ଚେନ୍ନାଇ ସୁପରକିଙ୍ଗ୍ସ ସଞ୍ଜୁ ସାମସନଙ୍କ ୮୭ ରନର ଅପରାଜିତ ଇନିଂସ ଯୋଗୁଁ ୮ ୱିକେଟରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଧରାଶାୟୀ କରିଛି । ସଞ୍ଜୁଙ୍କ ପରାକ୍ରମ ଯୋଗୁଁ ଚେନ୍ନାଇ ପଞ୍ଚମ ବିଜୟଲାଭ କରିଛି । ୧୦ ମ୍ୟାଚରୁ ୧୦ ପଏଣ୍ଟ ସହ ଦଳ ଷଷ୍ଠ ସ୍ଥାନକୁ ଉଠିଛି । ଲିଗ ପର୍ଯ୍ୟାୟରେ ଆଉ ୪ଟି ମ୍ୟାଚ ରହିଛି । ଯଦି ଚେନ୍ନାଇ ଜିତିବାକୁ ସକ୍ଷମ ହୁଏ ତେବେ ପ୍ଲେ ଅଫରେ ସ୍ଥାନ ପକ୍କା କରିପାରିବ । ପରାଜିତ ଦିଲ୍ଲୀ ପାଇଁ ଅଡୁଆ ବଢ଼ିଛି । ଦିଲ୍ଲୀ କ୍ୟାପିଟାଲ୍ସ ୧୦ ମ୍ୟାଚରୁ ୮ ପଏଣ୍ଟ ସହ ସପ୍ତମ ସ୍ଥାନକୁ ଖସିଛି । ମଙ୍ଗଳବାର ଦିଲ୍ଲୀର ଅରୁଣ ଜେଟଲି ଷ୍ଟାଡିୟମରେ ଅନୁଷ୍ଠିତ ମ୍ୟାଚରେ ଦିଲ୍ଲୀ କ୍ୟାପିଟାଲ୍ସ ୨୦ ଓଭରରେ ୭ ୱିକେଟ୍ ହରାଇ ୧୫୫ ରନ କରିବାକୁ ସକ୍ଷମ ହୋଇଥିଲା । ଜବାବରେ ଚେନ୍ନାଇ ସଞ୍ଜୁଙ୍କ ୮୭ ରନ ବଳରେ ୧୭.୩ ଓଭରରେ ୧୫୯/୨ ରନ୍ କରି ଲକ୍ଷ୍ୟ ହାସଲ କରିନେଇଥିଲା । ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ କ୍ୟାପିଟାଲ୍ସ ପକ୍ଷରୁ ପାଥୁମ ନିଶାଙ୍କ ୧୯, କେଏଲ ରାହୁଲ ୧୨, ନୀତିଶ ରାଣା ୧୫, କରୁଣ ନାୟର ୧୩, ଅକ୍ଷର ପଟେଲ ୨, ତ୍ରିଷ୍ଟାନ ଷ୍ଟୁବସ ୩୮, ସମୀର ରିଜଭି ଅପରାଜିତ ୪୦ ଓ ଆଶୁତୋଷ ଶର୍ମା ୧୪ ରନ କରିଥିଲେ । ତେଣୁ ଦିଲ୍ଲୀ ୨୦ ଓଭରରେ ୧୫୫/୭ ରନ୍ କରିବାକୁ ସକ୍ଷମ ହୋଇଥିଲା । ଚେନ୍ନାଇର ନୁର ଅହମ୍ମଦକୁ ସର୍ବାଧିକ ୨ ୱିକେଟ୍ ସଫଳତା ମିଳିଥିଲା ।



୧୫୬ ରନର ବିଜୟଲକ୍ଷ୍ୟକୁ ପିଛା କରିଥିବା ଚେନ୍ନାଇ ପକ୍ଷରୁ ସଞ୍ଜୁ ସାମସନ ଓ ରୁତୁରାଜ ଗାଏକ୍ୱାର୍ଡ ପାଳି ଆରମ୍ଭ କରିଥିଲେ । ଅବଶ୍ୟ ୪୫ ରନ ମଧ୍ୟ ଦଳ ୨ ୱିକେଟ ହରାଇଥିଲା । ରୁତୁରାଜ ୬ ରନ୍ ଓ ଉର୍ଭିଲ ପଟେଲ ୧୭ ରନ୍ କରି ଆଉଟ୍ ହୋଇଥିଲେ । ତେବେ ସାମସନ ଓ କାର୍ତ୍ତିକ ଶର୍ମା ଆଉ ୱିକେଟ୍ ଝଡିବାକୁ ଦେଇନଥିଲେ । ଉଭୟଙ୍କ ମଧ୍ୟରେ ୧୧୪ ରନର ପାର୍ଟନରସିପ ହୋଇଥିଲା । ସାମସନ ୭ ଚୌକା ଓ ୬ ଛକା ସହାୟତାରେ ୮୭ ଏବଂ କାର୍ତ୍ତିକ ୩୧ ବଲରୁ ୪୧ ରନ୍ କରି ମ୍ୟାଚ ଶେଷ କରିଥିଲେ । ତେଣୁ ଚେନ୍ନାଇ ୧୫ଟି ବଲ ପୂର୍ବରୁ ୮ ୱିକେଟ୍ ବ୍ୟବଧାନରେ ବିଜୟ ହାସଲ କରିନେଇଥିଲା ।

## ଫ୍ରେଞ୍ଚ ଓପନ ପୁରସ୍କାର ରାଶିକୁ ନେଇ ଅସନ୍ତୋଷ

ପ୍ୟାରିସ,୫।୫(ଏଜେନ୍ସି): ଚଳିତ ମାସ ଶେଷ ସପ୍ତାହ ଆଡକୁ ଫ୍ରେଞ୍ଚ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍ ଟୁର୍ଣ୍ଣାମେଣ୍ଟ ଆରମ୍ଭ ହେବାକୁଯାଉଛି । କ୍ଲେ-କୋର୍ଟ ଏହି ପ୍ରତିଯୋଗିତାର ପୁରସ୍କାର ରାଶିକୁ ନେଇ ବିଶ୍ୱର କିମ୍ବଦନ୍ତୀ ଖେଳାଳିମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । ଶ୍ରେଷ୍ଠ ଟେନିସ୍ ଖେଳାଳିଙ୍କ ମଧ୍ୟରେ ଜ୍ୟାନିକ ସିନର, ଆର୍ଯ୍ୟାନା ସାବାଲେଙ୍କା ଓ କୋକୋ ଗଫଙ୍କ ଭଳି ଖେଳାଳି ପୁରସ୍କାର ରାଶିରେ ୧୦% ବୃଦ୍ଧିକୁ ନେଇ ଆୟୋଜକଙ୍କୁ ଅସନ୍ତୋଷ ଜଣାଇଛନ୍ତି । କ୍ଲେ-କୋଟରେ ଖେଳାଯାଉଥିବା ଏହି ଟୁର୍ଣ୍ଣାମେଣ୍ଟ ଚଳିତ ମାସ ଶେଷ ଆଡକୁ ଆରମ୍ଭ ହେବ । ଏହା ପୂର୍ବରୁ ଆୟୋଜକ ପୁରସ୍କାର ରାଶିରେ ୧୦% ବୃଦ୍ଧି କରିଛନ୍ତି । ଏଥର ମୋଟ୍ ୬୧.୭ ମିଲିୟନ ୟୁରୋ ପୁରସ୍କାର ରାଶି ଦିଆଯିବ । ଖେଳାଳିଙ୍କ କହିବା କଥା ଟୁର୍ଣ୍ଣାମେଣ୍ଟରେ ସେମାନଙ୍କୁ ମିଳୁଥିବା ପାଉଣାରେ ହ୍ରାସ କରାଯାଇଛି । ୨୦୨୪ ସମୟରେ ରୋଲାଣ୍ଡ ଗାରୋସ ରେଭିନ୍ୟୁର ୧୫.୫% ଖେଳାଳିଙ୍କୁ ମିଳୁଥିଲା । କିନ୍ତୁ ୨୦୨୬ରେ ଏହାକୁ ୧୪.୯%କୁ କମାଇ ଦିଆଯାଇଛି । ବର୍ତ୍ତମାନର ପୁରସ୍କାର ରାଶି ଅନୁଯାୟୀ ସିଙ୍ଗଲ୍ସ ବିଜେତା ୨.୮ ମିଲିୟନ ୟୁରୋ ପୁରସ୍କାର ପାଇବେ । ଉପବିଜେତା ୧.୪ ମିଲିୟନ ୟୁରୋ ପାଇବେ । ସେମିଫାଇନାଲ ପ୍ରତିଯୋଗୀ ୭୫୦ ହଜାର ୟୁରୋ ଏବଂ ପ୍ରଥମ ରାଉଣ୍ଡରୁ ପରାଜିତ ଖେଳାଳି ୮୭ ହଜାର ୟୁରୋ ପାଇବେ । ଡବଲ୍ସ ବିଜେତାଙ୍କୁ ୬୦୦ ହଜାର ୟୁରୋ ଏବଂ ମିକ୍ସଡ ଡବଲ୍ସ ବିଜେତାଙ୍କୁ ୧୨୨ ହଜାର ୟୁରୋ ପ୍ରଦାନ କରାଯିବ । ପୁରସ୍କାର ରାଶିରେ ବୃଦ୍ଧି ସତ୍ତ୍ୱେ ଏଥରର ପ୍ରମୁଖ ଲାଭାଂଶ ବଣ୍ଟନ ସମ୍ପୂର୍ଣ୍ଣ ଅଲଗା ରହିଛି । ଏହା ଉପରେ ଆୟୋଜନ କର୍ତ୍ତା ନିଶ୍ଚିତ ଧ୍ୟାନ ନଦେଲେ ଅଂଶଗ୍ରହଣକାରୀ କ୍ଷତିଗ୍ରସ୍ତ ହେବେ । ଟୁର୍ଣ୍ଣାମେଣ୍ଟ ଆୟୋଜନ କର୍ତ୍ତାଙ୍କ ସୂଚନା ଅନୁଯାୟୀ ୨୦୨୫ ଫ୍ରେଞ୍ଚ ଓପନ ସମୟରେ ୩୯୫ ମିଲିୟନ ୟୁରୋ ଲାଭ ହୋଇଥିଲା । ପ୍ରତିବର୍ଷ ପୁରସ୍କାର ରାଶିକୁ ବୃଦ୍ଧି କରାଯାଉଛି । ତେବେ ଏଥର ଖେଳାଳିଙ୍କ ରେଭିନ୍ୟୁ ଅଂଶରୁ ମାତ୍ର ୫.୪% କମାଯାଇଛି । ଏଥିରେ ଆପତ୍ତି କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ଆୟୋଜକ ସୂଚନା ଦେଇଛନ୍ତି ।

## ଆଇସିସି ଟି-୨୦ ର୍‌୍ୟାଙ୍କିଙ୍ଗ

# ଭାରତ ଶୀର୍ଷରେ ଅପରିବର୍ତ୍ତିତ

ନୂଆଦିଲ୍ଲୀ,୫।୫(ଏଜେନ୍ସି): ଆଇସିସି ପୁରୁଷ ଟି-୨୦ ର୍‌୍ୟାଙ୍କିଙ୍ଗ ଘୋଷଣା ହୋଇଛି । ପୂର୍ବଭଳି ଭାରତ ଆଇସିସି ଟି-୨୦ ମାନ୍ୟତାରେ ଶୀର୍ଷ ସ୍ଥାନ ବଜାୟ ରଖିଛି । ଭାରତ ତଳକୁ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ରହିଛନ୍ତି । ଟି-୨୦ରେ ଭାରତର ରେଟିଂ ପଏଣ୍ଟ ୨୭୫ ରହିଛି । ଇଂଲଣ୍ଡ ୨୬୨ ରେଟିଂ ପଏଣ୍ଟ ସହ ଦ୍ୱିତୀୟ ଏବଂ ଅଷ୍ଟ୍ରେଲିଆ ୨୫୮ ରେଟିଂ ପଏଣ୍ଟ ସହ ତୃତୀୟ ସ୍ଥାନରେ ରହିଛି । ଗତ ମାର୍ଚ୍ଚରେ ଭାରତ ଟି-୨୦ ବିଶ୍ୱକପ ଜିତି ଇତିହାସ ରଚିଥିଲା । ଏହି ବିଶ୍ୱ ମହାକୁମ୍ଭକୁ ଭାରତ ଓ ଶ୍ରୀଲଙ୍କା ମିଳିତ ଭାବେ ଆୟୋଜନ କରିଥିଲେ । ଭାରତ ଗତ ୨୦୨୫ ମେରୁ ଅଦ୍ୟାବଧି ଖେଳିଥିବା ଟି-୨୦ ମ୍ୟାଚ ଗୁଡିକରେ ପ୍ରଦର୍ଶନ ଶତପ୍ରତିଶତ ରହିଛି । ତେଣୁ ଭାରତର ରେଟିଂ ପଏଣ୍ଟ ୨୭୫ ରହିଛି ।

ଏସିଆ ମହାଦେଶରେ ପଡୋଶୀ ରାଷ୍ଟ୍ରଗୁଡିକର ପ୍ରଦର୍ଶନ ଭାରତଠୁ କମ୍ ରହିଛି ।



ICC MEN'S T20I TEAM RANKINGS

| RANK | TEAM | RATING |
|---|---|---|
| #1 | INDIA | 275 |
| #2 | ENGLAND | 262 |
| #3 | AUSTRALIA | 258 |
| #4 | NEW ZEALAND | 247 |
| #5 | SOUTH AFRICA | 244 |
| #6 | PAKISTAN | 240 |
| #7 | WEST INDIES | 233 |
| #8 | BANGLADESH | 225 |
| #9 | SRI LANKA | 221 |
| #10 | AFGHANISTAN | 220 |
| #11 | ZIMBABWE | 202 |
| #12 | IRELAND | 199 |

ଶ୍ରେଷ୍ଠ ୭ ଦଳ ଗୁଡିକ ମଧ୍ୟରେ ନ୍ୟୁଜିଲାଣ୍ଡ ୨୪୭ ପଏଣ୍ଟ ସହ ଚତୁର୍ଥ, ଦ.ଆଫ୍ରିକା ୨୪୪ ପଏଣ୍ଟ ସହ ପଞ୍ଚମ, ପାକିସ୍ତାନ ୨୪୦ ପଏଣ୍ଟ ସହ ଷଷ୍ଠ ଏବଂ ୱେଷ୍ଟଇଣ୍ଡିଜ ୨୩୩ ପଏଣ୍ଟ ସହ ସପ୍ତମରେ ରହିଛି । ଶ୍ରୀଲଙ୍କା ୬ ରେଟିଂ ପଏଣ୍ଟ ହରାଇ ନବମ ସ୍ଥାନକୁ ଖସିଛି । ବାଂଲାଦେଶ ୨୨୫ ପଏଣ୍ଟ ସହ ଅଷ୍ଟମରେ ରହିଛି । ଆଫଗାନିସ୍ତାନ ୨୨୦ ପଏଣ୍ଟ ସହ ଦଶମ ସ୍ଥାନରେ ରହିଛି । ଜିମ୍ବାୱେ ଓ ଆୟର୍ଲାଣ୍ଡ ୧୧ ଓ ୧୨ ତମ ସ୍ଥାନରେ ରହିଛନ୍ତି ।

ଉତ୍ତର ଆମେରିକାରରେ କ୍ରିକେଟର ପ୍ରସାର ବଢ଼ିଲାଣି । ଦଳ ୨ଟି ସ୍ଥାନ ଉପରକୁ ଉଠି ର୍‌୍ୟାଙ୍କିଙ୍ଗର ୧୩ତମ ସ୍ଥାନରେ ପହଞ୍ଚିଛି । ନେଦରଲାଣ୍ଡ ଏବଂ ସ୍କଟଲାଣ୍ଡ ଯଥାକ୍ରମେ ୧୪ ଓ ୧୫ତମ ସ୍ଥାନରେ ରହିଛନ୍ତି । ନାମ୍ବିଆ ୧୬ତମ ସ୍ଥାନରେ ଥିବା ବେଳେ ନେପାଳ ୧୭, ୟୁଏଇ ୧୮, ଓମାନ ୧୯ ଏବଂ କାନାଡା ୨୦ତମ ସ୍ଥାନରେ ରହିଛି ।

## ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଜୁନିୟର ଚେସ ଚାମ୍ପିଅନସିପ ଉଦଘାଟିତ

ଭୁବନେଶ୍ୱର,୫।୫(ସବ୍ୟୁ): ପ୍ରଥମ ଡ. ଦେବେନ୍ଦ୍ର ପ୍ରଧାନ ମେମୋରିଆଲ ଓଡ଼ିଶା ରାଜ୍ୟ ୭ ବର୍ଷରୁ କମ ଓପନ ଏବଂ ବାଳିକା ଚେସ ଚାମ୍ପିଅନସିପ ଆରମ୍ଭ ହୋଇଛି । ୩ ଦିନିଆ ଏହି ପ୍ରତିଯୋଗିତା ୭ ତାରିଖରେ ଶେଷ ହେବ । ରାଜ୍ୟର ବହୁ ସଂଖ୍ୟାରେ କୁନିକୁନି ଯୁବ ଚେସ ଖେଳାଳି ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ଓଡ଼ିଶା ରାଜ୍ୟ ବିଜେପିର ସାଧାରଣ ସମ୍ପାଦକ ସିମାଞ୍ଚଳ ଖଟେଇ ଅତିଥି ଭାବେ ଯୋଗେ ଦେଇ ଟୁର୍ଣ୍ଣାମେଣ୍ଟକୁ ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ । ଅନ୍ୟ ଅତିଥିଙ୍କ ମଧ୍ୟରେ ଦୂରଦର୍ଶୀର ଏଡିଟର ଦୁର୍ଗା ସାମନ୍ତରାୟ, ଅଲଓଡ଼ିଶା ଚେସ ଆସୋସିଏସନ୍ (ଏଓସିଏ)ର ଯୁଗ୍ମ ସମ୍ପାଦକ ଭବେଶ ମହାନ୍ତି, ଖୋର୍ଦ୍ଧା ଜିଲ୍ଲା ଚେସ ସଂଘର ସମ୍ପାଦକ ସୁଭାଶିଷ ପଟ୍ଟନାୟକ, ସ୍ୱୟମସୁ ସତ୍ୟକାନ୍ତ ଲଲାଟକେଶରୀ ସାମଲ ଏବଂ ଅନ୍ୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।




୭ ବର୍ଷରୁ କମ୍ ଓପନ ଏବଂ ବାଳିକାବର୍ଗରେ ମୋଟ୍ ୭୫ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଛନ୍ତି । ଏହି ପ୍ରତିଯୋଗିତା ରାଜ୍ୟର ତୃଣମୂଳସ୍ତର ଚେସ୍ ଖେଳାଳିଙ୍କୁ ଆଗକୁ ବଢ଼ିବାରେ ଉତ୍ସାହିତ କରିବ । ଏହି ପ୍ରତିଯୋଗିତାର ଉଭୟ ବର୍ଗର ଶ୍ରେଷ୍ଠ ୨ ଜଣ ଲେଖାଏଁ ଖେଳାଳି ଆଗାମୀ ଜୁନ ୭ରୁ ୧୧ ତାରିଖ ପର୍ଯ୍ୟନ୍ତ ମହାରାଷ୍ଟ୍ରରେ ହେବାକୁଥିବା ୭ ବର୍ଷରୁ କମ ଜାତୀୟ ଚେସ ଚାମ୍ପିଅନସିପର ଅଂଶଗ୍ରହଣ କରିବାର ସୁଯୋଗ ପାଇବେ । ଏହି ଟୁର୍ଣ୍ଣାମେଣ୍ଟ ଜରିଆରେ ଦେବେନ୍ଦ୍ର ପ୍ରଧାନଙ୍କୁ ଶ୍ରଦ୍ଧାଞ୍ଜଳୀ ଜଣାଇବା ସହ ରାଜ୍ୟର ତୃଣମୂଳସ୍ତରର ଚେସ୍ ଖେଳାଳିଙ୍କୁ ପ୍ରମୋଟ କରିବା ଅସଲ ଉଦ୍ଦେଶ୍ୟ ।

ଏହି ଚେସ ଟୁର୍ଣ୍ଣାମେଣ୍ଟରେ ମୋଟ ୭ ରାଉଣ୍ଡ ଖେଳାଯିବ । ପ୍ରଥମ ଦିନ ୨ ରାଉଣ୍ଡ ଖେଳ ହୋଇଛି । ବାଳକ ବର୍ଗରେ ୨ ଜଣ ଏବଂ ବାଳିକା ବର୍ଗରେ ୪ ଜଣ ଖେଳାଳି ୨ ପଏଣ୍ଟ ଲେଖାଏଁ ହାସଲ କରି ମିଳିତ ଅଗ୍ରଣୀ ରହିଛନ୍ତି । ବୁଧବାର ୩ ରାଉଣ୍ଡ ଏବଂ ଗୁରୁବାର ଅବଶିଷ୍ଟ ୨ ରାଉଣ୍ଡ ଖେଳ ହେବ ସହ ଚୂଡାନ୍ତ ଷ୍ଟାଣ୍ଡିଂ ଘୋଷଣା ହେବ ।

## ବାନ୍ଧବୀ କଲଚର ନେଇ କଠୋର ହେବ ବିସିସିଆଇ

ନୂଆଦିଲ୍ଲୀ,୫।୫(ଏଜେନ୍ସି): ଚଳିତ ଆଇପିଏଲରେ ଅନେକ ଖେଳାଳି ବାନ୍ଧବୀଙ୍କ ସହ ସର୍ବସମ୍ମୁଖକୁ ଆସିବା ଏବଂ ଅଶୋଭନୀୟ ଆଚରଣ ପ୍ରଦର୍ଶନ କରିବା ଯୋଗୁଁ ବିସିସିଆଇ କ୍ଷୁବ୍ଧ ହୋଇଛି । ଏହାକୁ ଦୃଷ୍ଟିରେ ରଖି ବିସିସିଆଇ ଖୁବ ଶୀଘ୍ର କଠୋର ନିୟମ ଲାଗୁ କରିବାକୁ ଯାଉଛି । କେତେକ ଖେଳାଳିଙ୍କ ବାନ୍ଧବୀ ପୂର୍ବରୁ ସୋସିଆଲ ମିଡ଼ିଆରେ ବିଭିନ୍ନ ବେଟିଂ ଆପର ପ୍ରଚାର କରୁଥିଲେ । ଏହି ଟ୍ରେଣ୍ଡକୁ ରୋକାଯିବା ଜରୁରୀ ବୋଲି ବିସିସିଆଇର ଜଣେ ଅଧିକାରୀ କହିଛନ୍ତି । କେତେକ ଖେଳାଳିଙ୍କ ବାନ୍ଧବୀ ସୋସିଆଲ ମିଡ଼ିଆରେ ସକ୍ରିୟ ରହିଥିବାରୁ କ୍ରିକେଟ ପଡିଆର ଭିତିରି ଖବର ପ୍ରଘଟ ହେବାର ଆଶଙ୍କା ରହିଛି । ବିସିସିଆଇ ଆଗାମୀ ବୈଠକରେ ଗୁରୁତ୍ୱ ସହକାରେ ଆଲୋଚନ କରିବ । ସମସ୍ତଙ୍କ ପରାମର୍ଶରେ କଡା ଲାଇନ ଜାରି କରାଯିବ । ଆଇପିଏଲ ବ୍ୟତୀତ ଭାରତର ଆନ୍ତର୍ଜାତୀୟ ଟୁରରେ ମଧ୍ୟ ଏହାକୁ ଲାଗୁ କରାଯିବ । ବିସିସିଆଇ ଆଇପିଏଲର ସମସ୍ତ ଫ୍ରାଞ୍ଚାଇଜ ପାଇଁ ଏକ ନୂଆ ନିୟମ ଆଣିବା ଲାଗି ପ୍ରସ୍ତୁତି କରିଛି । ପାଣ୍ଡ୍ୟା ଏବଂ ତାଙ୍କ ବାନ୍ଧବୀଙ୍କ ଆଚରଣ ବିସିସିଆଇକୁ କ୍ଷୁବ୍ଧ କରିଛି ।

## ଦିବାରାତ୍ର ବାଲୁଙ୍କେଶ୍ୱର କପ କ୍ରିକେଟ: ଶାଳଝରିଆ ଚାମ୍ପିଅନ

ଖଣ୍ଡପଡ଼ା,୫।୫(ସବ୍ୟୁ): ଖଣ୍ଡପଡ଼ା ସହରର ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟ କ୍ରୀଡାଙ୍ଗନରେ ପ୍ରଥମ ଦିବାରାତ୍ର ବାଲୁଙ୍କେଶ୍ୱର କପ କ୍ରିକେଟ ଟୁର୍ଣ୍ଣାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି । ବାଲୁଙ୍କେଶ୍ୱର କ୍ରିକେଟ କ୍ଲବ ଆନୁକୂଲ୍ୟରେ ଆୟୋଜିତ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚରେ ଜୟ ଜଗନ୍ନାଥ କ୍ରିକେଟ କ୍ଲବ ଶାଳଝରିଆ ୨୨ ରନରେ ଆୟୋଜକ ବାଲୁଙ୍କେଶ୍ୱର କ୍ରିକେଟ କ୍ଲବକୁ ପରାସ୍ତ କରି ଚଳିତ ବର୍ଷ ଚାମ୍ପିଅନ ହୋଇଥିବା ଜଣାପଡିଛି । ଟସ ଜିତି ଶାଳଝରିଆ ଟିମ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୭ ଓଭରରେ ୩ ୱିକେଟ ହରାଇ ୯୫ ରନ ସଂଗ୍ରହ କରିଥିଲା । ଜବାବରେ ଆୟୋଜକ ଟିମ ୭ ଓଭରରେ ୨ ୱିକେଟ ହରାଇ ମାତ୍ର ୭୩ ରନ କରିବାକୁ ସକ୍ଷମ ହୋଇଥିଲା । ସୁମନ୍ତ ବେହେରା ଓ ପ୍ରକାଶ ସାହୁ ମ୍ୟାଚକୁ ପରିଚାଳନା କରିଥିବା ବେଳେ ଶିକ୍ଷାବିତ ଗୌରାଙ୍ଗ ଚରଣ ସେଠୀ ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇ ଥିଲେ । ଉଦଯାପନୀ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଯୁବ ମୋର୍ଚ୍ଚା ବିଜେପି ସଭାପତି ଅଭିଳାଷ ପଣ୍ଡା ଓ ସମ୍ମାନିତ ଅତିଥି ଭାବେ ପୂର୍ବତନ ବିଧାୟକ ସିଦ୍ଧାର୍ଥ ଶେଖର ସିଂହ ମର୍ଦ୍ଦରାଜ, ବିଜେଡି ନେତା ବେଣୁଧର ପ୍ରଧାନ, ଶିଶୁ କବି କାଶିନାଥ ଦାସ ଯୋଗ ଦେଇ ଉଭୟ ଦଳର ଖେଳାଳିମାନଙ୍କୁ ଉତ୍ସାହିତ କରିବା ସହ ଚାମ୍ପିଅନ ଓ ରନର୍ସ ଅପ ଟିମକୁ ଅର୍ଥ ରାଶି ସହ ଟ୍ରଫି ପ୍ରଦାନ କରିଥିଲେ । ସେହିପରି ଆୟୋଜକ ଟିମର ଖେଳାଳୀ ଜଗନ୍ନାଥ ପ୍ରଧାନଙ୍କୁ ମ୍ୟାନ ଅଫ ଦ ସିରିଜ ଓ ଚାମ୍ପିଅନ ଟିମର ଖେଳାଳି ବେଣୁଧର ନାୟକଙ୍କୁ ମ୍ୟାନ ଅଫ ଦ ମ୍ୟାଚ ଭାବେ ପୁରସ୍କାର ପ୍ରଦାନ କରାଯାଇଥିଲା । ବାଲୁଙ୍କେଶ୍ୱର କ୍ରିକେଟ କ୍ଲବର ସଭାପତି ଶୁସାନ୍ତ କୁମାର ମହାରଣା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ । ଶେଷରେ ଲିଙ୍ଗରାଜ ଧଳ ଧନ୍ୟବାଦ ଦେଇଥିଲେ ।



## ଆଇପିଏଲରେ ବୁମରାଙ୍କ ପ୍ରଦର୍ଶନ ଗ୍ରହଣୀୟ ନୁହେଁ: ଗାଭାସ୍କର

ନୂଆଦିଲ୍ଲୀ, ୫।୫ (ଏଜେନ୍ସି): ଚଳିତ ଆଇପିଏଲରେ ଯଶପ୍ରୀତ ବୁମରାଙ୍କ ପ୍ରଦର୍ଶନ ଖରାପ ରହିଛି । ମୁମ୍ବାଇ ଇଣ୍ଡିଆନ୍ସର ଶୀର୍ଷ ବୋଲର ବୁମରା ୱିକେଟ୍ ନେବାକୁ ସଂଘର୍ଷ କରୁଛନ୍ତି । ତାଙ୍କ ଇକୋନୋମିକ ମଧ୍ୟ ଖରାପ ରହିଛି । ଲକ୍ଷ୍ନୌ ବିପକ୍ଷ ମ୍ୟାଚରେ ସେ ଅନେକ ତ୍ରୁଟି କରିଥିଲେ । ଯାହାକୁ ଟାର୍ଗେଟ କରିଛନ୍ତି ପୂର୍ବତନ ଖେଳାଳି ସୁନୀଲ ଗାଭାସ୍କର । ଲକ୍ଷ୍ନୌ ଇନିଂସର ୧୪ତମ ଓଭରରେ ବୁମରା ବୋଲିଂ କରିଥିଲେ । କ୍ରିଜରେ ହିମତ ସିଂ ଥିଲେ । ସେ ଏକ ସଟ ଖେଳିବାକୁ ଯାଇ ରିଆନ ରିକେଲଟନଙ୍କ ହାତରେ ଧରାପଡିଥିଲେ । କିନ୍ତୁ ବୁମରାଙ୍କ ଖୁସି ବେଶି ସମୟ ରହିନଥିଲା । କାରଣ ଏହାକୁ ଅମ୍ପାୟାର ନୋ ବଲ ଦେଇଥିଲେ । ଏକ ଗୁରୁତ୍ୱପୂର୍ଣ୍ଣ ମୁକାବିଲାରେ ବୁମରାଙ୍କ ଓଭର ଷ୍ଟେପିଂକୁ ଗାଭାସ୍କାର କଟାକ୍ଷ କରିଛନ୍ତି । ଏହା କେବେ ହେଲେ ଗ୍ରହଣୀୟ ନୁହେଁ । ବୁମରା ଜଣେ ପ୍ରତିଭାବାନ ଏବଂ ଅଭିଜ୍ଞ ଖେଳାଳି । ତାଙ୍କ ଭଳି ବୋଲର ଏପରି ନୋ ବଲ ପକାଇବା ବିଶ୍ୱାସ କରି ହେଉନି । ୱାଇଡ ପକାଇଲେ ଚଳିବ । କିନ୍ତୁ ନୋ-ବଲ ଗ୍ରହଣୀୟ ନୁହେଁ ବୋଲି ଗାଭାସ୍କର କହିବା ସହ ବୁମରାଙ୍କ ଉପରେ ବର୍ଷିଛନ୍ତି । ଏହି ମ୍ୟାଚରେ ଲକ୍ଷ୍ନୌ ସୁପରଜ୍ୟାଣ୍ଟସ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୨୨୮ ରନ୍ ସଂଗ୍ରହ କରିଥିଲା । କିନ୍ତୁ ମୁମ୍ବାଇ ବ୍ୟାଟର ରୋହିତ ଶର୍ମା ଓ ରିଆନ ରିକେଲଟନଙ୍କ ବିସ୍ଫୋରକ ପାଳି ଯୋଗୁଁ ବିଜୟ ସମ୍ଭବ ହୋଇଥିଲା । ରିକେଲଟନ ୮୩ ରନ୍ କରିଥିବା ବେଳେ ରୋହିତ ଶର୍ମା ୮୪ ରନ୍ କରିଥିଲେ । ତେଣୁ ମୁମ୍ବାଇ ୧୮.୪ ଓଭରରେ ୪ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିନେଇଥିଲା ।

ସୂଚନା

ସମୟ

BHIM

SCAN & PAY

ASHIRBAD PRAKASHAN PVT.LTD.

ଦୈନିକ ଖବରକାଗଜ ସମୟରେ କ୍ଲାସିଫାଏଡ୍ / କ୍ରୟାଭିଜି ବିଜ୍ଞାପନ ଦେବାକୁ ଚାହୁଁଥିବା ଇଚ୍ଛୁକ ବ୍ୟକ୍ତି ଉପରୋକ୍ତ କ୍ୟୁଆର୍ କୋଡ୍ ସ୍କାନ କରି ଦେୟ ପୈଠ କରିପାରିବେ । ଫୋନ୍ ପେ, ପେଟିଏମ୍, ଗୁଗୁଲ ପେ, ଭୀମ ପେ ଇତ୍ୟାଦିରେ ଦେୟ ପୈଠ କରି ଦେୟ ରସିଦ୍‌କୁ ବିଜ୍ଞାପନ ସହ [illegible] / ଇମେଲ୍: classifiedsamaya@gmail.com ରେ ପଠାଇ ପାରିବେ । ଅଧିକ ସୂଚନା ପାଇଁ [illegible]ରେ ଯୋଗାଯୋଗ କରନ୍ତୁ ।

## ବ୍ୟାଡମିଣ୍ଟନ ଏକ ପ୍ରାଥମିକତା ବିଶିଷ୍ଟ ଖେଳ: ଉଚ୍ଚମାନର ପ୍ରଶିକ୍ଷଣ ପାଇଁ ମନ୍ତ୍ରୀଙ୍କ ଗୁରୁତ୍ୱ

ଭୁବନେଶ୍ୱର,୫।୫(ସବ୍ୟୁ): ଓଡ଼ିଶାର କ୍ରୀଡ଼ା ଓ ଯୁବସେବା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ ଆଜି ସହୀଦ ନଗରସ୍ଥିତ 'ଓଡ଼ିଶା ସାଇ ଆର.ବି.ଏ. ବ୍ୟାଡମିଣ୍ଟନ ଏକାଡେମୀ' ପରିଦର୍ଶନ କରିଛନ୍ତି । ସେ ସେଠାରେ ଥିବା ସୁବିଧା ସୁଯୋଗର ସମୀକ୍ଷା କରିବା ସହ ଯୁବ ଖେଳାଳିମାନଙ୍କ ସହ ଆଲୋଚନା କରିଥିଲେ । ଏହି ପରିଦର୍ଶନ ସମୟରେ ମନ୍ତ୍ରୀ କ୍ରୀଡ଼ା ନିର୍ଦ୍ଦେଶକ, ଏକାଡେମୀର ପ୍ରଶିକ୍ଷକ ଏବଂ ବିଭାଗୀୟ ଅଧିକାରୀମାନଙ୍କ ସହ ବିସ୍ତୃତ ଆଲୋଚନା କରିଥିଲେ । ଏକାଡେମୀରେ ପ୍ରଶିକ୍ଷଣ ନେଉଥିବା ୯୫ ଜଣ କ୍ୟାଡେଟଙ୍କୁ ସେ ବ୍ୟକ୍ତିଗତ ଭାବେ ଭେଟିଥିଲେ । ସେମାନଙ୍କର ପ୍ରଶିକ୍ଷଣର ଗୁଣବତ୍ତା, ରହିବା ସୁବିଧା ଏବଂ ଖାଦ୍ୟପେୟ ବିଷୟରେ ସେ ପଚାରି ବୁଝିଥିଲେ । ରାଜ୍ୟ ପାଇଁ ବ୍ୟାଡମିଣ୍ଟନ ଏକ ପ୍ରମୁଖ ଖେଳ ବୋଲି ମନ୍ତ୍ରୀ କହିଥିଲେ । ଖେଳାଳିମାନେ ଯେପରି ଜାତୀୟ ଓ ଆନ୍ତର୍ଜାତୀୟ ସ୍ତରରେ ସଫଳତା ପାଇବେ, ସେଥିପାଇଁ ସେମାନଙ୍କୁ ସମସ୍ତ ସୁବିଧା ଯୋଗାଇ ଦେବାକୁ ସେ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ କହିଛନ୍ତି ଯେ, "ବ୍ୟାଡମିଣ୍ଟନ ଆମ ପାଇଁ ଏକ ପ୍ରାଥମିକତା ବିଶିଷ୍ଟ କ୍ରୀଡ଼ା । ଆମର ଆଥଲେଟମାନେ ଯେପରି ଉଚ୍ଚମାନର ପ୍ରଶିକ୍ଷଣ ପାଇବେ, ତାହା ଆମେ ସୁନିଶ୍ଚିତ କରିବୁ । ଯୁବ ଖେଳାଳିମାନଙ୍କୁ ଶ୍ରେଷ୍ଠ ପ୍ରଦର୍ଶନ କରିବା ପାଇଁ ସବୁ ପ୍ରକାରର ଅନୁକୂଳ ପରିବେଶ ଯୋଗାଇ ଦେବାକୁ ଆମେ ପ୍ରତିବଦ୍ଧ । ଏକାଡେମୀର ସର୍ବାଙ୍ଗୀନ ଉନ୍ନତି ପାଇଁ ମନ୍ତ୍ରୀ କେତେକ ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଧ୍ୟାନ ଦେବାକୁ ଅଧିକାରୀମାନଙ୍କୁ ପରାମର୍ଶ ଦେଇଛନ୍ତି । ବିଶେଷ କରି ଖେଳାଳିମାନଙ୍କୁ ଉଚ୍ଚକୋଟୀର ତଥା ସୁବ୍ୟବସ୍ଥିତ ପ୍ରଶିକ୍ଷଣ ପ୍ରଦାନ କରିବା ସହ ୯୫ ଜଣ କ୍ୟାଡେଟଙ୍କ ପାଇଁ ଉନ୍ନତ ଆବାସିକ ସୁବିଧା ବଜାୟ ରଖିବା ଏବଂ ସେମାନଙ୍କ ଶାରୀରିକ ଆବଶ୍ୟକତା ଅନୁଯାୟୀ ସନ୍ତୁଳିତ ଓ ପୁଷ୍ଟିକର ଖାଦ୍ୟ ଯୋଗାଇବା ଉପରେ ସେ ଗୁରୁତ୍ୱାରୋପ କରିଛନ୍ତି । ପ୍ରଶିକ୍ଷଣ, ରହିବା ଏବଂ ଖାଦ୍ୟପେୟ ବ୍ୟବସ୍ଥାରେ ନିରନ୍ତର ସୁଧାର ଆଣିବା ପାଇଁ ମନ୍ତ୍ରୀ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । କେବଳ ନିର୍ଦ୍ଧାରିତ ମାନଦଣ୍ଡ ପୂରଣ କରିବା ଯଥେଷ୍ଟ ନୁହେଁ, ବରଂ ତା'ଠାରୁ ଅଧିକ ଉନ୍ନତମାନର ସେବା ଯୋଗାଇଦେବାକୁ ଚେଷ୍ଟା କରିବା ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଛନ୍ତି । ଏହି ପରିଦର୍ଶନ ଓଡ଼ିଶାକୁ ଏକ ବିଶ୍ୱସ୍ତରୀୟ କ୍ରୀଡ଼ା ହବ୍‌ରେ ପରିଣତ କରିବ ଏବଂ ତୃଣମୂଳ ସ୍ତରର ପ୍ରତିଭାମାନଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରାଜ୍ୟ ସରକାରଙ୍କ ପ୍ରତିବଦ୍ଧତାକୁ ଦର୍ଶାଉଛି ।




ସମୟ

ସମୟ LIVE

Check out this amazing Odia News app

ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର

Andriod

IOS

Download Now:
https://play.google.com/store/app/details/id- com.samayalive.app

Printed & Published by Parikhita Dash for Ashirbad Prakashan Pvt. Ltd., Plot. 44 & 54, Sec.-A, Zone-D, M.I.Estate, Bhubaneswar-751010. at Meerabasanta Industries Pvt. Ltd., Plot. 2/253, Birachandrapur, P.S-Rampur, Redhakhol, Dist.-Sambalpur, Odisha, TEL-2585740, 2585602, News-2583867, 2586702, Fax-2586665, 2586702, Advt.-Ph-2585704, Advt.Fax-2587704, Circulation-2586541, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି